

ଜିଏସ୍‌ଟି ସଂସ୍କାର ଆଣିଛନ୍ତି ସରକାର | ୬


ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିନା ପରିଶ୍ରମରେ ଷ୍ଟାର କିଡ୍‌ଙ୍କୁ ମିଳୁଛି କାମ: ଜରିନ୍ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୧ Vol. 22 No-161 10 SEPTEMBER 2025 WEDNESDAY, BHUBANESWAR ବୁଧବାର, ୧୦ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


# ଏନ୍‌ଡିଏର ବାଜିମାତ୍

# ସି.ପି. ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି ନିର୍ବାଚିତ



- ମୋଟ ମତଦାନ ହାର ୯୮.୨%
- ଭୋଟ୍ ଦେଲେ ୭୬୭ ସାଂସଦ
- ୧୫ଟି ଭୋଟ୍ ନାକଚ ପରେ ମୋଟ୍ ଭୋଟ ୭୫୨
- ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ଟି ଭୋଟ୍
- ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ମିଳିଲା ୩୦୦ଖଣ୍ଡ
- ମ୍ୟାଜିକ୍ ନମ୍ବର ଥିଲା ୩୭୭
- ୧୯ଟି କ୍ରସ୍ ଭୋଟିଂ ସୂଚନା
- ରାଧାକ୍ରିଷ୍ଣନଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ



ନୂଆଦିଲ୍ଲୀ,୯।୯: ସଂସଦ ବାଛିଲା ନୂଆ ଉପରାଷ୍ଟ୍ରପତି। ବାଜି ମାରିଲେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ। ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ସେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସିକ୍ରେଟ ବାଲାଟରେ ହୋଇଥିବା ଭୋଟିଂରେ ସି.ପି. ରାଧାକ୍ରିଷ୍ଣନଙ୍କୁ ୪୫୨ଖଣ୍ଡ ଭୋଟ ମିଳିଛି। ସେହିପରି ଜଷ୍ଟିସ ରେଡ୍ଡୀଙ୍କୁ ୩୦୦ ଭୋଟ ମିଳିଥିବା ରାଜ୍ୟସଭା ମହାସଚିବ ପି.ସି.ମୋଦୀ ସୂଚନା ଦେଇଛନ୍ତି। ଶ୍ରୀ ରାଧାକ୍ରିଷ୍ଣନ ବିଜୟୀ ହୋଇଥିବାରୁ ସେ ଦେଶର ଉପରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବେ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ଦିନ ୧୦ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଭୋଟ ଦେଇଥିଲେ। ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହି ନିର୍ବାଚନରେ ମତଦାନ ହାର ୯୮.୨ ପ୍ରତିଶତ ରହିଛି। ଉଭୟ ଗୃହର ସାଂସଦଙ୍କ ସଂଖ୍ୟା ୭୮୭ ରହିଥିବାବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି। ୭୮୧ଟି ବୈଧ ଭୋଟ ମଧ୍ୟରୁ ୧୩ଜଣ ସାଂସଦ ଭୋଟ୍‌ରୁ ବିରତ ରହିଥିଲେ। ବିଆରଏସ୍‌ର ୪ଜଣ, ବିଜେଡିର ୭ଜଣ, ଅକାଳୀଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଏହି ନିର୍ବାଚନରେ ଭୋଟ ଦେଇ ନଥିଲେ। ମୋଟ ୭୬୭ଜଣ ସାଂସଦ ମତଦାନ କରିଥିଲେ। ଏହା ମଧ୍ୟରୁ ୭୫୨ ଭୋଟକୁ ବୈଧ ଘୋଷଣା କରାଯାଇଥିବାବେଳେ ୧୫ଟି ଭୋଟ ନାକଚ କରାଯାଇଥିଲା। ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ଜଣ ସାଂସଦ ଭୋଟ ଦେଇଛନ୍ତି। ସେହିପରି ବିରୋଧୀ ମେଣ୍ଟର ସମସ୍ତ ୩୧୫ଜଣ ସାଂସଦ ଭୋଟ ଦେଇଥିବା ସୂଚନା ମିଳିଛି। ହେଲେ ବିରୋଧୀ ମେଣ୍ଟର ପ୍ରାର୍ଥୀ ଜଷ୍ଟିସ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି। ଅର୍ଥାତ୍ ୧୫ଖଣ୍ଡ ଭୋଟ ମିଳିନାହିଁ। ଯେଉଁ ୧୫ଖଣ୍ଡ ଭୋଟ୍ ନାକଚ ହୋଇଛି ସମ୍ଭବତଃ ତାହା ● ପୃଷ୍ଠା ୫ ଦେଖନ୍ତୁ





ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ

## ସଂକ୍ଷେପରେ ସି.ପି. ରାଧାକ୍ରିଷ୍ଣନ

ନୂଆଦିଲ୍ଲୀ,୯।୯: ଚନ୍ଦ୍ରପୁରମ ପୋନ୍ନୁସ୍ୱାମୀ ସି.ପି.ରାଧାକ୍ରିଷ୍ଣନ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁର ତିରୁପୁରରେ ଜନ୍ମଗ୍ରହଣ କରିଥିଲେ। ୧୬ବର୍ଷ ବୟସରୁ ସେ ଆରଏସଏସ ଓ ଜନସଂଘ ସହିତ ଜଡ଼ିତ ହୋଇଥିଲେ। ତାଙ୍କର ଦୀର୍ଘ ରାଜନୈତିକ କ୍ୟାରିୟରରେ ସେ ଅନେକ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ତାମିଲନାଡୁ ବିଜେପିର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ତା ପୂର୍ବରୁ ୧୯୯୮ ଓ ୧୯୯୯ରେ ଦୁଇଥର ତାମିଲନାଡୁର କୋଏମ୍ବାଟୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ ଜୁଲାଇ ୩୧ ତାରିଖରେ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତା ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୪ ମାର୍ଚ୍ଚରୁ ଜୁଲାଇ ମାସ ପର୍ଯ୍ୟନ୍ତ ସେ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ୨୦୨୪ ମାର୍ଚ୍ଚରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ସେ ପୁଡୁଚେରୀର ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ତାମିଲନାଡୁ ବିଜେପିର ସଭାପତି ଥିବାବେଳେ ସିପି ରାଧାକ୍ରିଷ୍ଣନ ଏକ ୯୩ ଦିନିଆ ରଥଯାତ୍ରା କରିଥିଲେ। ଏଥିରେ ନଦୀ ସଂଯୋଗୀକରଣ, ଆତଙ୍କବାଦର ନିପାତ ଓ ଜାତିପ୍ରଥାକୁ ସଂପୂର୍ଣ୍ଣଭାବେ ଲୋପ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୯ (ଭାସ୍କର ନ୍ୟୁଜ): ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ନବନିର୍ବାଚିତ ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନ୍ ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା।

## ସଂକ୍ଷେପରେ...

### ସୌମ୍ୟାଶ୍ରୀ ଆତ୍ମାହୂତି ମାମଲାରେ ଚାର୍ଜସିଟ୍ ଦାଖଲ

ବାଲେଶ୍ୱର,୯।୯(ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ମାମଲାରେ ମଙ୍ଗଳବାର କ୍ରାଇମବ୍ରାଞ୍ଚ ବାଲେଶ୍ୱର ଏସଡିଜେଏମ୍‌ଙ୍କ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ୩୪୯ ପୃଷ୍ଠାର ଏହି ଚାର୍ଜସିଟ୍‌ରେ ୧୨୦ଜଣଙ୍କ ସାକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୨ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ପ୍ରଦାନ କରାଯାଇଛି।

### ଅପହୃତ ଶିଶୁପୁତ୍ର ଉଦ୍ଧାର

ସୁବର୍ଣ୍ଣପୁର,୯।୯(ଭାସ୍କର ନ୍ୟୁଜ): ସୋମବାର ସକାଳେ ସୁବର୍ଣ୍ଣପୁର ସହର ପଟ୍ଟାଭାଡିରୁ ଅପହୃତ ହୋଇଥିବା ଶିଶୁପୁତ୍ରକୁ ସୁବର୍ଣ୍ଣପୁର ପୋଲିସର ସ୍ୱତନ୍ତ୍ର ଟିମ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଦୀର୍ଘ ୩୦ ଘଣ୍ଟା ପରେ ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ତେବେ ଅପହରଣକାରୀ ଫେରାର ହୋଇଯାଇଛି।

### ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ

ପୁରୀ,୯।୯(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳେ ଶ୍ରୀମନ୍ଦିର ଭିତରକାଠ ପାଖରେ ଛେପ, ଖଙ୍କାର ପଡ଼ିଥିବାରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯାଇଥିଲା। ସେଥିପାଇଁ ସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ବଡ଼ ମହାସ୍ନାନ ପରେ ସାଧାରଣ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରେ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେତେବେଳେ ରକ୍ତଛିଟା ପଡୁଛି ତ ପୁଣି କେତେବେଳେ କିଏ ମଳତ୍ୟାଗ କରୁଛନ୍ତି।

ସେନ୍‌ସେକ୍ସ: ୮୧,୧୦୧.୩୨
ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

### ୯।୯।୨୦୨୫ ର ମତାମତ

ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ୍‌ଦାନରୁ ବିଜେଡି ବିରତ ରହିବା ଠିକ୍ କି?





### ଆଜିର ପ୍ରସଙ୍ଗ

ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସ୍ ଭୋଟିଂ ଗ୍ରହଣୀୟ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନୂଆକରି ଜଣେ ଉପ ରାଷ୍ଟ୍ରପତି
ଦେଶକୁ ମିଳିଲା କାଲି,
ଏନ୍‌ଡିଏ ଗୋଠର ହେଲା ଜିତାପଟ୍
ଇଣ୍ଡି ମେଣ୍ଟ ମୁହଁ ନାଲି ।
ସେପଟେ ନେପାଳେ ଓଲି,
କୁଆଡେ ଗଲେ ଯେ ପତ୍ତା ମିଳୁନାହିଁ
ଯୁବ ମାତିଛନ୍ତି ବୋଲି ।

## ଆକାଶମାର୍ଗରୁ ହିମାଚଳ, ପଞ୍ଜାବ ବନ୍ୟାସ୍ଥିତି ପରଖିଲେ ମୋଦୀ

# ପ୍ରଭାବିତଙ୍କ ସହ କଲେ ଆଲୋଚନା



**ହିମାଚଳ ପାଇଁ ୧୫୦୦ କୋଟିର ସହାୟତା ଘୋଷଣା**

**ଲୋକଙ୍କ ସହ ସରକାର ଦୃଢଭାବେ ଠିଆ ହୋଇଛନ୍ତି**

**ପ୍ରଭାବିତଙ୍କୁ ସହାୟତା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି**

ନୂଆଦିଲ୍ଲୀ,୯।୯: ହିମାଚଳ ପ୍ରଦେଶରେ ଦେଖା ଦେଇଥିବା ବାଦଲଫଟା ବର୍ଷା, ବନ୍ୟା ଓ ଭୂସ୍ଖଳନ ସ୍ଥିତିକୁ ହାହାକାର କରିଛି। ସେହିପରି ପଞ୍ଜାବରେ ବନ୍ୟାସ୍ଥିତି ସାଂଘାତିକ ରୂପ ଧାରଣ କରିଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶମାର୍ଗରୁ ହିମାଚଳ ଓ ପଞ୍ଜାବର ବନ୍ୟାସ୍ଥିତି ପରଖିଛନ୍ତି। ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରେ ସେ ତାଙ୍କ ଦୁଃଖକୁ ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରକାଶ କରିଛନ୍ତି। ହିମାଚଳ ପ୍ରଦେଶର ମଣ୍ଡି ଓ କୁଲୁର ବିପର୍ଯ୍ୟୟରେ ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥିତି ପରଖିବା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ହିମାଚଳ ପ୍ରଦେଶ ବର୍ଷା ଓ ବନ୍ୟାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରଧାନମନ୍ତ୍ରୀ ଦେଢ ହଜାର ● ପୃଷ୍ଠା ୫ ଦେଖନ୍ତୁ

## ନେପାଳରେ ବିଦ୍ରୋହର ନିଆଁ

# ଇସ୍ତଫା ଦେଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ





- ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜାଳିଦେଲେ
- ସଂସଦ ଭବନ, ସୁପ୍ରିମକୋର୍ଟରେ ନିଆଁ ଲଗାଇଲେ
- ପ୍ରଧାନମନ୍ତ୍ରୀ, ପ୍ରଚଣ୍ଡଙ୍କ ଘର ପୋଡ଼ିଲେ
- ୯ଜଣ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଓ ପୋଡ଼ାଜଳା
- ବିଦେଶମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଗୋଡ଼େଇ ପିଟିଲେ
- ବନ୍ଦ ହେଲା ତ୍ରିଭୂବନ ଅନ୍ତର୍ଜାତୀୟ ବିମାନବନ୍ଦର
- ଭାରତୀୟଙ୍କୁ ସତର୍କ କରାଇଲେ କେନ୍ଦ୍ର ସରକାର
- ହେଲ୍‌ପଲାଇନ ନମ୍ବର ମଧ୍ୟ ଜାରି କଲେ

କାଠମାଣ୍ଡୁ/ନୂଆଦିଲ୍ଲୀ,୯।୯: ସୋସିଆଲ ମିଡିଆ ବ୍ୟାନ୍‌କୁ ନେଇ ନେପାଳରେ ବ୍ୟାପକ ହିଂସାକାଣ୍ଡ ଜାରି ରହିଛି। ଏସବୁ ଭିତରେ ସାମ୍ନାକୁ ଆସିଛି ଏକ ବଡ଼ ଖବର। ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲେ ଏବଂ ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏଥିପୂର୍ବରୁ ନେପାଳ ଗୃହମନ୍ତ୍ରୀଙ୍କ ସହ ବହୁମନ୍ତ୍ରୀ ଇସ୍ତଫା ମଧ୍ୟ ଦେଇଥିଲେ। ନେପାଳ ସେନାମୁଖ୍ୟ ନେପାଳ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାପାଇଁ ପରାମର୍ଶ ଦେଇଥିଲେ। ସେନାମୁଖ୍ୟଙ୍କ ପରାମର୍ଶକ୍ରମେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି। ନେପାଳରେ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଏବଂ ଦୁର୍ନୀତି ବିରୁଦ୍ଧରେ ଯୁବକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରବଳ ବିଦ୍ରୋହକୁ ନଜରରେ ରଖି ନେପାଳ ସରକାର ସୋମବାର ସୋସିଆଲ ମିଡିଆ ଉପରୁ ପ୍ରତିବନ୍ଧକ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିଲେ। ଏପରିସ୍ଥଳେ ନେପାଳ ଗୃହମନ୍ତ୍ରୀଙ୍କ ସମେତ ଅନେକ ମନ୍ତ୍ରୀ ସେମାନଙ୍କ ପଦରୁ ଇସ୍ତଫା ଦେଇ ସାରିଛନ୍ତି। କିନ୍ତୁ ଏହାପରେ ବି ପ୍ରତିବାଦ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ମଧ୍ୟ ବହୁସଂଖ୍ୟକ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ପରେ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ନେପାଳ ପ୍ରଧାନମନ୍ତ୍ରୀ ଯେକୌଣସି ମୁହୂର୍ତ୍ତରେ ଦେଶ ଛାଡ଼ି ପାରନ୍ତି। ସେ ନେପାଳ ଛାଡ଼ି ଦୁବାଇ ଯିବାର ସମ୍ଭାବନା ରହିଛି। ଚିକିତ୍ସା ବାହାନାରେ ସେ ଦୁବାଇ ଯିବାର କୁହାଯାଉଛି। ନେପାଳ ଗଣମାଧ୍ୟମର ସୂଚନା ଅନୁଯାୟୀ ନେପାଳ ସେନାମୁଖ୍ୟ ପ୍ରଧାନମନ୍ତ୍ରୀ ଓଲିଙ୍କୁ ସ୍ପଷ୍ଟଭାବେ ● ପୃଷ୍ଠା ୫ ଦେଖନ୍ତୁ

## ବିଜେଡିରୁ ଭାସ୍କର ରାଓଙ୍କ ଇସ୍ତଫା

# ଗଢିଲେ ବିଜୁ ସ୍ୱାଭିମାନ ମଞ୍ଚ



ଭୁବନେଶ୍ୱର/ରାୟଗଡ଼ା,୯।୯(ଭାସ୍କର ନ୍ୟୁଜ): ବିଜେଡିରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ସେ ଇସ୍ତଫା ଦେଇଛନ୍ତି। ଏହା ସହ ଏକ ନୂଆ ଦଳ ଗଠନ କରିଛନ୍ତି। ଯାହାର ନାଁ ବିଜୁ ସ୍ୱାଭିମାନ ମଞ୍ଚ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ତାଙ୍କ ସହ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଏବଂ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ମଧ୍ୟ ବିଜେଡି ଛାଡ଼ିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପ୍ରତି ଅସନ୍ତୋଷ ଝାଡ଼ିବା ପରେ ସେମାନେ ଇସ୍ତଫା ଦେଇଛନ୍ତି। ଇସ୍ତଫା ପୂର୍ବରୁ ହଜାର ସଂଖ୍ୟାରେ ● ପୃଷ୍ଠା ୫ ଦେଖନ୍ତୁ

# ଓପିଏସ୍‌ସିରେ ସଫଳ ହୋଇନଥିବା ପ୍ରାର୍ଥୀଙ୍କ ସାକ୍ଷାତକାର ମାର୍କ ପ୍ରକାଶ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର/କଟକ,୯।୯(ଭାସ୍କର ନ୍ୟୁଜ): ଓଡ଼ିଶା ସୂଚନା ଆୟୋଗ, ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ନିଯୁକ୍ତି ପରୀକ୍ଷାରେ ଅସଫଳ ପ୍ରାର୍ଥୀଙ୍କ ସାକ୍ଷାତକାର ନମ୍ବର ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା ଏହି କ୍ରମରେ ଏକ ଆଦେଶନାମା ଜାରି କରିଛନ୍ତି। ଭଦ୍ରକ ଜିଲ୍ଲାର ମିନତୀରାଣୀ ମହାପାତ୍ର କରିଥିବା ଆବେଦନ ଉପରେ ଶୁଣାଣିବେଳେ ସୂଚନା ଆୟୋଗ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୦୨ ମସିହାରେ ସହକାରୀ ଶିକ୍ଷକ ପଦବୀ ପାଇଁ ମିନତୀ ଚୟନ ହୋଇନଥିଲେ। ସେ ନିଜର କ୍ୟାରିଅର ଓ ସାକ୍ଷାତକାର ନମ୍ବର ଜାଣିବା ପାଇଁ ଓପିଏସ୍‌ସିକୁ ଆବେଦନ କରିଥିଲେ। ତେବେ ଓପିଏସ୍‌ସି କ୍ୟାରିଅର ନମ୍ବର ପ୍ରଦାନ କରିଥିବାବେଳେ ସାକ୍ଷାତକାର ନମ୍ବର ଦେବାକୁ ମନା କରି ଦେଇଥିଲେ। ଓପିଏସ୍‌ସି ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ସାକ୍ଷାତକାରରେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଏବଂ ଉପଯୁକ୍ତତା ପରୀକ୍ଷା କରାଯାଇଥାଏ ଏବଂ ନମ୍ବର ପ୍ରକାଶ କରାଯାଇ ନଥାଏ। ଏହା ବିରୋଧରେ ମିନତୀ ଆରଟିଆଇରେ ତଥ୍ୟ ମାଗିଥିଲେ ମଧ୍ୟ ନ ମିଳିବାରୁ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା ଆୟୋଗ ତାଙ୍କ ନିର୍ଦ୍ଦେଶନାମାରେ କହିଥିଲେ ଯେ ଏହା ଆରଟିଆଇ ଆଇନ ବିରୋଧୀ। ଆୟୋଗ ଉଲ୍ଲେଖ କରିଛନ୍ତି, ପ୍ରାର୍ଥୀଙ୍କୁ ନିଜ ସାକ୍ଷାତକାର ନମ୍ବର ଜାଣିବାର ଅଧିକାର ରହିଛି, ଯାହା ସେମାନଙ୍କୁ ପରବର୍ତ୍ତୀ ପ୍ରୟାସରେ ଉନ୍ନତି କରିବାରେ ସହାୟତା କରିବ। ଆରଟିଆଇ ଆଇନର ଧାରା ୨୨ ଅନୁଯାୟୀ ସୂଚନା ପ୍ରଦାନ ପାଇଁ ଅନ୍ୟ ସମସ୍ତ ନିୟମ ଅପେକ୍ଷା ଏହା ପ୍ରାଧାନ୍ୟ ପାଇବ। ଆୟୋଗ ଓପିଏସ୍‌ସିକୁ ନିଯୁକ୍ତି ପରୀକ୍ଷାରେ ନମ୍ବର ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜି ସୁଭଦ୍ରା ସମୀକ୍ଷା ବୈଠକ



ଭୁବନେଶ୍ୱର,୯।୯(ଭାସ୍କର ନ୍ୟୁଜ): ବୁଧବାର ଅନୁଷ୍ଠିତ ହେବ ସୁଭଦ୍ରା ସମୀକ୍ଷା ବୈଠକ । ବାଦ ପଡ଼ିଥିବା ହିତାଧିକାରୀଙ୍କ ସାମିଲ ନେଇ ଆଲୋଚନା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ସେ କହିଥିଲେ ତିନି ବିଭାଗକୁ ତଥ୍ୟ ମାଗିଥିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ । ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ମଗାଯାଇଥିଲା ତଥ୍ୟ । ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରି ଚକିଆ ଥିବା ମହିଳାଙ୍କ ତଥ୍ୟ ମଗା ଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା । ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା । ତିନି ବିଭାଗ ରିପୋର୍ଟ ଆଧାରରେ ବୁଧବାର ବସିବ ସୁଭଦ୍ରା ସମୀକ୍ଷା ବୈଠକ । ବାଦ ପଡ଼ିଥିବା ହିତାଧିକାରୀଙ୍କ ଯୋଡିବା ନେଇ ହୋଇପାରେ ନିଷ୍ପତ୍ତି ।




ମୁମ୍ବାଇ: ଭାରତୀୟ କ୍ରିକେଟରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି।ଶୁଭମନ ଗିଲଙ୍କୁ ଭାରତୀୟ ଟି-୨୦ ଦଳର ଉପ-ଅଧିନାୟକ ଘୋଷଣା କରାଯିବା ପରେ ଏବେ ସେ ଦିନିକିଆ ଦଳର ଅଧିନାୟକ ହେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଛି। ରୋହିତ ଶର୍ମାଙ୍କର ଦିନିକିଆ କ୍ରିକେଟରେ ଦୀର୍ଘକାଳୀନ ଭବିଷ୍ୟତ ନେଇ ସନ୍ଦେହ ବଢୁଥିବା ବେଳେ ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ତାଙ୍କ ପାଇଁ ଅଧିନାୟକ ଭାବେ ଶେଷ ହୋଇପାରେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୭ ଦିନିକିଆ ବିଶ୍ୱକପକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନୂଆ ଅଧିନାୟକଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଛି। ରିପୋର୍ଟ ଅନୁଯାୟୀ, ଗିଲଙ୍କୁ ଦିନିକିଆ ଅଧିନାୟକ କରିବା ନେଇ କୌଣସି ସନ୍ଦେହ ନାହିଁ; କେବଳ ଔପଚାରିକ ଘୋଷଣାର ଅପେକ୍ଷା ରହିଛି। ବର୍ତ୍ତମାନର ଅଧିନାୟକ ରୋହିତ ଶର୍ମା ୫୦ ଓଭର ଫର୍ମାଟରେ ଖେଳ ଜାରି ରଖିବାକୁ ଓ ୨୦୨୭ ବିଶ୍ୱକପ ଜିତିବାକୁ ଇଚ୍ଛୁକ। କିନ୍ତୁ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ତାଙ୍କ ହାତରେ ନାହିଁ। ଅଷ୍ଟ୍ରେଲିଆ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ରୋହିତଙ୍କର ଉଦ୍ଧମାନର ପ୍ରଦର୍ଶନ ହିଁ ତାଙ୍କ ଭବିଷ୍ୟତ ନିଷ୍ପତ୍ତିରେ ପ୍ରଭାବ ପକାଇପାରେ। ତେବେ, ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଭାରତର ଦିନିକିଆ ମ୍ୟାଚ୍ ସୀମିତ ଥିବାରୁ ରୋହିତ ଓ ବିରାଟ କୋହଲିଙ୍କ ପାଇଁ ପୂର୍ବ ପରି ଫର୍ମ ବଜାୟ ରଖିବା ଏକ ଚ୍ୟାଲେଞ୍ଜ ହେବ। ଗିଲ ବର୍ତ୍ତମାନ ଟେଷ୍ଟ ଦଳର ନେତୃତ୍ୱ ଦେଉଛନ୍ତି ଓ ଟି-୨୦ ରେ ଅକ୍ଷର ପଟେଲଙ୍କୁ ବଦଳାଇ ଉପ-ଅଧିନାୟକ ହୋଇଛନ୍ତି। ୨୦୨୬ ଟି-୨୦ ବିଶ୍ୱକପ ପରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଗିଲ ଟି-୨୦ ଆଇ ଅଧିନାୟକ ହେବାର ସମ୍ଭାବନା ରହିଛି, ଯେହେତୁ ସୂର୍ଯ୍ୟକୁମାରଙ୍କ ବୟସ ବର୍ତ୍ତମାନ ୩୪ ବର୍ଷ। ଭାରତୀୟ କ୍ରିକେଟରେ 'ଏକ ଅଧିନାୟକ ସମସ୍ତ ଫର୍ମାଟ ପାଇଁ' ରୀତି ପୂର୍ବରୁ ସଫଳ ହୋଇଛି ଓ ବିସିସିଆଇ ଏହାକୁ ଜାରି ରଖିବାକୁ ଚାହୁଁଛି।



## ଏସିଆକପ୍-୨୦୨୫ ଉଦ୍‌ଘାଟିତ

# ପ୍ରଥମ ମ୍ୟାଚ୍‌କୁ ୯୪ରେ ଜିତିଲା ଆଫ୍‌ଗାନିସ୍ତାନ




ଆବୁ ଧାବି : ଆବୁ ଧାବିଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏସିଆ କପ୍। ଏହି ଉଦ୍‌ଘାଟନୀ ମ୍ୟାଚ ହଂକଂ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ଆଫଗାନିସ୍ତାନ ୯୪ ରେ ବିଜୟୀ ହୋଇଛି। ଆଫ୍‌ଗାନିସ୍ତାନ ଟସ୍ ଜିତ ପ୍ରଥମ ବ୍ୟାଟିଂ କରିଥିଲା। ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ୧୮୮ ରନ କରିଥିଲା। ଦଳ ପକ୍ଷରୁ ସେଦିକ୍ୱାଲିସ୍ ଅଟଳ ସର୍ବାଧିକ ୭୩ରନ୍ କରି ନଟ୍‌ଆଉଟ ଥିବା ବେଳେ ଅଜମାତୁଲ୍ଲା ୫୩ ରନ ଓ ମହମ୍ମଦ ନବି ୩୩ ରନ କରିଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁପାରିନଥିଲେ। ହଂକଂ ପକ୍ଷରୁ ଆୟୁଷ ଶୁକ୍ଳା ଓ କିଞ୍ଚିତ୍ ଶାହ ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ । ସେହିପରି ଅତିକ ଇକବାଲ ଓ ଏହସାନ ଖାଁ ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିଲେ। ୧୮୯ରନ୍‌ର ଟାର୍ଗେଟ ନେଇ ହଂକଂ ମୈଦାନକୁ ଓହ୍ଲାଇଥିଲା। ଦଳ ମାତ୍ର ୯ଓ୍ୱିକେଟ ବିନିମୟରେ ୯୪ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ୮ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଦଳ ପକ୍ଷରୁ ବାବର ହାୟତ ସର୍ବାଧିକ ୩୯ ରନ୍ କରିଥିବା ବେଳ ଓ୍ୱିକେଟକିପର ଜାସନ୍ ଅଲ୍ଲି ୫, କାଲହାନ୍ ଚାଲୁ ୪, କିଂଚିତ୍ ଶାହା ୬, ଅଧିନାୟକ ୟାସିମ୍ ମୃତେଜା ୧୬, ଅଜିଜ୍ ଖାନ୍ ୬, ଇଷାନ୍ ଖାନ୍ ୬, ଆୟୁଷ ଶୁକ୍ଳା ୧ ଓ ଆତିକ୍ୟୁ ଇକ୍‌ବାଲ ୧ରନ୍ କରିଥିଲେ। ଆଫ୍‌ଗାନିସ୍ତା ପକ୍ଷରୁ ଫଜଲହାକ୍ ଫାରୁକ୍, ଗୁଲବାଦିନ୍ ନାଏବ ପ୍ରତ୍ୟେକ ଦୁଇଟି ଲେଖାଏଁ ଓ୍ୱିକେଟ ନେଇଥିବା ବେଳେ ଅଜାମୁତୁଲାହା ଓମାରଜ, ରସିଦ୍ ଖାଁ, ନୁର ଅହମ୍ମଦ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ ଯେ ବୁଧବାର ଭାରତ ତାର ପ୍ରଥମ ମ୍ୟାଚ୍ ଖେଳିବ।

## ସଞ୍ଜୁ ସାମସନ୍‌ଙ୍କୁ ନେଇ ସ୍ପଷ୍ଟ କଲେ ସୂର୍ଯ୍ୟକୁମାର




ଦୁବାଇ: ଏସିଆ କପ୍‌ରେ ଭାରତ ତାର ଅଭିଯାନ ବୁଧବାର ୟୁଏଇ ବିପକ୍ଷରେ ଆରମ୍ଭ କରିବ। ଟିମ ଇଣ୍ଡିଆର ଚୂଡାନ୍ତ ଏକାଦଶ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନି। ମଙ୍ଗଳବାର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ସଞ୍ଜୁ ସାମସନ ଖେଳିବା ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ ଆମେ ସଞ୍ଜୁଙ୍କ ଉପରେ ନଜର ରଖିଛୁ । ଦଳରେ ଜୀତେଶ କୁମାର ଓ ସଞ୍ଜୁ ୨ଜଣ ଭଲ ଓ୍ୱିକେଟକିପର ରହିଛନ୍ତି। ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ ଆମେ ମ୍ୟାଚର ଠିକ ପୂର୍ବରୁ ସଞ୍ଜୁ ଓ ଜୀତେଶଙ୍କ ମଧ୍ୟରେ କିଏ ଖେଳିବେ ସେ ସମ୍ପର୍କରେ ଆପଣମାନଙ୍କୁ ଜଣାଇଦେବୁ। ରୋହିତ ଶର୍ମା ଓ ବିରାଟ କୋହଲି ଟି୨୦ରୁ ଅବସର ନେବା ପରେ ଟିମ ଇଣ୍ଡିଆ ପ୍ରଥମ ବଡ ଟୁର୍ଣ୍ଣାମେଂଟ ଖେଳିବାକୁ ଯାଉଛି । ତେବେ ରିପୋର୍ଟ ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ଜୀତେଶ ପ୍ରଥମ ପସନ୍ଦ ରହିଛନ୍ତି। ଶୁଭମନ ଗିଲ ଖେଳିବା ନିଶ୍ଚିତ ହୋଇଥିବାରୁ ସଞ୍ଜୁ ଓପନିଂ କରିପାରିବେ ନାହିଁ । ଅପରପକ୍ଷରେ ନିମ୍ନ ଭାଗରେ ଜୀତେଶଙ୍କ ପ୍ରଦର୍ଶନ ଭଲ ରହିଛି। ସମ୍ଭାବ୍ୟ ଭାରତୀୟ ଏକାଦଶ: ଅଭିଷେକ ଶର୍ମା, ଶୁଭମନ ଗିଲ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ, ରିଙ୍କୁ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତି, କୁଲଦୀପ ଯାଦବ, ଯଶପ୍ରୀତ ବୁମରାହ ଓ ଅର୍ଶଦୀପ ସିଂ ।

## ମେଡ଼ିକାଲ୍‌ରେ ରୋହିତ



ମୁମ୍ବାଇ: ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଏବେ ଅଷ୍ଟ୍ରେଲିଆ ବିପକ୍ଷ ଆନ୍ତର୍ଜାତୀୟ ମ୍ୟାଚ ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିଛନ୍ତି । ଏହାରି ମଧ୍ୟରେ ଏକ ଭିଡିଓ ପ୍ରଶଂସକଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହି ଭିଡ଼ିଓରେ ରୋହିତଙ୍କୁ ବିଳମ୍ବିତ ରାତ୍ରରେ ମୁମ୍ବାଇର ଏକ ପ୍ରତିଷ୍ଠିତ ଡାକ୍ତରଖାନାରେ ଦେଖିବାକୁ ମିଳିଛି । ରୋହିତଙ୍କର କିଛି ଅସୁବିଧା ହୋଇଥିବା ନେଇ ପ୍ରଶଂସକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି । ରୋହିତ ଡାକ୍ତରଖାନା ବାହାରେ ଗାଡିରୁ ଓହ୍ଲାଇ ଭିତରକୁ ଯାଇଥିଲେ। ସେ କଣ ପାଇଁ ଡାକ୍ତରଖାନା ଯାଇଛନ୍ତି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି । ନିକଟରେ ରୋହିତ ଏନସିଏରେ ଫିଟନେସ ଟେଷ୍ଟ ପାସ କରିଥିଲେ। ଦୀର୍ଘ ଦିନ ପରେ ଆନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଚୟନ କମିଟି ତାଙ୍କ ଫିଟନେସ ସମ୍ପର୍କରେ ଅବଗତ ହେବାକୁ ଚାହିଁଥିଲେ। ଦୁଇ ସିନିୟର ଖେଳାଳି ରୋହିତ ଓ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। କୋହଲି ଲଣ୍ଡନରୁ ଫିଟନେସ ଟେଷ୍ଟ ପାସ କରିଥିଲେ। ଡାକ୍ତରଖାନା ଯିବା ନେଇ ରୋହିତ କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ବୟାନ ଜାରୀ କରାଯାଇ ନାହିଁ ।

## କ୍ରିକେଟରୁ ଅବସର ନେଲେ ଉସ୍‌ମାନ



କରାଚୀ: ପାକିସ୍ତାନର ବାମହାତି ପେସ ବୋଲର ଉସ୍‌ମାନ ଶିନ୍‌ୱାରି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୧ ବର୍ଷୀୟ ସିନ୍‌ୱାରୀ ୨୦୧୩ରୁ ୨୦୧୯ ମଧ୍ୟରେ ସମସ୍ତ ଫର୍ମାଟରେ ମାତ୍ର ୩୪ ମ୍ୟାଚ ଖେଳିଛନ୍ତି। ସେ ଗୋଟିଏ ଟେଷ୍ଟ, ୧୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସିନ୍‌ୱାରୀ ୨୦୧୩ ଡିସେମ୍ବରରେ ଦୁବାଇଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ୨୦୧୭ ଅକ୍ଟୋବରରେ ଶାରଜାଠାରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ସେ ଅନ୍ତର୍ଜାତୀୟ ଦିନିକିଆରେ ୩୪ ଏବଂ ଅନ୍ତର୍ଜାତୀୟ ଟି୨୦ରେ ୧୩ଟି ଉଇକେଟ ଅକ୍ତିଆର କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ପଞ୍ଚାୟତରେ ଥିବା ମିନି ଷ୍ଟାଡିୟମ ଠାରେ କଲ୍ୟାଣସିଂହପୁର ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂଘ ପକ୍ଷରୁ ଏକାଦଶ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ୨୦୨୫-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୬ଟି ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟରୁ ମୋଟ୨୦୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେରିଗୁମ୍ମା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମେଲକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ମୋହନ ରାଓ କଣ୍ଡାଗରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେରିଗୁମ୍ମା ସିଆରସିସି ଲକ୍ଷ୍ମଣ କଣ୍ଡାଗରୀ, ସରପଞ୍ଚ ଦିପାଇ ନାଚିକା, ଗଙ୍ଗାଧର ବେହେରା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଉକ୍ତ ଛାତ୍ର ଛାତ୍ରୀମାନଙ୍କୁ ନେଇ ୧୦୦ମିଟର, ୨୦୦ମିଟର, ୪୦୦ମିଟର, ୬୦୦ମିଟର, ୧୫୦୦ମିଟର, ୩୦୦୦ମିଟର, ୮୦୦୦ମିଟର, ସଟ୍‌ପୁଟ, ଡ଼ିସ କସ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କବାଡି, ଖୋ-ଖୋ, ଫୁଟବଲ, ଭଲି ବଲ, ବ୍ୟାଡ଼ମିଣ୍ଟନ, ଦୌଡ଼କୁଦ ପ୍ରତିଯୋଗିତା କରାଯାଇଛି। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ଖୋ-ଖୋରେ ଜଗନ୍ନାଥ ପୁର ଉଚ୍ଚ ବିଦ୍ୟାଳୟର ଛାତ୍ର, କବାଡିରେ ଛାତ୍ର ଓ ଛାତ୍ରୀ, ଦୌଡ଼ କୁଦ ଓ କବାଡିରେ ପଲମା ବିଦ୍ୟାଳୟର ମୌସୁମୀ ମାଝୀ, ଲଳିତା ତିଆକା, ନାରାୟଣପୁର ଉଚ୍ଚ ବିଦ୍ୟାଳୟର ଦୀପିକା ମିଣିଆକା, ଦୈତାରୀ ମାଝୀ ପ୍ରମୁଖ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ଓ ପ୍ରତ୍ୟେକ ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଚଳିତ ମାସ ୧୫ଓ ୧୬ ତାରିଖରେ ବିଷମକଟକ ଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। ୧୬ଟି ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସହ ସେରିଗୁମ୍ମା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।

# ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କାଳିମେଳା (ଭାସ୍କର ନ୍ୟୁଜ୍): କାଳିମେଳା ବ୍ଲକ ଅନ୍ତର୍ଗତ ଏମଭି -୭୯ ସାବରୀ ମିନି ଷ୍ଟାଡିୟମ୍ ଠାରେ ଜୋନ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ହେବାକୁଥିବା ଏହି କ୍ରୀଡା ଉତ୍ସବରେ କେବଳ ୧୪ ରୁ ୧୭ ବୟସର ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। ବିଦ୍ୟାର୍ଥୀଙ୍କୁ କ୍ରିଡ଼ା ପ୍ରତି ଆଗ୍ରହ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷାର ସଂଯୋଗ ସ୍ଥାପନ କରିବା ଉଦ୍ଦେଶ୍ୟରେ ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏହାର ଆୟୋଜକ କରିଥିବା ଜଣାପଡିଛି । ଉଦ୍‌ଘାଟନ ଉତ୍ସବରେ ନାରାୟଣ ସରକାର, ସିଆରସିସି ଶ୍ରୀବାସ ରାୟ, ଦୀପକ ଦତ୍ତ, କିଶୋର ଚନ୍ଦ୍ର ସାହୁ, ପ୍ରସନ୍ତ ତାପାଲି, ମାନସ ନାୟକ, ଉମେଶ ଚନ୍ଦ୍ର ଓଝା, ଭେଙ୍କେଟେଶ୍ୱର ରାଓ, କବିତା ସରକାର, ପ୍ରଭାତ ମଣ୍ଡଳ, ଦୀପକ ମେହେର, ସରମିଳା ଢାଳି, ହିମାଂଶୁ ମଣ୍ଡଳ, ସତ୍ୟରଞ୍ଜନ ବାରିକ, ସମ୍ପଦ କୁମାର ଲେଙ୍କା, ସାଇ କୁମାର, ଆମିତା ପ୍ରଧାନ, ମନୋଲିସା ସାହୁ, ସୁନିଲ ଦାସ, ବ୍ରିନ୍ଦା ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ହରିଚନ୍ଦନଙ୍କ ନେତୃତ୍ୱ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ମାର୍ଗଦର୍ଶନ ଏବଂ ବିଭୁତି ସେଠୀଙ୍କ ମଞ୍ଚ ପରିଚାଳନାରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ସମାପନ କରାଯାଇଛି।

# ଏସିଆ କପ୍ ହକି ଚାମ୍ପିଅନସିପ୍‌ରେ ଆରଏସ୍‌ପିର ସେଲ୍ ହକି ଏକାଡେମୀର ପୂର୍ବତନ କ୍ୟାଡେଟଙ୍କ ଚମତ୍କାର ପ୍ରଦର୍ଶନ




ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଲ୍ ହକି ଏକାଡେମୀର ପୂର୍ବତନ କ୍ୟାଡେଟ ଶିଲାନନ୍ଦ ଲାକ୍ରା ରାଜଗିରରେ ଅନୁଷ୍ଠିତ ପୁରୁଷ ଏସିଆ କପ୍ ହକି ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଯେଉଁଥିରେ ଭାରତ ଚାମ୍ପିଅନ ହୋଇଛି। ଏହି ବିଜୟ ସହିତ ଭାରତ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ପୁରୁଷ ହକି ବିଶ୍ୱକପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି । ପୁରୁଷ ଏସିଆ କପ୍ ହକି ଚାମ୍ପିଅନସିପର ଫାଇନାଲରେ ଭାରତ ପୂର୍ବ ଚମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଥିଲା। ଭାରତର ଏହି ସଫଳ ଯାତ୍ରାରେ ଶିଲାନନ୍ଦଙ୍କର ପ୍ରମୁଖ ଅବଦାନ ଥିଲା। ବିଶେଷକରି ଚୀନ୍ ବିପକ୍ଷ ସେମିଫାଇନାଲରେ ସେ ଦଳକୁ ୭-୦ ବିଜୟରେ ଉଲ୍ଲେଖନୀୟ ଭୂମିକା ନେଇଥିଲେ ଏବଂ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ ଭାବରେ ବିବେଚିତ ହୋଇଥିଲେ। ଉଲ୍ଲେଖନୀୟ ଯେ, ଫରଓ୍ୱାର୍ଡ ଲାଇନରେ ଖେଳୁଥିବା ଶ୍ରୀ ଶିଲାନନ୍ଦ ୨୦୧୮ ମାର୍ଚ୍ଚରେ ୨୭ତମ ସୁଲତାନ ଆଜଲାନ ଶାହ କପ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ହକି ଦଳରେ ପଦାର୍ପଣ କରିଥିଲେ। ଚମତ୍କାର ଖେଳ ପାଇଁ ବେଶ ଜଣାଶୁଣା ଏହି ଯୁବ ଖେଳାଳି ଏପର୍ଯ୍ୟନ୍ତ ୩୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ପ୍ରଶଂସନୀୟ ଯୁବ ଫରଓ୍ୱାର୍ଡ ଇଣ୍ଡିଆନ ଜୁନିଅର ଦଳର ପ୍ରତିନିଧିତ୍ୱ କରି ମଧ୍ୟ ଦେଶ ପାଇଁ ଅନେକ ଗୌରବ ଅର୍ଜନ କରିଥିଲେ। ଉଲ୍ଲେଖନୀୟ ଯେ, ସୁନ୍ଦରଗଡ଼ ଜିଲ୍ଲାର କାଳିଜାପଥର ଗ୍ରାମର ନିବାସୀ କାର୍ଲସ୍ ଲାକ୍ରା ଏବଂ ମେରୀ ଗ୍ରେସ୍ ଲାକ୍ରାଙ୍କ ପୁଅ ଶିଲାନନ୍ଦ ୨୦୧୫ ଅଗଷ୍ଟରେ ସେଲ୍ ହକି ଏକାଡେମୀରେ ଯୋଗଦେବା ସହିତ ୨୦୧୯ ପର୍ଯ୍ୟନ୍ତ ଏକାଡେମୀର କ୍ୟାଡେଟ୍ ରହିଥିଲେ। ଏହି ସମୟ ମଧ୍ୟରେ ସେ ଆରଏସପିର ଦୁଇ ହକି ପ୍ରଶିକ୍ଷକ ଏନଆଇଏସ (ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ) ପ୍ରଶିକ୍ଷକ ରାଜୁ କାନ୍ତ ସାଇନି ଏବଂ ପୂର୍ବତନ ଜାତୀୟ ଜୁନିଅର ଇଣ୍ଡିଆ ହକି ଖେଳାଳି ପିଟର ତିର୍କୀଙ୍କ ଠାରୁ ହକିର ନିଖୁଣ କ୍ରୀଡା ଶିକ୍ଷା ଗ୍ରହଣ କରିଥିଲେ।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

अल्पकालीन ई–पुर्ननिविदा आमंत्रण सूचना
PR No.-334431 REO (24-25).D

पत्रांकः–　　　　दिनांक–

अल्पकालीन ई–पुर्ननिविदा संख्याः–10/RE/2025-26/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 32/2024-25 | सुण्डील ग्राम के सुन्दर नगर मोहल्ला के विभिन्न गलियों का पथ निर्माण कार्य। (ल0–3.135 कि0मी0) | 2,93,96,700.00 | दो करोड़ तिरानबे लाख छियानबे हजार सात सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथिः–11.09.2025
2. ई–निविदा प्राप्ति की अंतिम तिथि एवं समयः–23.09.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–25.09.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची

PR 361429 REO(25-26).D

**कार्यालय जिला परिषद, हजारीबाग**

ई–निविदा आमंत्रण सूचना संख्या :– 24/2025–26　　दिनांक 09/09/2025

मद का नाम :– 15वें वित्त आयोग मद

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 4 | 5 | 6 | 7 | 8 |
| 1 | चुरचू | सामुदायिक स्वास्थ्य केन्द्र, चुरचू का निर्माण काय। | 57500000.00 | 10000.00 | 1150000.00 | एक वर्ष छः माह |

1. वेबसाईट में निविदा प्रकाशन की तिथि 15.09.2025
2. ई–निविदा प्राप्ति की तिथि एवं समय 16.09.25 से 03.10.2025 अपराहन् 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 06.10.2025 पूर्वाहन् 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग।

PR.NO.361446 District(25-26):D

**कार्यालय जिला परिषद, हजारीबाग**

ई–निविदा आमंत्रण सूचना संख्या :– 22/2025–26
दिनांक 09/09/2025

मद का नाम :– जिला खनिज फाउण्डेशन ट्रस्ट, हजारीबाग।

| क्र0 | प्रखण्ड | ग्राम | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | कटकमदाग | मसरातु | ग्राम कृष्णानगर से ग्राम परहेरिया तक पथ निर्माण। | 33889500.00 | 10000.00 | 678000.00 | एक वर्ष |

1. वेबसाईट में निविदा प्रकाशन की तिथि 15.09.2025
2. ई–निविदा प्राप्ति की तिथि एवं समय 16.09.25 से 03.10.2025 अपराहन् 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 06.10.2025 पूर्वाहन् 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 361443 District(25-26).D

**झारखण्ड सरकार**
**पेयजल एवं स्वच्छता विभाग**

ई–कोटेशन सूचना
(प्रथम आमंत्रण)
ई–कोटेशन सूचना संख्या - 03/2025-26　तिथि – 08.09.2025

(शुद्धि पत्र)

इस कार्यालय द्वारा विज्ञापित ई–कोटेशन सूचना संख्या–03/2025–26 (PR No-360996 Drinking water and Sanitation(25-26)D में आंशिक संशोधन किया जाता है, जो निम्नप्रकार से है–

1. वेबसाईट पर ई–कोटेशन प्रकाशन की तिथि–02.09.2025 के स्थान पर 10.09.2025 पढ़ा जाय।
2. ई–कोटेशन में दर वीड दालने की अंतिम तिथि–12.09.2025 स्थान पर 16.09.2025 पढ़ा जाय।
3. ई–कोटेशन खोलने की तिथि–13.09.2025 के स्थान पर 18.09.2025 पढ़ा जाय।

नोट :– अन्य सभी जानकारी तथा शर्ते पूर्ववत रहेंगें।

(मयंक कुमार भगत)
कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद

PR 361417 Drinking Water and Sanitation(25-26).D

**Jharkhand Education Project Council**
**J.S.C.A Stadium Road, Jagannathpur, Sector -3, Dhurwa, Ranchi - 834004**
**Phone - 0651-2444502 Fax: 0651-2444506**
**E-mail: jepcranchi1@gmail.com**

Tender Cancellation Notice

Jharkhand Education Project Council, Ranchi has invited following tenders for the A.Y. 2025-26 to 2027-28:-

| Sl.No. | Tender No. | Subject | Ref PR No. |
|---|---|---|---|
| 1 | MRE/33/261/2024-25/4412 | Supply of School Bags for Class 1 to 8 | 340392 |

Due to unavoidable circumstances above tender is not applicable for 2026-27 and 2027-28. Above tender is cancelled for 2026-27 and 2027-28.

Sd/-
(Shashi Ranjan, I.A.S)
State Project Director

PR 361390 (Jharkhand Education Project Council)25-26*D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**

शुद्धि – पत्र

ई–अल्पकालीन निविदा आमंत्रण सूचना संख्या– RDD/SD/BOKARO/04/2025-26 जिसकी पी० आर० संख्या– 350202 Rural Development (25-26)#D है, के क्रमांक 04 में अंकित योजना को अपरिहार्य कारणों से रद्द किया जाता है।

कार्यपालक अभियंता
ग्रामीण विकास विशेष प्रमंडल
बोकारो।

PR 361469 (Rural Development) 25-26 (D)

**झारखंड सरकार, पेयजल एवं स्वच्छता प्रमंडल सं0-2 धनबाद**

(द्वितीय आमंत्रण)

अल्पकालीन ई0 निविदा सूचना सं0 – DWSD/Dhanbad-02/08/2025-26　　दिनांक – 09.09.2025

| क्र0 सं0 | कार्य का विवरण | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मुल्य (रूपये में) | कार्य पूर्ण करने की अवधि |
|---|---|---|---|---|---|
| 1 | Operation and Maintenance service of 10 MLD WTP at Khanudih Intake works at river JAMUNIA, Raw Water Rising mains-400mm dia D.1 K-9 from Intake Well to WTP Clear Water Rising mains-D.I. K-9 From WTP (at) Khanudih) to ESR (at Katras)-450mm to 100mm dia Distribution Network D.I. K-7 and water supply from ESR under Katras Urban Water Supply Scheme for the year 2025-26, 2026-27 & 2027-28 Excluding the enery cost. 6695.41KI X 1095 Days in the District of Dhanbad on Turnkey basis." | 174.75300 | 350000.00 | 10000.00 | 36 माह |
| 2 | वेबसाइट पर निविदा प्रकाशन की तिथि | 10.09.2025 समय 04.00 बजे अपराहन् तक | | | |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 18.09.2025 समय 05:00 बजे अपराहन् तक | | | |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 18.09.2025 समय 05:00 बजे अपराहन् तक | | | |
| 5 | तकनीकी बिड खोलने की तिथि एवं समय | 19.09.2025 समय 05:00 बजे अपराहन् | | | |
| 6 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं0–2, धनबाद। | | | |
| 7 | निविदा आमंत्रित करने वाले पदाधिकारी का नाम/पदनाम | ई0 मुकेश कुमार मंडल, कार्यपालक अभियंता, पेयजल एवं स्वचछता प्रमंडल सं0–2, धनबाद। | | | |
| 8 | निविदा आमंत्रित करने वाले कार्यालय का टेलिफोन नं0 – | 7292898986 | | | |
| 9 | ई– प्रोक्यूरमेन्ट सेल का हेल्प लाईन सं0 | 0651-248045 | | | |

नोट – केवल ई निविदा ही स्वीकार किये जायेंगे।
अधिक जानकारी के लिए वेबसाईट http://jharkhandtenders.gov.in पर देखा जा सकता है।

कार्यपालक अभियंता
पेयजल एवं स्वच्छता प्रमंडल सं०–2, धनबाद

PR 361462 Drinking Water and Sanitation (25-26)_D



କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ ନାଗରିକଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣାସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଦତାତ୍ରୟ ଭାଉସାହେବ ଶିନ୍ଦେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ମଙ୍ଗଳବାର ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ତୀର୍ଥଯାତ୍ରୀଙ୍କ ପଞ୍ଜିକରଣ ଆରମ୍ଭ ହୋଇଥିଲା । ସେଠାରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୩ .୩୦ରେ ଯାତ୍ରା ଆରମ୍ଭ କରିଥିଲେ ।

## ଯୌତୁକ, ଘରୋଇ ହିଂସା ଆଇନ ମହିଳାଙ୍କୁ ସୁରକ୍ଷା ଦେଉଛି: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତପ୍ରକାଶ କରିଛନ୍ତି । ମଙ୍ଗଳବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କଠାରୁ ବି ଅଧିକ ନିଜର । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କୁଟୀର ଶିଳ୍ପ ଭଳି ବହୁ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଆଜି ପୁରୁଷମାନଙ୍କଠାରୁ ଅଧିକ । ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକୈନ୍ଦ୍ରିକ ଅର୍ଥନୀତି ଓ ମହିଳା କୈନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦୃଢ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ତୃଣମୂଳସ୍ତରରେ ମହିଳା ସୁରକ୍ଷା କେସ ସହ ଜଡ଼ିତ ଆହ୍ୱାନଗୁଡ଼ିକୁ ବିଷୟରେ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହ ସେ ସମ୍ପର୍କିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷକ୍ଷ ବାନାର୍ଜୀ ଓ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତି ଜିଲ୍ଲାର ଶକ୍ତି ସଦନ, ୱାନ ଷ୍ଟପ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ପ୍ରତିନିଧିବୃନ୍ଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ଆଇନଗତ ଢାଞ୍ଚା ଏବଂ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡିଆଇଆର ଦାଖଲ, କୋର୍ଟ ସମନ୍ୱୟ ଏବଂ ରିପୋର୍ଟିଂ ବ୍ୟବସ୍ଥା ସମ୍ପର୍କରେ, କ୍ଷେତ୍ରସ୍ତରୀୟ ଆହ୍ୱାନ ଏବଂ ସମନ୍ୱୟ ମଡେଲ, ପୋଲିସର ଭୂମିକା ଏବଂ ସେବା ପ୍ରଦାନକାରୀଙ୍କ ଭୂମିକା, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଏବଂ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା, ତଦନ୍ତ ଏବଂ ସମନ୍ୱୟ, ପିଡବ୍ଲୁଡିଭିଏ ଓ ଡିପି ନିୟମର ଓଭରଲାପିଙ୍ଗ ମାମଲା ସମ୍ବନ୍ଧରେ ୬ଟି ଅଧିବେଶନ ମାଧ୍ୟମରେ ସୂଚନା ଉପସ୍ଥାପନ ପ୍ରଦାନ କରିବା ସହ ବିଶଦ ବିବରଣୀ ରଖିଥିଲେ। ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବାଣୀ ବିହାରରୁ ଜବରଦଖଲ ଉଚ୍ଛେଦ ଦାବି

## ଭିସି ଅଫିସ୍ ଘେରିଲେ ଛାତ୍ରଛାତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଣୀ ବିହାର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଗତକାଲି ଅଣଛାତ୍ରଙ୍କୁ ହଟାଇବା ପରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ମଙ୍ଗଳବାର ଭିସି ଅଫିସ ଘେରାଉ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ମିଶନ ଅଲ ଆଉଟ କରିବାକୁ ଛାତ୍ରଛାତ୍ରୀ ଭିସିଙ୍କୁ ଦାବି କରିଛନ୍ତି। ଏହାସହ କ୍ୟାମ୍ପସ୍‌ରୁ ଜବରଦଖଲ ଉଚ୍ଛେଦ, ଭଡାରେ ଲାଗିଥିବା କ୍ୱାର୍ଟର ଉଚ୍ଛେଦ ସହ ଯିଏ କ୍ୱାର୍ଟର ଭଡାରେ ଲଗାଇଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନିଶା କାରବାର ବନ୍ଦ କରିବା ସହ କୌଣସି ଅଣଛାତ୍ରଙ୍କୁ କ୍ୟାମ୍ପସରେ ପୁରାଇ ନ ଦେବାକୁ ଦାବି କରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ଭିସି ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ ଜବରଦଖଲ ଉଚ୍ଛେଦ, ଭଡା କ୍ୱାର୍ଟର ଉଚ୍ଛେଦ ସହ ନିଶା କାରବାର ଆଦି ସବୁ ଜିନିଷକୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନିପାସ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେମାନଙ୍କୁ ନୋଟିସ କରାଯାଇଛି । ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କୁ ୩ଦିନ ସମୟ ଦିଆଯାଇଛି। ସୋମୋଟୋ ଖାଲି ନକଲେ ୩ଦିନ ପରେ ଉଚ୍ଛେଦ କରାଯିବ। ଅନ୍ୟପଟେ ନିଶା କାରବାର ବନ୍ଦ ପାଇଁ ପଦକ୍ଷେପ ନିଆଯାଉଛି। ମିଶନ ଅଲ ଆଉଟ ବିଶ୍ୱବିଦ୍ୟାଳୟରେ ହେବ। ସମସ୍ତଙ୍କୁ ଆଉଟ କରାଯିବ। କୁଳ ସଚିବ ସ୍ୱାତୀ ମିଶ୍ର କହିଛନ୍ତି ବିଶ୍ୱବିଦ୍ୟାଳୟରେ କିଛି କର୍ମଚାରୀ ମେହେନ୍ଦି ପାର୍ଟି କରିଥିବା ଭିଡ଼ିଓ ଭାଇରାଲ ହେଉଛି। ତାହା ଆମ ଦୃଷ୍ଟି ଆକର୍ଷଣ ହୋଇଛି। ତାର ତଦନ୍ତ ବିଶ୍ୱବିଦ୍ୟାଳୟ ତଦନ୍ତ ଟିମ ତଦନ୍ତ କରୁଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ। କିଏ ଓ କେଉଁମାନେ ଏପରି କରୁଥିଲେ ତାହା ଏବେ କ୍ୟାମେରା ସାମ୍ନାରେ ମୁଁ କହିପାରିବିନି। ଭିସି କହିଛନ୍ତି ମୁଁ ଦୁଇ ମାସ ହେବ ଆସିଛି। ସମୟ ଲାଗିବ ଏ ସବୁ ଜିନିଷରେ, ଏ ପ୍ରକ୍ରିୟା ଚାଲିଛି ମିଶନ ଅଲ୍ ଆଉଟ୍ ହେବ କ୍ୟାମ୍ପସ୍‌ରେ।

### ପାର୍ବଣରେ ମହିଳା ସୁରକ୍ଷା ନେଇ ଏସ୍‌ପିଙ୍କୁ ଡିଜିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗକୁ ପୂଜା ଅଛି। ପୂଜା ମଣ୍ଡପରେ ମହିଳାଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ପୂଜା ସମୟରେ ମହିଳା ସୁରକ୍ଷା ନେଇ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସମସ୍ତ ଥାନାକୁ ପୋଲିସ ଡିଜି ୱାଇ.ବି ଖୁରାନିଆ ପରାମର୍ଶ ଦେଇଛନ୍ତି। ପୂଜା ପର୍ବାଣୀ ସମୟରେ ମହିଳାଙ୍କ ଉପରେ ବଢୁଥିବା ଅପରାଧ କମାଇବା ପାଇଁ ସମସ୍ତ ଏସ୍‌ପିଙ୍କୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ମହିଳା ସମ୍ପର୍କିତ ମାମଲାରେ କିଭଳି ଅଧିକରୁ ଅଧିକ ପ୍ରତିଶତ ଦଣ୍ଡବିଧାନ ହୋଇପାରିବ ତାହା ଉପରେ ଧ୍ୟାନ ଦେବାକୁ ମଧ୍ୟ ସମସ୍ତ ପୋଲିସ ଅଫିସରଙ୍କୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଡିଜି କହିଛନ୍ତି ଭୁବନେଶ୍ୱର ଏବେ ମହିଳାଙ୍କ ପାଇଁ ସୁରକ୍ଷିତ ସହର। ଏଭଳି ସବୁ ସହରରେ ମହିଳା କିଭଳି ସୁରକ୍ଷିତ ମଣିବେ ସେ ନେଇ ପୋଲିସ କାର୍ଯ୍ୟ କରିବା ଉଚିତ୍ । ସୁରକ୍ଷା ଦିଗରେ ବଡ ପଦକ୍ଷେପ ନେବାକୁ ଯାଉଛି ରାଜ୍ୟ ପୋଲିସ। ପୋଲିସର ଆଧୁନିକୀକରଣ ପାଇଁ ୧୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସାରା ରାଜ୍ୟରେ ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥରେ ସ୍ଥାୟୀ ଭାବେ ସିସିଟିଭି ଲାଗିବା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସବୁଠୁ ଫୋକସରେ ରହିବ ପୁରୀ। ଯେଉଁଥି ପାଇଁ ୧୦୦ କୋଟି ଟଙ୍କା ବିନିମୟରେ ଭୁବନେଶ୍ୱର ଉତ୍ତରାରୁ ପୁରୀ ଓ କୋଣାର୍କ ରାସ୍ତାରେ ସ୍ଥାୟୀ ଭାବେ ସିସିଟିଭି ଲଗାଇବା ଯୋଜନା ରହିଛି।

## ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଦିନିକିଆ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଏକ ଦିନିକିଆ କର୍ମଶାଳା ଭୁବନେଶ୍ୱର ସ୍ଥିତ ପୋଲିସ ଭବନରେ ଆୟୋଜିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ଆରକ୍ଷୀ ମହା ନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଭାଷଣରେ ସେ ରାଜ୍ୟର ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଆଗାମୀ ଦିନରେ ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ପ୍ରକାଶ କରିଛନ୍ତି। ଏହି ଅବସରରେ ଡିଜିପି ସମସ୍ତ ପୋଲିସ ଅଧିକାରୀଙ୍କୁ ମିଳିମିଶି ଏକ ସୁରକ୍ଷିତ ଓଡ଼ିଶା ଗଢ଼ିବା ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ମହିଳାମାନେ ହେଉଛନ୍ତି ସମାଜର ଭିତ୍ତିଭୂମି। ସମାଜକୁ ସଠିକ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। କିନ୍ତୁ, ବିଭିନ୍ନ ସମୟରେ ମହିଳାମାନେ ଧର୍ଷଣ, ଯୌନ ଅତ୍ୟାଚାର, ଘରୋଇ ହିଂସା, ରାସ୍ତାରେ ନିର୍ଯାତନା ଏବଂ ସାଇବର ଅପରାଧର ଶିକାର ହେଉଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ବୋଲି ଡିଜିପି କହିଛନ୍ତି। ଏହାକୁ ରୋକିବାକୁ ପ୍ରତିଟି ସ୍ତରରେ ଯତ୍ନବାନ ହେବାକୁ ଡିଜିପି ପରାମର୍ଶ ଦେଇଥିଲେ । ଏହି ଅବସରରେ ନାବାଳିକାଙ୍କୁ ଦୁଷ୍କର୍ମ ଭଳି ସଙ୍ଗୀନ ମାମଲା ଗୁଡିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲ୍ଲାର ଏସପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡିଜିପି ଶ୍ରୀ ଖୁରାନିଆ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାଗୁଡିକୁ ନିଜେ ଅନୁଧ୍ୟାନ କରୁଛନ୍ତି। ସମ୍ମିଳନୀରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁମନ ଦାସ ଭଟ୍ଟମିଶ୍ର, ଡ଼ ସୁଜାତା ମିଶ୍ର, ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସୁମିତ୍ରା ପଟ୍ଟନାୟକ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିଭାଗ, ଅନନ୍ୟା ଦାସ, ନିର୍ଦ୍ଦେଶକ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସେମାନଙ୍କ ସୁରକ୍ଷା ସମ୍ପର୍କିତ ଉପସ୍ଥାପନ କରିଥିଲେ। ଆଜିର ଏହି ସମ୍ମିଳନୀର ପ୍ରାରମ୍ଭରେ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା), ଆଇଜି, ଏସ. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି, କ୍ରାଇମବ୍ରାଞ୍ଚ, ଡ଼ଃ ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମାଟିରେ ମିଶିଲା ବ୍ରାଉନ୍‌ସୁଗର ବେପାରି ଘର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ଆରମ୍ଭ ହେଲା ଅପରେସନ ପ୍ରହାର। ନୟାପଲୀ ଥାନା ଅନ୍ତର୍ଗତ ଆଇଡି ମାର୍କେଟରେ ପୋଲିସର ଆକ୍ସନ। ବ୍ରାଉନ ସୁଗାର ବେପାରୀଙ୍କ ଘର ଭାଙ୍ଗିଲା ପୋଲିସ। ଏହାସହିତ ଭାଙ୍ଗିବ ସବୁ ଗଞ୍ଜେଇ ବେପାରୀଙ୍କ ଘର। ଯେଉଁ ଅଭିଯୁକ୍ତ ମାନେ ଚୋରା ନିଶା କାରବାର କରି ୩ଥର ପୋଲିସ ହାତରେ ଧରାପଡିଛନ୍ତି ସେମାନଙ୍କ ଘର ବି ଭାଙ୍ଗିବ ।

## ଫ୍ଲାଏ ଆସ୍‌ରୁ ବାହାରିବ ବାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଫ୍ଲାଏ ଆସ୍ ରୁ ବାହାରିବ ବାଲି। ଏଣିକି କମ୍ ଖର୍ଚ୍ଚରେ ଘର କରିପାରିବେ ଲୋକେ। ବାଲି ଅଭାବ ଓ ଏହାର ମହଙ୍ଗା ମାଡ଼ ଯୋଗୁଁ ଏହାର ବିକଳ୍ପ ଭାବେ ଫ୍ଲାଏ ଆସ୍‌ରୁ ବାଲି ବାହାର କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ କମ୍ ଦାମରେ ବାଲି ମିଳିବା ସହ ନିର୍ମାଣର ସ୍ଥାୟିତ୍ୱ ବଢ଼ିବ । ଏନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଫ୍ଲାଏ ଆସ୍ ବାଲି ପ୍ରଥମେ ସବୁ ସରକାରୀ ନିର୍ମାଣ କାମରେ ଲାଗିବ। ବାଲିକୁ ନେଇ ରହିଥିବା ଏହି ସବୁ ସମସ୍ୟାର ସମାଧାନ ପାଇଁ ପୂର୍ତ୍ତ ବିଭାଗ ଏକ ବିକଳ୍ପ ଚିନ୍ତା କରିଛି। ଏଣିକି ବିଭିନ୍ନ କାରଖାନାରୁ ବାହାରୁଥିବା ଫ୍ଲାଏ ଆସ୍ ବା ପାଉଁଶରୁ ବାଲି ତିଆରି ପାଇଁ ଯୋଜନା ହୋଇଛି । ଏଥିପାଇଁ ଆଗକୁ ଆସିଛି ଆଇଆଇଟି ଭୁବନେଶ୍ୱର । ଆଇଆଇଟି ଭୁବନେଶ୍ୱର ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ଗବେଷଣା ଚଳାଇଛନ୍ତି । ଏହି ଗବେଷଣା ସଫଳ ବି ହୋଇଛି । ଫ୍ଲାଏ ଆସ୍‌ରୁ ଜିଓ ପଲିମର ବେସଡ୍ ସ୍ୟାଣ୍ଡ ବା ବାଲି ପ୍ରସ୍ତୁତ ହେବ। ଇଣ୍ଡିଆନ୍ ରୋଡସ୍ କଂଗ୍ରେସରେ ଉପସ୍ଥାପନ ପରେ ଏହାକୁ ବ୍ୟବହାର କରାଯିବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ ।

### ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ

## ଜମି ଅଧିକାର ମାମଲାର ସମାଧାନ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଗୁରୁତ୍ୱ



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ମଙ୍ଗଳବାର ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବ ସର୍ବେକ୍ଷଣ ଅନୁଯାୟୀ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡି ଜମିର ଚିହ୍ନଟ, ଶିକ୍ଷାନୁଷ୍ଠାନ ଜମିର ନିୟମିତକରଣ, ଜଙ୍ଗଲ ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ୍, ବେବନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇ ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ଉପରେ ଯଥା ସମୟରେ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ ଅଧିନସ୍ଥ ସମସ୍ତ କାର୍ଯ୍ୟର ତଥ୍ୟ ପ୍ରସ୍ତୁତି କରାଯାଇ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡକ୍ଟର ଦିବ୍ୟଲୋଚନ ମହାନ୍ତ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରିଥିଲେ । ବୈଠକରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ସମେତ କଟକ ସଦର, ଆଠଗଡ ଓ ବାଙ୍କୀ ଉପଜିଲ୍ଲାପାଳ, ସମସ୍ତ ତହସିଲଦାର, ଡେପୁଟୀ କଲେକ୍ଟର ଓ ଜିଲ୍ଲାର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇପ୍ସିତାଙ୍କୁ ନେଇ ବିଜେଡିରେ ବଢୁଛି ଅସନ୍ତୋଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ହେବା ନେଇ ବିଜେଡିରେ ବଢୁଛି ଅସନ୍ତୋଷ । ହରିଶଙ୍କର ରାଉତଙ୍କ ସମର୍ଥନରେ ବିଜେଡି କର୍ପୋରେଟର ଅଜିତ ବେହେରା । ୨୦ ବର୍ଷର କର୍ମୀଙ୍କୁ ଏବେ ବିଜେଡିରେ ଅବହେଳିତ କରାଯାଉଛି । ମୂଳକର୍ମୀଙ୍କୁ ପ୍ରତିଶୃତିର ପାହାଡ ଦେଖାଇ ଭାଙ୍ଗି ଦିଆଯାଇଛି । କର୍ମୀଙ୍କ ଭବିଷ୍ୟତ ଶୂନ ହୋଇଗଲାଣି ବୋଲି ଶ୍ରୀ ବେହେରା କହିଛନ୍ତି । ଦଳ ପାଇଁ ଏହା ଅଶୁଭମୟ । ଦଳ ପାଇଁ କାମ କରି କେସ ଖାଇଥିବା ନେତା ଅବହେଳିତ । ଦଳରେ ପରେ ଆସିବା ଲୋକଙ୍କୁ ଅଗ୍ରାଧିକାର ମିଳୁଛି । ୨୦ ବର୍ଷର କର୍ମୀ ଅବହେଳିତ । ଯେତିକି ଛାତ୍ର ନେତା ଅବହେଳିତ ନା କହିଲେ ସରିବନି । ଏହା କଣ ନବୀନ ପଟ୍ଟନାୟକଙ୍କ ପରିଚୟକୁ ହାନି କରୁନି ? ଲୋକ ଯାହାକୁ ଭଲ ପାଇବେ ସିଏ ଏମଏଲଏ ହେବ କି ଏମପି ହେବ । ଏଠି କେହି କୋଳି ଖାଇ ମଞ୍ଜି ପୋତି ନାହାନ୍ତି । ଆମେ ନିରବ ରହିବୁ ନାହିଁ । ସୁଯୋଗ ମିଳିଲେ ନବୀନ ବାବୁଙ୍କୁ ଭେଟି ସବୁ ଜଣାଇବୁ ।

## ଶିକ୍ଷୟିତ୍ରୀ ସୁଷମା ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ୟୁନିଟ୍-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ମହାନ୍ତିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ଶେଷ ସମୟରେ ତାଙ୍କର ଏକମାତ୍ର କନ୍ୟା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗୀୟ ସୁଷମା ମହାନ୍ତି ଏନ୍‌ସିସିର ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ହୋଇ ଖୁବ୍ ଦକ୍ଷତାର ସହିତ ଛାତ୍ରୀଙ୍କୁ ତାଲିମ ଦେଉଥିଲେ ଏବଂ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ୟାରେଡ଼ ପରିଚାଳନାରେ ସେ ବହୁ ବର୍ଷ ଧରି ପାରିଦର୍ଶିତା ହାସଲ କରିବା ସହ ଦୀର୍ଘବର୍ଷ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ବେସାମରିକ ପ୍ୟାରେଡ଼ କମାଣ୍ଡର ରୂପେ ନେତୃତ୍ୱ ନେଉଥିଲେ। ଜଣେ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଭାବରେ ତାଙ୍କର ବେଶ୍ ସୁନାମ ରହିଥିଲା। ସୁଷମାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇବା ସହ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି ଏବଂ ବିଧିବଦ୍ଧ ଭାବରେ ଆସନ୍ତା ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ୟାରେଡ଼ରେ ଅଂଶଗ୍ରହଣ କରୁଥିବା ଶ୍ରେଷ୍ଠ ଦଳକୁ ତାଙ୍କ ନାମରେ ଏକ ସ୍ମୃତି ଫଳକ ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି।

## ଭାସ୍କରଙ୍କ ଇସ୍ତଫା ସଂଗଠନ ଉପରେ ପ୍ରଭାବ ପକାଇବନି: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଓ ରାୟଗଡା ଜିଲ୍ଲାର ବିଜୁ ଜନତା ଦଳର କିଛି କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଥିବା ବେଳେ ଏହା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ବିଜୁ ଜନତା ଦଳ କହିଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ସଂଗଠନ ରାଜ୍ୟରେ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ଦଳ ତରଫରୁ ଦୃଢୋକ୍ତି ପ୍ରକାଶ କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାୟଗଡା ଜିଲ୍ଲାରେ ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଓ ଦଳର ଅନ୍ୟ କିଛି କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଛନ୍ତି । କିନ୍ତୁ ଦଳରୁ ଏହି ନେତାମାନଙ୍କର ଇସ୍ତଫା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପଡିବ ନାହିଁ । ଦଳରେ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶ୍ରୀ ରାଓ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ । ଯଦି ଶ୍ରୀ ରାଓ ଦଳରେ କିଏ ନିଷ୍ପତ୍ତି ନେଉଛନ୍ତି ବୋଲି ଜାଣିପାରୁ ନାହାନ୍ତି, ତାହେଲେ ବିଭିନ୍ନ ପଦପଦବୀରେ ରହି ଲମ୍ବା ସମୟ ଦଳରେ କାର୍ଯ୍ୟ କରିଥିବା ଶ୍ରୀ ରାଓ ଦଳ ପାଇଁ କିଭଳି କାର୍ଯ୍ୟ କରୁଥିଲେ ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଛନ୍ତି । ଦଳ ତରଫରୁ ଶ୍ରୀ ରାଓଙ୍କୁ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା ସହିତ ତାଙ୍କୁ ରାଜ୍ୟସଭା ସାଂସଦ କରାଯାଇଥିଲା । ଦଳ ତାଙ୍କୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥିବା ସତ୍ତ୍ୱେ ସେ ଦଳ ଛାଡିବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି । ବିଜେଡି ଶାସନ ଦାୟିତ୍ୱରେ ଥିବା ସମୟରେ ସେ ଦଳର ବିଭିନ୍ନ ଦାୟିତ୍ୱରେ ଥିଲେ, ଆଜି ବିରୋଧୀ ଦଳ ଭାବେ ବିଜେଡି ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ସେ ଦଳ ଛାଡ଼ିଛନ୍ତି । ଡ଼ ମହାନ୍ତି କହିଥିଲେ, ବିଜୁ ଜନତା ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ।

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଅଗ୍ରଣୀ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଅନୁଷ୍ଠିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ମଙ୍ଗଳବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି । ଚାରିଦିନ ଧରି ଅନୁଷ୍ଠିତ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟ୍ୟ ଉପସ୍ଥାପନା ପରେ ପଞ୍ଚମ ସଂଧ୍ୟାରେ ସମ୍ମାନ ବିତରଣ ସମାରୋହ ସହିତ ସୃଜନ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ ‘ଦୁର୍ଯ୍ୟୋଧନ’ ପରିବେଷଣ ହୋଇଥିଲା । ଉଦ୍‌ଯାପନୀ ଉତ୍ସବର ଅତିଥିମାନେ ଥିଲେ ପୂର୍ବତନ ସାଂସଦ (ରାଜ୍ୟସଭା) ପ୍ରଶାନ୍ତ ନନ୍ଦ;ଏମଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତିଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର । ପ୍ରତ୍ୟେକ ବର୍ଷଭଳି ଏହି ବର୍ଷ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ, ନୃତ୍ୟ ନିର୍ଦ୍ଦେଶିକା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଧବୀ ମୁଦଗଲ ଏବଂ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଏବଂ ସଙ୍ଗୀତ ପ୍ରଶିକ୍ଷକ ଅଲେଖ ଚନ୍ଦ୍ର ସାମଲଙ୍କୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୫ ପ୍ରଦାନ ସହିତ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରର ୪୦ ବର୍ଷରୁ କମ୍ ବୟସର ଦୁଇ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁ ପ୍ରତିଭା ପୁରସ୍କାର ୨୦୨୫ ପ୍ରଦାନ ସହିତ ୨୫,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଏକ ନୂତନ ପରିଚୟରେ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ ଏବଂ ନାଟ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ଏବଂ କଳା ପ୍ରତି ନିରନ୍ତର ସମର୍ପଣ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୫ ପ୍ରଦାନ ସହିତ ୫୦,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନ ଉତ୍ସବ ପରେ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ଦଳଗତ ନୃତ୍ୟାଭିନୟ ଦୁର୍ଯ୍ୟୋଧନ ପରିବେଷଣ କରିଥିଲେ । ଏହି ମର୍ମସ୍ପର୍ଶୀ ଉପସ୍ଥାପନାରେ, ଦୁର୍ଯ୍ୟୋଧନଙ୍କୁ ଖଳନାୟକ ଭାବରେ ନୁହେଁ, ବରଂ ଏକ ଦୁଃଖଦ ନାୟକ ଭାବରେ ଚିତ୍ରଣ କରାଯାଇଥିଲା ଯାହାଙ୍କ ମହାନ ଗୁଣ – ଦାନଶୀଳତା, ସାହସ ଏବଂ ଭକ୍ତି ଶେଷରେ ଏକ ପ୍ରଚଣ୍ଡ ଅହଂକାର ଦ୍ୱାରା ଆଚ୍ଛାଦିତ ହୋଇଥିଲା, ଯାହା ତାଙ୍କ ବିନାଶର କାରଣ ଥିଲା । ଏହିପରି ଦୁର୍ଯ୍ୟୋଧନ ଚରିତ୍ରର ଜୀବନ ଏବଂ ମୃତ୍ୟୁକୁ ବର୍ଣ୍ଣନା କରଯାଇଥିଲା ଓଡିଶୀ ନୃତ୍ୟ ମାଧ୍ୟମରେ । ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଲିପି ସହ ଡଃ ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ପରିକଳ୍ପିତ, ରୂପକ କୁମାର ପରିଡ଼ାଙ୍କ ସଙ୍ଗୀତ ସଂଯୋଜନା, ସ୍ୱର୍ଗତ ତାରାକାନ୍ତ ପଣ୍ଡାଙ୍କ ବାଦ୍ୟ ବ୍ୟବସ୍ଥା, ଆଦିତ୍ୟ ମହାପାତ୍ରଙ୍କ ଦ୍ୱାରା ବର୍ଣ୍ଣିତ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହା ପ୍ରସ୍ତୁତ କରାଯାଇଥିଲା । ଦେବୀପ୍ରସାଦ ମିଶ୍ର ଏବଂ ଦିଲୀପ କୁମାରଙ୍କ ଦ୍ୱାରା ଅତି ସୁନ୍ଦର ଆଲୋକ ବ୍ୟବସ୍ଥା, ସି ଆନନ୍ଦ କ୍ରିଷ୍ଣା ଏବଂ ଭରତ କ୍ରିଷ୍ଣାଙ୍କ ସାଉଣ୍ଡ ଇଞ୍ଜିନିୟରିଂ ସହିତସୃଜନର ଶିଳ୍ପୀମାନେ ଏହାକୁ ସୁନ୍ଦର ଭାବରେ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ନେପାଳରେ ଅଶାନ୍ତିର ନିଆଁ

# ଓଲି ସରକାର ପାଇଁ ସତର୍କ ଘଣ୍ଟି

ଭାରତର ନିକଟତମ ପଡ଼ୋଶୀ ତଥା ବିଶ୍ୱର ଏକମାତ୍ର ଘୋଷିତ ହିନ୍ଦୁ ରାଷ୍ଟ୍ର ନେପାଳରେ ଅଶାନ୍ତିର ନିଆଁ ଜଳିଛି। ଯୁଗଯୁଗ ଧରି ରାଜତନ୍ତ୍ର ଅଧିନରେ ରହିବା ପରେ ଅଳ୍ପ କିଛି ବର୍ଷ ପୂର୍ବେ ଏହି ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳିତ ହେବା ସଂଗେସଂଗେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଶାସନ କାର୍ଯ୍ୟ ପରିଚାଳନା କରିଆସୁଛନ୍ତି। ମାତ୍ର ଅଭିଜ୍ଞତା ଓ ଅନୁଭୂତିରୁ ଦେଖାଯାଉଛି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଶୈଳୀ ଓ ଅଗଣତାନ୍ତ୍ରିକ ମନୋଭାବ ଯୋଗୁଁ ନେପାଳରେ ଅଧିକାଂଶ ସମୟରେ ରାଜନୈତିକ ଅସ୍ଥିରତା ମୁଣ୍ଡ ଟେକୁଛି ଏବଂ ପୁନର୍ବାର ରାଜତନ୍ତ୍ର ଅଧିନକୁ ଫେରିଯିବାକୁ ଲୋକଙ୍କ ମଧ୍ୟରେ ବ୍ୟଗ୍ରତା ପ୍ରକାଶ ପାଇଲାଣି। ନେପାଳରେ ବର୍ତ୍ତମାନର କ୍ଷମତାସୀନ ସରକାର ଜନତାର ସ୍ୱରକୁ ଚପାଇଦେବା ସହିତ ନାନା ପ୍ରକାର ଦୁର୍ନୀତିମୂଳକ କାର୍ଯ୍ୟରେ ଜଡିତ ଥିବାର ଅଭିଯୋଗ ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଗଣମାଧ୍ୟମର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଦେଶର ୨୬ ଟି ସୋସିଆଲ ମିଡିଆ ଆପ୍ ଉପରେ ସେଠାକାର ସରକାର କଟକଣା ଲାଗୁ କରିଛନ୍ତି। ସରକାରୀ ସ୍ତରରେ ଚାଲିଥିବା ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ ଅଂକୁଶ ଦେଶବାସୀଙ୍କୁ ଅତି ମାତ୍ରାରେ କ୍ଷୁବ୍ଧ କରିବା ସଂଗେସଂଗେ ସୋମବାର ଏହା ବିରୋଧରେ ଦେଶବ୍ୟାପୀ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ କାଠମାଣ୍ଡୁ ସମେତ ସମସ୍ତ ପ୍ରମୁଖ ସହରରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି ଏବଂ ଅନେକ ସ୍ଥାନରେ ଏହା ହିଂସାର ରୂପ ନେଇଛି। ପୋଲିସ ଓ ଯୁବଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୦ରୁ ଅଧିକ ଲୋକ ଆହତ ହୋଇଥିବାର ଖବର ମିଳିଛି। ହିଂସାର ଏଭଳି ଉଗ୍ରରୂପ ନେପାଳ ସରକାରଙ୍କୁ ଭୟଭୀତ କରିବା ସଂଗେସଂଗେ ୨୬ ଟି ସୋସିଆଲ ମିଡିଆ ଉପରେ ଲାଗୁ ହୋଇଥିବା କଟକଣାକୁ ଅବିଳମ୍ବେ ପ୍ରତ୍ୟାହାର କରିନିଆଯାଇଛି। ମନ୍ତ୍ରୀମଣ୍ଡଳର ଏକ ଜରୁରିକାଳୀନ ବୈଠକ ବସି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡିକ ଉପରୁ ନିଷେଧାଦେଶକୁ ତତ୍‌କାଳ ଉଠାଇବାକୁ ନିଷ୍ପତ୍ତି ନିଆଗଲା। ବିକ୍ଷୋଭ ଓ ହିଂସାକୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଥିବାର ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜଧାନୀ କାଠମାଣ୍ଡୁରେ ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ବା ସଂସଦ ଭବନ ଆଡକୁ ମାଡି ଚାଲିଥିବାବେଳେ ସେମାନଙ୍କୁ ଅଟକାଇବା ଉଦ୍ଦେଶ୍ୟରେ ସୁରକ୍ଷା ବାହିନୀ ଗୁଳି ମାଡ କରିଥିଲେ। ସରକାର ଜାରି କରିଥିବା ନିଷେଧାଜ୍ଞାକୁ ବିକ୍ଷୁବ୍ଧ ଜନତା ତିଳେମାତ୍ର ଖାତିର କରିନଥିଲେ। କେତେକ ଆନ୍ଦୋଳନକାରୀ ସଂସଦ ଭବନ ଭିତରେ ପଶିଯାଇଥିବାର ଜଣାପଡିଛି। ପରିସ୍ଥିତି ଅଣାୟତ୍ତ ହେବାରୁ କାଠମାଣ୍ଡୁ ସମେତ ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦେଶରେ ଦେଖାଦେଇଥିବା ଅଶାନ୍ତି ଓ ଅରାଜକତା ପାଇଁ ନୈତିକତା ଦୃଷ୍ଟିରୁ ଗୃହମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଭାରତ-ନେପାଳ ସୀମାରେ ହାଇ ଆଲର୍ଟ ଜାରି କରାଯାଇ ସେହି ଦେଶର ସୀମା ସଂଲଗ୍ନ ବିହାରର ସାତଟି ଜିଲ୍ଲାର ସୀମାକୁ ସିଲ୍ କରିଦିଆଯାଇଛି। ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଓଲିଙ୍କ ସରକାର ନାନା ପ୍ରକାର ଦୁର୍ନୀତି ଏବଂ ପ୍ରିୟାପ୍ରୀତି ପୋଷଣରେ ଲିପ୍ତ ରହିବା ଯୋଗୁଁ ଯେଉଁ ଜନଅସନ୍ତୋଷ ମୁଣ୍ଡ ଟେକିଛି, ଏହି ବିକ୍ଷୋଭ ତାହାରି ସ୍ୱାଭାବିକ ପ୍ରତିକ୍ରିୟା। ନେଡି ଗୁଡ କହୁଣୀକୁ ବୋହିଯିବା ପୂର୍ବରୁ ଓଲି ସରକାର ଏଥିରୁ ଶିକ୍ଷା ଲାଭ କରି ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ସମୟର ଆହ୍ୱାନ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଜି.ଏସ୍.ଟି ସଂସ୍କାର ଏକ ଐତିହାସିକ ନିଷ୍ପତ୍ତି




ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨


ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ବିକ୍ରି ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଟିକସ ବଢାଇ ଭାରତକୁ ଅର୍ଥନୈତିକ କ୍ଷତି ରେ ପକାଇବା ପାଇଁ ପ୍ରୟାସ କରିଛନ୍ତି। କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ଏହାର ମୁହଁ ତୋଡ ଜବାବ ଦେବା ପାଇଁ ସାମଗ୍ରୀ ଏବଂ ସେବା ଟିକସ ଜିଏସଟି ସଂସ୍କାର ଆଣି ଏକ ଐତିହାସିକ ନିଷ୍ପତ୍ତି ନେଲେ ଯାହା ମଧ୍ୟବିତ ବର୍ଗ ଏବଂ ଗରିବଙ୍କୁ ଆଶ୍ୱସ୍ତି ଦେବ। ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ ତାରିଖରେ ନିଜ ଅଭିଭାଷଣରେ ସେବା ଟିକସ (ଜିଏସଟି) ହ୍ରାସକୁ ନେଇ ଯେଉଁ ସଙ୍କେତ ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରିଛନ୍ତି। ଜିଏସଟି ପରିଷଦ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଚଳିତ ୫, ୧୨, ୧୮ ଓ ୨୮ ପ୍ରତିଶତ ଭଳି ଟିକସ ସ୍ଲାବରୁ ଦ୍ୱିତୀୟ ଓ ଚତୁର୍ଥ ସ୍ଥାନ ଉଚ୍ଛେଦ କରାଯାଇଛି। କେବଳ ୫ ଓ ୧୮ ପ୍ରତିଶତ ହାରରେ ଶୁଳ୍କ ବ୍ୟବସ୍ଥା ରହିବ। ମଣିଷର ନିତ୍ୟ ନୈମିତିକ ବ୍ୟବହୃତ ଯାବତୀୟ ଦ୍ରବ୍ୟ ଉପରେ ମୁଖ୍ୟତଃ ଟିକସ ପୂର୍ବ ନିର୍ଦ୍ଧାରିତ ୧୨ ଶତାଂଶ ଓ ୧୮ ଶତାଂଶ ରୁ ୫ ପ୍ରତିଶତ ହ୍ରାସ ପାଇଛି। ଯାହା ସାଧାରଣ ଉପଭୋକ୍ତାଙ୍କୁ ବିଶେଷ ଭାବରେ ଉପକୃତ କରିବ। କୃଷି ଯନ୍ତ୍ରପାତି ଟ୍ରାକ୍ଟର ଏବଂ ଟ୍ରାକ୍ଟର ଅଂଶ ଉପରେ ୫ ପ୍ରତିଶତ ଟିକସ୍ ଲାଗୁହେବ। ପୂର୍ବରୁ ପ୍ରଚଳିତ ୧୬ ଗୋଟି ପରୋକ୍ଷ ଟିକସ୍‌ର ଅନ୍ତ ଘଟାଇ ସର୍ବଭାରତୀୟ ସ୍ତରରେ ଏକକ ଟିକସ ହିସାବରେ ଜି.ଏସ.ଟି ଆଇନର ପ୍ରବର୍ତ୍ତନ ପରେ ଏହା ଏବେ ଫଳପ୍ରଦ ସାବ୍ୟସ୍ତ ହେଉଛି। ଏଠାରେ ବିଚାରକୁ ନିଆଯାଇପାରେ ଯେ ବିସ୍କୁଟ, ଚା, ସାବୁନ, ରୁଟି ପରଟା, ପନିର ଛେନା, ପାଉରୁଟି , ପିଜା ଭଳି ଖାଦ୍ୟ ସାମଗ୍ରୀ ଓ ଛାତ୍ର, ଛାତ୍ରୀ ମାନଙ୍କ ବ୍ୟବହୃତ ନୋଟବୁକ, ପେନସିଲ, ଗ୍ଲୋବ ମ୍ୟାପ ଇତ୍ୟାଦି ପାଠ୍ୟ ଉପକରଣକୁ ଶୁଳ୍କ ମୁକ୍ତ କରିବା ଦ୍ୱାରା ଏ କ୍ଷେତ୍ରରେ କାରବାର ଅଧିକ ବଢିବ ବୋଲି ଆଶା କରାଯାଏ। ପୂର୍ବରୁ ସାଧାରଣ ଭାରତୀୟ ବ୍ୟବହାର କରୁଥିବା ଏୟାର କଣ୍ଡିସନ୍, କମ୍ପ୍ୟୁଟର, ଫ୍ରିଜ, ଓ ଛୋଟ କାର ଇତ୍ୟାଦି ଉପରେ ପ୍ରର୍ବରୁ ଲାଗିଥିବା ୨୮% ଟିକସ ହାର୍ କୁ ଘଟାଇ ୧୮% କରାଯାଇଛି ଯାହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦେକ୍ଷପ। ଆଉ ଏକ ବଳିଷ୍ଠ ପଦକ୍ଷେପ ଯାହା ମୋଦି ନେଲେ ତାହା ହେଲା ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଓ କ୍ୟାନସର ଭଳି ଦୁରୁହଃ ବ୍ୟାଧିର ଉପକାର ସକାଶେ ଆବଶ୍ୟକ ଔଷଧ ତଥା ଜୀବନରକ୍ଷାକାରୀ ଆଉ ୩୩ଟି ଜୀବନ ରକ୍ଷାକାରୀ ଔଷଧ ଶୂନ୍ୟ ଜି.ଏସ.ଟି ପରିସରକୁ ଆସିବା। ଏହା ଦେଶର ଲକ୍ଷ ଲକ୍ଷ ଲୋକଙ୍କୁ ଯେଉଁମାନେ ରୋଗରେ ପ୍ରପିଡିତ ସେମାନଙ୍କୁ ମାସିକ ଅର୍ଥ ବୋଝରୁ ଆଶ୍ୱସ୍ତି ପ୍ରଦାନ କରିବ। ସରକାର ନିଶାଦ୍ରବ୍ୟ ବା ତମାଖୁ ଜନିତ ଭାବେ ଅନ୍ତର୍ଭୁକ୍ତ ସିଗାରେଟ, ବିଡି, ଗୁଟ୍‌ଖା ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ମୃଦୁ ପାନୀୟ ଇତ୍ୟାଦି ଉପରେ ୪୦ ପ୍ରତିଶତ ଟିକସ କଷିଛନ୍ତି ଯାହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ। ପ୍ରଧାନମନ୍ତ୍ରୀଙ୍କ ଏହି ନୂତନ ବ୍ୟବସ୍ଥା ଲାଗୁ ହେବା ଫଳରେ କେବଳ ଗ୍ରାହକ ନୁହଁନ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀ, ଉଦ୍ୟୋଗୀ ଦୋକାନୀମାନେ ମଧ୍ୟ ଅଶ୍ୱସ୍ତ ହେବେ।

ଅଟୋମୋବାଇଲ କ୍ଷେତ୍ରରେ ପ୍ରାୟ ସବୁବର୍ଗକୁ ସୁହାଇଲା ଭଳି ଅର୍ଥମନ୍ତ୍ରୀ ଜିଏସଟି ସଂସ୍କାର ଆଣିଛନ୍ତି। ଫଳରେ ଆଗକୁ କାର, ମୋଟର ସାଇକଲ୍, ଅଟୋରିକ୍ସା ପଣ୍ୟବାହୀ ଯାନବାହାନର ବ୍ୟବସାୟରେ ଅଧିକ ବୃଦ୍ଧି ହେବ। ଏହି ଜ.ଏସ.ଟି ପ୍ରକ୍ରିୟାକୁ ସରକାର ପାର୍ବଣ ରିତୁରୁ କାର୍ଯ୍ୟକାରୀ କରିବେ। ପାର୍ବଣ ପର୍ବରେ ଏଭଳି ନିଷ୍ପତ୍ତି ଶିଳ୍ପ, କୃଷି ଉତ୍ପାଦନ କ୍ଷେତ୍ର, ଯୁବ ଉଦ୍ୟୋଗି ଓ ଗୃହିଣୀଙ୍କ ପାଇଁ ଆର୍ଥିକ ଲାଭପ୍ରଦ ହେବ। ଦ୍ରବ୍ୟ ଓ ସେବା ଆଦିର ବଜାର ମୂଲ୍ୟ ଆଧାରରେ 'ଜି.ଡି.ପି' ର ନାମମାତ୍ର ଆକାର ନିର୍ଦ୍ଧାରଣ କଳାପରେ ସେଥିରୁ ମୁଦ୍ରାସ୍ଫୀତିର ପ୍ରଭାବକୁ ବାଦ ଦେବାପରେ 'ଜିଡିପି'ର ବାସ୍ତବ ଆକାର ନିରୁପତ ହୋଇଥାଏ। ସରକାର ଆଜକୁ ଦୀର୍ଘ ଆଠ ବର୍ଷ ଧରି ଏହି 'ଜିଏସଟି'ପ୍ରକ୍ରିୟାକୁ ଅଣଦେଖା କରୁଥିଲେ ଯାହା ୧୦୧ ତମ ସମ୍ବିଧାନ ସଂଶୋଧନ ଜରିଆରେ ୨୦୧୭ ମସିହା ଜୁଲାଇ ମାସ ୧ ତାରିଖରେ ସାରା ଦେଶରେ ଲାଗୁ କରାଯାଇଥିଲା। ଯାହାର ଅନେକ ବିରୋଧ ହୋଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିଲେ କିନ୍ତୁ ହଠାତ୍ ଏପରି ପଦକ୍ଷେପ ନେବାର ଭିତିରି କାରଣ କ'ଣ ହୋଇପାରେ ? ଏହାର ଦୁଇଟି କାରଣ, ଗୋଟିଏ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ମାଡର ମୁହଁତୋଡ ଜବାବ ଦେଇ ଭାରତୀୟ ସାମଗ୍ରୀ ଗୁଡିକ ନିଜ ଦେଶରେ ବିକ୍ରୟ ସୁଯୋଗ ସୃଷ୍ଟି କରିବା ଏକ ବଳିଷ୍ଠ ପଦକ୍ଷେପ। ଏହାଫଳରେ ସରକାରଙ୍କ 'ଜିଏସଟି' ଆୟରେ ୫୦ ହଜାର କୋଟି ସଂକୋଚନ ଘଟିବାକୁ ଯାଉଥିବା ଭରଣା ପାଇଁ ସରକାରଙ୍କ ବିଶ୍ୱାସ ଯେ ମୂଲ୍ୟହ୍ରାସ ଘଟିବା କାରଣରୁ ଭାରତୀୟମାନଙ୍କ ପାଖରେ ଅର୍ଥର ପରିମାଣ ବୃଦ୍ଧି ପାଇବା ଫଳରେ ସେମାନେ ଅଧିକରୁ ଅଧିକ ଦ୍ରବ୍ୟ କ୍ରୟ କରିବା ଫଳରେ ସେହି ବାଟରେ ସରକାର ସଂକୋଚନା ଭରଣ କରିବେ। ଅନ୍ୟ ଏକ କାରଣ ହେଲା ଆଗକୁ ବିହାର ଓ ପଶ୍ଚିମ ବଙ୍ଗ ନିର୍ବାଚନ ଯାହାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ବୈତରଣୀ ପାର ହେବାକୁ ଏହା ଏକ ଚମତ୍କାର ପ୍ରୟାସ। ବିଗତ ଆଠ ବର୍ଷ ମଧ୍ୟରେ ୫୬ ଥର 'ଜିଏସଟି' ବୈଠକ ବସି ଏହାର ସଂଶୋଧନ ଓ ସଂସ୍କାର ଆଣିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇନଥିଲେ କିନ୍ତୁ ଆଜି ତାହା ଫଳପ୍ରଦ ହୋଇଛି। ଏହି ନୂତନ 'ଜିଏସଟି' ବ୍ୟବସ୍ଥା ଯେ ପ୍ରତ୍ୟେକ ଭାରତୀୟମାନଙ୍କୁ ନିଶ୍ଚୟ ଉଲ୍ଲସିତ କରିବ ଏବଂ ସେମାନେ ତାଙ୍କର ପାର୍ବଣ ପର୍ବକୁ ବଡ ଧୂମଧାମରେ ବିତାଇବେ। ବିଶ୍ୱରେ ୧୬୦ ଟି ଦେଶ ଏହି 'ଜିଏସଟି'ପ୍ରକ୍ରିୟାକୁ ଆପଣେଇ ସଫଳତା ଆଣିପାରିଛନ୍ତି କେବଳ ମାଲେସିଆ ଏହାକୁ ଗ୍ରହଣ ନକରି ସେ ତାର ନିଜର ନିଜସ୍ୱ ସେବା ଟିକସକୁ କର୍ଯ୍ୟକାରୀ କରାଇଛି। ମୋଦୀଙ୍କର ଏପରି ପଦକ୍ଷେପ ଫଳରେ ନିଜ ଦେଶର ଅର୍ଥ ନିଜ ଦେଶରେ ରହିବ।

# ଆତ୍ମହତ୍ୟା: ଦିନକୁ ଯାଉଛି ୧୨ ଜୀବନ




ପ୍ରଫେସର ଡା. ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩


ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ। ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି। ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି। ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା। ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି। ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା' ('Changing the Narrative on Suicide')। ଆତ୍ମହତ୍ୟା କରିଦେଲେ ଯେ ସବୁକିଛିର ସହଜ ସମାଧାନ ହୋଇଯାଏ ତାହାନୁହେଁ ବରଂ ଏହାର କୁପ୍ରଭାବ ତମାମ ପରିବାର, ସମ୍ପ୍ରଦାୟ, ସମାଜ ଓ ସର୍ବୋପରି ସମଗ୍ର ଦେଶ ଉପରେ ପଡ଼ିଥାଏ। ସାରା ଜୀବନ ଆପଣାର ଲୋକମାନେ ଝୁରି ହୁଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୭୨,୬୦୦୦ ଜଣ ଜୀବନ ହାରୁଛନ୍ତି। କେବଳ ସେତିକି ନୁହେଁ ଏହାଠାରୁ ଅଧିକ ଜଣ ବରଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଗତବର୍ଷ ପୃଥିବୀରେ ଯେତେଜଣଙ୍କର ଜୀବନ ଦୀପ ନିର୍ବାପିତ ହୋଇଥିଲା ସେମାନଙ୍କ ଭିତରୁ ୧୫ରୁ ୨୯ ବର୍ଷ ବୟସ୍କଙ୍କ ମୃତ୍ୟୁର ତୃତୀୟ ପ୍ରମୁଖ କାରଣଟି ହେଉଛି ଆତ୍ମହତ୍ୟା। ତେବେ ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି। ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୨୪ରେ ମୋଟ ୧,୯୪,୮୧୩ ଲୋକ ଆତ୍ମହତ୍ୟା କରିଛନ୍ତି ।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ – ୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

ଜୀବନର ହୁଏତ କିଛିକାଂଶର ରହସ୍ୟମୟ ଉପଲବ୍ଧିର ପ୍ରାପ୍ତିକୁ ହାତ ପାହାନ୍ତରୁ ବିଚ୍ୟୁତ ହୋଇଯାଇଥିବାରୁ କିମ୍ବା କିଛି ଜୀବନ ସମସ୍ୟା ଅସମାହିତ ରହିଗଲେ ବା ସେପରି କଷ୍ଟକର ପରିସ୍ଥିତିଟି ଅତ୍ୟନ୍ତ ଦୁଃଖଦ ଓ ଉତ୍କଟ ହୋଇଗଲେ ମନୁଷ୍ୟ ଆତ୍ମହତ୍ୟା କରିଥାଏ। ତେବେ ବାସ୍ତବ କଥା ହେଉଛି ଆତ୍ମହତ୍ୟାକୁ ରୋକିବା ପାଇଁ ସବୁକିଛି ନିନ୍ଦା, ଅପବାଦ, ସଂକୋଚ, ଲଜ୍ୟାକୁ ପଛରେ ରଖି ନିଃସଙ୍କୋଚରେ ଆଲୋଚନା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଯାହାଦ୍ୱାରା ସମସ୍ୟାଟି ଯେଉଁ ପ୍ରକାର ବା ଯାହା ହେଉଥାଉନା କାହିଁକି ହୁଏତ ଏହା ଆଲୋଚନାର ପରିଧିକୁ ଆସିଲେ ଜଣେ ହୁଏତ ଜୀବନ ହାରିବା ପରି ନିଷ୍ଠୁର ନିଷ୍ପତ୍ତିରୁ ବିରତ ହୋଇପାରେ। କାରଣ ସମସ୍ୟାଟି ଯେତେ କଠିନ ବା ଗମ୍ଭୀର ହେଉନା କାହିଁକି ଏହା ତ ଚିରସ୍ଥାୟୀ ନୁହେଁ ନା! ଯାହାକି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିବା ଅନେକଙ୍କ କ୍ଷେତ୍ରରେ ଦେଖାଯାଇଛି କାରଣ ସେହିମାନେ ପରବର୍ତ୍ତୀ ସମୟରେ ହସଖୁସିର ସଂସାରକୁ ଆଗେଇ ନେଇ ସନ୍ତୋଷଜନକ ଜୀବନ ଅତିବାହିତ କରିଛନ୍ତି। ତେବେ ବିଷାଦ ଓ ନିଶାଦ୍ରବ୍ୟର ବ୍ୟବହାର ହିଁ ଆତ୍ମହତ୍ୟାଟିକୁ ମାନସିକ ବିକୃତି ସହିତ ଯୋଡ଼ି ଦେଇଥାଏ। ଏହାସହ ଅସୁସ୍ଥତା ହେଉ ବା ସମ୍ପର୍କ ବିଭ୍ରାଟ, ଆର୍ଥିକ ସମସ୍ୟା ହେଉ ବା କେଉଁ ପରିଜନର ଅକାଳ ପରଲୋକ ଏଭଳି ଆକସ୍ମିକ ସଙ୍କଟ କିଛିକାଂଶରେ ଆତ୍ମହତ୍ୟା କରିବା ପାଇଁ ପ୍ରେରିତ କରିଥାଏ। କିନ୍ତୁ ଜୀବନ ହିଁ ଜୀବନ ଏହାକୁ ବୁଝିବା କଥା।

# ମହାନ୍ ବିପ୍ଳବୀ- ବାଘା ଯତୀନ୍




ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ରଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରବିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ



ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତ ପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଂଚାୟତ ଅନ୍ତର୍ଗତ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ରାଷ୍ଟ୍ରପତି ପୁରସ୍କାର ଗତ ଗୁରୁ ଦିବସରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଉତ୍ତମ ଶିକ୍ଷକ ଭାବେ ପୁରସ୍କାର ଗ୍ରହଣ କରିବା ପରେ ନିଜ ଅଞ୍ଚଳ ତଥା ନିଜ ସ୍କୁଲ ମାଟି କଣ୍ଡେଲ ଗ୍ରାମରେ ପହଞ୍ଚିଥିଲେ। ଶିକ୍ଷକଙ୍କ ଏପରି ସଫଳତାକୁ ଗ୍ରାମବାସୀ ଅତି ଆନନ୍ଦ ସହକାରେ ପାଳନ କରିଥିଲେ। ଏଥିନିମନ୍ତେ ଶିକ୍ଷକ ଶ୍ରୀ ରଣାଙ୍କୁ ମହେଶ୍ୱରପୁର ଛକ ଠାରୁ କଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ବାଜା, ବାଣ ଏବଂ ରୋଷଣୀ ମାଧ୍ୟମରେ ଆଦିବାସୀ ସଙ୍ଗୀତର ତାଳେ ତାଳେ ଢେମସା ନୃତ୍ୟ କରି ସ୍ୱାଗତ ଜଣାଇ ଏକ ବିଶାଳ ରାଲି ମାଧ୍ୟମରେ ଶିକ୍ଷକଙ୍କୁ ନିଜ ଅଞ୍ଚଳକୁ ସ୍ୱାଗତ ଜଣାଇଥିଲେ ଏହି ୨ ଗ୍ରାମବାସୀ। କୁନି କୁନି ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଆନନ୍ଦରେ ବିଭୋର ହୋଇ ନାଚି ନିଜର ଆଦର୍ଶ ଶିକ୍ଷକଙ୍କୁ ସ୍କୁଲ ପରିସରକୁ ପାଛୋଟି ନେଇଥିବା ଦେଖିବାକୁ ମିଳିଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବ ସମୟରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରିଣୀ ଗାୟତ୍ରୀ ଦେବୀ ଏବଂ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



### ମନମୋହନଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଜୋରଦାର

# ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ନେଇ ବିଜେପିରେ ମିଶିବେ ବିଷ୍ଣୁ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆସନ୍ତା ୧୧ରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦିପୁର ପଞ୍ଚାୟତ ଆସୁଛନ୍ତି । ଶ୍ରୀ ସାମଲଙ୍କ ଏହା ପ୍ରଥମ ବିଞ୍ଝାରପୁର ଗସ୍ତ। ଦଶରଥପୁର ବ୍ଲକ ଗ୍ରାମ ନନ୍ଦିପୁରଠାରେ ଏକ ବଡ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ଦଶରଥପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ମହାପାତ୍ର ନିଜର ୫ ହଜାରରୁ ଅଧିକ ସମର୍ଥକଙ୍କ ସହ ବିଜେପିରେ ମିଶିବେ ବୋଲି ବିଷ୍ଣୁଙ୍କ ଶିବିରରୁ ଯୁବ ନେତା ଜୟନ୍ତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ମୁତାବକ ରାଜ୍ୟ ସଭାପତି ଶ୍ରୀ ସାମଲ ୧୧ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ନନ୍ଦିପୁର ପହଞ୍ଚିବେ । ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ବାଜା ବଜାଇ ବାଣ ଫୁଟାଇ ହଜାର ହଜାର ଲୋକ ଚଣ୍ଡିଗୋଳ ସଭାସ୍ଥଳକୁ ପାଛୋଟି ନେବେ। ତାଙ୍କ ସହିତ ଜିଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ, ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ, ବିଧାୟକ ଅମର ନାୟକ, ଆକାଶ ଦାସ ନାୟକ ଓ ହିମାଂଶୁ ଶେଖର ସାହୁ, ବିଧାୟକ ପ୍ରାର୍ଥୀ ଉମେଶ ଜେନା, ବବିତା ମଲ୍ଲିକ ଓ ଗୌତମ ରାୟ ପ୍ରମୁଖ ନେତା ଉପସ୍ଥିତ ରହିବେ। ବିଷ୍ଣୁ ମହାପାତ୍ର ବିଜୁ ଜନତା ଦଳର ଜଣେ ଟାଣୁଆ ନେତା। ସୁସଂଗଠକ ଭାବରେ ପରିଚିତ ଶ୍ରୀ ମହାପାତ୍ର ଏବେ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଛନ୍ତି। ୫ ହଜାରରୁ ଅଧିକ ସମର୍ଥକଙ୍କ ସହ ସେ ପଦ୍ମ ଧରିବେ। ରାଜ୍ୟ ସଭାପତିଙ୍କ ଗସ୍ତ ଓ ବଡ ଧରଣର ମିଶ୍ରଣ ପର୍ବକୁ ସରସ ସୁନ୍ଦର ଓ ବ୍ୟବସ୍ଥିତ ଢଙ୍ଗରେ କରାଯାଉଛି। ବିଭିନ୍ନ ଜାଗାରେ ତୋରଣ, ହୋର୍ଡିଂ, କଟ ଆଉଟ୍ ଲଗା ଯାଉଛି। ଗେରୁଆମୟ ହୋଇ ଉଠିଛି ନନ୍ଦିପୁର ଓ ଏହାର ପାଖ ପଞ୍ଚାୟତ । ବରିଷ୍ଠ ବିଜେପି ନେତା ଶଶଧର ବେହୂରିଆ, ସୁବାସ ଚନ୍ଦ୍ର ମହାନ୍ତି, ନିରଞ୍ଜନ ବେହୁରିଆ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପ୍ରାକ୍ତନ ଜିଲା ସଭାପତି ଗୌତମ ରାୟ, ନିର୍ବାଚନ ମଣ୍ଡଳୀ ନେତ୍ରୀ ବବିତା ମଲ୍ଲିକ ପ୍ରସ୍ତୁତି ନେଇ ନିୟମିତ ଅନୁଧ୍ୟାନ କରୁଛନ୍ତି । ପ୍ରଥମ ଥର ପାଇଁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ଅନ୍ୟ ଦଳର ନେତାଙ୍କ ମିଶ୍ରଣ ପାଇଁ ସଭାପତି ଆସିବା ବିଷ୍ଣୁଙ୍କ ଦବଦବାକୁ ସ୍ପଷ୍ଟ କରିଛି।

### ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଅଭିଯାନ

# ୧୦୦ଜଣଙ୍କୁ ପୋଷ୍ୟ ରୋଗୀ ଭାବେ ଗ୍ରହଣ କଲା ଇଫ୍‌କୋ



ପାରାଦୀପ(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ନିକ୍ଷୟ ମିତ୍ର ଭାବେ ଇଫକୋ ପାରାଦୀପ ନିକ୍ଷୟ ଦିବସ ପାଳନର ୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଗତସିଂହପୁର ଜିଲ୍ଲାର ୪ଟି ବ୍ଲକ ଏରସାମା, ବାଲିକୁଦା, ନାଉଗାଁ ଏବଂ ବିରିଡିର ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ଏକ ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରି ୧୦୦ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିକ୍ଷୟ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଶ୍ମିରଞ୍ଜନ ପଟ୍ଟନାୟକ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ବରିଷ୍ଠ ଚିକିତ୍ସା ସୁପରଭାଇଜର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ଏମ୍ ଡି ଓ୍ୱାକର ଅଲି - ଡିପିପିଏମସି, ବିପିନ ବିହାରୀ ପାତ୍ର-ଡିପିସି, ପ୍ରମୁଖ ଉପସ୍ଥିତ ଥିଲେ। ପିଏମଟିବିଏମ୍‌ଏ ଅଧୀନରେ, ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ (ନି-କ୍ଷୟ ପୋଷଣ ଅଭିଯାନ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ, ସହନଶୀଳତା ବୃଦ୍ଧି କରେ, ପୁନଃରୁଦ୍ଧାରକୁ ତ୍ୱରାନ୍ୱିତ କରେ, ପୁଷ୍ଟିହୀନତାର ଆଶଙ୍କାକୁ ହ୍ରାସ କରେ, ଅତ୍ୟାବଶ୍ୟକ ପୋଷକତତ୍ତ୍ୱ ଏବଂ ଶକ୍ତି-ଘନ ସପ୍ଲିମେଣ୍ଟ ଯୋଗାଇ ଚିକିତ୍ସା ପରିତ୍ୟାଗ କରିବାର ସମ୍ଭାବନାକୁ ହ୍ରାସ କରିଥାଏ । ପୁଷ୍ଟିକର ଖାଦ୍ୟ ବାସ୍କେଟର ଲକ୍ଷ୍ୟ, ଉଦ୍ଦେଶ୍ୟ, ମୃତ୍ୟୁ ଏବଂ ରୋଗ ହ୍ରାସ କରିଥାଏ । ତେବେ ପରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ପଦକ୍ଷେପ ଅନ୍ୟ ଶିଳ୍ପସଂସ୍ଥା ପାଇଁ ଏକ ବୃହତ ଉଦାହରଣ ସୃଷ୍ଟି କରିଛି ।

## ବିଲରେ ସାର ପକାଇବା ବେଳେ ଚାଷୀ ମୃତ

ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପିରାହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଗୋକୁଳପୁର ଗ୍ରାମର ଗୋପୀନାଥ ମହାକୁଡ଼ (୬୨)ନାମକ ଜଣେ ଚାଷୀଙ୍କର ବିଲରେ ସାର ପକାଉଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ପ୍ରକାଶ ଯେ, ଚାଷୀ ଗୋପୀନାଥ ଘରପାଖ ବିଲକୁ ପତ୍ନୀଙ୍କ ସହ ସାର ପକାଇବାକୁ ଯାଇଥିଲେ। ସାର ପକାଉଥିବା ବେଳେ ଗୋପୀନାଥ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତିହିଡି ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଚାଷୀ ଗୋପୀନାଥଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି ।

## ବାଚସ୍ପତିଙ୍କ ଉଦ୍ୟମରେ ସୁରତରୁ ଫେରୁଛି ଶ୍ରମିକଙ୍କ ଶବ

ରଣପୁର(ଭାସ୍କର ନ୍ୟୁଜ): ଓଡିଶାରୁ ଅନେକ ଶ୍ରମିକ ରାଜ୍ୟ ବାହାରକୁ ଶ୍ରମ କରିବାକୁ ଯାଇ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁ ହେଲେ ସେମାନଙ୍କ ଶବ ଜନ୍ମମାଟିକୁ ଫେରି ପାରେ ନାହିଁ। କିନ୍ତୁ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନଂ ୱାର୍ଡ ଅମଲାପଡାର ସୁର୍ଯ୍ୟକାନ୍ତ ସାମନ୍ତରାୟ(୩୭)ଙ୍କ ଶବ ସୁରତରୁ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତିଙ୍କ ଅନୁରୋଧ କ୍ରମେ ବାଚସ୍ପତି ସୁରମା ପାଢ଼ୀଙ୍କ ଉଦ୍ୟମରେ ଆମ୍ବୁଲାନ୍ସ ଯୋଗେ ଜନ୍ମମାଟି ରଣପୁରକୁ ଫେରୁଥିବା ଜଣାପଡିଛି। ୧୦ରେ ଶବ ପହଞ୍ଚିବ ବୋଲି ସୁଚନା ଦେଇ ନୟାଗଡ଼ ଶ୍ରମ ଅଧିକାରୀ ସହାୟତା ପାଇଁ ସମସ୍ତ କାଗଜାତ ସଂଗ୍ରହ କରିଛନ୍ତି। ସୁର୍ଯ୍ୟକାନ୍ତ ସୁରତରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏକ ମଟର ସାଇକେଲ ଦୁର୍ଘଟଣାରେ ଗତ ୮ ତାରିଖରେ ମୃତ୍ୟୁ ଘଟିଥିଲା। ଘରେ ତାଙ୍କର ସ୍ତ୍ରୀ ଓ ୧୨ବର୍ଷର ଝିଅ ସହ ପରିବାର ଓ ପଡୋଶୀଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ବାଚସ୍ପତି ପାଢ଼ୀଙ୍କ ଉଦ୍ୟମକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

## ଟ୍ୟାଙ୍କରକୁ ପିଟିଲା ଆମ ବସ୍, ୭ ଗୁରୁତର



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଚଟିଲୋ ଗଡ଼ା ନିକଟରେ ଦୁର୍ଘଟଣା ଘଟି ୭ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, କଟକରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ଆମ ବସ୍ ଟାଙ୍ଗୀ ଚଟିଲୋ ଗଡ଼ା ନିକଟରେ ପୂର୍ବରୁ ଠିଆ ହୋଇଥିବା ଏକ ଟ୍ୟାଙ୍କର ପଛପଟେ ପିଟିବା ଫଳରେ ବସ୍‌ରେ ଥିବା ୩୦ ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଟାଙ୍ଗୀ ପୋଲିସ ଏବଂ ଏନ୍‌ଏଚ୍‌ଆଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯିବା ସହ ଆହତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତରଙ୍କୁ କଟକ ବଡ଼ମେଡ଼ିକାଲ ଚିକିତ୍ସା ନିମନ୍ତେ ପଠାଇଥିବା ଜଣାପଡ଼ିଛି । ଆମ ବସ୍‌ର ଡ୍ରାଇଭର ଗାଡ଼ିଚାଳନା ପାଇଁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ



ଗରଦପୁର(ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତିରେ ଗରଦପୁର ତହସିଲ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତ ଚାଉଁଳିଆ ଗ୍ରାମର ହରେଶ ସେଠୀଙ୍କ ଦୁଇ ବଖରା ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି । ଖବର ପାଇ କୋରୁଆ ଅଗ୍ନିଶ୍ରମ ବାହାନୀ ବିଳମ୍ବରେ ପହଞ୍ଚିବା ହେତୁ ଘରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ନିଆଁର ପ୍ରକୋପ ଏତେ ଥିଲା ଯେ ଗ୍ରାମବାସୀ ପାଣି ପକାଇ ଯେତେ ଚେଷ୍ଟା କଲେ ବି କେବଳ ଜୀବନ ବ୍ୟତୀତ ଅନ୍ୟ କିଛି ଉଦ୍ଧାର କରି ପାରିନାହାଁନ୍ତି । ତେବେ ଆନୁମାନିକ ୨ ଲକ୍ଷ ଟଙ୍କାର ବିଭିନ୍ନ ଘରକରଣା ସାମଗ୍ରୀ ସହ ଘରେ ଥିବା ଧାନ, ଚାଉଳ, ଲୁଗାପଟା ଓ ବାସନକୁସନ ପୋଡି ଯାଇଥିବା ଜଣାପଡିଛି । ତେବେ ନିଆଁ କେଉଁ କାରଣରୁ ଲାଗିଲା ଜଣା ପଡ଼ିନଥିଲେ ବି ବର୍ଷାରେ ଓଦା ହୋଇଯାଇଥିବା ଜାଳେଣି କାଠକୁଟାକୁ ରୋଷେଇ ସାରି ଚୂଲି ଉପରେ ରଖିଥିବା ହେତୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ଏହି ଦୁଃଖଦ ଖବର ପାଇ ଗରଦପୁର ବ୍ଲକ କଂଗ୍ରେସ ନେତା ତଥା ଉକ୍ତ ପଞ୍ଚାୟତର ସଭାପତି ରମାକାନ୍ତ ସ୍ୱାଇଁ ଅଗ୍ନି ବିପନ୍ନ ହରେଶ ସେଠିଙ୍କୁ ପାଲ ଓ ଶୁଖିଲା ଖାଦ୍ୟ ପଦାର୍ଥ ପ୍ରଦାନ କରିଛନ୍ତି। ଏହାଛଡା ହାପି ଲିଭିଙ୍ଗ ଫାଉଣ୍ଡେସନ କେନ୍ଦ୍ରାପଡ଼ା ପକ୍ଷରୁ କର୍ମକର୍ତ୍ତା ଅଶୋକ ଜେନା, କିଶୋର ନାୟକ, ପ୍ରମୋଦ ପତି, ଧୀରେନ୍ ନାୟକ, ରତ୍ନାକର ରାଉତ ପ୍ରମୁଖ ପୀଡ଼ିତଙ୍କ ଘରେ ୫ ହଜାର ଟଙ୍କା ସହ ଖାଦ୍ୟ ପଦାର୍ଥ ପ୍ରଦାନ କରିଛନ୍ତି ।

## ସୋଭନେଶ୍ୱରରୁ ନିଆଳି ହାଟ ଆଣ୍ଠୁଏ ପାଣି

ନିଆଳି(ଭାସ୍କର ନ୍ୟୁଜ): ଦୀପ ତଳ ଅନ୍ଧାର ଭଳି ନିଆଳି ବ୍ଲକରୁ ମାତ୍ର ୫ ଶହ ମିଟର ଦୂରରେ ନିଆଳି ହାଟ। ହେଲେ ନୂଆ ଗାଁ ପଞ୍ଚାୟତ ଶୋଭନେଶ୍ୱର ମନ୍ଦିରରୁ ନିଆଳି ହାଟକୁ ପଡ଼ିଥିବା ରାସ୍ତାଟି ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣିରେ ଛିଡା ହେଉଛି। ଏମିତିକି ଏହି ରାସ୍ତାଟି ଖାଲ ଖମା ରେ ପରିଣତ ହୋଇଛି। ଦୈନନ୍ଦିନ ଏହି ରାସ୍ତାରେ ହଜାରେ ହଜାରେ ଲୋକ ଯାତାୟାତ କରୁଥିବା ବେଳେ ପ୍ରଭୁ ଶୋଭାନେଶ୍ୱରଙ୍କ ରୀତି ନୀତିରେ ସ୍ନାନ କରିବାକୁ ହେଉ ଅବା ବିଭିନ୍ନ ରୀତିନୀତି ଯାତ୍ରା ସମ୍ପନ୍ନ ପାଇଁ ଏହି ରାସ୍ତା ଦେଇ ଯିବାକୁ ହୋଇଥାଏ। ଏହି ରାସ୍ତାଟି ନିଆଳି ଓ ନୂଆ ଗାଁ ଦୁଇଟି ପଞ୍ଚାୟତର ସୀମାରେ ଯାଉଥିବାରୁ ଉଭୟ ପଂଚାୟତର ସରପଞ୍ଚ ଓ ନିଆଳି ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ହେଉ କି ଅନ୍ୟ କେଉଁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହେଉଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ କେଦିଲୋସ୍ଥିତ ମଦରଟେରେସା ମୁକବଧିର ଉଚ୍ଚ ବିଦ୍ୟାଳୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅସୁରେଶ୍ୱରର ବିଶିଷ୍ଟ ସମାଜସେବୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସେକ ସବିର ମହମ୍ମଦଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଧ୍ରୁବଚରଣ ନାୟକ ସଭାପତିତ୍ୱ କରିଥିଲେ। ସଭାରେ ପ୍ରଧାନ ଶିକ୍ଷକ କେଦାର କୁମାର ସେଠୀ, ଶିକ୍ଷକ ମନୋରଞ୍ଜନ ରାଉତଙ୍କ ସମେତ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଛାତ୍ରଛାତ୍ରୀ ଯୋଗଦାନ କରି ସ୍ୱର୍ଗତ ସବିର ମହମ୍ମଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷକ ରାସରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଚିନ୍ମୟ ପଣ୍ଡା, ରଶ୍ମିତା ନାୟକ, ଅମିତ କୁମାର ସାମଲ ପ୍ରମୁଖ ଏହି ଶୋକସଭାରେ ଉପସ୍ଥିତ ଥିଲେ।

## ନିମାପଡ଼ାରେ ଅନ୍ନଦାତା ସମ୍ମିଳନୀ ଅନୁଷ୍ଠିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଗାରେଡ଼ାସ୍ଥିତ ଅନ୍ନଦାତା । ଦୀର୍ଘବର୍ଷ ହେବ ଆନ୍ଦୋଳନ କରି ମଧ୍ୟ ଚାଷୀଙ୍କୁ ମିଳୁନି ଉଚିତ ନ୍ୟାୟ । ଯାହାକୁ ନେଇ ଚାଷୀଙ୍କୁ ଅଣଦେଖା କରାଯାଉଛି । ଏହି ପରିପ୍ରେକ୍ଷୀରେ ନିମାପଡ଼ା ବିଶ୍ୱେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ଅନ୍ନଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଶତାଧିକ ଅନ୍ନଦାତା ଯୋଗ ଦେଇଥିବା ବେଳେ ରାଜ୍ୟସ୍ତରୀୟ ବୈଠକରେ ସଙ୍ଘ ଚୟନ ପ୍ରକ୍ରିୟା କରିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଭିଲ୍ଲିଗ୍ରାମ ପଞ୍ଚାୟତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନ୍ନଦାତା (କୃଷକ) ସଂଗଠନର ପୁରୀ ଜିଲ୍ଲା କମିଟି ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନ ରାଜ୍ୟ ସଭାପତି ଭରତ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିପିନ ବିହାରୀ ସ୍ୱାଇଁଙ୍କୁ ଜିଲ୍ଲା ସଭାପତି ଭାବେ ଚୟନ କରାଯାଇଛି । ଆଗାମୀ ଦିନରେ ପୁରୀ ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ପବିତ୍ର ରାଉତରାୟ, ପୁରୀ ସଦର ବ୍ଲକ୍ ସଭାପତି ଅମର ସ୍ୱାଇଁ, ସତ୍ୟବାଦୀ ବ୍ଲକ୍ ସଭାପତି ସୁଶାନ୍ତ କୁମାର ନାୟକ, ପୁରୀ ଜିଲ୍ଲା ମହିଳା ସଭାପତି ମାନା କୁମାରୀ ସାହୁ, ସଂଗଠନର ଉପଦେଷ୍ଟା ଇଶ୍ୱର ପ୍ରଧାନ, ସହ-ଉପଦେଷ୍ଟା ସୁଧୀର ମହାନ୍ତି, ପିପିଲି ବ୍ଲକ୍ ସଭାପତି କୈଳାସ ଚନ୍ଦ୍ର ସାହୁ, କଣାସ ବ୍ଲକ୍ ସଭାପତି ଗୌରାଙ୍ଗ ସାହୁ, ବିନିଲତା କାଣ୍ଡି, କବିତା ଦାସ, ଦେବରାଜ ସ୍ୱାଇଁ, ଉମା ବଲ୍ଲଭ ସାହୁ, ମୀନତି ସ୍ୱାଇଁ, ପ୍ୟାରିସ ପାତ୍ର ପ୍ରମୁଖ କୃଷକଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ସଂଗଠନକୁ ଜିଲ୍ଲାସ୍ତରରୁ ମଜବୁତ କରାଯାଇ ଚାଷୀଙ୍କ ଦାବି ସରକାରଙ୍କ ନିକଟରେ ଉତ୍ଥାପନ ପାଇଁ ଆଲୋଚନା କରାଯାଇଥିଲା ।

## ଶ୍ରମିକ ଛଟେଇ ଓ ୫ ଦଫା ଦାବି ନେଇ ଧର୍ମଘଟ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି)ର ୨୦୦ରୁ ଉର୍ଦ୍ଧ ଶ୍ରମିକ ୫ ଦଫା ଦାବି ପୂରଣ ପାଇଁ ବନ୍ଦରର ୫ ନମ୍ବର କମ୍ପାନୀ ଫାଟକ ନିକଟରେ ମଙ୍ଗଳବାରରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରି ଅନିର୍ଦ୍ଦିଷ୍ଟ ଧର୍ମଘଟ ଓ ଧାରଣା ଦେଇଛନ୍ତି । ପାରାଦୀପ ଶ୍ରମିକ କର୍ମଚାରୀ ୟୁନିଅନର ଅଭିଯୋଗ ଅନୁଯାୟୀ ପିଆଇସିଟି କମ୍ପାନୀ ଶ୍ରମ ଆଇନ ଉଲଂଘନ କରି ୩୨ ଶ୍ରମିକଙ୍କୁ କାର୍ଯ୍ୟରୁ ବେଆଇନ ଭାବେ ଛଟେଇ କରିଛି । ଏହାର ପ୍ରତିବାଦରେ ଗତ ଜୁଲାଇ ୯ରେ ୟୁନିଅନ ପକ୍ଷରୁ ପିଆଇସିଟି କର୍ତ୍ତୃପକ୍ଷଙ୍କୁ ଧର୍ମଘଟ ନୋଟିସ ଦିଆଯାଇଥିଲା ଏବଂ କେନ୍ଦ୍ର ଶ୍ରମ ବିଭାଗ ଅଧିକାରୀଙ୍କ ପକ୍ଷରୁ ଏହା ଉପରେ ବାରମ୍ବାର ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ ପିଆଇସିଟି କର୍ତ୍ତୃପକ୍ଷଙ୍କ ଅସହଯୋଗ ନୀତି ଯୋଗୁଁ କୌଣସି ସୁଫଳ ମିଳିନଥିଲା । ଅତୀତରେ କମ୍ପାନୀ ପକ୍ଷରୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଅନେକ ନିରୀହ ଶ୍ରମିକ ଓ ନେତାଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ଯିବାକୁ ପଡିଥିଲା ବୋଲି ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଛି । ଶେଷରେ ୟୁନିଅନ ପକ୍ଷରୁ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଅନ୍ୟ ଶ୍ରମିକଙ୍କ ପରି ସମାନ କାମକୁ ସମାନ ମଜୁରୀ ପ୍ରଦାନ, ପାରାଦୀପ ବନ୍ଦର ସହ କମ୍ପାନୀର ଚୁକ୍ତି ରଦ୍ଦ ଇତ୍ୟାଦି ୫ ଦଫା ଦାବି ପୂରଣ ପର୍ଯ୍ୟନ୍ତ ଏହି ଅନିର୍ଦ୍ଦିଷ୍ଟ ଧର୍ମଘଟ ଓ ଧାରଣା ଚାଲୁ ରହିବ ବୋଲି ୟୁନିଅନର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀଙ୍କ ପକ୍ଷରୁ ପ୍ରକାଶ ।

## ବଡଚଣା ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହେଲା ପରେ ଖାଲି ପଡିଥିବା ଥାନା ଅଧିକାରୀଙ୍କ ସ୍ଥାନରେ ସୁରେନ୍ଦ୍ର କୁମାର ଜେନା ଯୋଗ ଦେଇଛନ୍ତି। ପୂର୍ବରୁ ଶ୍ରୀ ଜେନା ଚଣ୍ଡିଖୋଲ ଫାଣ୍ଡିରେ ଦକ୍ଷତାର ସହିତ କାର୍ଯ୍ୟ କରି ଜନସାଧାରଣଙ୍କ ପ୍ରିୟ ପାତ୍ର ହୋଇଥିଲେ। ଚଣ୍ଡିଖୋଲ ଛକରେ ଟ୍ରାଫିକ ବ୍ୟବସ୍ଥା ସୁଧାର, ଚୋରୀ ଡକାୟତି ରାହାଜାନୀ, ଚୋରାମଦ କାରବାର ରୋକିବାରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। କାର୍ଯ୍ୟରେ ଯୋଗଦେଇ ପରେ ଜନସାଧାରଣ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସତ୍‌ପରାମର୍ଶ, ନିର୍ଭୀକ ଓ ନିରପେକ୍ଷ ନ୍ୟାୟ ପ୍ରଦାନ କରିବା, ଆଇନ୍ ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ। ଆଜି ବଡଚଣା ଥାନାରେ ଯୁବନେତା ଖଗେଶ୍ୱର ସାହୁ, ସୁଭାଷ ତ୍ରିପାଠୀ, କିଶୋର ବାରିକ, ରତିକାନ୍ତ ବେହେରା, ଅନନ୍ତ ଦାସ, ସୁଶାନ୍ତ ସାମଲ, ଅମିୟ କୁମାର ବରାଳ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ଛେଳି କିଣା ଦୁର୍ନୀତିରୁ ବାହାରୁଛି ଧୂଆଁ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ମିଶନ ଶକ୍ତି ଛେଳି କିଣାରେ ମହାଦୁର୍ନୀତି ଘଟିଥିବା ଜଣାପଡ଼ିଛି । କେତେକ ବ୍ୟକ୍ତିଙ୍କର ଛେଳି ଫଟୋ ଉଠାଇ ଛେଳି କିଣା ଯାଇଛି ବୋଲି ଦର୍ଶାଯାଇ ଅର୍ଥ ହଡ଼ପ କରାଯାଇଥିବା ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପୂର୍ବ ସରକାର ଅମଳରେ ଛେଳିକିଣାରେ ମହାଦୁର୍ନୀତି ଘଟିଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟି ଥିବା ବେଳେ ଏହି ଘଟଣାକୁ ବ୍ଲକ୍ ସ୍ତରରେ ଚାପି ଦିଆଯାଇଛି । ନାଲି ଫାଇଲ ତଳେ ଏହି ଦୁର୍ନୀତି ଘୋଡ଼େଇ ହେଇ ରହିଥିଲେ ମଧ୍ୟ ବର୍ତ୍ତମାନ ଏହି ଦୁର୍ନୀତିର ନିଆଁ କୁହୁଳିଛି । କେତେକ ବ୍ୟକ୍ତି ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି ବର୍ତ୍ତମାନର ବିଜେପି ସରକାର ନିମାପଡ଼ା ବ୍ଲକ୍‌ର ଦୁର୍ନୀତିର ପେଡ଼ି ଖୋଲିଲେ ବହୁ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ବିଜେଡ଼ି ସରକାର ଅମଳରେ ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ଗ୍ରୁପ୍‌କୁ ଛେଳି କିଣାରେ ମହାଦୁର୍ନୀତି ଘଟିଥିବା ବେଳେ ଅରିଷଣ୍ଡ ପଞ୍ଚାୟତର କେତେକ ବ୍ୟକ୍ତିଙ୍କ ଛେଳିର ଫଟୋ ଉଠାଇ ନିଆଯାଇଥିବା ବେଳେ ଛେଳି କିଣା ନାମରେ ତଞ୍ଚକତା କରାଯାଇଛି । ଯାହାକୁ ନେଇ ଏବେ ଅସନ୍ତୋଷ ବଢ଼ି ଚାଲିଛି । ସେତେବେଳର ମିଶନ ଶକ୍ତି ଦାୟିତ୍ୱରେ ଥିବା ମହିଳା ବଦଳି ହୋଇ ଯାଇଥିବା ବେଳେ କେଉଁ ଗୋଷ୍ଠୀ ପାଖରେ ବର୍ତ୍ତମାନ କେତୋଟି ଛେଳି ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରତ୍ୟେକ ପଞ୍ଚାୟତରେ ଏପରି ଦୁର୍ନୀତିର ପେଡ଼ି ରହିଥିବା ବେଳେ କ'ଣ ପାଇଁ ଏହି ପେଡ଼ି ଖୋଲା ଯାଉ ନାହିଁ ଆଶ୍ଚର୍ଯ୍ୟ ପ୍ରକଟ କରିଛି । ବିଭିନ୍ନ ଯୋଜନାରେ ବ୍ୟାପକ ଅର୍ଥ ଆତ୍ମସାତ୍ କରାଯାଇଥିବା ବେଳେ ଛେଳି କିଣା ମହାଦୁର୍ନୀତି ଏବେ ବ୍ଲକ୍‌ର ନାଲି ଫାଇଲ୍ ତଳେ ପଡ଼ି ରହିଛି । କେଉଁ କେଉଁ ଗୋଷ୍ଠୀକୁ ଛେଳି କିଣା ବାବଦରେ ଅର୍ଥ ପ୍ରଦାନ କରାଯାଇଥିଲା ବର୍ତ୍ତମାନ ଛେଳି ଗଲେ କୁଆଡ଼େ ଏହାକୁ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଦାବି ହୋଇଛି ।

## ଆଦର୍ଶ ଶିକ୍ଷକ ବଳରାମ ଦାଶଙ୍କ ପରଲୋକ

କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ଆଦର୍ଶ ଛାତ୍ର ବତ୍ସଳ ଶିକ୍ଷକ ତଥା ବାଲିତୁଠ ପଞ୍ଚାୟତର ବାଲିତୁଠ ଏମ.ଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ଦାଶଙ୍କ ହୃଦଘାତରେ କଟକ ବଡ଼ ମେଡିକାଲରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କୁଜଙ୍ଗ ଏବଂ ଏରସମା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ନିଜ ବାସସ୍ଥାନ ମହ୍ଲାସାହିସ୍ଥିତ ଗ୍ରାମ୍ୟ ସ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଦେବାଶିଷ ଦାଶ ମୁଖାଗ୍ନି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅନନ୍ତ ଚରଣ ଦାଶ, ସୁବାସ ବିଶ୍ୱାଳ, ପୁତୁରା ତଥା ସମାଜ ସୁଧାରକ ଡ଼ଃ ଅରୁଣ କୁମାର ପାଣି,ସାନପୁଅ ସୁଭାଶିଷ ଦାଶ, ଜ୍ୟୋତିର୍ମୟ ଦାଶ, ଦିପ୍ତିମୟ ଦାଶ, ଜ୍ୱାଇଁ ଅଶୋକ ପାଣି, ମଙ୍ଗରାଜପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେଶ ରଞ୍ଜନ ପାଣି, ସୁଧାଂଶୁ ଶେଖର ପାଣି, ଭଣଜା ଦିଲ୍ଲୀପ କୁମାର ଦାଶ, ପ୍ରଦୀପ କୁମାର ଦାଶ, ଯଶୋବନ୍ତ ଦାଶ, ଦୁର୍ଗାଚରଣ ଦାଶ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ ସାମ୍ବାଦିକ ରମାକାନ୍ତ ଦାସ, ଅଂଶୁମାନ ମିଶ୍ର, ସ୍ମୃତି ରଞ୍ଜନ ଦାସ, ଅରୁଣ ପରିଡ଼ା, ଜିଲ୍ଲାର ଶିକ୍ଷକ ସଙ୍ଘ, ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ମଞ୍ଚ ଓ ଅବସର କର୍ମଚାରୀ ସଙ୍ଘ ତରଫରୁ ବଳରାମ ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି।

## ସାମ୍ବାଦିକଙ୍କୁ ଆକ୍ରମଣ ନେଇ ରଘୁନାଥପୁର ଏସ୍‌ୟୁଜେର ନିନ୍ଦା

ରଘୁନାଥପୁର(ଭାସ୍କରନ୍ୟୁଜ) ନିଆଳି ଥାନା କସରଦା ସିଠାଳ ପଞ୍ଚାୟତ ବଛସାଇଲୋ ଗ୍ରାମର ସାମ୍ବାଦିକ ଚନ୍ଦ୍ରକାନ୍ତ ଦାସ ଯିଏକି ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ଭାବେ କାର୍ଯ୍ୟରତ ରହିଛନ୍ତି। ତାଙ୍କୁ ଆକ୍ରମଣ ଘଟଣାକୁ ନେଇ ରଘୁନାଥପୁର ସାମ୍ବାଦିକ ସଂଘ ଏସ୍‌ୟୁଜେ ପକ୍ଷରୁ ଘୋର ନିନ୍ଦା କରାଯାଇଛି । ଘଟଣାରୁ ପ୍ରକାଶ ଗତ ସୋମବାର ଅପରାହ୍ନ ୨ଟାରେ ଘରୁ ଆଳିପିଙ୍ଗଳ ଯାଉଥିବା ବେଳେ ଶାସନପଦା ଗ୍ରାମର ଆଶିଷ କୁମାର ସ୍ୱାଇଁ ଅଟକାଇ ତାଙ୍କୁ ବିନା କାରଣରେ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରି ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରି ଗୁରୁତର ଆଘାତ କରିଥିବା ସହ ତାଙ୍କ ସୁନା ଚେନ ଛିଣ୍ଡାଇ ନେଇଥିଲେ। ଚନ୍ଦ୍ରକାନ୍ତ ଘଟଣାକୁ ନେଇ କସରଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆକ୍ରମଣକାରୀ ଗିରଫ ନ ହେବା ନେଇ ସାମ୍ବାଦିକ ସଂଘ ପକ୍ଷରୁ କଲ୍ୟାଣ ସେନ, ରଞ୍ଜନ କୁମାର ଲେଙ୍କା, ଧନଞ୍ଜୟ ମଲ୍ଲିକ, ଜିତେନ୍ ବେହେରା, ଜ୍ୟୋତିରଂଜନ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ସୂର୍ଯ୍ୟ ନାରାୟଣ ଦାସ ଘୋର ନିନ୍ଦା କରିବା ସହ ଅଭିଯୁକ୍ତକୁ ଗିରଫ କରିବା ନେଇ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

### ପାରାଦୀପରେ ବର୍ଷା କବିତା ଆସର

# 'କବିତା ବିନା ସୁନ୍ଦର ସମାଜର ପରିକଳ୍ପନା କରାଯାଇ ପାରିବନାହିଁ'



ପାରାଦୀପ(ଭାସ୍କର ନ୍ୟୁଜ): ସମାଜର ତଳ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ଜୀବନ ଯାପନ କରୁଥିବା ବେଳେ ଏମାନଙ୍କ ପ୍ରତି କବିତା ସମ୍ବେଦନଶୀଳ ଭାବରେ ଦୃଷ୍ଟି ଦେବାର ଆବଶ୍ୟକ ଅଛି ବୋଲି ମହ୍ଲାର ଓ ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବର୍ଷା କବିତା ଅସରରେ ମତପ୍ରକାଶ ପାଇଛି । ପାରାଦୀପ ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ସାରସ୍ୱତ ଆସରରେ ସବିତା ମହାପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ଼ଃ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସାହିତ୍ୟ ବିନା ସୁନ୍ଦର ଓ ସାମ୍ୟ ସମାଜର ପରିକଳ୍ପନା କରାଯାଇ ପାରିବନାହିଁ, ଏଥିପ୍ରତି ସାହିତ୍ୟିକମାନେ ଦୃଷ୍ଟି ଦେଇ ସାହିତ୍ୟ ସର୍ଜନା କରିବାର ଆବଶ୍ୟଜ ଅଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ସୁରେଶ କୁମାର ନାୟକ ସମାଜର ନିମ୍ନ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ବସବାସ କରୁଥିବା ଜନସାଧାରଣଙ୍କ ସ୍ୱର ସହିତ କବିତା ଜଡ଼ିତ ହୋଇପାରିଲେ କବି ସିଦ୍ଧିପ୍ରାପ୍ତ ହୋଇପାରିବେ ବୋଲି କହିଥିଲେ । ସଭାପତି ଶ୍ରୀମତୀ ମହାପାତ୍ର ସଭାପତିତ୍ୱ ଅଭିଭାଷଣରେ କହିଥିଲେ କବିତା ହେଉଛି ମାନବ ସମାଜର ସହଯାତ୍ରୀ ଓ ସବୁ ଯୁଗରେ ମଣିଷ ସହିତ କବିତା ଘନିଷ୍ଠ ଭାବରେ ଯୋଡି ହୋଇ କାଳଖଣ୍ଡ ଅତିକ୍ରମ କରିଥାଏ ବୋଲି କହିଥିଲେ । ଓଡିଶା ସାହିତ୍ୟ ଏକାଡେମୀର ପୁରସ୍କୃତ କବି ପିତାମ୍ବର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ହେଉଛି ଆତ୍ମାର ଆହାର ବୋଲି କହିଥିଲେ । ପ୍ରାରମ୍ଭରେ ପଣ୍ଡିତ ବାସବ କୁମାର ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ତୁଳସୀ ବରାଳ ଓ କବି ପ୍ରଭାତୀ ମାଝିଙ୍କ ସଂଯୋଜନାରେ ପ୍ରାୟ ୭୦ ପାଖାପାଖି କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷରେ ପ୍ରକାଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ନିମନ୍ତେ ସମୀକ୍ଷା ବୈଠକ



ଭଦ୍ରକ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଟେକ୍ସଟାଇଲ ପାର୍କ ଓ ଶିଳ୍ପ ପାର୍କ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡ. ସୁରେଶ କୁମାର ଦଳେଇ, ନିର୍ବାହୀ ନିର୍ଦ୍ଦେଶକ, ଇଡକୋ, ଭୂବନେଶ୍ୱର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ସଞ୍ଜୟ କୁମାର ପ୍ରତିହାରୀ, ଜେନେରାଲ ମ୍ୟାନେଜର, ଇଡକୋ, ଭୂବନେଶ୍ୱର, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ତହସିଲଦାର ଭଣ୍ଡାରିପୋଖରୀ ରୋଜାଲିନ ବେହେରା, ଟିମ ଲିଡର ଦିପା ସୁବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ । ଭଦ୍ରକ ଜିଲ୍ଲା ଧାମନଗର ଛକରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିମନ୍ତେ ତିନିଗୋଟି ମୌଜାର ମୋଟ ଏ.୨୧୭.୭୧ ରୟତ ଜମି ଅଧିଗ୍ରହଣ କରାଯାଇଛି ଓ ଏହାବାଦ ଏ.୧୭.୨୬ ସରକାରୀ ଜମି ଅନ୍ତର୍ଭୁକ୍ତ ଅଛି । ପ୍ରଥମ ପର୍ଯ୍ୟାୟରେ ଏ. ୫୯.୬୩ ଜମି ଆଇଓସିଏଲକୁ ହସ୍ତାନ୍ତର କରାଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟୁନ ଏ. ୭୦.୨୩ ଜମି ଆଇଓସିଏଲ ଓ ଏ.୧୦୫.୧୧ ଜମି ଏମ୍‌ସିପିଏଲ ପ୍ରାଇଭେଟ୍ ଲିଃ.କୁ ଯୋଗାଇବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି। ହସ୍ତାନ୍ତର ହୋଇଥିବା ଜମିରେ କିପରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଜିଲ୍ଲାପାଳ ପ୍ରାଧାନ୍ୟତା ଦେବାସହିତ ହସ୍ତାନ୍ତର ହେବାକୁଥିବା ପ୍ରସ୍ତାବିତ ଜମିକୁ ସରଳୀକରଣ କରିବା ଉପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ୧୮ରେ ଡିଜିପିଏସ୍ ସର୍ଭେ କାମ ଆରମ୍ଭ ହେବ ବୋଲି ଇଡ୍‌କୋ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ସେହିଭଳି ଏକ ନୂତନ ରାସ୍ତା ପ୍ରକଳ୍ପ ମଧ୍ୟକୁ ଯିବାପାଇଁ ଚିହ୍ନଟ ନିମନ୍ତେ ଯୁଗ୍ମ ତଦନ୍ତ ହେବ । ଏଥିରେ ଇଡ୍‌କୋ/ଆଇଓସିଏଲ/ତହସିଲଦାର ଏବଂ ଜଳସେଚନ ବିଭାଗର କର୍ମଚାରୀ ରହିବେ । ସେହିପରି ପ୍ରକଳ୍ପ ସ୍ଥାନ ମଧ୍ୟରେ ଅନୁନ୍ୟ ଏ.୫.୦୦ ଜମି ବୈଦ୍ୟୁତିକ ସବଷ୍ଟେସନ ପାଇଁ ଚିହ୍ନଟ କରାଯିବ । ଜଙ୍ଗଲ ଜମି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କୁ ତାଗିଦ୍ କରିଥିଲେ । ସେହିଭଳି ଶିଳ୍ପ ପାର୍କ ପ୍ରକଳ୍ପ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏ.୯୬୧.୨୬୪୯ ଜମି ଅଧିଗ୍ରହଣ ନିମନ୍ତେ ଭୂ-ଅର୍ଜନ ଆଇନର ଧାରା ୧୧(୧) ଅନୁସାରେ ନୋଟିଫିକେସନ ହୋଇଯାଇଅଛି ଓ ଦ୍ୱିତୀୟ ପର୍ଯ୍ୟାୟରେ ଇଡକୋ ତରଫରୁ ପ୍ରସ୍ତାବିତ ଏ.୨୩୬୦.୫୧୪୪ ପରିମିତ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଇଡକୋ ଯଥାଶିଘ୍ର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଏହାର ଅଗ୍ରଗତି କରିବାକୁ ଅନୁରୋଧ କରାଯାଇଥିଲା ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ସ୍ଥିତ ପଳାଶପଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଦିନ ଅବସର ପ୍ରାପ୍ତ ଶିକ୍ଷକ ସଂଗଠନର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ବିମ୍ବାଧର ବେହେରା ମୁଖ୍ୟ ଅତିଥି ଯୋଗ ଦେଇଥିବା ବେଳେ ଡଃ ସୁଧାକର ଦାଶ ମୁଖ୍ୟବକ୍ତା, ମମତା ରାଣୀ ଦାସ, ଉତ୍ତମ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଆମ ଗୁରୁକୁଳକୁ ସମସ୍ତ ଅତିଥି ଗଣ ଉନ୍ମୋଚିତ କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୈଳାସ ଚନ୍ଦ୍ର ମିଶ୍ର, ଲିଲିମୁନୀ ମୁଣ୍ଡା, ନୀଳାମ୍ବର ମହାନ୍ତ, ରାସମଣି ମାଝୀ, ଅଭିମନ୍ୟୁ ସେଠୀ, ଭବାନୀରାଣୀ ଗିରି ଏବଂ ୨୦୨୫ ମସିହା ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ସଫଳତାର ସହ ପାସ କରିଥିବା ଛାତ୍ରଛାତ୍ରୀ ଚନ୍ଦନ କୁମାର ମହାନ୍ତ, ପୁଷ୍ପିତା ମହାକୁଡ, ଅମରଜିତ ମହାନ୍ତ , ଦେବୀ ପ୍ରସାଦ ବଳ ଓ ଦେବସ୍ମିତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଂପାଦକ ବେଣୁଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଅଧ୍ୟାପକ ଅମୂଲ୍ୟ କୁମାର ପ୍ରଧାନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନର ମାର୍ଗଦର୍ଶକ ମନମୋହନ ସିଂ ସଂଗଠନର ଗୁରୁତ୍ୱ ଏବଂ ଏହାର ମହତ୍ୱ କଥା ଉପସ୍ଥାପନା କରିବା ସହିତ ସଂଗଠନକୁ ଦୀର୍ଘ ସ୍ଥାୟୀ କରି ଆଗେଇ ନେବା ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡିଥିଲେ।



## ପଞ୍ଚାୟତ ଜନ ଅଭିଯୋଗ ଶୁଣାଣି ଶିବିର

# ସାର ନମିଳିଲେ ଆନ୍ଦୋଳନ ଚେତାବନୀ

### ଆଦିବାସୀ ଚାଷୀଙ୍କୁ ସାର ନ ମିଳିବା ନେଇ ଅସନ୍ତୋଷ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆକାମା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ବିଡ଼ିଓ ମିନତୀ ଜଗଦେବ ସଭାପତିତ୍ୱ କରିଥିଲେ। ଏଥିରେ ସିଡିପିଓ ଗୀତାଞ୍ଜଳୀ ମହାରଣା, ଯନ୍ତ୍ରୀ ରସନ ଗୁରିୟା, ସପ୍ଲାଏ ଇନ୍ସପେକ୍ଟର ଅରବିନ୍ଦ ମହାରଣା, ସମିତି ସଭ୍ୟ ବାସନ୍ତୀ ସାହୁକାର, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ, ବିଧାୟକ ପ୍ରତିନିଧି ଡି ଏଙ୍କାଟି, ବରିଷ୍ଠ କଂଗ୍ରେସ କର୍ମୀ ଓ ଆଇନ ଯିବି କମେଶ୍ୱର୍ ରନ୍ହାଲୁ, ପ୍ରାଣୀ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ,କୃଷି ବିଭାଗ ଅଧିକାରୀ ସମସ୍ତ ୱାର୍ଡ ମେମ୍ବର ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ଥିଲେ। କିନ୍ତୁ ତହସିଲ ଅଧିକାରୀ, ପୋଲିସ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ ଓ ଉଦ୍ୟାନ କୃଷି ବିଭାଗ ଅଧିକାରୀ ମାନଙ୍କ ଦେଖା ମିଳି ନ ଥିଲା। ଉପସ୍ଥିତ ଥିବା ସମସ୍ତ ସରକାରୀ ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅଭିଯୋଗ ଶୁଣାଣିରେ ଜଗନ୍ନାଥନଗର ଗ୍ରାମରେ ତିଆରି ହୋଇ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ବିଲ ହୋଇ ନାହିଁ, ଡି ବି ପାଲି ଗ୍ରାମରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ତାଡିଙ୍ଗିବାଲସା ଗ୍ରାମରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ତିଆରି, ଶିଳାବାଡି ହରିଜନ ସାହିରୁ ଏମ୍ପା ବାଲସା ରାସ୍ତା ଓ ଚାଉଳ ଗୁଡ଼ମ୍ ମରାମତି, ପିପଲପଦର, କାପୁଲୋଡା ଗ୍ରାମରେ ନୂତନ ଚେଇ ଡେମ ନିର୍ମାଣ, ପିପାଲପଦର ଗ୍ରାମରେ ଥିବା ସ୍କୁଲ ଓ ଗାଁରେ ଦୁଇଟି ନଳ କୂପ, ପିଇବା ପାଣି ପାଇଁ ବୋର ୱେଲ୍ ନିର୍ମାଣ ସାନବାଙ୍କିଡି ଗୋଟିଏ ନଳକୂପ ମରାମତି ସହିତ ଦୁଇ ବର୍ଷ ନଷ୍ଟ ହୋଇ ପୋଡ଼ି ରହିଥିବା ସୋଲାର ଟେଙ୍କ ତିଆରି କରିବା ପାଇଁ ଦାବି କରିଥିଲେ। ଏଥି ସହିତ ଚଳିତ ବର୍ଷ ଚାଷ ବାସ ପାଇଁ ବର୍ଷା ପାଣି ଭଲ ରହିଥିବାରୁ ଚାଷୀ ନିଜ ଜମି ଗୁଡିକରେ ଧାନ, ମକା, କପା ଓ ଲିମନ ଗ୍ରାସ ଚାଷ କରିଛନ୍ତି। ଚାଷୀ ନିଜ ଚାଷ ଜମି ସାର ଅଭାବ ଯୋଗୁଁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଧୁଗାଁ ବ୍ଲକରେ ଆଦିବାସୀ ଚାଷୀଙ୍କୁ ଆଧାର କାର୍ଡ ମାଧ୍ୟମରେ ଗୋଟିଏ ମାତ୍ର ୟୁରିଆ ସାର ବସ୍ତା ମିଳୁଛି। ତାହା ଚାଷ ଜମି ପାଇଁ ଯଥେଷ୍ଟ ହେଉ ନାହିଁ। ସାରର ଅଭାବ ଯୋଗୁଁ ଅନେକ ଆଦିବାସୀ ଚାଷୀଙ୍କ ଚାଷ ଜମି ନଷ୍ଟ ହୋଇ ଯାଇଛି। ଖୋଲା ବଜାରରେ ସାର ଆଠ ଶହରୁ ଏକ ହଜାର ଟଙ୍କାରେ ମିଳୁଛି। ଗରିବ ଆଦିବାସୀ ଚାଷୀ ଏତେ ମୂଲ୍ୟରେ ସାର କିଣି ବ୍ୟବହାର କରିବା ସମ୍ଭବ ନୁହେଁ। ଏଥିପାଇଁ ବ୍ଲକ ର ଶତାଧିକ ଚାଷୀ ସାର ଅଭାବ କୁ ନେଇ ଲିଖିତ ଭାବେ ବିଡ଼ିଓ ଓ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଯଦି ଦୁଇ ଦିନ ମଧ୍ୟରେ ଲେମ୍ପ କିମ୍ବା ଲାଇସେନ୍ସ ଡିଲର ସାର ନ ଯୋଗାଇଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କଲେ ଅତିରିକ୍ତ ସଚିବ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ତରଫରୁ କୃଷି ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ମାଲକାନଗିରି ଜିଲ୍ଲାର କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଯେଉଁଥିରେ ସେ କ୍ଷୁଦ୍ର ଶସ୍ୟ ଚାଷ ପ୍ରଦର୍ଶନ କ୍ଷେତ୍ର ପରିଭ୍ରମଣ କରିଥିଲେ। ଏବଂ ଏମ୍‌ଭି ୭ର ଉଚ୍ଚ ବିଦ୍ୟାଳୟରେ ଶ୍ରୀ ଅନ୍ନ ଯୋଜନା, ଜିଲ୍ଲା କୃଷି ବିଭାଗ ମାଲକାନଗିରି ତରଫରୁ ଆୟୋଜିତ ପାରମ୍ପରିକ କ୍ଷୁଦ୍ର ଶସ୍ୟ ଯୁକ୍ତ ଖାଦ୍ୟ ମେଳା ପରିଭ୍ରମଣ କରି ଏହାର ଉଦ୍ଘାଟନ କରିଥିଲେ ଏବଂ ଏହାର ଉପାଦେୟତା ଏବଂ ପୃଷ୍ଟିଶସ୍ୟ ଗୁଣବତ୍ତା ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ତା ସହିତ କ୍ଷୁଦ୍ର ଶସ୍ୟ ଓ ବୈଜ୍ଞାନିକ ପଦ୍ଧତିରେ ଉତ୍ପାଦନ ଏବଂ ଏହି ବ୍ୟବସାୟର ସମ୍ପ୍ରସାରଣ ବିଷୟରେ ମଧ ଅବଗତ କରାଇଥିଲେ। ଖାଦ୍ୟ ମେଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ, ଶ୍ରୀ ଅନ୍ନ ଯୋଜନା ର ଜିଲ୍ଲା ସଂଯୋଜକ ଓ ଆଞ୍ଚଳିକ ସଂଯୋଜକ, ଜିଲ୍ଲା ମୁଖ ଯନ୍ତ୍ରୀ, କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ, ଅନ୍ୟାନ୍ୟ କୃଷି ଅଧିକାରୀ ସହିତ ଏମ୍‌ଭି ୭ ବିଦ୍ୟାଳୟ ର ଶିକ୍ଷକ ଏବଂ ଶତାଧିକ ଛାତ୍ର ଏହି ଖାଦ୍ୟ ମେଳାରେ ଅଂଶଗ୍ରହଣ କରିଥିଲେ। ଏହି ଖାଦ୍ୟ ମେଳା ରେ ଗୋପବନ୍ଧୁ ବିକାଶ ସଂସ୍ଥା ର ସହାୟୋଗରେ ମା ସନ୍ତୋଷି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମାଁ ମାନେ କ୍ଷୁଦ୍ର ଶସ୍ୟ ରେ ଅନେକ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଯେପରି ମାଣ୍ଡିଆ ମିଶ୍ରିତ ସୁପ, ଲଡ୍ଡୁ, ଆରିସା, କାକରା, ଗଜା, ଖିରି, ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କୃଷି ଅତିରିକ୍ତ ସଚିବ, ଓଡ଼ିଶା ସରକାର ଶୁଭ୍ରାଂଶୁ ମିଶ୍ର ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରି ଶ୍ରୀ ଅନ୍ନ ଯୋଜନାର ସଫଳ ହୋଇଛି ବୋଲି ପ୍ରତିକ୍ରିୟା ରଖିଥିଲେ।

## ବର୍ଷାରେ ଭାଙ୍ଗିଲା ଘର ପୋଡଶୀଙ୍କ ଆଶ୍ରାରେ ପରିବାର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅର୍ନ୍ତଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ଗଗନ ବିହାରୀ ମହାନ୍ତଙ୍କ ମାଟି ଘରଟି ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଫଳରେ ପରିବାର ଲୋକେ ଘର ଭିତରେ ରହିବାକୁ ଭୟ କରୁଛନ୍ତି। କାନ୍ଥ ଫାଟିବା ସହିତ ପାଣିରେ ବତୁରି ବିପଦ ସଂଙ୍କୁଳ ଅବସ୍ଥା ରେ ରହିଛି। ପାଣିରେ ବତୁରୀ ଚାଉଳ, ଧାନ ନଷ୍ଟ ହୋଇ ଯାଇଛି। ଶୋଇବା ରୋଷେଇ ବାସ ପାଇଁ ସମସ୍ୟା ହେଉଥିବାରୁ ପୋଡଶୀ ଘରେ ଜିନିଷ ପାତ୍ର ରଖିବା ସହ ଗଗନ ଓ ସ୍ତ୍ରୀ ପୁଅ ତିନିଜଣ ଆଶ୍ରୟ ନେଇଛନ୍ତି। ଅଭିଯୋଗ ପରେ ନୂଆଗାଁ ରାଜସ୍ୱ ନୀରକ୍ଷକ ଅଧିକାରିଣୀ ଚିନ୍ମୟୀ ବେହେରା ତଦନ୍ତ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଗଗନଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗଗନ ଦାବି କରିଛନ୍ତି।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ରାଶିବୁଣା ଯନ୍ତ୍ର ପ୍ରଦର୍ଶନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲା କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ସଦର ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତର ବାଡ୍ରିଅଟାଳ ଗ୍ରାମରେ ରାଶି ଚାଷ ନିମନ୍ତେ ରାଶି ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲ୍ ରଞ୍ଜନ ମହାଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଯୋଗଦେଇ ଚାଷୀମାନଙ୍କୁ ରାଶି ଚାଷ ନିମନ୍ତେ ରାଶି ବୁଣା ଯନ୍ତ୍ର ବିଷୟରେ ବୁଝାଇଥିଲେ। ବିଶେଷକରି ମାଲକାନଗିରି ଜିଲାରେ ରାଶି ଚାଷ ହେଉଥିବା ବେଳେ ପଦ୍ଧତି ଅନୁଯାୟୀ ଚାଷ ହେଉ ନ ଥିବାରୁ ଏହାର ଉତ୍ପାଦନ କମ୍ ହେବା ସହ ଚାଷୀ ମାନଙ୍କ ରାଶି ସରକାରଙ୍କ ନିକଟରେ ଠିକ୍ ଦରରେ ବିକ୍ରି ହୋଇପାରୁନାହିଁ। ତେଣୁ ଚାସୀ ଙ୍କୁ ପଦ୍ଧତି ଅନୁସାରେ କୃଷିଯନ୍ତ୍ର ଦ୍ୱାରା ଚାଷ କରିବା ଫଳରେ ଚାଷୀଙ୍କ ରାଶିଚାଷ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଏଥିସହ ଚାଷୀମାନଙ୍କ ରାଶି ସରକାରଙ୍କ ନିକଟରେ ଉଚିତ ମୂଲ୍ୟରେ ବିକ୍ରି ହୋଇପାରିବ। ତେଣୁ ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି କୃଷି ଯନ୍ତ୍ର ପ୍ରଦର୍ଶନ ଓ ଦକ୍ଷତା ବିକାଶ ଚାଷୀମାନଙ୍କୁ ଦିଆଯାଇଥିଲା। ଏହି ଯନ୍ତ୍ର ଦ୍ୱାରା କେବଳ ରାଶି ନୁହେଁ, ଅନ୍ୟ ତୈଳବୀଜ ଚାଷ ଓ ମାଣ୍ଡିଆ ମଧ୍ୟ କିପରି ଧାଡ଼ିରେ ବୁଣାଯାଇ ପାରିବ ସେ ସମ୍ବନ୍ଧରେ ମଧ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ରହି ଏହି ତାଲିମ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଜିଲାର ଅନ୍ୟାନ୍ୟ ବ୍ଲକ୍‌ରେ ମଧ ଚାଷୀମାନଙ୍କୁ ଏହି ଯନ୍ତ୍ର ସମ୍ବନ୍ଧରେ ତାଲିମ ଦିଆଯିବ ବୋଲି ଶ୍ରୀ ଦାସ କହିଥିଲେ।

# ସାମ୍ବାଦିକଙ୍କୁ ସୁରକ୍ଷା ଦେବ ଆନ୍ତର୍ଜାତିକ ସାମ୍ବାଦିକ ସଂଘ ଭଏସ ଅଫ ମିଡ଼ିଆ

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସୁରକ୍ଷାର ଢାଲ ହୋଇ ଠିଆ ହେବା ସହ ସାମ୍ବାଦିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାକୁ ନିର୍ଭର ପ୍ରତିଶୃତି ଦେଇଛନ୍ତି ଆନ୍ତର୍ଜାତିକ ସାମ୍ବାଦିକ ସଂସ୍ଥା ଭଏସ ଅଫ ମିଡ଼ିଆର ରାଜ୍ୟ ସଭାପତି ଡ଼ଃ ପ୍ରଭାତ କୁମାର ମିଶ୍ର। ଆଜି ଏକ ଦିନିକିଆ ଫୁଲବାଣୀ ଗସ୍ତ କରି ଏଠାକାର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଭେଟି ସାମ୍ବାଦିକତା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରି, ପ୍ରତି ସାମ୍ବାଦିକଙ୍କ ବାପା, ମା ଓ ପରିବାରକୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ଆର୍ଥିକ ଦୃଷ୍ଟି କୋଣରୁ ଅକ୍ଷମ ଥିବା ସାମ୍ବାଦିକଙ୍କ ପିଲା ମାନଙ୍କୁ ପାଠ ପଢିବା ପାଇଁ ଆର୍ଥିକ ସହାୟତା, ଓ ୬୦ ବର୍ଷର ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ପେନସନ ଯୋଗାଇ ଦେବାପାଇଁ କହି ଆଜି ପୂର୍ବରୁ ଆବେଦନ କରିଥିବା ସାମ୍ବାଦିକ ଗୋପାଳ ପଟ୍ଟନାୟକଙ୍କୁ ଆଗାମୀ ପ୍ରେସ ଡେ ଠାରୁ ପେନସନ ସଂଘ ପକ୍ଷରୁ ଦେବାପାଇଁ ଘୋଷଣା କରିଥିଲେ। କନ୍ଧମାଳରେ ଏହି ସୁବିଧାର ଲାଭ ଉଠାଇବା ପାଇଁ ଅନ୍ୟ ସାମ୍ବାଦିକଙ୍କୁ ଏହି ସଂଗଠନ ରେ ସାମିଲ କରିବା ପାଇଁ ଅନୁରୋଧ କରି ସଭାପତି ଶିବାନନ୍ଦ ପଟ୍ଟନାୟକ ଓ ସମ୍ପାଦକ ଅଜିତ ମହାରଣାଙ୍କୁ ଦାଇତ୍ୱ ଦେଇଥିଲେ। ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ବସିଥିବା ବୈଠକ ରେ ବରିଷ୍ଠ ସାମ୍ବାଦିକ, ଉପଦେଷ୍ଟା ଗୋପାଳ ପଟ୍ଟନାୟକ, ସୁବାସ ପ୍ରଧାନ, ଫିଲିମୋହନ ନାୟକ, ପ୍ରଶାନ୍ତ ପଣ୍ଡାଙ୍କ ସହ ସହସମ୍ପାଦକ ରମେଶ ପ୍ରଧାନ, ସାଗର ପ୍ରଧାନ, ରମେଶ ନାୟକ, ବି ଭି ଶଙ୍କର, ପ୍ରଶାନ୍ତ ଜେନା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଆଦି ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ।

# ଜିଲ୍ଲା ଡାକ୍ତରଖାନାରେ କର୍କଟ ରୋଗୀଙ୍କୁ ମିଳୁନି ଔଷଧ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମେଡିକାଲରେ କର୍କଟ ରୋଗୀଙ୍କୁ ମିଳୁନି ଔଷଧ। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନସର ରୋଗୀଙ୍କ ଚିକିତ୍ସା ଓ କେମୋଥେରାପି ବ୍ୟବସ୍ଥା ରହିଛି। ତେବେ ମାଲକାନଗିରିରେ ଗତ ୩ ମାସରୁ ଊର୍ଦ୍ଧ୍ୱ ହେବ କ୍ୟାନସର ଔଷଧ ମିଳୁ ନଥିବା ବେଳେ କେମୋଥେରାପି ମଧ ହୋଇପାରୁ ନାହିଁ। ଫଳରେ ରୋଗୀ ମେଡିକାଲ ଆସି ଚିକିତ୍ସା ନପାଇ ନିରାଶ ହୋଇ ଫେରି ଯାଉଛନ୍ତି। ମାଲକାନଗିରି ଜିଲ୍ଲା ପରକନମାଲା ଗ୍ରାମ ର ୩୨ ବର୍ଷୀୟ ଯୁବକ ଜଗନ୍ନାଥ ଖୋରାଙ୍କ କାନ୍ଧରେ ମାଂସ ପିଣ୍ଡୁଳା ବଢ଼ିଥିଲା। କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ଚିକିତ୍ସା ପରେ ସେ କ୍ୟାନସର ରୋଗରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ସେଠାରେ ଚିକିତ୍ସା କରି ୩ଟି କେମୋ ନେଇଥିଲେ ଜଗନ୍ନାଥ। ପରବର୍ତ୍ତୀ କେମୋ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗ୍ରହଣ କରିବା ଲାଗି ଆଚାର୍ଯ୍ୟ ହରିହର ଡାକ୍ତରଖାନାର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରଶାନ୍ତ କୁମାର ପରିଡ଼ା ସୁପାରିଶ କରିଥିଲେ। ପରେ ଜଗନ୍ନାଥ ଘରକୁ ଫେରିଥିଲେ। ତେବେ ଗତ ଶନିବାର ଦିନ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚତୁର୍ଥ କେମୋ ଲାଗି ଭର୍ତ୍ତି ହୋଇଥିବା ବେଳେ ଡାକ୍ତରଖାନାରେ ଔଷଧ ନ ଥିବା ଜାଣି ନିରାଶ ହୋଇ ଫେରିଛନ୍ତି। ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଆଚାର୍ଯ୍ୟ ହରିହରି କର୍କଟ ଗବେଷଣା କେନ୍ଦ୍ରରେ ରୋଗୀଙ୍କ ଅସମ୍ଭାଳ ଭିଡ଼କୁ ନିୟନ୍ତ୍ରଣ ଓ ରୋଗୀଙ୍କ ସୁବିଧା ଦୃଷ୍ଟିକୋଣରୁ ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ ବର୍ଷ ପୂର୍ବେ କର୍କଟ ରୋଗ ଚିକିତ୍ସା ଓ ପ୍ରଶମନ କେନ୍ଦ୍ର ଖୋଲାଯାଇଥିଲା। ତେବେ ମାଲକାନଗିରି ଡେ -କେୟାର କେମୋ ଥେରାପି ସେଣ୍ଟରରେ ଗତ ୩ରୁ ୪ ମାସ ଧରି ଔଷଧ ମିଳୁ ନଥିବା ବେଳେ ଓଡ଼ିଶା ଔଷଧ ନିଗମକୁ ଅବଗତ କରାଯାଇଥିବା କହିଛନ୍ତି ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗୀଙ୍କୁ ପୁଣି ସଠିକ ସମୟରେ ସରକାର ଔଷଧ କେବେ ଦେବା ଆରମ୍ଭ କରିବେ ତାହା ଦେଖିବାକୁ ବାକି ରହିଲା। ତେଣୁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିଛି।

## କୀର୍ତ୍ତିରାଜ ସ୍ୱାଇଁ ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘ କୋଷାଧକ୍ଷ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସାଧାରଣ ସମ୍ପାଦକ କ୍ରିତ୍ତିରାଜ ସ୍ୱାଇଁ ଓଡ଼ିଶା ରାଜ୍ୟ ଟ୍ରକ ମହା ସଂଘ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଆୟୋଜିତ ନିର୍ବାଚନରେ ସେ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ବିଜୟୀ ହୋଇଛି। ତାଙ୍କର ଏହି ସଫଳତାରେ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରୀତି ରଂଜନ ଘଡ଼େଇ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜକ୍ଷମ୍ବର ସାହୁ, ସମ୍ପାଦକ ଅମିତ କୁମାର ସାହୁ, ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ମାନସ ରଞ୍ଜନ ନାୟକ, ସତ୍ୟବ୍ରତ ଖଣ୍ଡାୟୀ, ସତ୍ୟଜିତ ବଳ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ଯଶୋବନ୍ତ ଜେନା ମଣି, ନିରଞ୍ଜନ ସାମଲ, ଦେବ ରଂଜନ ସ୍ୱାଇଁ, ସନ୍ତୋଷ କୁମାର ବେହେରା, ରତିକାନ୍ତ ସ୍ୱାଇଁ, ବିଶ୍ୱଜିତ୍ ବିଶ୍ୱାଳ, ଯାହିଦ୍ ଖାଁ ଉମେଶ ଚନ୍ଦ୍ର ଜେନା ପ୍ରମୁଖ କ୍ରୀର୍ତ୍ତି ରାଜ୍ ସ୍ୱାଇଁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ, ଡ. ମହେଶ୍ୱର ସ୍ୱାଇଁ, ଜିଲ୍ଲା ଶ୍ରମ ଅଧିକାରୀ, ଅନ୍ୟାନ୍ୟ କର୍ମଚାରୀ ଓ ଟ୍ରେଡ ୟୁନିଅନ କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଏକ ଆନ୍ତର୍ରାଜ୍ୟୀୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି ଏହି ରଥଟି ଆସନ୍ତା ୧୦ ଦିନ ଧରି ସମସ୍ତ ବ୍ଲକ ସହିତ ଗ୍ରାମପଞ୍ଚାୟତକୁ ଗଡିବା ସହିତ ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ତଥା ଆଇନ୍ ସମ୍ମତ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରିବା ସମ୍ବନ୍ଧରେ ବାର୍ତ୍ତା ଓ ସଚେତନତା ପ୍ରସାର କରିବ। ଏହା ସହ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ସଚେତନ କରାଯିବା ସହ ସେମାନେ ଯିବା ପୂର୍ବରୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କର ନାମ, ଠିକଣା ଓ କେଉଁ ରାଜ୍ୟକୁ କେତେଦିନ ପାଇଁ ଯାଉଛନ୍ତି, ଶ୍ରମ ଠିକାଦାର ଏଜେଣ୍ଟ ସହାୟତା ରେ ଯାଉଥିଲେ ତାଙ୍କର ନାମ ଠିକଣା ଯୋଗାଯୋଗ ନମ୍ବର ଇତ୍ୟାଦି ଦାଖଲ ଓ ପଞ୍ଜିକରଣ କରି ଯିବା ସମ୍ବନ୍ଧରେ ସଚେତନତା ଜାଗୃତ କରିବ ଓ ଏହା ସମ୍ବନ୍ଧୀୟ ପ୍ରଚାର ପତ୍ର ବଣ୍ଟନ କରିବ ।

## ଜଳୁନି ରାଇସୁଆଁ ଓଭର ବ୍ରିଜ ଲାଇଟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଦୁର୍ଘଟଣା ରୋକିବା ପାଇଁ ରାଜପଥ ର ସମସ୍ତ ଓଭରବ୍ରିଜରେ ଆଲୋକିକରଣ ବନ୍ଦୋବସ୍ତ କରାଯାଇଛି। କିନ୍ତୁ କିଛି ଅଧିକାରୀଙ୍କ ଖାମଖିଆଲି ନିତି ପାଇଁ ଅନେକ ଓଭରବ୍ରିଜରେ ଲାଇଟ ନ ଜଳିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାର ଜ୍ୱଳନ୍ତ ଉଦାହରଣ ରାଇସୁଆଁ ଓଭର ବ୍ରିଜ। ବ୍ରିଜ ହେବା ସମୟରେ ଲାଇଟ ଲଗାଯାଇଥିଲା କିନ୍ତୁ ଜଳିବା ପାଇଁ ୫ରୁ ୬ ବର୍ଷ ଲାଗିଥିଲା ତାହାବି ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ କିଛିଦିନ ଜଳିବା ପରେ ପୁଣି ମାସେ ହେବ ଏହି ଲାଇଟ ଆଉ ଜଳୁନି। ଯାହା ଫଳରେ ଏହି ଓଭରବ୍ରିଜ କିଟମିଟ ଅନ୍ଧାର ହୋଇଛି। ଓଭରବ୍ରିଜ ଦେଇ ବିପଦ ସଙ୍କୁଳ ଅବସ୍ଥାରେ ଶହଶହ ଗାଡି ଯାତାୟତ କରୁଛି। ଏକ ମାସ ପରେବି ବିଭାଗୀୟ ଅଧିକାରୀ ଆଜି ପର୍ଯ୍ୟନ୍ତ ଏଥିପ୍ରତି ଦୃଷ୍ଟି ନଦେବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ରାଜପଥରେ ବର୍ଷାଜଳ: ଯାତାୟତ ବାଧାପ୍ରାପ୍ତ



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଉମରକୋଟ ଥାନାର ଧୋଡ୍ରା ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ନିଷ୍କାସିତ ହୋଇପାରୁନାହିଁ ବର୍ଷାଜଳ। ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ ପୋତି ହୋଇଯାଇଥିବା କାରଣରୁ ଧୋଡ୍ରା ର ରାଜରାସ୍ତା ଏବେ କୃତ୍ରିମ ପୋଖରୀ ପାଲଟିଛି। ଧୋଡ୍ରା ରାଜରାସ୍ତା ଏବେ ଅପରିଷ୍କାର ବର୍ଷାଜଳ ବର୍ଷା ଛାଡିବା ପରେ ପଞ୍ଚାୟତର ସମସ୍ତ ରାଜରାସ୍ତା କଡ଼ରେ ଅପରିଷ୍କାର ବର୍ଷା ଜଳ ବୋହିଚାଲିଛି। ଏହି ସମୟରେ ରାସ୍ତା ରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର, କର୍ମଚାରୀ ଓ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଦୀର୍ଘ କିଛି ମାସ ହେବ ମୌସୁମୀର ସକ୍ରିୟତା ତଥା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ଏହି ବାଟ ଦେଇ ଯାଉ ଥିବା ବହୁ ଯାତ୍ରୀବାହି ବସ, ଗାଡ଼ି ମଟର ଓ ଜନ ସାଧାରଣ ମଧ ହଇରାଣ ହେଉଛନ୍ତି। ଏହି ସମସ୍ୟାର କାରଣ ସାଜିଥିବା ପୋତିହୋଇ ଯାଇଥିବା ଡ୍ରେନ ବର୍ଷ ବର୍ଷ ଧରି ସଫେଇ କିମ୍ବା ମରାମତି ହେଉ ନଥିବାବେଳେ କେତେକ ବ୍ୟବସାୟୀ ମାନେ ଏହାକୁ ଡଷ୍ଟବିନ ପରି ବ୍ୟବହାର କରୁଛନ୍ତି। ଡ୍ରେନ ମଧ୍ୟରେ ବର୍ଜ୍ୟ ଚାହା କପ୍, ଜରି, କାର୍ଟୁନ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଗଦାଇ ନିଆଁ ଲଗାଇ ପୋଡୁ ଥିବା ଦେଖାଯାଉଛି। ଡ୍ରେନର ଅନେକ ସ୍ଥାନ ମୁକୁଳା ଥିବାବେଳେ ଏହାମଧ୍ୟରେ ପଙ୍କକାଦୁଆ ଓ ଗୁଳ୍ମଲତା ଭରିରହିଛି। ଏହାକୁ ସଫେଇ କରାଯାଉନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସଚେତନ, ଡ୍ରେନର ବ୍ୟବସ୍ଥା ଓ ପଙ୍କୋଦ୍ଧାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

# 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍) :ବୋଲଗଡ଼ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ପଲ୍ଲୀରେ ପ୍ରଶାସନ ବିଶେଷ କରି ସମସ୍ତ ଗ୍ରାମାଞ୍ଚଳକୁ ଯାଇ ସାଧାରଣ ଲୋକ ମାନଙ୍କୁ ସମସ୍ତ କ୍ଷେତ୍ରରେ ତ୍ୱରିତ ସେବା ଯୋଗାଇଦେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁ ଓ ତହସିଲଦାର ବିଜୟ କୁମାର ସେଠୀ ଯୋଗଦେଇ ପ୍ରଶାସନ ପକ୍ଷରୁ ସାଧାରଣ ଜନତାକୁ ସମସ୍ତ ବିଭାଗ ସମ୍ପର୍କରେ ଜନ ସଚେତନତା ଦେଇଥିଲେ। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଯୋଗଦେଇ ପଲ୍ଲୀରେ ପ୍ରଶାସନ ସାଧାରଣ ଜନତା ମାନଙ୍କୁ କିପରି ସହାୟତା ପ୍ରଦାନ କରି ପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର ଓ ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଭତ୍ତା, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ସମନ୍ୱିତ ମହିଳା ଓ ଶିଶୁ ବିକାଶ, ଉଦ୍ୟାନ, କୃଷି, ଗୋ ସମ୍ପଦ ଚିକିତ୍ସା, କୌଶଳ ବିକାଶ, ଅର୍ଥ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି, ସିଏସସି ଓ ଆଧାର ପ୍ରମୁଖ ବିଭାଗ ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧ଲକ୍ଷ ୫୫ହଜାର ଟଙ୍କାର ଚେକ ବିଧାୟକ ଶ୍ରୀ ସାହୁ ହାର୍ଟ ସର୍ଜରୀ ହୋଇଥିବା ଖଙ୍ଗୁରିଆ ପଞ୍ଚାୟତ ହରିପୁର ଗ୍ରାମର ଗଦାଧର ସାହୁଙ୍କୁ ପ୍ରଦାନ କରିଥିଲେ। ସେହିପରି ଭୂମିହୀନ ବ୍ୟକ୍ତି ବିଶେଷଙ୍କୁ ନୂତନ ପଟ୍ଟା ପ୍ରାପ୍ତ ନିମନ୍ତେ ଦରଖାସ୍ତ ଆହ୍ୱାନ କରା ଯାଇଥିବା ବେଳେ ପ୍ରଶାସନର ନିର୍ଦ୍ଦେଶକ୍ରମେ ୨ୟ ଖାନାପୁରୀ ଦ୍ୱାରା ସଂଶୋଧନ ହୋଇଥିବା ୧୪ଗୋଟି ନୂତନ ପଟ୍ଟା ବୋଲଗଡ଼ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର ରାଉଳ ତ୍ୱରିତ ପ୍ରସ୍ତୁତ କରିବାରେ ସହାୟତା କରିଥିଲେ ଓ ତାହା ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ଜାତି ପ୍ରମାଣ ପତ୍ର,ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣ ପତ୍ର ଇତ୍ୟାଦି ତ୍ୱରିତ ସମାଧାନ କରାଯାଇ ହିତାଧିକାରୀଙ୍କୁ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମାସର ପ୍ରତି ସୋମବାର ବ୍ଲକ ଅନ୍ତର୍ଗତ ୧୯ ଗୋଟି ପଂଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟ ଚାଲୁ ରହିବ ବୋଲି ବ୍ଲକ ପ୍ରଶାସନ ଠାରୁ ସୂଚନା ମିଳିଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରୀପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରୀପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ପୁଷ୍ପପୂଜା, ସ୍ମୃତିଚାରଣ, ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଦାଶିବ ପାର୍କ ଠାରେ ସ୍ଥାପିତ ଡ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀଙ୍କ ସହ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡ. ସଦାଶିବ ତ୍ରିପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ନରେନ୍ଦ୍ର ପଟ୍ଟନାୟକ, ଡ. ବିଜୟ ମିଶ୍ର, ନାରାୟଣ ପଣ୍ଡା, ସଂଗୀତା ତ୍ରିପାଠୀ, ପ୍ରଭାତୀ ତ୍ରିପାଠୀ, ମନୋରମା ମାଝୀ, ପ୍ରଭାସିନୀ ମହାନ୍ତି ପ୍ରମୁଖ ମାଲ୍ୟାର୍ପଣ ଓ ପୁଷ୍ପପୂଜା କରିଥିଲେ ଏବଂ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ୍ ର ଛାତ୍ର, ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ମହାବିଦ୍ୟାଳୟ ଅଧ୍ୟାପକ, ସହରର ବୁଦ୍ଧିଜୀବୀ, କବି, ଲେଖକ, ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ ଅଧିକାରୀ ମଧ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୌରପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତି ଚାରଣସଭାରେ ମଞ୍ଚାସିନ ଅତିଥିରୂପେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, କେଦାରନାଥ ତ୍ରିପାଠୀ, ନାରାୟଣ ପଣ୍ଡା, ଡ ବିଜୟ ମିଶ୍ର, ନରେନ୍ଦ୍ର ପଟ୍ଟନାୟକ, ଅଶୋକ କର୍ଣ୍ଣ ନିଜ ନିଜ ବକ୍ତବ୍ୟରେ ଡ ସଦାଶିବ ତ୍ରିପାଠୀଙ୍କୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ନେତା, ଆଦର୍ଶବାଦୀ, ସାଧୁତା ଓ ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ, ଜ୍ଞାନୀ, ଭୂସଂସ୍କାର ଆଇନର ସଫଳ ରୂପାୟନ କର୍ତ୍ତା ରୂପେ ଅଭିହିତ କରି ନିଜ ଜୀବନରେ ତାଙ୍କର ଆଦର୍ଶ ଓ ଦର୍ଶନକୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେ। ସଭାର ସଫଳ ରୂପାୟନରେ ପୌରପାଳିକା କର୍ମଚାରୀ ଜ୍ୟୋତି ପରିଛା, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମପଂଚାୟତ ଅଧିନସ୍ଥ ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୌଦ୍ଧ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ତଥା ବିଆରସିସି ବୌଦ୍ଧ କମଳକାନ୍ତ ଦଳବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ବିଷୟରେ କହିବା ସହିତ ସମସ୍ତେ ଶିକ୍ଷିତ ହେଲେ କେବଳ ଚାକିରି କରିବେ ଯେ ତାହା ନୁହେଁ ବରଂ ଦୈନନ୍ଦିନ ଜୀବନରେ ବ୍ୟାଙ୍କ କାରବାର, ସଠିକ୍ କିଣାବିକା, କୌଳିକ ବୃତ୍ତି ଆଦି ମୌଳିକ କାର୍ଯ୍ୟ ତୁଲାଇବାରେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାନ୍ତୁ ଏବଂ ସନ୍ଧ୍ୟାରେ କଣ ପଢିଛ ବୋଲି ପିଲାଙ୍କୁ ପଚାରନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର ଦେହୁରୀ ସମ୍ମାନିତ ଅତିଥି ଭାବରେ ମଂଚାସୀନ ଥିଲେ । ଶିକ୍ଷକ ରାଜ କୁମାର ପ୍ରଧାନ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଗୋପାଳ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଚଣ୍ଡିଗଡ଼ ଗ୍ରାମ ପରିଭ୍ରମଣ କରିଥିଲା । ତୃତୀୟ ରୁ ପଞ୍ଚମ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଷଷ୍ଠ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ସ୍ଲୋଗାନ ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଶିକ୍ଷୟିତ୍ରୀ ସୁପ୍ରିୟା ଡାଙ୍ଗ, ଛାତ୍ରୀ ସାଗରୀକା ଭୋଇ, ସୁପ୍ରିୟା ପ୍ରଧାନ, ସ୍ୱାଗତିକା ଗାଇଗଉରିଆ ଓ ବର୍ଷା ବେହେରା ପ୍ରମୁଖ ରଙ୍ଗୋଲି ଓ ସାଜସଜ୍ଜାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଅଭିଭାବକମାନେ ଉପସ୍ଥିତ ଥିଲେ । ସେହିପରି ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି ।

# ମା’ ତାରା ତାରିଣୀଙ୍କ ପୀଠରେ ବିଦ୍ୟୁତ୍ ଚାଳିତ ରୋଷେଇ ବ୍ୟବସ୍ଥାର ଶୁଭାରମ୍ଭ



ଗଞ୍ଜାମ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଆଦିଶକ୍ତି ମା’ ତାରା ତାରିଣୀଙ୍କ ପବିତ୍ର ଶକ୍ତି ପୀଠରେ ପ୍ରଥମ ଥର ପାଇଁ ବିଦ୍ୟୁତ ଚାଳିତ ରୋଷେଇ ଓ ଅନ୍ନପ୍ରସାଦ ବ୍ୟବସ୍ଥା ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତୀ ଭାସନ ଭି ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନଙ୍କ ଉପସ୍ଥିତିରେ ଏହି ସେବାର ଉଦ୍ଘାଟନ ହୋଇଛି । ମା’ଙ୍କ ପୂର୍ଣ୍ଣଗିରି-ରତ୍ନଗିରି ପର୍ବତରେ ନିର୍ମିତ ନୂତନ ପ୍ରସାଦ ସେବନ କକ୍ଷରେ ଭକ୍ତମାନେ ଏହି ଅନ୍ନପ୍ରସାଦ ପାଇପାରିବେ। ନିତ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବରେ ଭୋଜନ ସେବା ଯୋଗାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ବିଦ୍ୟୁତ୍‌ଚାଳିତ ରୋଷେଇ ଯୋଗୁଁ ରୋଷେଇ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି । ଓଡ଼ିଶାରେ ଏହା ପ୍ରଥମ ବିଦ୍ୟୁତ ଚାଳିତ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିବାରୁ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନ ଓ ମନ୍ଦିର କମିଟି ମିଶି ଏହାକୁ ଏକ ନୂତନ ପଦକ୍ଷେପ ଭାବରେ ଆରମ୍ଭ କରିଛନ୍ତି, ଯାହା ଧାର୍ମିକ ପର୍ଯ୍ୟଟନ ଓ ସେବାର ମାନ ବଢ଼ାଇବ ବୋଲି ଆଶା କରାଯାଉଛି।

## ଭାରତୀୟ ସେନା ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ସଂଯୁକ୍ତ ପ୍ରୟାସ

# ତିନିଦିନିଆ ମଡେଲ୍ ଇଣ୍ଟିଗ୍ରେଟେଡ୍ ମେଡିକାଲ୍ କ୍ୟାମ୍ପ

ବାରିପଦା, (ଭାସ୍କର ନ୍ୟୁଜ୍): ଭାରତୀୟ ସେନାର ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ସଷ୍ଟେନସନ୍ ହେଡକ୍ୱାର୍ଟର୍ସ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ସଂଯୁକ୍ତ ପ୍ରୟାସରେ, ବାରିପଦାର ବିବାହ ମଣ୍ଡପ (ଆଶୀର୍ବାଦ ଛକ, କନଭେଣ୍ଟ ରୋଡ୍, ସଷ୍ଟେନସନ୍ ବଜାର)ରେ ୦୮.୦୯. ୨୦୨୫ ଠାରୁ ଆରମ୍ଭ ହୋଇଛି ତିନିଦିନିଆ ମଡେଲ୍ ଇଣ୍ଟିଗ୍ରେଟେଡ୍ ମେଡିକାଲ୍ କ୍ୟାମ୍ପ। ଏହି କ୍ୟାମ୍ପ ୧୦.୦୯. ୨୦୨୫ ପର୍ଯ୍ୟନ୍ତ ଚାଲିବ। ଉଦ୍ଘାଟନୀ ଅନୁଷ୍ଠାନରେ ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜ ଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇଥିଲେ। ଲେଫ୍ଟନାଣ୍ଟ ଜେନେରାଲ୍ ପି. ଏସ. ଶେଖାୱତ, PVSM, AVSM, SM, GOC, ମଧ୍ୟଭାରତ ଏରିଆ ସହିତ



କୁକି ବାୱା ଓ ବ୍ରିଗେଡିଅର୍ ତଜିନ୍ଦର ସିଂହ ବାୱା, କମାଣ୍ଡର, ଛତିଶଗଡ଼ ଏବଂ ଓଡ଼ିଶା ସବ୍-ଏରିଆ ବିଶେଷ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ନେତ୍ରାନନ୍ଦ ମଲ୍ଲିକ ସହିତ ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ହୋଇଥିଲେ। ଅନୁଷ୍ଠାନର ଆରମ୍ଭରେ ଅତିଥିମାନଙ୍କୁ ପୁଷ୍ପାଞ୍ଜଳି ସହିତ ସ୍ୱାଗତ କରାଗଲା ଓ ମୁଖ୍ୟ ଅତିଥିମାନଙ୍କ ହସ୍ତେ ପ୍ରଜ୍ୱଳିତ ହେଲା ଦୀପାବଳୀ ପ୍ରଦୀପ। ଡିଗ୍ନିଟରିମାନେ ତାଙ୍କର ସମ୍ବୋଧନାରେ ଏହି କ୍ୟାମ୍ପର ଲକ୍ଷ୍ୟ ଓ ଦୃଷ୍ଟିକୋଣକୁ ଉଲ୍ଲେଖ କରି, ସମସ୍ତଙ୍କ ସହଯୋଗରେ ଏହା ସଫଳତାର ସୀମାନ୍ତକୁ ଛୁଇଁବ ବୋଲି ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି କ୍ୟାମ୍ପରେ ବିଶେଷକରି ପୂର୍ବତନ ସେନାସଦସ୍ୟ (ESM), ବୀର ନାରୀ, ବୀର ମାତା, ବିଧବା ଓ ନିର୍ଭରଶୀଳମାନଙ୍କ ପାଇଁ ବିଭିନ୍ନ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହାଇଟେକ୍ ମେଡିକାଲ୍ କଲେଜ୍ ଅଣ୍ଡ ହସ୍ପିଟାଲ୍ ସହିତ ଅନ୍ୟାନ୍ୟ ନାମୀଦାମୀ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନେ ବହୁ ବିଶେଷତାରେ ସେବା ପ୍ରଦାନ କରୁଛନ୍ତି। ଚିକିତ୍ସା ସେବା ସହିତ ପେନ୍ସନ୍, SPARSH, ECHS ଓ ଅନ୍ୟାନ୍ୟ ଅଧିକାର ସମ୍ବନ୍ଧୀୟ ଆଇନ ପରାମର୍ଶ ଓ ସହାୟତା ମଧ୍ୟ ଏହି କ୍ୟାମ୍ପରେ ଦିଆଯାଉଛି। ଏହା ସହିତ ବିଶେଷ CSD ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି। ଗୁରୁତ୍ୱପୂର୍ଣ୍ଣଭାବେ, ପ୍ରତିରକ୍ଷା ପରିବାର ସହିତ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ମାଗଣା ଚିକିତ୍ସା ସୁବିଧା ଏହି କ୍ୟାମ୍ପରେ ଯୋଗାଇ ଦିଆଯାଉଛି, ଯାହାକି ସେନାର ସାମାଜିକ ଦାୟିତ୍ୱର ଅଂଶ। ସମଗ୍ର କାର୍ଯ୍ୟକ୍ରମଟି ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ସନ୍ତୋଷ କୁମାର ପଣ୍ଡା, ଆଡମିନିଷ୍ଟ୍ରେଟିଭ୍ କମାଣ୍ଡାଣ୍ଟ, ସଷ୍ଟେନସନ୍ ହେଡ୍ କ୍ୱାର୍ଟର୍ସ ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଙ୍କ ନେତୃତ୍ୱରେ ପରିଚାଳିତ ହୋଇଛି। ଏଥିରେ ପ୍ରତିରକ୍ଷା ବିଭାଗର ଅଧିକାରୀମାନେ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପୂର୍ବତନ ସେନାସଦସ୍ୟ, ବୀର ନାରୀ, ବୀର ମାତା ଓ ତାଙ୍କ ପରିବାର ସଦସ୍ୟମାନେ ସକ୍ରିୟ ଭାଗ ନେଇଛନ୍ତି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୦୨ ଟି, ଆବାସ ପାଇଁ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୦୫ ଟି, ପୋଲିସ ସହାୟତା ପାଇଁ ୦୬ ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିରିଡ଼ି, ଆୟୁଷୀ ପତି, ତହସିଲଦାର, ବିରିଡ଼ି, ସଞ୍ଜୀୟ କୁମାର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ପଞ୍ଚାୟତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର




କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ସାତପଡା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜୋନାର ସ୍ୱତନ୍ତ୍ର ପୂଜା କାଳୀନ ଶିବିର ଅନୁଷ୍ଠିତ ହୋଇଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧକ୍ଷ ଡ. ପ୍ରକାଶ କୁମାର ଜେନାଙ୍କ ଅଧକ୍ଷତାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଛି। ଏହି ସ୍ୱତନ୍ତ୍ର ପୂଜାକାଳୀନ ଶିବିରରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଲୁଚରଣ ଜେନା ଯୋଗ ଦେଇ ସେବା ଶିବିରକୁ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ସମସ୍ତ ସେବା ଯୋଜନାରେ ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀଙ୍କୁ ଜନ ହିତକର ପ୍ରେରଣା ଦେଇଥିଲେ। ସମସ୍ତ ଛାତ୍ର ଛାତ୍ରୀ ଚାରାରୋପଣ କରିବା ସମ୍ପର୍କରେ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ଜେନା ଶିବିରାର୍ଥୀମାନଙ୍କୁ ସେବା ଶୃଙ୍ଖଳାର ପ୍ରେରଣା ଦେଇଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ଜାତୀୟ ସେବା ଶିବିର ଯୋଜନାର ଦୁଇଟି ବିଭାଗ ବାଳକ ଓ ବାଳିକା ଧର ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ଶିବିର ସାତ ଦିନ ଧରି ଚାଲିବାକୁ ଥିବା ବେଳେ ତାରିଖ ୮ ତାରିଖ ଦିନ ଉଦ୍‌ଘାଟନ ହୋଇ ଆସନ୍ତା ୧୪ ତାରିଖରେ ଉଦ୍‌ଯାପନ ହେବ ବୋଲି ସେବା ଯୋଜନା ଅଧିକାରୀ ପ୍ରସନ୍ନ କୁମାର ସାହୁ ଓ ଅଧକ୍ଷ ଡ. ପ୍ରକାଶ କୁମାର ଜେନା କହିଛନ୍ତି। ଏହି ଜାତୀୟ ସେବା ଯୋଜନାର ବାଳିକା ବିଭାଗ ଅଧିକାରୀ ଡ. ଜେନା ଓ ବାଳକ ବିଭାଗ ସେବା ଯୋଜନାକୁ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ନବ ଭାରତ ସାକ୍ଷରତା ସଚେତନତା ଉଲ୍ଲାସ ଆୟୋଜିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରଠାରେ ଜିଲ୍ଲାସ୍ତରୀୟ ନବଭାରତ ସାକ୍ଷରତା ସଚେତନତା ସଭା-ଉଲ୍ଲାସ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ଜଣ ମାଧ୍ୟମିକ ଶିକ୍ଷକ, ୫୬ ଜନ ପ୍ରାଥମିକ ଶିକ୍ଷକ ଓ ଡାଏଟ, ଜଗତ୍ସିଂହପୁର ୪ ଅଧ୍ୟାପକ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ମହାନ୍ତି ଉଲ୍ଲାସ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଜିଲ୍ଲାରେ ଏହା କିପରି କାର୍ଯ୍ୟକାରୀ ହେବ ତାହା ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଓ ରଘୁନାଥପୁରର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବ୍ଲକ୍ ନୋଡାଲ ଅଧିକାରୀ ଭାବରେ ଯୋଗଦାନ କରିଥିଲେ।

# ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ପରିବାରକୁ ସହଯୋଗ ପ୍ରଦାନ କଲା ସାମାଜିକ ସଂଗଠନ ‘ସହାୟତା’

ରାଉରକେଲା(ଭାସ୍କର ନ୍ୟୁଜ): କଥାରେ ଅଛି ଘରପୋଡି ଠାରୁ ବିପଦ ନାହିଁ। ଜଣଙ୍କ ଘର ପୋଡ଼ିଗଲେ ତାର ସର୍ବସ୍ୱ ହରାଇଥାଏ। ଏପରି ଏକ ଘଟଣା ଗତ ବୁଧବାର ଦିନ ରାଉରକେଲା ସେକ୍ଟର ୧ ଘର ନମ୍ବର ବି/୩୮ ରେ ରାତି ପ୍ରାୟ ସାଢ଼େ ଏଗାରଟା ସମୟରେ ବିଦ୍ୟୁତ୍ ସଟ୍ ସର୍କିଟ ରେ ହଠାତ୍ ନିଆଁ ଲାଗିଗଲା। ଚାହୁଁ ଚାହୁଁ ନିଆଁ ବ୍ୟାପିଗଲା। ଏହି ସମୟରେ ଘରର ମୁରବି ଡ୍ୟୁଟିରେ ଯାଇଥିବା ବେଳେ ଘରେ ଶୋଇଥିଲେ ମମତା ରାମ (୨୯) ଓ ତାଙ୍କର ପୁଅ ଅକ୍ଷତ ରାମ (୧୧) ଓ ଝିଅ କାବ୍ୟା ରାମ (୮)। ସେ ଦୁଇ ଛୁଆଙ୍କୁ ଧରି ଶୋଇବା ଘରୁ ଉଠି ମଝି ଘର କବାଟ ଦେଇ ମେନ୍ ସୁଇଚ ବନ୍ଦ କରି ବାହାରକୁ ଚାଲିଯାଇଥିଲେ। ଶୋଇବା ଘରର ସମସ୍ତ ଆସବାବପତ୍ର ହୁ ହୁ ହୋଇ ଜଳିବା ସହ ରୋଷେଇ ଘର, ଗାଧୁଆଘର ଓ ବାରଣ୍ଡା ଆଦିର ସମସ୍ତ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ବ୍ୟାପୁଥିବା ବେଳେ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ବିଭାଗ ଖବର ପାଇ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅନ୍ୟ ସବୁ ଘର ରକ୍ଷା ପାଇଯାଇଥିଲା। ଏହି ଘଟଣାରେ ସେ ଘରେ ରହୁଥିବା ଗଣେଶ ରାମ ଓ ତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଥିଲେ। ନାଁ କପଡା, ନାଁ ଖାଦ୍ୟ , ନାଁ ବାସଗୃହ ସବୁ କିଛି, କିଛି ମୂହୁର୍ତ୍ତ ରେ ଚାଲିଗଲା । ସେ ଦାଣ୍ଡର ଭିକାରୀ ହୋଇଯାଇଥିଲେ। ଖବର ନେବାରେ ଜଣାପଡିଥିଲା ଯେ ଗଣେଶ ରାମ ଛତିଶଗଡ଼ ବିଲେଇଗଡ ଜିଲ୍ଲା ସାରଙ୍ଗଗଡର ବାସିନ୍ଦା। ପେଟ ପାଟଣା ପାଇଁ ରାଉରକେଲା ଆସି ଆରଏସ୍‌ପିରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରି ନିଜର ଛୋଟ ସଂସାର ପ୍ରତିପୋଷଣ କରୁଥିଲେ। ମାତ୍ର ଘରେ ଏତେ ବଡ ଦୈବ ଦୁର୍ବିପାକ ସମସ୍ତ ହସ ଖୁସି ଛଡେଇ ନେଇଗଲା।ଏ ବାବଦରେ ଗତକାଲି ସହାୟତା ସାମାଜିକ ସଂଗଠନର ଅଧକ୍ଷ ଗୋପାଳ ଜେନା ଖବର ପାଇ ଘଟଣା ଘଟିଥିବା ଘରେ ପହଞ୍ଚିଥିଲେ। ସେଠାକାର ସ୍ଥିତି ବୁଝି ଏମାନଙ୍କୁ ସହଯୋଗ ପାଇଁ ସ୍ଥିରୀକୃତ କରି ସଂଗଠନର ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରି ଏମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା ପାଇଁ ଯଥାସମ୍ଭବ ସହଯୋଗ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ନିଷ୍ପତ୍ତି ଅନୁଯାୟୀ ଗୋଟିଏ ମାସର ରାସନ ସାମଗ୍ରୀ ସହ ସମସ୍ତ ରୋଷେଇ ସରଞ୍ଜାମ, ଲୁଗାପଟା ଆଦି କିଣି ଆଜି ସକାଳେ ଗଣେଶ ଙ୍କ ଘରେ ପହଞ୍ଚିଥିଲେ। ସଦସ୍ୟମାନେ ଗଣେଶ ଓ ତାର ସ୍ତ୍ରୀଙ୍କୁ ସମସ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ସହାୟତା ସାମାଜିକ ସଂଗଠନର ଅଧକ୍ଷ ଗୋପାଳ ଜେନା,ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ସଦସ୍ୟ ଲୀନା ନାୟକ, ପ୍ରୀତିରାଣି ରାଉତ, ହେମଲତା ପ୍ରସାଦ, ପ୍ରତିଭା ପ୍ରିୟଦର୍ଶିନୀ, ଅନ୍ନପୂର୍ଣ୍ଣା ମାହାନ୍ତି, ମିତା ତରାଇ,ବିଜୟ ପ୍ରସାଦ, ଲଳିତ ରାଉତ, ଦେବଦତ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସହାୟତା ସଂଗଠନ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ସମୟରେ ଅସହାୟ ଓ ଗରିବଙ୍କୁ ସହଯୋଗର ହାତ ବଢେଇଥାଏ।

# ଖୁଦୁରୁକୁଣୀ ଭସାଣି ସମ୍ପନ୍ନ

ବାଙ୍କୀ, (ଭାସ୍କର ନ୍ୟୁଜ୍): ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗ୍ରାମର ପ୍ରସିଦ୍ଧ ଖୁଦୁରୁକୁଣୀ ପର୍ବକୁ ନେଇ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି । କୁମାରୀ ଓ ମହିଳା ମାନଙ୍କ ପର୍ବ ତଥା ଏହା ଏକ ପାରମ୍ପରିକ ପର୍ବ ଭାବେ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପାରମ୍ପରିକ ପର୍ବ ରେ କୁମାରୀ ଓ ମହିଳା ମାନେ ଖୁଦୁରୁକୁଣୀ ଓଷାବ୍ରତ ନିଷ୍ଠାର ସହ ପାଳନ କରି ଆସୁଥିବା ବେଳେ ପ୍ରତ୍ୟେକ ସାହିରେ ମାଟିରେ ନିର୍ମିତ ବିଭିନ୍ନ ପ୍ରକାର ମୃଣ୍ମୟୀ ମୂର୍ତ୍ତିମାନ ପୂଜା କରାଯାଇଥାଏ। ସୁବର୍ଣ୍ଣପୁର ଗ୍ରାମର ବିଭିନ୍ନ ସାହିର ୧୫ ଗୋଟି ମୂର୍ତ୍ତି ନିର୍ମାଣ କରାଯାଇଛି। ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଗ୍ରାମ୍ୟ କମିଟି ଓ ଶାନ୍ତି କମିଟି ଦ୍ୱାରା ପର୍ବ ଶାନ୍ତି ଶୃଙ୍ଖଳା ସହିତ ପରିଚାଳିତ କରାଯାଇଥାଏ। ପ୍ରତ୍ୟେକ ସାହିର ମେଢ଼ ମୁରବୀମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ରହିଥାନ୍ତି। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ବିଭିନ୍ନ ଅଞ୍ଚଳର ହଜାର ହଜାର ସଂଖ୍ୟକ ଲୋକ ଦେଖିବାକୁ ଆସିଥାନ୍ତି। ସୋମବାର ଦିନ ଭସାଣି ଯାତ୍ରା ଅତି ଶାନ୍ତି ଶୃଙ୍ଖଳା ସହିତ ପାଳନ କରାଯାଇଥିଲା। ଦିବା ୧୨ ଘଟିକାରେ ସମସ୍ତ ମେଢ଼ ବଡ଼ଦାଣ୍ଡ ସିଂହ ଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ପ୍ରସେଶନ ଆରମ୍ଭ ହୋଇଥିଲା। ତତ୍ପରେ ଭସାଣି ଆରମ୍ଭ ହୋଇ ଗୋଟିକ ପରେ ଗୋଟିଏ ମେଢ଼ ବାଜା ବାଣ ଫୁଟାଇ ଗ୍ରାମ ପରିକ୍ରମା କରିଥିଲେ । ଅତି ଶାନ୍ତି ଶୃଙ୍ଖଳା ସହିତ ଭସାଣି ପର୍ବ ପାଳନ ହୋଇଥିଲା। ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ବାଙ୍କୀ ଏସ୍‌ଡିପି ଓ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁଙ୍କ ଅଧକ୍ଷତାରେ ପୋଲିସ ପ୍ରଶାସନ ଉପସ୍ଥିତରେ ଶାନ୍ତି ଶୃଙ୍ଖଳା ସହିତ ଭସାଣି ଯାତ୍ରା ସମ୍ପନ୍ନ ହୋଇଛି।



## କାମାକ୍ଷା ପ୍ରସାଦ ପ୍ରଦେଶ କଂଗ୍ରେସର ସାମାଜିକ ଗଣମାଧ୍ୟମ ସଦସ୍ୟ



ଗୋପ (ଭାସ୍କର ନ୍ୟୁଜ୍): ଗୋପ ବ୍ଲକର ଯୁବ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ଦଳବେହେରାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମ କମିଟିରେ ସଂଯୋଜକ ସଭ୍ୟ ଭାବେ ମନୋନୀତ କରାଯାଇଛି। ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଓଡିଶା ପ୍ରଦେଶ କଂଗ୍ରେସର ୩୮ ଜଣଙ୍କୁ ସାମାଜିକ ଗଣମାଧ୍ୟମ କମିଟିର ସଂଯୋଜକ ସଭ୍ୟ ଭାବେ ମନୋନୀତ କରାଯାଇଛି। ଏଥିମଧ୍ୟରୁ କାମାକ୍ଷା ପ୍ରସାଦ ଦଳବେହେରା କମିଟିର ସଂଯୋଜକ ସଦସ୍ୟ ହୋଇଛନ୍ତି। କାମାକ୍ଷା ଜଣେ କଂଗ୍ରେସ ଦଳର ଯୁବ ନେତା ହେବା ସହିତ ସୁସଂଗଠକ ହୋଇଥିବାରୁ ଏହି ପଦ କଂଗ୍ରେସ ତରଫରୁ କାମାକ୍ଷାଙ୍କୁ ଦିଆଯାଇଥିବାରୁ କାମାକ୍ଷା ସୂଚାର ରୂପେ ସଂଗଠନକୁ ତୁଲାଇବେ ବୋଲି ଗୋପ କଂଗ୍ରେସ ତରଫରୁ ଖୁସିର ଲହରୀ ଖେଳି ଯାଇଥିବାବେଳେ ଗୋପ ଆଥ ଲେଟିକ୍ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ କାମାକ୍ଷା ଦଳବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମରଣଯନ୍ତା ପାଲଟିଛି ରାସ୍ତା, ଗ୍ରାମବାସୀ ହନ୍ତସନ୍ତ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକ କେରଜୋଳି ପଞ୍ଚାୟତ ଅଧିନରେ ଥିବା ଝାଞ୍ଜିରୀବେରଣା ଗ୍ରାମର ଯାତାୟାତ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇଛି । ଏହି ଜଙ୍ଗଲ ଘେରା ଝାଞ୍ଜିରୀବେରଣା ଗ୍ରାମରେ ଅଧିକାଂଶ ଆଦିବାସୀ ଶ୍ରେଣୀର ହାରା ହାରି ଅଶୀରୁ ଊର୍ଦ୍ଧ୍ୱ ପରିବାର ବସ ବାସ କରୁଥିବା ବେଳେ, ଗ୍ରାମରୁ ଅନ୍ୟ ଗ୍ରାମକୁ ଯିବାକୁ ହେଲେ ମୁଖ୍ୟତଃ ବର୍ଷାଦିନେ ଅନେକ ଅସୁବିଧାରେ ଯିବାକୁ ପଡିଥାଏ। ଗ୍ରାମରୁ କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହେଲେ କେରଜୋଳି ଗ୍ରାମ ଦେଇ ପନ୍ଦର କିଲୋମିଟର ଆସିବାକୁ ପଡିଥାଏ। କିନ୍ତୁ ଝାଞ୍ଜିରୀବେରଣା ଠାରୁ ବାମ୍ ପଞ୍ଚାୟତ କୀର୍ତ୍ତନପୁର ଭଗାମୁଣ୍ଡା ଦେଇ କଙ୍କଡ଼ାହାଡ଼ ବ୍ଲକକୁ ଆସିବାକୁ ହେଲେ ଦଶ କିଲୋମିଟର ରାସ୍ତା ପଡିଥାଏ। ତେଣୁ ଏହି ଭଗାମୁଣ୍ଡା ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ପଥଚାରୀ ଯାତ୍ରା କରିଥାନ୍ତି। ଏହି ରାସ୍ତାଟି ଢେଙ୍କାନାଳ ଜିଲ୍ଲାରୁ କେନ୍ଦୁଝର ଜିଲ୍ଲା ପର୍ଯ୍ୟନ୍ତ ସଂଯୋଗ ହୋଇ ଥିବାବେଳେ ରାସ୍ତାଟି ଅତି ସ୍ୱଳ୍ପ ବ୍ୟବଧାନ ଦୂରତା ହୋଇଥିବାରୁ ଅନେକ ବାଟୋଇ ଏହି ରାସ୍ତା ଉପରେ ନିର୍ଭର କରି ଥାନ୍ତି। ପ୍ରତ୍ୟେକ ଦିନ ସ୍କୁଲ, କଲେଜ, ଅଫିସ, ମେଡିକାଲ ଓ ବଜାର ଯିବା ପାଇଁ ହେଲେ ଅଧିକାଂଶ ଝାଞ୍ଜିରୀବେରଣା ଗ୍ରାମବାସୀ ଭଗାମୁଣ୍ଡା ରାସ୍ତା ଦେଇ ଆସିଥାନ୍ତି ମୁଖ୍ୟରାସ୍ତାକୁ । କିନ୍ତୁ ବର୍ଷା ଦିନରେ ରାସ୍ତାର ଅବସ୍ଥା କାଦୁଅ ପାଣିରେ ଏତେ ଶୋଚନୀୟଯେ, ଲଗାଣବର୍ଷା ହେଲେ ରାସ୍ତାରେ ଝରଣା ବାହାରି ପାଣି ମାଡୁଥିବା ଦୃଶ୍ୟ ମଧ୍ୟ ନଜିର ରହିଛି। ଏହି ରାସ୍ତା ବାବଦରେ ଝାଞ୍ଜିରୀବେରଣା ଗ୍ରାମବାସୀ ଅନେକ ଥର ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଗୁହାରି କରି ଆସୁଥିଲେ ମଧ୍ୟ କାର୍ଯ୍ୟ ଫଳପ୍ରଦ ହୋଇ ପାରିନାହିଁ। ଏଥିପ୍ରତି ବିଭାଗୀୟ ଆନ୍ତରିକତା ସହ ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟ ମରାମତି କରିବାକୁ ଗ୍ରାମବାସୀଙ୍କ ସମେତ ସର୍ବସାଧାରଣରେ ଦାବି ରଖିଛନ୍ତି।

# ରାଶିଫଳ

**ବୁଧବାର, ୧୦ ସେପ୍ଟେମ୍ବର ୨୦୨୫**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ। ଆପଣ ସଚେତ ରୁହନ୍ତୁ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ଧନ ଖର୍ଚ୍ଚ ହେବ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଚ୍ଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବୌଦ୍ଧ(ଭାସ୍କର ନ୍ୟୁଜ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ,ବୌଦ୍ଧ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ସହର ମଧ୍ୟରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜ୍ୟୋତିକାନ୍ତ ସାହୁ ,ଯୋଗଦେଇ ଅନ୍ତର୍ଜାତୀୟ ସାକ୍ଷରତା ଉପରେ ଆଲୋଚନା କରିଥିଲେ ଏବଂ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସାମଲ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଭାକୁ ସଭାପତିତ୍ୱ କରିଥିଲେ । ପ୍ରକାଶ କୁମାର ରଥ, ସହଯୋଗୀ ଶିକ୍ଷା ଅଧିକାରୀ, ବୌଦ୍ଧ, ଶ୍ରୀଯୁକ୍ତ ନିରଞ୍ଜନ ପଣ୍ଡା ସହଯୋଗୀ ଶିକ୍ଷା ଅଧିକାରୀ , କଣ୍ଟାମାଳ, ଶ୍ରୀଯୁକ୍ତ ଲାଜିଶେଶ୍ୱର ନାୟକ ସହଯୋଗୀ ଶିକ୍ଷା ଅଧିକାରୀ, ହରଭଙ୍ଗା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବସର ମହତ୍ୱ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧର ପ୍ରତିମା ମୁଖୀ, ମଞ୍ଜୁ ବେହେରା, ସତ୍ୟବତୀ କୁମ୍ଭାର, ସୁମିତ୍ରା ଜେନା, ସୋଭାଗିନି ଡାଙ୍ଗିଆ ପ୍ରେରକମାନେ କି ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମରେ ସାକ୍ଷର ହୋଇଥିଲେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଜିଲ୍ଲା ନୋଡାଲ ଅଧିକାରୀ (ULLAS) ଶ୍ରୀଯୁକ୍ତ ଜୟନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ସଂଯୋଜନା କରିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ପଙ୍କଜ କୁମାର ମହାକୁଡ଼, ଦିନେଶ କୁମାର ମେହେର , ନିଳମାଧବ ମଲ୍ଲିକ , ଏବଂ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।



## କ୍ଷୁଦ୍ରଶସ୍ୟ ଖାଦ୍ୟମେଳା ଓ ସଚେତନତା ରଥ ଶୁଭାରମ୍ଭ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ପରିସରରେ ଆରସିଡିସି ସଂସ୍ଥା ,କୋଷାଗୁମୁଡ଼ା ଦ୍ୱାରା ଖାଦ୍ୟମେଳା ଏବଂ କ୍ଷୁଦ୍ର ଶସ୍ୟ ଜନିତ ଖାଦ୍ୟ ବୃଦ୍ଧି ନିମନ୍ତେ ଏକ ସଚେତନତା ରଥ ର ଉଦଘାଟନ ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ ଓ ବ୍ଲକ କୃଷିଅଧିକାରୀ- ଦୁର୍ଯ୍ୟୋଧନ ଯାନୀ ଙ୍କ କର କୋମଳ ରେ ଶୁଭ ଉଦଘାଟନ ହୋଇଯାଇଛି । ଉଦଘାଟନ ସମୟରେ କୃଷି ପର୍ଯ୍ୟବେକ୍ଷକ ସର୍ବେଶ ପତି, ସିଡିପିଓ-ଯମୁନା ଭତ୍ରା, ବିପିସି ମିଶନଶକ୍ତି ମଙ୍ଗଳସିଂହ ହଲବା, ବିଏସଏସ ଓ- ସୌମ୍ୟରଂଜନ ନାୟକ, ଯୋଗାଣ ଅଧିକାରୀ -ମାନସ



ରଞ୍ଜନ ଜେନା, ଏପିସି ପ୍ରକଳ୍ପ କର୍ମଚାରୀ ,ଏମ ଏମ ଜେ କେ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ଏସ ଏଚ ଜି ସଦସ୍ୟା ଙ୍କ ଉପସ୍ଥିତି ଥିଲେ ।ଆରସିଡିସି ,କୋଷାଗୁମୁଡ଼ା ଦ୍ୱାରା ଅନୁଷ୍ଠିତ ଏହି ଖାଦ୍ୟମେଳା ରେ ମା ଗାୟତ୍ରୀ, ମା ପେଦ୍ରାଣୀ, ମା ଠାକୁରାଣୀ, ଓ ମହାଦେବ ସ୍ୱୟଂ ସହାୟକ ଦଳ ର ସଦସ୍ୟା ମାନଙ୍କ ମିଳିତ ସହଯୋଗରେ ମାଣ୍ଡିଆ ବୋରା, ମାଣ୍ଡିଆ ପକୁଡ଼ି, ମାଣ୍ଡିଆ ଲୋଡ଼ୁ, ମାଣ୍ଡିଆ ମିକଚର ଇତ୍ୟାଦି ଖାଦ୍ୟ ସାମଗ୍ରୀ ଉପସ୍ଥିତ ପ୍ରାୟ ୫ଶହ ଲୋକଙ୍କୁ ବଣ୍ଟା ଯାଇଥିଲା । ତାହା ସହ ମାଣ୍ଡିଆ ସଚେତନତା ରଥ ୮ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ପ୍ରାୟ ତିନି ଦିନ ପର୍ଯ୍ୟନ୍ତ କୋଷାଗୁମୁଡ଼ା ବ୍ଲକ ର ୨୬ଗୋଟି ପଞ୍ଚାୟତ ଓ ପ୍ରତ୍ୟେକ ଗ୍ରାମ ପେରହିଁଚି ମାଣ୍ଡିଆ ଖାଦ୍ୟ ଖାଦ୍ୟ ,ପୁଷ୍ଟ ଗୁରୁତ୍ୱ ଏବଂ ମାଣ୍ଡିଆ ଖାଦ୍ୟ ର ଉପଯୋଗୀତା ବିଷୟରେ ପ୍ରଚାର ପ୍ରସାର ହେବ। ଆୟୋଜକ ସଂସ୍ଥା ଆରସିଡିସି ର ସିଆର୍ପି- ଭଗବାନ ଭତ୍ରା, ଦୟାନିଧି ଅମାନତ୍ୟ ,ଫୁଲସିଙ୍ଘ କଲାର,ଦେବାନନ୍ଦ ଗୌଡ଼, ଲମ୍ବଧର ମିର୍ଗା ନ,ଚନ୍ଦ୍ରସିଂ ନାୟକ, ସୁନୀଲ କୁମାର ଚୌଧୁରୀ(କିରାଣୀ),ଅଭିଜିତ ମେହେର(ପି.ସି.ଲାଇଭଲିଉଡ଼),ସ୍ନେହାଞ୍ଜଳୀ ସ୍ୱାଇଁ(ପି.ସି, କୃଷି)ପ୍ରମୁଖଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଛି ।

## ■ ସାମାନ୍ୟ ବଚସାରୁ ତୁମୁଳକାଣ୍ଡ
# ଦାଦାଙ୍କ ତୀରମାଡ଼ରେ ପୁତୁରା ଗୁରୁତର



ମାଥିଲି (ଭାସ୍କର ନ୍ୟୁଜ) ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ପଞ୍ଚାୟତର ପାକନାଗୁଡା ଠାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। କୌଣସି ଏକ ବଚସା ଦାଦା ଏବଂ ପୁତୁରା ମଧ୍ୟରେ ହୋଇଥିଲା। ଦାଦା (ବିଶ୍ୱନାଥ ଗୌଡ଼)ଉତ୍କ୍ଷିପ୍ତ ହୋଇ ଘରକୁ ଆସି ତୀର ଧରି ଲୁଚିକି ବସିରହିଥିଲା । ପୁତୁରା (ଲକ୍ଷ୍ମଣ ଗୌଡ଼) କିଛି ସମୟ ପରେ ଘରକୁ ଫେରୁଥିବା ସମୟରେ ଦାଦା ତୀର ମାରି ଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ପାଣ୍ଡ୍ରିପାଣି ମେଡିକାଲ ନେଇ ଥିଲେ ସେଠାରୁ ଡାକ୍ତର ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ କୁ ଉନ୍ନତ ଚିକିତ୍ସା ପାଇଁ ପଠେଇଥିଲେ କିନ୍ତୁ ସେଠି ମଧ୍ୟ ଡାକ୍ତର ତୁରନ୍ତ ଅପରେସନ ପାଇଁ କୋରାପୁଟ ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥଲେ। ସେଠାରେ ଲକ୍ଷ୍ମଣ ବହୁ ଗୁରୁତର ଥିବା ପରିବାର ଲୋକ ଗଣମାଧମକୁ ଜଣାଇଛନ୍ତି ।

## ଅନ୍ତର୍ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ




ବୌଦ୍ଧ (ଭାସ୍କର ନ୍ୟୁଜ୍): ନବଭାରତ ସାକ୍ଷାରତା କାର୍ଯ୍ୟକ୍ରମ ଅନ୍ତର୍ଗତ କାର୍ଯକ୍ରମ 'ଅନ୍ତର୍ଜାତୀୟ ସାକ୍ଷାରତା ସପ୍ତାହ ' ହରଭଙ୍ଗା ବ୍ଲକ ଅନ୍ତର୍ଗତ କମଳପୁର ଉ. ପ୍ରା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ କୁମାର ରଣାଙ୍କ ଅଧକ୍ଷତା ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା କ୍ଷ ଏହା ପରେ ବିଭିନ୍ନ ସାକ୍ଷରତା ସ୍ଲୋଗାନ ଦେଇ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଗ୍ରାମ ପରିକ୍ରମା କରିଥିଲେ କ୍ଷ ଆଧୁନିକ ବିଶ୍ୱରେ ଶିକ୍ଷାର ମହତ୍ତ୍ୱ ଓ ନିରକ୍ଷରତାକୁ ସମାପ୍ତ କରିବା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପଟ୍ମ୍ବେର ୮ ତାରିଖକୁ ସାରା ବିଶ୍ୱ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଭାବେ ପାଳିତ କରିଆସୁଛି । ଆଜିର ବିଶ୍ୱରେ ଶିକ୍ଷାର ଗୁରୁତ୍ୱ ଓ ପ୍ରାଥମିକତାକୁ ବିଶ୍ୱବ୍ୟାପୀ ପ୍ରସାହିତ କରିବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ, ଏହି କ୍ରମରେ ଆଜି ଗ୍ରାମରେ ଲୋକମାନଙ୍କୁ ସାକ୍ଷାରତା ସମ୍ପର୍କେ ରେ ସଚେତନ କରାଯାଇଥିଲା କ୍ଷ କାର୍ଯକ୍ରମ ରେ ଶିକ୍ଷକ ରଜତ ନାୟକ, ପ୍ରତାପ ପ୍ରଧାନ, କୁମୁଦିନୀ ଝାଙ୍କର, ବିପିନ ସାହୁ ଏବଂ ସନ୍ତୋଷ ରଥ ପ୍ରମୁଖ ସହଯୋଗ କରିଥିଲେ ।

### ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନୀ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଭୁବନନୀ ଗ୍ରାମ ପଞ୍ଚାୟତ ସମେତ ତୁମୁଲ, ସେରଙ୍ଗ ଓ ଅଜୟଗଡ଼ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ-୬୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ ଓ ସ୍ଥାନୀୟ ଜନପ୍ରତିନିଧି ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



କଣ୍ଟାମାଳ (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାରେ ଆଜି ନୂତନ ଥାନା ଅଧିକାରୀ ଭାବରେ ଇନ୍ସପେକ୍ଟର ରଂଜିତ କୁମାର ମୁନି ଯୋଗଦାନ କରିଛନ୍ତି । ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ ଠାରୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସୂଚନାଥାଉ କି କଣ୍ଟାମାଳ ଥାନାରେ ଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ଙ୍କୁ ବୌଦ୍ଧ ସାଇବର ଥାନାକୁ ବଦଳି କରାଯାଇଥିବା ବେଳେ ବୌଦ୍ଧ ଥାନାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ରଂଜିତ କୁମାର ମୁନି ଙ୍କୁ କଣ୍ଟାମାଳ ଥାନାକୁ ବଦଳି କରା ଯାଇଛି। ଶ୍ରୀ ମୁନି ଆଜି କାର୍ଯ୍ୟରେ ଯୋଗଦାନ କରିବା ପରେ ସମସ୍ତ କର୍ମଚାରୀ ଙ୍କ ସହ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ । କଣ୍ଟାମାଳ ଥାନା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ କାରବାର , ଚୋରି, ଡକାୟତି, ରାହାଜାନୀ ଆଦି ଅନେକ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଶ୍ରୀ ମୁନିଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଏହାର ନିୟନ୍ତ୍ରଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଶ୍ରୀ ମୁନି ଥାନା ଅଞ୍ଚଳର ଜନସାଧାରଣଙ୍କ ସୁରକ୍ଷା ସହିତ ଟ୍ରାଫିକ ସମସ୍ୟା, ଗଞ୍ଜେଇ ଚୋରା ଚାଲାଣ, କଫ୍ ସିରଫ ବ୍ୟବହାର, ଅସାମାଜିକ କାର୍ଯ୍ୟକଳାପ ପ୍ରତି ଧ୍ୟାନଦେଇ ପୋଲିସ ଜନତାର ସହଯୋଗ କାମନା କରିବା ସହିତ ଲୁଟତରାଜ, ରାହାଜାନି, ଅପରାଧିକ କାର୍ଯ୍ୟକଳାପ ଆଦି ବିଭିନ୍ନ ଦିଗରେ ଜନସଚେତନା ସୃଷ୍ଟି କରିବା ସହ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ମୋର ଲକ୍ଷ୍ୟ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ 'ଉଲ୍ଲାସ' କାର୍ଯ୍ୟକ୍ରମ



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ଆଜି ସରକାରୀ ଏକ୍ସ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଷାଗୁମୁଡା ଠାରେ ବ୍ଲକ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକ ଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୫ରୁ ୩୫ ବର୍ଷ ମଧ୍ୟର ପୁରୁଷ କିମ୍ବା ମହିଳାମାନେ ମୂଳ ଦିନରୁ ପାଠ ପଢ଼ିନଥିବେ କିମ୍ବା ପାଠ ପଢ଼ି ଭୁଲିଯାଇଥିବା ବ୍ୟକ୍ତିବିଶେଷ ଙ୍କ ପାଇଁ ପୁନର୍ବାର ଶିକ୍ଷା ପ୍ରଦାନ ବ୍ୟବସ୍ଥା କୁ ନେଇ ସରକାର ଙ୍କ ନୂତନ ଯୋଜନା ତଥା 'ଉଲ୍ଲାସ' କାର୍ଯ୍ୟକ୍ରମ ଆଜି କୋଷାଗୁମୁଡା ସଦର ମହକୁମା ସ୍ଥିତ ସରକାରୀ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହିପରିପ୍ରେକ୍ଷୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, ସରପଞ୍ଚ ପ୍ରତିନିଧି ହରିବନ୍ଧୁ ମାଝୀ, ସମିତି ସଭ୍ୟ ଲକ୍ଷଣ ପୂଜାରୀ, ସାଂସଦ ପ୍ରତିନିଧି ଙ୍କ ତରଫରୁ ଶ୍ରୀଯୁକ୍ତ ଭୁବନେଶ୍ୱର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକ, ବ୍ଲକ ଉପ ଶିକ୍ଷା ଅଧିକାରୀ ହେମନ୍ତ ମାଝୀ, ସିଆର୍‌ସିସି, ପ୍ରଧାନ ଶିକ୍ଷକ, ସହାୟକ ଶିକ୍ଷକ,ଭିଟ, ଲନର୍ସ, ଅଭିଭାବକ ତଥା ସାମ୍ବାଦିକମାନଙ୍କ ଗହଣରେ ସାମୂହିକ ପଦଯାତ୍ରା, ସହ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଘୋଡାନାଚ ସହ ବହୁ ସୁନ୍ଦର ଭାବରେ ପାଳନ ହୋଇଯାଇଛି।

## ବିଜେପିର ଦୁଇ ବରିଷ୍ଠ ନେତାଙ୍କ ନୂଆପଡ଼ା ଗସ୍ତ

ଖଡ଼ିଆଲ(ଭାସ୍କର ନ୍ୟୁଜ): ନୂଆପଡା ସର୍କିଟ ହାଉସ ଠାରେ ଓଡିଶା ସରକାରଙ୍କ ଦୁଇ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ରବି ନାରାୟଣ ନାୟକ ଓ ନିତ୍ୟାନନ୍ଦ ଗଣ୍ଡଙ୍କ ନୂଆପଡା ଜିଲ୍ଲା ଗସ୍ତ ସମୟରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ସମୟରେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡା , ବିଜେପି ଜିଲ୍ଲା ସଭାପତି କମଲେଶ୍ ଦୀକ୍ଷିତ,ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ ଠାକୁର, ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅଜିତ୍ କିଶୋର ଚଲାନ , ମଣ୍ଡଳ ସଭାପତି ପୁସ୍ତମ ମସ୍ରା, ମଣ୍ଡଳ ସଭାପତି କୃତିବାସ ତେଜି,ମଣ୍ଡଳ ସଭାପତି କୁମ୍ଭ ବାଗ, ଲୀଲୁ ବେହେରା , ପ୍ରଦୀପ ନାୟକ, ଲବ ରଣା ଓ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।



## ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଖେଳ ପଡିଆ ଠାରେ ଜୋନାଲସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ଜୋନ ଅନ୍ତର୍ଗତ ୧୨ ଟି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ କମ୍ ଓ ୧୭ ବର୍ଷ ରୁ କମ୍ ଉଭୟ ବାଳକ ଓ ବାଳିକାମାନେ ପ୍ରାୟ ୧୮୦ ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଥିଲେ। କବାଡ଼ି ଏବଂ ଭଲିବଲ ,ଖୋଖୋ ଓ ଏଥଲେଟିକ୍ସ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଥିବା ଖେଳାଳିମାନେ ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆଗାମୀ ଦିନରେ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ଗାରାବନ୍ଧ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ଗଜପତି ଡ଼ଃ ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଡି. ଶ୍ରୀରାମ ମୂର୍ତ୍ତି ପତାକା ଉତ୍ତୋଳନ କରି ପ୍ରତିଯୋଗିତା ଆରମ୍ଭ କରିଥିଲେ। ଜିଲ୍ଲା ଭାରାପ୍ରାପ୍ତ ଶାରୀରିକ ଶିକ୍ଷା କ୍ରୀଡା ଅଧିକାରୀ, ଶ୍ରୀ ସୁରେନ୍ଦ୍ର ନାଥ ପାତ୍ର ଖେଳାଳିମାନଙ୍କୁ ଶପଥ ପାଠ କରାଇଥିଲେ।

## ଜୁନିୟର ରେଡ଼କ୍ରସ୍ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ମାଲକାନାଗିରି (ଭାସ୍କର ନ୍ୟୁଜ୍): ଜୁନିଅର ରେଡ଼କ୍ରସର ଅଣତାଲିମ ପରାମର୍ଶଦାତା ମାନଙ୍କର ତିନିଦିନିଆ ପ୍ରଶିକ୍ଷଣ ଶିବିରର ୩ୟ ଦିନ ବା ଉଦ୍‌ଯାପନୀ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି - ୭ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଶେଷ ଦିବସର ଆରମ୍ଭରେ ପ୍ରାଥନ୍ମା କାଳାଂସ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଜୁନିୟର ରେଡ଼କ୍ରସ ବ୍ଲକ ସଂଯୋଜକ ଦେବରାଜ ସେଠୀ ଓ ଆୟୋଜିତ ବିଦ୍ୟାଳୟର କାଉନସିଲ ଅଜୟ କୁମାର ସ୍ୱାଇଁ ଙ୍କ ତତ୍ତ୍ୱାବଧାନ କାଉନସିଲର ମାନଙ୍କର ଦ୍ୱାରା ଯୋଗ ପ୍ରାଣାୟମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜୁନିୟର ରେଡ଼କ୍ରସ ଖଇରିପୁଟ ବ୍ଲକ ସଂଯୋଜକ ଦେବରାଜ ସେଠୀ । ଏହି ତିନିଦିନିଆ ଶିବିରର ଶେଷ ଦିବସରେ ପ୍ରଥମ କାଳାଂଶ ଜିଲ୍ଲା ଏମ ଭି ଆଇ ଶ୍ରୀଯୁକ୍ତ ରତି ନାରାୟଣ ବେହେରା ଓ ଜୁନିୟ ଏମଭି ଆଇ ସେକ ଜମିରଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରରେ ଶିକ୍ଷାଦାନ କରିଥିଲେ। ଦ୍ୱିତୀୟ କାଳାଂସରେ ଫାୟାର ସେଫ୍‌ଟି ଉପରେ ପ୍ରଶିକ୍ଷାର୍ଥୀଙ୍କୁ ଜିଲ୍ଲା ଅଗ୍ନିଶମ ବିଭାଗର ଅଗ୍ନିଶମ ଅଧିକାରୀ କମଲ ଲୋଚନ ଗୌଡ଼ ନିଆଁଲିଭା କୌଶଳକୁ ବିସ୍ତୃତ ଭାବରେ ଶିଖାଇବା ସହିତ କିପରି ବିପର୍ଯ୍ୟୟ ସମୟରେ ବଡ଼ ବଡ଼ ପଡ଼ିଥିବା ଗଛ ଦ୍ୱାରା ରାସ୍ତା ଅବରୋଧ ହଟାଯିବ ପାଣିରେ ବୁଡ଼ି ଯାଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯିବ ଶିଖାଇଥିଲେ। ବରିଷ୍ଠ ଜେ.ଆର.ସି. କାଉନସିଲ ଅଜୟ କୁମାର ସ୍ୱାଇଁ ଜେ.ଆର.ସି କାଉନସିଲ ବିଷ୍ଣୁ ପ୍ରସାଦ ସୁବୁଦ୍ଧି ଶେଷ କାଳାଂସରେ ଏଇଚଆଇଭି ଓ ଏଡସ୍ ଉପରେ ଶିକ୍ଷାଦାନ କରିଥିଲେ । ପରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ କୃଷି ସଚିବ ଡଃ ଶୁଭ୍ରାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବରେ ଏପିଡ଼ି ହିମାଂଶୁ ଶେଖର ମହାରଣା ଉପସ୍ଥିତ ରହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳ ରୁପାୟନ ପାଇଁ ବରିଷ୍ଠ ଜେ.ଆର. ସି. କାଉନସିଲ ଅଜୟ କୁମାର ସ୍ୱାଇଁ, ମନୋଜ ମହାପାତ୍ର, ଦୀନବନ୍ଧୁ ବେଜ୍, ବାସୁଦେବ ପଣ୍ଡା, ଜିତୁରଂଜନ ସ୍ୱାଇଁ, ଶରତ ଚନ୍ଦ୍ର ଦାଶ, ଚତୁର୍ଭୁଜ ଦାସ, ସୁକୁମାର ପଣ୍ଡା, ବସନ୍ତ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନାତନ ପ୍ରଧାନ, ରଂଜନ କୁମାର ବେହେରା ପ୍ରମୁଖଙ୍କ ସହିତ ସମସ୍ତ ଜୁନିଅର ରେଡ଼କ୍ରସର ଅଣତାଲିମ ପରାମର୍ଶଦାତାଙ୍କୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।ବରିଷ୍ଠ କାଉନସିଲର ତଥା ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ ।

# ଥାନା ସମ୍ମୁଖରେ ଭାଙ୍ଗିଲା ଗଛ
## ଅଳ୍ପକେ ବର୍ତ୍ତିଲେ ବିଡ଼ିଓ ଓ ବ୍ଲକ କର୍ମଚାରୀ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ସମ୍ମୁଖରେ ଥିବା ଏକ ପୁରୁଣା ଗଛ ଅପ୍ରତ୍ୟାଶିତ ଭାବରେ ଭାଙ୍ଗି ପଡ଼ିବାରୁ ସୋମବାର ଅପରାହ୍ନରେ ଖପ୍ରାଖୋଲ ବିଡ଼ିଓ ଓ ବ୍ଲକ୍ କର୍ମଚାରୀ ଅଳ୍ପକେ ବର୍ତ୍ତିଛନ୍ତି। ସୂଚନା ଅନୁସାରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ନିଜ ସରକାରୀ ଗାଡ଼ି ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଓ ଅନ୍ୟ ଦୁଇଜଣ କର୍ମଚାରୀ ମହରାପଦରରୁ ଅଭିଯୋଗ ଶୁଣାଣି ଶିବିର ଶେଷ କରି ଅପରାହ୍ନରେ ଫେରୁଥିବାବେଳେ ଥାନା ସମ୍ମୁଖରେ ଥିବା ଏକ ପୁରୁଣା ଗଛ ଅପ୍ରତ୍ୟାଶିତ ଭାବରେ ଗାଡ଼ି ସମ୍ମୁଖରେ ଭାଙ୍ଗି ପଡ଼ିଥିଲା। ଯାହାଫଳରେ ଏକ ବଡ ଅଘଟଣରୁ ବିଡ଼ିଓ ସମେତ ଅନ୍ୟମାନେ ବର୍ତ୍ତି ଯାଇଥିଲେ। ଗଛଟି ବିଦ୍ୟୁତ୍ ତାର ଉପରେ ପଡିବାରୁ କରେଣ୍ଟ ମଧ୍ୟ ଚାଲିଯାଇଥିଲା। ଏହା ପରେ ବିଡ଼ିଓ ଅଗ୍ନିଶମ ବିଭାଗ କୁ ଖବର ଦେଲା ପରେ ବିଦ୍ୟୁତ୍ କର୍ମଚାରୀ ଓ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିଥିଲେ। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଥାନା ଅଧିକାରୀ ନରେନ୍ଦ୍ର ଛତର, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗଛ କାଟିଲା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ତମାଖୁ ଦୋକାନରେ ଚଢ଼ଉ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଆଜି ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି । ସହରରେ ଥିବା ଝରିଗାଁ ରୋଡ଼ ସ୍ଥିତ ଦୁଇଟି ତମ୍ବାକୁ ଦୋକାନ ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ତମ୍ବାଖୁ ଜବତ କରାଯାଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ ଏହି ଦୁଇ ଦୋକାନୀ ବେଆଇନ ଭାବେ ଧୂଆଁପତ୍ର (ତମାଖୁ) ଗଚ୍ଛିତ ରଖି ବିକ୍ରି କରୁଥିଲେ। ତେଣୁ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରିଛି। ସହର ଭିତରେ ଥିବା ଏକ ଧୂଆଁପତ୍ର (ତମାଖୁ) ଗୋଦାମ ଉପରେ ଚଢ଼ାଉ କରି ଗୋଦାମକୁ ସିଲ କରାଯାଇଛି । ଜବତ ହୋଇଥିବା ଧୂଆଁପତ୍ର (ତମାଖୁର) ଆନୁମାନିକ ମୂଲ୍ୟ ୧ଲକ୍ଷ ରୁ ଅଧିକ ଟଙ୍କା ହେବ ବୋଲି ପୋଲିସ ଉପଖଣ୍ଡ ଅଧିକ୍ଷକ ସୁବେନ୍ଦୁ ଶବର ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ବହୁ ଦିନ ପୂର୍ବରୁ ତମାଖୁ ବିକ୍ରି ଉପରେ ପ୍ରଶାସନ ନିଷେଧାଦେଶ ଲଗାଇଛନ୍ତି କିନ୍ତୁ ଉମରକୋଟ ସହରରେ ଖୋଲା ମେଲାରେ ଲାଭଖୋର ବ୍ୟବସାୟୀମାନେ ଏହି ତମାଖୁ ବିକ୍ରି କରି ଆସୁଥିଲେ। ଏହି ତମାଖୁ ବ୍ୟବହାର କରି ବିଶେଷ କରି ଗରିବ ଶ୍ରେଣୀର ଲୋକମାନେ କର୍କଟ ମୁଖ କର୍କଟ ଭଳି ଦୂରାରୋଗ୍ୟରେ ପୀଡ଼ିତ ହେଉଥିଲେ। ଅବକାରୀ ପୋଲିସ ବିଭାଗର ଏହି ଚଢ଼ାଉକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି

## ଶିଙ୍କୁଳିପଦରରେ ଆଦିବାସୀଙ୍କ ରଣହୁଙ୍କାର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଚଳିତ ମାସ ତାରିଖ ଦିନ ଆଦିବାସୀ ସଂଘର୍ଷ ମୋର୍ଚ୍ଚା (ASM) ତରଫରୁ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବାଘମାରି ପଞ୍ଚାୟତର ଶିଙ୍କୁଳି ପଦର ଗାଁ ଠାରୁ ଏକ ଆଦିବାସୀ ଶୋଭାଯାତ୍ରା ବାହାରି ହାଟପଦା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧି ନୀତି ବିରୁଦ୍ଧରେ ସାଧାରଣ ସଭା ରେ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ, ନରସିଂହ ମଣ୍ଡଳ କେଶବ ରଇତ ବକ୍ତବ୍ୟ ରଖିବା ସହ ଅକ୍ଟୋବର ମାସରେ ମୋହନା ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଆହ୍ୱାନ ଦେଇଥିଲେ। ମକାଚାଷକୁ ଋଣ ଓ ମକା ବିକ୍ରି କରିବା ପାଇଁ ମଣ୍ଡି ଏବଂ ଏକ କେଜି ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବା, ସମସ୍ତଙ୍କୁ ରେସନ କାର୍ଡ ଓ ମାସିକ ୫୦ କେଜି ଚାଉଳ ଯୋଗାଇ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ପେନସନ ୫୦୦୦ ଟଙ୍କା ପ୍ରଦାନ କରିବା, ମନରେଗା କାମରେ ଦୈନିକ ୬୦୦ ଟଙ୍କା ପ୍ରଦାନ କରିବା, ସମସ୍ତଙ୍କୁ ୩୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇଦେବା, ଲୁହାଗୁଡି ପଞ୍ଚାୟତ ଦନ୍ତାରି ନାଳ ଗାଁ ର ଅଙ୍ଗନବାଡ଼ି କାମକୁ ତଦନ୍ତ କରିବା ବିକାଶ ନାମରେ ଭାଷା ଓ ସଂସ୍କୃତି ଓ ପ୍ରକୃତି ଧର୍ମକୁ ଲୋପ କରିବା ପାଇଁ ଚକ୍ରାନ୍ତ ଚାଲିଛି ଓ ଆଦିବାସୀ ମାନଙ୍କ ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର ଦିଆଯାଉ ନାହିଁ। ବିକାଶ ନାମରେ ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରାଯାଉଛି । ଦେଶର ସାଂବିଧାନ ଓ ପେସା ଆଇନ୍‌ରେ ଆଦିବାସୀର ଜମି, ଜଳ, ଜଙ୍ଗଲ ଉପରେ ଥିବା ଅଧିକାରକୁ ଛଡେଇ ନେବା ପାଇଁ ଷଡଯନ୍ତ୍ର କରୁଛନ୍ତି । ଯୁଗ ଯୁଗରୁ ଆଦିବାସୀ ମାନେ ଶୋଷଣ ଓ ଠକେଇର ଶିକାର ହେଉଛନ୍ତି। ଆଦିବାସୀ ମାନଙ୍କ ସାମ୍ବିଧାନିକ ଅଧିକାର ଆଜି ପର୍ଯ୍ୟନ୍ତ ଅନ୍ଧାର ଭିତରେ ରହିଛି । ୨୦୦୬ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯାଉନାହିଁ । ଆଦିବାସୀମାନେ ପୂର୍ବ ପୁରୁଷରୁ ଭୋଗ ଦଖଲରେ ଥିବା ଜମି ଗୁଡ଼ିକୁ ସରକାର ଅଣଆଦିବାସୀମାନଙ୍କୁ ଦେବା ସୁଯୋଗ ଦେଉଛି । ସରକାର ଆଦିବାସୀଙ୍କ ଦୁଖ ନ ଦେଖି ବଡ ବଡ କମ୍ପାନୀ ମାନଙ୍କୁ ଜମି ଅଧିକାର ଦେଉଛନ୍ତି। ସରକାର ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଖିଲାପ କରନ୍ତି ତାହା ହେଲେ ଆନ୍ଦୋଳନ ତୀବ୍ର କରିବା ପାଇଁ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନରସିଂହ ମଣ୍ଡଳ, ମାଥ୍ୟୁ ରଇତ, ସାଇଡ୍ରିକ ମଲ୍ଲିକ,ଡାଗଂଲା ରଇତ, ତମାସ ରଇତ,କେଶବ ରଇତ, ଜୋହନ ରଇତ, ଏଲିଆବ ଗମାଙ୍ଗ, ସାମସଙ୍ଗ ରଇତ, ସର୍ବଶ୍ରୀ ଗମାଙ୍ଗ, ସୁଦାମ ରଇତ, ସିମିୟ ରଇତ, ବସା ରଇତ, ଅବିୟ ଗମାଙ୍ଗ ଉପସ୍ଥିତ ଥିଲେ।

## ନୂଆଁଖାଇ ଜୁହାର ଭେଟ୍‌ଘାଟ୍ ଅନୁଷ୍ଠିତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ କଳସୀଗୁଡ଼ି ମା' ଠାକୁରାଣୀ ମନ୍ଦିର ପରିସରରେ ପ୍ରାଙ୍ଗଣରେ ନୂଆଁଖାଇ ଜୁହାର ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ନୂଆଁଖାଇ ଜୁହାର ଭେଟଘାଟ ଅବସରରେ ସାତପାଲି ର ସିଆନ୍ ସୁଜନ, ଡେଙ୍ଗୁର ମୁଣ୍ଡିଆ, ସମରଥ, ସାମନ୍ତ ପୂରୀଆ ମା' ମାଉସୀ ଭାଇ ଭଉଣୀ ସମସ୍ତେ ମା ଭଉଣୀ ପେଣ୍ଡ୍ରାଣି ମନ୍ଦିର ପ୍ରାଙ୍ଗଣ ରେ ଏକତ୍ରିତ ହୋଇ ପାରମ୍ପରିକ ମାନ୍ଦାର ବାଜା ସହ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ତାପରେ କଳସୀ ଗୁଡ଼ି ଠାରେ ପହଞ୍ଚି ସାତ ପାଲି ର ମୁଖ୍ୟ ଶିଆନ, ସୁଜନମାନଙ୍କୁ ସ୍ୱାଗତ ଜଣାଇ ସମ୍ମାନ ଭେଟି ଜଣାଇଥିଲେ। ତା'ସହ ଅତିଥିମାନଙ୍କ ଦ୍ୱାରା ନୂଆଁଖାଇର ପରମ୍ପରା ଉପରେ ଆଲୋକପାତ ସହ ନୂଆଁଖାଇ ଭେଟଘାଟ,ପାରମ୍ପରିକ ନାଚ ଗୀତ, ଆଦି ଅନୁଷ୍ଠିତ ହେଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ସହ ଲାଇ ଚିଉଡା ବଣ୍ଟନ, ପ୍ରସାଦ ସେବନ କରି ନୂଆଁଖାଇ ଜୁହାର ଭେଟଘାଟ କାର୍ଯ୍ୟକର୍ମ ସମାପ୍ତ ହୋଇଥିଲା।

## ସହରାଞ୍ଚଳ ବିକାଶ ଓ ସ୍ୱଚ୍ଛତା ପାଇଁ
## ବିଧାୟକ ଏବଂ ଜିଲ୍ଲାପାଳଙ୍କ ପରିଦର୍ଶନ

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ପୌରାଞ୍ଚଳର ସ୍ୱଚ୍ଛତା, ସାହି ରାସ୍ତା, ନାଳ ନିର୍ମାଣ, ରାସ୍ତା ଓସାର, ରିଂରୋଡ ଓସାର, ମାଝୀଗୁଡ଼ା ଓ ସୁବାସ ବୋଷ ଚୌକ, ଚଉଁରିଆଗୁଡା ଟ୍ରାଫିକ ଜଙ୍କସନ, ଅତିରିକ୍ତ ସର୍କିଟ ହାଉସ ନିର୍ମାଣ, ଆମିଷ ବଜାରର ନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ କେ କନ୍ଧପାନି, ଅଧିକ୍ଷଣ ଯନ୍ତ୍ରୀ ଟିପିଏସଓଡିଏଲ ସିବେଶ ରାମ ସାହୁ, କାଉନସିଲର ସଦସ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କ୍ରାନ୍ତି ସଂସଦ ପୁରୀ ଶ୍ରୀମନ୍ଦିର ସେବାୟତ ନିଯୋଗ ପୁରୀର କ୍ରାନ୍ତିବିତ ଓ ଅନୁଷ୍ଠାନ ପୁରୀର ବିଭିନ୍ନ ଜାଗାଘର ମାନ ଆଦି ସିଂହଦ୍ୱାର ଠାରେ ଶ୍ରୀଜଗନ୍ନାଥ ଙ୍କ ଚରଣ ରେ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ମହାସୁଆର ଙ୍କ ଅମର ଆତ୍ମାର ସଦଗତି ପାଇଁ ଦୀପ ଦାନ କରିଥିଲେ। ଏଥିରେ ରାମଚନ୍ଦ୍ର ଦାସ ମହାପାତ୍ର ,ରାମଚନ୍ଦ୍ର ପାଢ଼ୀ ଓଡିଶା କ୍ରାନ୍ତି ସଭାପତି ନାରାୟଣ ମହାସୁଆର, ସମ୍ପାଦକ ସୁଆର ମହାସୁଆର ନିଯୋଗ କେଦାର ନାଥ ଖୁଣ୍ଟିଆ,ସମ୍ପାଦକ ପ୍ରତିହାରୀ ନିଯୋଗ ,ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ,ହରିହର କର,ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ବେହେରା,ନରସିଂହ ଲେଙ୍କା,ଗଣେଶ ମହାସୁଆର, ଭାଗବତ ପଲଙ୍କ ଧାରା ,ପ୍ରତାପ ପ୍ରଧାନ ,ଆଲୋକ ଦଳେଇ,ଖୁଣ୍ଟିଆ ଜାଗା ,ମାଆ ବସନ୍ତେଇ,ବାରବାଟି ଜାଗା ,ଗୁରୁ ହନୁମାନ, ଜଗନ୍ନାଥ ବଲ୍ଲଭ, ଫଟମୁଣ୍ଡା,ସୁରଜମଲ ସାହା କଲେଜ ,ନରସିଂହ ବଲ୍ଲଭ ଜାଗା ,ବଡ଼ ଆଖଡା ଜାଗା ,ବିଶ୍ୱନି ଜାଗା, ଓଡିଶା ପୋଲସ ପ୍ରଭୃତି ଅନୁଷ୍ଠାନ ର କ୍ରାନ୍ତିବିତ ପୁରୁଷ ଓ ମହିଳା କ୍ରାନ୍ତିବିତ ମାନେ ଉପସ୍ଥିତ ଥିଲେ। ସିବିତ କ୍ଲବ ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ଏହାକୁ ସଂଯୋଜନା କରିଥିଲେ।



# ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି
# ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଅନ୍ତିମ ସଂସ୍କାରରେ ଯୋଗଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନୂଆପଡ଼ା ଠାରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ବିଜେଡିର ବରିଷ୍ଠ ନେତୃବୃନ୍ଦ, ଅନ୍ୟ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ବିଭିନ୍ନ ଧର୍ମ ଓ ସମାଜର ପ୍ରତିନିଧି ଉପସ୍ଥିତ ରହି ଅନ୍ତିମ ଯାତ୍ରାରେ ସାମିଲ ହେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଜି ମଧ୍ୟାହ୍ନରେ ଚେନ୍ନାଇରୁ ତାଙ୍କ ପାର୍ଥିବ ଶରୀର ରାୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ଖରିଆର ରୋଡକୁ ଅଣାଯାଇଥିଲା। ଏକ ଶୋକାକୁଳ ପରିବେଶରେ ନୂଆପଡ଼ା ଓ ଖରିଆର ରୋଡ ଅଧିବାସୀ ତଥା ନିକଟସ୍ଥ ଅଞ୍ଚଳର ନେତୃମଣ୍ଡଳୀ ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ନୂଆପଡ଼ା ଓ ଖରିଆର ରୋଡରେ ପହଞ୍ଚିଥିଲେ ଓ ଶ୍ରଦ୍ଧାଞ୍ଜଳି ପାଇଁ ବିଭିନ୍ନ ସ୍ଥାନରେ ଉପସ୍ଥିତ ଥିଲେ। ସ୍ୱର୍ଗତ ଢୋଲକିଆଙ୍କ ସମ୍ମାନାର୍ଥେ ସମସ୍ତ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଦଳମତ ନିର୍ବିଶେଷରେ ସମସ୍ତଙ୍କ ଉପସ୍ଥିତିରୁ ସ୍ୱର୍ଗତ ଢୋଲକିଆଙ୍କ ଲୋକପ୍ରିୟତା ବାରି ହୋଇଥିଲା। ନୂଆପଡ଼ାର ବିଭିନ୍ନ ଛକରେ ତାଙ୍କ ପାର୍ଥିବ ଶରୀରକୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦିଆଯାଇ ପରେ ଖରିଆର ରୋଡ଼ରେ ତାଙ୍କ ବାସଭବନ ସନ୍ନିକଟ ବିଦ୍ୟାଳୟରେ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହିତ ବିଜୁ ଜନତା ଦଳ ତରଫରୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟକ ଅଧିରାଜ ପାଣିଗ୍ରାହୀ, ସ୍ୱର୍ଗତ ଢୋଲକିଆଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ପ୍ରଦାନ କରିଥିଲେ। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ଟୁକୁନି ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ସାଧାରଣ ସମ୍ପାଦକବିଜୟ ନାୟକ, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ପ୍ରଦୀପ ଦିଶାରୀ, ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ସୁଦର୍ଶନ ହରିପାଲ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସିଂଦେଓ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଆୟୁବ ଖାନ୍, ନୂଆପଡ଼ା ଜିଲ୍ଲା ସଭାପତି ଅବନୀ ଯୋଶୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀ ସରୋଜ ମେହେର, ବରଗଡ଼ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଲମ୍ବୋଦର ନିଆଲ, ମୁଖପାତ୍ର ଅରୂପ ଶ୍ରୀଚନ୍ଦନ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜୈନ ସମାଜ, ଶିଖ ସମାଜ, ବରିଷ୍ଠ ନାଗରିକ ସମାଜ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଶୋକ ସନ୍ଦେଶ ସ୍ୱର୍ଗତ ଢୋଲକିଆଙ୍କ ଧର୍ମପତ୍ନୀ ଓ ପୁତ୍ରଙ୍କୁ ଦେବୀ ପ୍ରସାଦ ମିଶ୍ର ଦେଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ନିକଟସ୍ଥ ନବୀ ଜୁଳରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା, ସ୍ଥାନୀୟ ଏନଏସି ଓ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରମୁଖ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଟ୍ରେନ୍ ଟିକେଟ୍ ପରୀକ୍ଷକଙ୍କ ବାୟୋମେଟ୍ରିକ୍ ଉପସ୍ଥାନ କାର୍ଯ୍ୟକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଚଳିତ ମାସ ୭ ତାରିଖ ଠାରୁ ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ କାର୍ଯ୍ୟକାରୀ କରାଯାଇଅଛି ଯାହା ରେଳ ପରିଚାଳନାରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଅଟେ। ରେଳମଣ୍ଡଳର ଟିକେଟ୍ ଯାଂଚ କର୍ମଚାରୀଙ୍କ ଦ୍ୱାରା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଡ୍ୟୁଟି ଉପସ୍ଥାନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରେଳମଣ୍ଡଳର ଖୋର୍ଦ୍ଧା ରୋଡ଼, ପୁରୀ, ଭୁବନେଶ୍ୱର, ଭଦ୍ରକ, ଯାଜପୁର କେଓଁଝର ରୋଡ଼, କଟକ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଢେଙ୍କାନାଳ, ଅନୁଗୁଳ ଏବଂ ପାରାଦୀପ ଷ୍ଟେସନ ମାନଙ୍କ ଠାରେ ଅବସ୍ଥିତ ସମସ୍ତ ୧୨ଟି କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିରେ ବାୟୋମେଟ୍ରିକ୍-ଆଧାରିତ ଲଗଇନ୍/ଅଫ୍ ପ୍ରଚଳନ କରାଯାଇଅଛି। ଏହି ସୁବିଧା ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ପ୍ରାୟ ୫୫୦ ରୁ ଅଧିକ ଟିଟିଇଙ୍କୁ ସୁବିଧା ପ୍ରଦାନ କରିବ। ଆଧାର-ସକ୍ଷମ ବାୟୋମେଟ୍ରିକ୍ ପ୍ରମାଣୀକରଣ ସଠିକ୍ ସାଇନ୍-ଅନ୍/ଅଫ୍ ସୁନିଶ୍ଚିତ କରିବ, ମାନୁଆଲ୍ ଆଟେଣ୍ଡେନ୍ସ ସିଷ୍ଟମ୍ ରେ ବିଳମ୍ବ ଦୂର କରିବ ଏବଂ ଡ୍ୟୁଟିରେ ସାଇନ୍ କରିବା ସମୟରେ ସମ୍ପୃକ୍ତ ଷ୍ଟେସନ୍‌ରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନିଶ୍ଚିତ କରିବ। ଏହି ପ୍ରକଳ୍ପ ଭାରତୀୟ ରେଳବାଇରେ କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିର ପ୍ରସାରଣ ପଦକ୍ଷେପର ଏକ ଅଂଶ, ଯାହା ପୂର୍ବରୁ ସାରା ଦେଶରେ ୯୫୦ ରୁ ଅଧିକ ସ୍ଥାନରେ କରେ ଯାହା ଯୁଆଇଡିଏଆଇ/ଏସଟିକ୍ୟୁସି ଦ୍ୱାରା ପ୍ରମାଣିତ ଏବଂ ଇ-ପ୍ରମାଣ ପୋର୍ଟାଲ୍ ସହିତ ଲବିରେ ବାୟୋମେଟ୍ରିକ୍ ଉପକରଣ କରାଯାଇଥିଲା। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଉନ୍ନତ କମ୍ପ୍ୟୁଟିଂ ବିକାଶ କେନ୍ଦ୍ର ସହିତ ସମନ୍ୱୟରେ ବାୟୋମେଟ୍ରିକ୍ ବୈଶିଷ୍ଟ୍ୟ ବିକଶିତ କରାଯାଇଥିଲା। ଏହି ବ୍ୟବସ୍ଥା ଆଧାର-ଆଧାରିତ ଫିଙ୍ଗରପ୍ରିଣ୍ଟ ପ୍ରମାଣୀକରଣ ଡିଭାଇସ୍ ଗୁଡ଼ିକ ବ୍ୟବହାର କରେ ଯାହା ଯୁଆଇଡିଏଆଇ/ଏସଟିକ୍ୟୁସି ଦ୍ୱାରା ପ୍ରମାଣିତ ଏବଂ ଇ-ପ୍ରମାଣ ପୋର୍ଟାଲ୍ ସହିତ ସମନ୍ୱିତ। ଏହି ବୈଶିଷ୍ଟ୍ୟକୁ ପ୍ରମାଣିତ ଡିଭାଇସ୍ ଗୁଡ଼ିକ ସହିତ ନୂଆଦିଲ୍ଲୀ ଟିଟିଇ ଲବିରେ ସଫଳତାର ସହିତ ପରୀକ୍ଷଣ କରାଯାଇଛି ଏବଂ ବର୍ତ୍ତମାନ ଭାରତୀୟ ରେଳବାଇର ଟିଟିଇ ଲବିରେ ନିୟୋଜିତ କରାଯାଉଛି। ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ ପଦକ୍ଷେପ କେବଳ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବ ନାହିଁ ବରଂ କର୍ମଚାରୀ ନିୟୋଜନର ତଦାରଖକୁ ମଧ୍ୟ ସୁଦୃଢ଼ କରିବ ଯାହା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସେବା ପ୍ରଦାନରେ ଉନ୍ନତି ଆସିବ।

# ଚିକିତ୍ସା ଅବହେଳାରୁ ରାୟଗଡାରେ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା
# ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ଚିକିତ୍ସା ଅବହେଳା କାରଣରୁ ରାୟଗଡା ଦୁର୍ଗାପଡ୍ଡୁ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ମୃତ୍ୟୁ ପ୍ରସଙ୍ଗକୁ ନେଇ ଆଗତ ମାମଲାରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୋଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପ୍ରବୀର୍ ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି କମିଶନ ୩ ମାସରେ ମୃତକଙ୍କ ପରିବାକରୁ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଏଥିସହ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ତଥ୍ୟ କମିଶନଙ୍କ ନିକଟରେ ମଧ୍ୟ ଦାଖଲ କରିବାକୁ ଆୟୋଗ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଚିକିତ୍ସା ପ୍ରଦାନରେ ଅବହେଳା କାରଣରୁ ଛାତ୍ରୀ ମନିଷା ମଡାଙ୍ଗୀର ୨୦୨୪ ଜୁଲାଇ ୮ରେ ମୃତ୍ୟୁ ହୋଇଥିଲା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧିନରେ ପରିଚାଳିତ ଏହି ଆଶ୍ରମ ସ୍କୁଲ୍‌ରେ ଅଧ୍ୟୟନରତ ଛାତ୍ରୀ ମେଲେରିଆ ଆକ୍ରାନ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କୁ ଚିକିତ୍ସା ପ୍ରଦାନରେ ବିଳମ୍ବ କରିଥିଲେ। ଫଳରେ ଛାତ୍ରୀର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଆବେଦନକାରୀ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ରାଜ୍ୟ ମାନବାଧିକାର ଆୟୋଗରେ ଏକ ମାମଲା ରୁଜୁ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Banki, dated: 18.08.2025, I Manjula Pradhan, Address: village-Krushnapur, Po-Gholapur, Ps- Banki, Dist-Cuttack, Odisha, PIN-754029, declare that I have changed my name from Nishamani Pradhan to Manjula Pradhan. Henceforth, I shall be known as Manjula Pradhan for all purposes.

**Sd/- Manjula Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Sanakhemundi, dated: 08.09.2025, I Dalabehera Bulu, Address: village-Dharmapur, Po-Kansamari, Ps- pattapur, Dist- Ganjam, Odisha, PIN-761014, declare that I have changed my son's name from Dalabehera Sajan to D Pratik Dora. Henceforth, He shall be known as D Pratik Dora for all purposes.

**Sd/- Dalabehera Bulu**

**AFFIDAVIT (For Minor)**

By virtue of an affidavit No.2369 sworn before the Executive Magistrate, Bolagarh on dated: 09.09.2025, I Sandeep Kumar Dash, S/o- Late Balabhadra Dash, Permanent resident of At-HIG-364, K-5, Line No-09, Kaling Vihar, behind police outpost, Bhubaneswar, Patrapada, declares that I have changed my minor son's name from Ambanish Dash to Ambanish Sandeep Kumar Das who is currently residing at- Achyutarajpur, Post/Ps-Banapur, Dist- Khordha. Henceforth, He shall be known as Ambanish Sandeep Kumar Das for all purposes.

**Sd/- Sandeep Kumar Dash**


# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ
# ଅଯୋଧ୍ୟା-ବାରଣାସୀ ଯାତ୍ରାର ଶୁଭାରମ୍ଭ ଆଜି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ୍ ଆସନ୍ତାକାଲି (ବୁଧବାର) ୧୧ ଘଟିକା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନ୍ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରିବ। ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଏହି ତୀର୍ଥଯାତ୍ରା ଟ୍ରେନ୍ ର ଶୁଭାରମ୍ଭ କରାଯିବ। ଏଥିରେ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଢେଙ୍କାନାଳର ସାଂସଦ ଏବଂ ବିଧାୟକଗଣ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ଅଛି। ଏହି ତୀର୍ଥଯାତ୍ରା ଟ୍ରେନ୍ ରେ ୬ଟି ଜିଲ୍ଲାରୁ ମୋଟ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହିତ ୨୫ ଜଣ ଏସ୍କୋର୍ଟ ଅଧିକାରୀ ଯାତ୍ରା କରିବେ। ଏହି ଯୋଜନା ଇଣ୍ଡିଆନ୍ ରେଲୱେ କ୍ୟାଟରିଙ୍ଗ୍ ଏବଂ ଟୁରିଜିମ୍ କର୍ପୋରେସନ୍ ର ସହଯୋଗରେ ପର୍ଯ୍ୟଟନ ବିଭାଗ କାର୍ଯ୍ୟକାରୀ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି ରାଧାକ୍ରିଷ୍ଣନ୍...

ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି। ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। ଏନଡିଏ ପାଖରେ ୪୨୭ଜଣ ସାଂସଦ ଉଭୟ ସଦନରେ ରହିଥିବାବେଳେ ଏହାଠାରୁ ଅଧିକ ସମର୍ଥନ ପାଇଛନ୍ତି ବିଜୟୀ ଉପରାଷ୍ଟ୍ରପତି ପ୍ରାର୍ଥୀ। ଆନ୍ଧ୍ରପ୍ରଦେଶର ୱାଇଏସଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଏହି ଦଳର ରାଜ୍ୟସଭାରେ ୭ଜଣ ସାଂସଦ ରହିଥିବାବେଳେ ଲୋକସଭାରେ ୪ଜଣ ସଦସ୍ୟ ରହିଛନ୍ତି। ସେହିପରି ରାଜ୍ୟସଭାରେ ଥିବା ଆପ୍‌ର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିୱାଲ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି। ଲୋକସଭାରେ ଥିବା ୭ଜଣ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ। ବାକି ୬ଜଣଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ଥିଲା। ତେବେ ସେମାନେ ସମସ୍ତେ ଏନଡିଏକୁ ସମର୍ଥନ ଦେଇଥିବା କୁହାଯାଉଛି। ସେହିପରି ଜେଡପିଏମ୍ ମିଜୋରାମର ଜଣେ ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ତେବେ ୩ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ ଏହା ଯଥେଷ୍ଟ କମ୍ ବୋଲି କୁହାଯାଉଛି।

### ଗଢିଲେ ବିଜୁ...

ବିଜେଡି ନେତା ଓ କର୍ମୀ ଭାସ୍କର ରାଓଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ଇସ୍ତଫା ପରେ ଶ୍ରୀ ରାଓ କହିଥିଲେ ଯେ ମୁଁ ୧୯୭୪ ମସିହାଠାରୁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଣକଂଗ୍ରେସ ରାଜନୀତିରେ ରାଜନୈତିକ ଜୀବନ ଆରମ୍ଭ କରିଥିଲି। ଜନତାଦଳ ଓ ବିଜୁ ଜନତାଦଳରେ ବିଭିନ୍ନ ପଦପଦବୀରେ ରହି ଅବିଭକ୍ତ କୋରାପୁଟ ଜିଲ୍ଲାର ଜନସାଧାରଣଙ୍କ ସେବା କରିଛି। ଜିଲ୍ଲା ବିଜେଡିର ସ୍ୱାଭିମାନକୁ ଅଣଦେଖା କରି ରାଜ୍ୟ ସଂଗଠନ ଯେଉଁ ନିଷ୍ପତ୍ତି ନେଉଥିଲା ତାହା ଜିଲ୍ଲାରେ ବିଜେଡିକୁ କ୍ଷତି କରିବା ସହ ନେତା ଓ କର୍ମୀଙ୍କୁ ଘୋର ଆଘାତ ଦେଉଥିଲା। ବାରମ୍ବାର ଏଭଳି ହେଉଥିବାରୁ ସେ ତୃଣମୂଳ ସ୍ତରରେ ଆଲୋଚନା କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

### ଇସ୍ତଫା ଦେଲେ...

କହିଥିଲେ ଯେ ଯଦି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ହୁଏ ତେବେ ତାଙ୍କୁ କ୍ଷମତା ଛାଡ଼ିବାକୁ ପଡ଼ିବ। ସେନାମୁଖ୍ୟ ବିଶ୍ୱାସ ରଖନ୍ତି ଯେ ଓଲି ଯେପର୍ଯ୍ୟନ୍ତ ପଦପଦବୀରେ ରହିବେ ସେ ପର୍ଯ୍ୟନ୍ତ ପ୍ରତିବାଦ ଓ ହିଂସାକୁ ନିୟନ୍ତ୍ରଣ କରିବା କଷ୍ଟକର ହେବ। ସେନାମୁଖ୍ୟ ଏହାମଧ୍ୟ ସ୍ପଷ୍ଟଭାବେ ସୂଚାଇଥିଲେ ଯେ ସରକାର ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ବଢୁଥିବା ମୁକାବିଲାକୁ ରୋକିବାପାଇଁ ରାଜନୈତିକ ପରିବର୍ତ୍ତନ ଆବଶ୍ୟକ। ଅନ୍ୟପକ୍ଷରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ମଧ୍ୟ ହିଂସା ବ୍ୟାପକରୂପ ଧାରଣ କରିଛି। ନେପାଳୀ କଂଗ୍ରେସ ସଭାପତି ଶେର ବାହାଦୂର ଦୁଏବାଙ୍କ ଘରକୁ ବିକ୍ଷୋଭକାରୀ ପୋଡ଼ି ଦେଇଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ନେପାଳ କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ପୁଷ୍ପକମଲ ଦହଲ (ପ୍ରଚଣ୍ଡ)ଙ୍କ ଘର ମଧ୍ୟ ଜାଳି ଦେଇଥିବା ସୂଚନା ମିଳିଛି। ଏପରିକି ବିକ୍ଷୋଭକାରୀ ସଂସଦଭବନ ଓ ସୁପ୍ରିମକୋର୍ଟରେ ନିଆଁ ଲଗାଇ ଦେଇଛନ୍ତି। ୯ଜଣ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା ମଧ୍ୟ କରିଛନ୍ତି। ସେହିପରି ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖଲାନଙ୍କ ପତ୍ନୀଙ୍କୁ ନିଆଁ ଲଗାଇ ବିକ୍ଷୋଭକାରୀ ପୋଡ଼ି ଦେଇଛନ୍ତି। ନେପାଳର ବିଦେଶମନ୍ତ୍ରୀ ଆରଜୁରାଣା ଦୁଏବା ଏବଂ ଅର୍ଥମନ୍ତ୍ରୀଙ୍କୁ ବିକ୍ଷୋଭକାରୀ ରାସ୍ତାରେ ଗୋଡ଼େଇ ଗୋଡ଼େଇ ପିଟିଛନ୍ତି। ସମଗ୍ର ନେପାଳରେ ସଡ଼କରୁ ସଂସଦ ଭବନ ପର୍ଯ୍ୟନ୍ତ ନିଆଁ ଲାଗିଯାଇଛି। ଅନ୍ୟପକ୍ଷରେ ନେପାଳ ସ୍ଥିତି ଦେଖି ଭାରତ ସରକାର ସୁରକ୍ଷାପାଇଁ ଦାର୍ଜିଲିଂକୁ ଲାଗିଥିବା ସୀମାରେ ସେନା ମୁତୟନ କରିଛନ୍ତି। ନେପାଳର ତ୍ରିଭୂବନ ଅନ୍ତର୍ଜାତୀୟ ବିମାନବନ୍ଦର ବନ୍ଦ ରହିଥିବାରୁ ଏୟାରଇଣ୍ଡିଆର ଦୁଇଟି ବିମାନ ଫେରି ଆସିଛନ୍ତି ଓ ୩ଟି ବିମାନର ଉଡାଣକୁ ବାତିଲ କରାଯାଇଛି। ନେପାଳରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଜାରି କରାଯାଇଛି। ଯେଉଁମାନେ ଯେଉଁଠି, ଯେଉଁ ଅବସ୍ଥାରେ ଅଛନ୍ତି ସେପରି ରହିବାକୁ ପରାମର୍ଶ ଦିଆଯାଇଛି। ନେପାଳର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ପଦକ୍ଷେପ ଓ ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଆମେ ନେପାଳରେ ଘଟୁଥିବା ଘଟଣାବଳୀ ଉପରେ କଡ଼ା ନଜର ରଖିଛୁ। ଯୁବକଙ୍କ ଜୀବନହାନି ନେଇ ଆମେ ଦୁଃଖିତ ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।

### ପ୍ରଭାବିତଙ୍କ ସହ...

କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସେ କହିଛନ୍ତି, ହିମାଚଳ ପ୍ରଦେଶରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ଆକାଶ ମାର୍ଗରୁ ସର୍ଭେ କରିଛି। ଏହି କଷ୍ଟକର ସମୟରେ ଆମେ ଲୋକଙ୍କ ସହ ଦୃଢଭାବେ ଛିଡା ହୋଇଛୁ ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ଜାରି ରଖିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯାଇଛି। ହିମାଚଳ ପ୍ରଦେଶକୁ ଦେଢ ହଜାର କୋଟିର ଆର୍ଥିକ ସହାୟତା ଘୋଷଣା ସହିତ କେନ୍ଦ୍ର ସରକାରଙ୍କ ଏସଡିଆରଏଫ ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ଦ୍ୱିତୀୟ କିସ୍ତି ମଧ୍ୟ ଆଗୁଆ ଜାରି କରାଯିବ ବୋଲି ଘୋଷଣା କରିଛନ୍ତି। ଏହାସହ ହିମାଚଳ ପ୍ରଦେଶରେ ଭୂସ୍ଖଳନ ଓ ବନ୍ୟାଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପୁନର୍ନିର୍ମାଣ କରାଯିବ। ସେହିପରି ନଷ୍ଟ ହୋଇଥିବା ଜାତୀୟ ରାଜପଥଗୁଡ଼ିକୁ ମଧ୍ୟ ମରାମତି କରାଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ସ୍କୁଲଗୁଡ଼ିକର ପୁନଃ ନିର୍ମାଣ କରାଯିବ। ଏହାସହିତ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି ଅଧୀନରେ ମଧ୍ୟ ସାହାଯ୍ୟ ମିଳିବ। ପଶୁପାଳନ ପାଇଁ ମିନି କିଟ୍ ମଧ୍ୟ ପ୍ରଦାନ କରାଯିବ। ବିଶେଷକରି ଯେଉଁ ଚାଷୀଙ୍କର ବର୍ତ୍ତମାନ ବିଦ୍ୟୁତ ସଂଯୋଗ ନାହିଁ ସେମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ କ୍ଷତିଗ୍ରସ୍ତ ଘରଗୁଡ଼ିକର ଜିଓ ଟ୍ୟାଗିଂ କରାଯିବ। ଏହା କ୍ଷୟକ୍ଷତିର ସଠିକ ମୂଲ୍ୟାଙ୍କନ ଏବଂ ପ୍ରଭାବିତ ଲୋକଙ୍କୁ ଶୀଘ୍ର ସହାୟତା ପ୍ରଦାନ କ୍ଷେତ୍ରରେ ସାହାଯ୍ୟ କରିବ। ସୂଚନାଯୋଗ୍ୟ ଯେ ହିମାଚଳ ପ୍ରଦେଶରେ ଜୁନ୍ ୨୦ରୁ ସେପ୍ଟେମ୍ବର ୮ ମଧ୍ୟରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଯୋଗୁ ୩୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। କେବଳ ବର୍ଷାଜନିତ କାରଣରୁ ୨୦୫ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୩ଜଣଙ୍କର ଭୂସ୍ଖଳନ ଏବଂ ୧୭ଜଣଙ୍କର ବାଦଲଫଟା ବର୍ଷାରେ ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୪୧୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ଘଟିଛି। ହିମାଚଳ ବନ୍ୟାଞ୍ଚଳ ପରିଦର୍ଶନ ପରେ ପ୍ରଧାନମନ୍ତ୍ରୀ ଆକାଶମାର୍ଗରୁ ପଞ୍ଜାବ ଯାଇ ସେଠାକାର ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି। ପଞ୍ଜାବରେ ବନ୍ୟାଜଳ କେତେମାତ୍ରାରେ ପ୍ରଳୟ ରଚିଛି ତାକୁ ମଧ୍ୟ ଉପଲବ୍ଧି କରିଛନ୍ତି। ଏହାସହ ଗୁରୁଦାସପୁରରେ ବନ୍ୟା ପ୍ରଭାବିତଙ୍କ ସହ କଥା ହୋଇ ଫସଲନଷ୍ଟ ବାବଦରେ ପଚାରି ବୁଝିଛନ୍ତି। ଏହାସହ ଏନଡିଆରଏଫ ଓ ଏସଡିଆରଏଫ ଟିମ୍ ସହ ଉଦ୍ଧାର କାର୍ଯ୍ୟ ନେଇ କଥା ହୋଇଥିବା ସୂଚନା ମିଳିଛି।


**ହୋମି ଭାଭା ବିଜ୍ଞାନ ଶିକ୍ଷାକେନ୍ଦ୍ର**
**ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚ**
**ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୫-୨୦୨୬**
**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିଅର ବିଜ୍ଞାନରେ**

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୨୨ ଏବଂ ୨୩, ୨୦୨୫ ରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ଦ୍ୱାରା ପରିଚାଳିତ ଅନୁରୂପ ଜାତୀୟ ମାନକ ପରୀକ୍ଷା (ଏନ୍ଏସ୍ଇଏସ୍) (ବିଜ୍ଞାନ ବିଷୟ ପାଇଁ)ରେ ଉପସ୍ଥିତ ରହିବାକୁ ପଡିବ। ଏନ୍ଏସ୍ଇରେ ଯୋଗ୍ୟତା ହେଉଛି ୨୦୨୬ର ଅନୁରୂପ ଆନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣ ପାଇଁ ପ୍ରଥମ ପଦକ୍ଷେପ।

ନାମଲେଖା କରିବା ପାଇଁ:

NSEs: https://www.fapt.org.in (ଅଗଷ୍ଟ ୨୧: ସେପ୍ଟେମ୍ବର ୧୪, ୨୦୨୫)

ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.japt.org.in

**cbc 48143/12/0007/2526**



**ESAF**
ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

**DATE OF AUCTION:** 19-09-2025 **TIME:** 2pm to 5 pm
**AUCTION VENUE:** Through e-Auction
**AUCTION ADDRESS:** https://egold.auctiontiger.net
Contact Number: 9099013705 / 6351896640

To register as bidder for the e-Auction with terms and conditions, and full details of e-Auction please visit the above site.

ଭାରତୀୟ ମୁକ୍ତି ସଂଗ୍ରାମର ମହାଯୋଦ୍ଧା ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ ସମଗ୍ର ଭାରତୀୟଙ୍କ ପାଖରେ ବିପ୍ଳବୀ ମହାଯୋଦ୍ଧା ବୀର ବାଘା ଯତୀନ୍ ଭାବେ ପରିଚିତ । ୧୯୧୫ ମସିହା ସେପ୍ଟେମ୍ବର ୧୦ ତାରିଖରେ ଭାରତ ମାତାର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଏହି ଯୋଦ୍ଧା ଶହୀଦ ହୋଇଥିଲେ। କୁହାଯାଏ ସେ ଥିଲେ ପରାଧୀନ ଭାରତବର୍ଷର ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମୀ । ୧୯୧୫ ମସିହା ଫେବୃୟାରୀରେ ଦେଶ ମାତୃକାରକୁ ଗୋରା ଫୌଜଙ୍କ ଠାରୁ ମୁକ୍ତି କରିବା ପାଇଁ ଏହି ବିପ୍ଳବୀ ଯୋଦ୍ଧା ଅଖିଳ ଭାରତ ପ୍ରତ୍ୟକ୍ଷ ସଶସ୍ତ୍ର ସଂଗ୍ରାମ ପାଇଁ ଯୋଜନା କରି ପ୍ରବଳ ପରାକ୍ରମୀ ଗୋରାଫୌଜଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ । ବୀର ବାଘା ଯତୀନ୍ ନିଜ ବିପ୍ଳବୀ ସାଥୀମାନଙ୍କୁ ନେଇ ଓଡ଼ିଶା ପଟୁ କୋଲକାତା – ଚେନ୍ନାଇ ରେଳପଥକୁ ଉଡାଇ ଦେଇ ବାଲେଶ୍ୱରର ତତ୍‌କାଳୀନ ଚାନ୍ଦିପୁର ବନ୍ଦରରେ ଥିବା ଜର୍ମାନ ଯୁଦ୍ଧ ପୋତରୁ ନିଜ ସଂଗ୍ରାମ ପାଇଁ ଲୋଡ଼ା ପଡୁଥିବା ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାର ଯୋଜନା କିନ୍ତୁ ପୂର୍ବରୁ ଇଂରେଜଙ୍କ ଗୋଇନ୍ଦାମାନେ ଜାଣିପାରିଥିଲେ । ପରବର୍ତ୍ତୀ ସମୟରେ ଏହି ଯୋଦ୍ଧା ତାଙ୍କ ସଂଗ୍ରାମୀ ସତୀର୍ଥ ନିରେନ୍ଦ୍ର ଦାସଗୁପ୍ତ, ଯତୀଶ ପାଲ, ମନୋରଞ୍ଜନ ସେନଗୁପ୍ତ ଓ ଚିତ୍ତପ୍ରିୟ ରାୟଚୌଧୁରୀଙ୍କୁ ଧରି ବେଶ ଚତୁରତାର ସହିତ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଗୋପନରେ ଓଡ଼ିଶାରେ ପାଦ ଦେଇଥିଲେ । ଏ ତଥ୍ୟ ଇଂରେଜମାନେ ଜାଣିପାରି କପ୍ତିପଦାର ମହୁଲଡ଼ିଆରେ ଚଢ଼ାଉ କରିଥିଲେ । ସେ କିନ୍ତୁ ସେ ସ୍ଥାନରୁ ପଳାୟନ ନକରି ଜଣେ ଭାରତ ମାତାର ସନ୍ତାନ ଭାବେ ସୀମିତ ସାଥୀମାନଙ୍କୁ ଧରି ଇଂରେଜଙ୍କ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିଥିଲେ । ମାତ୍ର ପାଞ୍ଚଜଣ ବିପ୍ଳବୀ ଯୋଦ୍ଧା ବ୍ରିଟିଶ ଫୌଜକୁ ବେଶ୍ ପାଣି ପିଆଇଥିଲେ । ଦେଶୁଆଁ ପୋଖରୀ କୂଳ ରଣକ୍ଷେତ୍ର ପାଲଟିଥିଲା । କୁହାଯାଏ ସକାଳ ନଅଟାରୁ ଅପରାହ୍ନ ଚାରିଟା ପାଖାପାଖି ସାତଘଣ୍ଟାର ଲମ୍ବା ଓ ଘମାଘୋଟ ଲଢ଼େଇରେ ପ୍ରଥମେ ଇଂରେଜମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ । ସେମାନଙ୍କ ଗୁଳିରେ ଗୁରୁତର ଆହାତ ହୋଇଥିଲେ ବାଘା ଯତୀନ୍ ନିଜେ ଓ ତାଙ୍କ ଚାରିଜଣ ସତୀର୍ଥ ସଂଗ୍ରାମୀ ବନ୍ଧୁ । ବାଲେଶ୍ୱର ଡାକ୍ତରଖାନାରେ ସେପ୍ଟେମ୍ବର ୧୦ ତାରିଖ ଦିନ ବନ୍ଦେ ମାତରମ୍ କହି ଶହୀଦ ହୋଇଯାଇଥିଲେ ସେ । ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁ ମନୋରଞ୍ଜନ ଓ ନୀରେନ୍‌ଙ୍କୁ ଗୋରାଫୌଜ ବାଲେଶ୍ୱର ଜେଲର ଫାଶୀଖୁଣ୍ଟରେ ଝୁଲାଇଥିଲେ ଓ ଅନ୍ୟତମ ଯୋଦ୍ଧା ଯତୀଶଙ୍କୁ କଳାପାଣି ଦେଶାନ୍ତର କରିଥିଲେ ।





# ‘ସ୍ପିରିଟ୍’ରେ ନୂଆ ଲୁକ୍‌ରେ ନଜର ଆସିବେ ପ୍ରଭାସ



ନୂଆ ଫିଲ୍ମ ପାଇଁ ହେବ ନୂଆ ମେକ୍‌ଓଭର । ବାହୁବଳୀ ଷ୍ଟାର୍ ପ୍ରଭାସଙ୍କ ଗତ କିଛି ବର୍ଷର ଫିଲ୍ମ ଉପରେ ନଜର ପକାଇଲେ ଜଣାପଡୁଛି ଯେ, ପ୍ରତ୍ୟେକ ଫିଲ୍ମରେ ସେ ଭିନ୍ନ ଲୁକ୍‌ରେ ନଜର ଆସୁଛନ୍ତି । ପ୍ରତିଥର ଫିଲ୍ମ ସହ ତାଙ୍କର ଲୁକ୍ ମଧ୍ୟ ଚର୍ଚ୍ଚାରେ ରହିଥାଏ । ଅଭିନେତା ନିଜ ଲୁକ୍ ଓ ଅଭିନୟ ସହିତ ନିଜ ସରଳ ସ୍ୱଭାବ ପାଇଁ ବେଶ୍ ପରିଚିତ । ଆଗକୁ ସେ ଲୋକପ୍ରିୟ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବାଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ସ୍ପିରିଟ୍’ରେ ନଜର ଆସିବେ । ଏହି ଫିଲ୍ମରେ ତାଙ୍କ ଲୁକ୍‌ରେ ବଡ଼ ପରିବର୍ତ୍ତନ କରାଯିବ ବୋଲି ଚର୍ଚ୍ଚା ହେଉଥିଲା। ପ୍ରଭାସଙ୍କ ପାଇଁ ମେକ୍‌ଓର ଆର୍ଟିଷ୍ଟ ଆଲିମ୍ ହକିମ୍‌ଙ୍କୁ ଦାୟିତ୍ୱ ଦେଇଛନ୍ତି ସନ୍ଦୀପ। ଏ ନେଇ ଆଲିମ୍ ଇନ୍‌ଷ୍ଟାରେ ଏକ ପୋଷ୍ଟ୍ ସେୟାର କରିବା ପରେ ଖବରଟି ସାମ୍ନାକୁ ଆସିଛି । ଏହା ପୂର୍ବରୁ ସେ ଫିଲ୍ମ ‘କବୀର ସିଂହ’ ପାଇଁ ଅଭିନେତା ଶାହିଦ କପୁରଙ୍କ ମେକ୍‌ଓଭର କରିଥିବା ବେଳେ ଫିଲ୍ମ ‘ଆନିମଲ୍’ ପାଇଁ ରଣବୀର କପୁରଙ୍କର ଓ ଫିଲ୍ମ ‘ପେଡ୍ଡୀ’ ପାଇଁ ରାମଚରଣଙ୍କର ମେକ୍‌ଓଭର କରିଥିଲେ । ଏବେ ସୁପରଷ୍ଟାର ପ୍ରଭାସଙ୍କ ମେକ୍‌ଓଭର କରିବାର ସୁଯୋଗ ମିଳିବା ପରେ ସେ ବହୁତ ଖୁସିଥିବା କହିଛନ୍ତି । ତେବେ ଯଦି ଆମେ ଫିଲ୍ମର କାଷ୍ଟ୍‌କୁ ଦେଖିବା ତେବେ ପ୍ରଭାସଙ୍କ ବ୍ୟତୀତ ଏଥିରେ ଅଭିନେତ୍ରୀ ତୃପ୍ତି ଡିମ୍ରି ନଜର ଆସିବେ । ଏପର୍ଯ୍ୟନ୍ତ ଫିଲ୍ମର କାହାଣୀ ବା ଅନ୍ୟ କଳାକାରଙ୍କୁ ନେଇ କୌଣସି ସୂଚନା ଦେଇ ନାହାନ୍ତି ସନ୍ଦୀପ । ପୂର୍ବରୁ ପ୍ରଭାସଙ୍କ ବିପକ୍ଷରେ ବଲିଉଡ୍‌ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ କାଷ୍ଟ୍ କରାଯାଇଥିଲା । ହେଲେ ସେ ଫିଲ୍ମରୁ ହଟିବା ପରେ ଏବେ ତୃପ୍ତି ଡିମିରିଙ୍କୁ ସୁଯୋଗ ମିଳିଛି ।

# ବୟସ ୫୦ ପ୍ଲସ
## ସୁସ୍ଥ ରହିବା ପାଇଁ କିଛି କଥା



ବୟସ ବଢ଼ିବା ସହିତ ଶରୀରରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଏହି ପରିବର୍ତ୍ତନ କେବଳ ମହିଳା ନୁହେଁ, ପୁରୁଷମାନଙ୍କ ମଧ୍ୟରେ ବି ଦେଖାଯାଇଥାଏ। ଆଜିକାଲି ସମସ୍ତେ ପଚାଶ ବର୍ଷ ବୟସରେ ମଧ୍ୟ ସୁସ୍ଥ ଓ ଫିଟ ହେବାକୁ ଚାହାନ୍ତି। କିନ୍ତୁ ସମସ୍ତଙ୍କର ଇଚ୍ଛା ପୂରଣ ହୁଏନାହିଁ। ସାଧାରଣତଃ ୫୦ ବର୍ଷ ବୟସ ପରେ ମହିଳାମାନେ କିଛି ଶାରୀରିକ ସମସ୍ୟାର ସାମ୍ନା କରନ୍ତି। ଶରୀରରେ ଏଷ୍ଟ୍ରୋଜେନ ହରମୋନ କାରଣରୁ ମହିଳାଙ୍କ ରଜନିବୃତ୍ତି ହୁଏ। ଏହି କାରଣରୁ ୫୦ ବର୍ଷ ବୟସରେ ଏପରି କିଛି ଜୀବନ ପ୍ରଣାଳୀ ରହିଥାଏ। ଯାହାକୁ ଆମେ ଆପଣେଇ ନେବା ଉଚିତ। ଆସନ୍ତୁ ଜାଣିବା ୫୦ ବର୍ଷ ବୟସ ପରେ ସୁସ୍ଥ ରହିବା ପାଇଁ ପାଞ୍ଚଟି ସୂତ୍ର।

■ ଦୈନିକ ୧୦ ହଜାର ପାଦ ଚାଲିବା। ଶାରୀରିକ ଭାବରେ ନିଷ୍କ୍ରିୟ ରହିବା ଆପଣଙ୍କୁ ମେଦବହୁଳ କରିପାରେ। ଶାରୀରିକ ଶ୍ରମ ନ କରିବା ଦ୍ୱାରା ଶରୀରରେ ଅନାବଶ୍ୟକ ମେଦ ଜମା ହୋଇଥାଏ। ଏଣୁ ଧୀରେ ଧୀରେ ହାଡ଼ ଓ ମାଂସପେଶୀ ଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଆନ୍ତି। ଏଣୁ ଆପଣ ଦିନକୁ ୧୦ ହଜାର ପାଦ ଚାଲିବା ଅଭ୍ୟାସ ଆରମ୍ଭ କରନ୍ତୁ, କିଛି ମାସ ପରେ ପାର୍ଥକ୍ୟ ନିଜେ ଜାଣିପାରିବେ।

■ ଚାପମୁକ୍ତ ରହିବା। ଚାପ ଆପଣଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏହା ପଛରେ ଅନେକ କାରଣ ଥାଇପାରେ ଯେପରିକି କାର୍ଯ୍ୟ ଚାପ, ପରିବାର, ଆର୍ଥିକ ପ୍ରତିବନ୍ଧକ, କାମକୁ ଯିବା ଚିନ୍ତା, ଭଲ ଚାକିରି ନ ପାଇବା ଟେନସନ ଆଦି। ଚାପ ଓ ଚିନ୍ତା କମାଇବାକୁ ଚେଷ୍ଟା କରିବା ଆପଣଙ୍କ ପାଇଁ ଭଲ। ଏଥିପାଇଁ ଧ୍ୟାନ କରନ୍ତୁ, ଦେଖିବେ ଏହା ମନକୁ ଶାନ୍ତ କରିବା ସହିତ ଆପଣ ଉର୍ଜାବାନ ଅନୁଭବ କରିବେ।

■ ଖାଦ୍ୟରେ ସାମିଲ କରନ୍ତୁ ଅଧିକ ପୋଷକ ତତ୍ତ୍ୱ। ସୁସ୍ଥ ଜୀବନଯାପନ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଯୁକ୍ତ ଖାଦ୍ୟପେୟ। ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବାକୁ ହେଲେ ନିୟମିତ ପୁଷ୍ଟିକର ଖାଦ୍ୟ ଅର୍ଥାତ ଶସ୍ୟ, ଡାଲି ଓ ମଞ୍ଜି ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ। ଏହି ଖାଦ୍ୟ ଗୁଡ଼ିକରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ।

■ ନକାରାତ୍ମକ କଥାରୁ ଦୂରେଇ ରହିବା। ଯେତେବେଳେ ନିଷିଦ୍ଧ ବିଷୟ ଗୁଡ଼ିକର କଥା ଆସେ, ଯେପରି ଟଙ୍କା ଉପରେ କିମ୍ବା ଘରର ସମସ୍ୟା କଥା ହେଉ ସେହି ସମ୍ବନ୍ଧରେ ଆମେ ଅଧିକ ଆଲୋଚନା କରିବା ପାଇଁ ଇଚ୍ଛୁକ ହୋଇଥାଉ। ଏହି କଥାଗୁଡ଼ିକ ଆମ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ। ସେଥିପାଇଁ ଏହି ନାକାରାତ୍ମକ କଥାକୁ ଆଡ଼େଇ ଯିବା ଉଚିତ।

■ ନିଶା ସେବନକୁ ନା କରନ୍ତୁ। ଧୂମପାନ ଓ ମଦ୍ୟପାନ ହୃଦରୋଗ, ଫୁସଫୁସ, ମଧୁମେହ, କ୍ରନିକ ପ୍ରସୂତି ରୋଗର କାରଣ ହୁଏ। କେବଳ ଏତିକି ନୁହେଁ, ଯଦି ଆପଣଙ୍କର ଧୂମପାନ ଅଭ୍ୟାସ କ୍ରନିକ ହୋଇଥାଏ, ତେବେ ଆଖି ସମସ୍ୟା, ରିଉମାଟଏଡ଼ ଆର୍ଥ୍ରାଇଟିସ ଓ ରୋଗ ପ୍ରତିରୋଧ ପ୍ରଣାଳୀରେ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ିଯାଏ। ଏଥିପାଇଁ ଏହି ଉଭୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ।

■ କଥାରେ ଅଛି, ବୟସ ପଚାଶ ମାନେ ଆପଣଙ୍କ ଜୀବନ ଆରମ୍ଭ ହେଲା। ବାସ୍ତବକଥା ହେଉଛି ଯଦିଓ ବୟସ ବଢ଼ିବା ସହ ଅନେକଙ୍କର ସ୍ୱାସ୍ଥ୍ୟ ଅବସ୍ଥା ନାନା ସମସ୍ୟାକୁ ସାମ୍ନା କରିଥାଏ ଓ ଦୁର୍ବଳ ହୋଇଥାଏ। ତଥାପି ଏକ ରୁଟିନ ବନ୍ଧା ଭଲ ଜୀବନ ଶୈଳୀ ଦ୍ୱାରା ଆପଣ ଆନନ୍ଦମୟ ଜୀବନ ଉପଭୋଗ କରିପାରିବେ। ଖାଇବା, ଶୋଇବାରର ଏକ ନିର୍ଦ୍ଦିଷ୍ଟ ସମୟର ମାନଦଣ୍ଡ ରଖନ୍ତୁ। ସକାଳୁ ଉଠିବା ଖୁବ ଭଲ ଅଭ୍ୟାସ। ସୁଷମ ଖାଦ୍ୟ ସବୁଠାରୁ ଭଲ। ନିଶା ସେବନ ଠାରୁ ଦୂରେଇବା ସହ ପ୍ରଫୁଲ୍ଲିତ ମନର ଜୀବନ ନିର୍ବାହ କରନ୍ତୁ। ଯଥା ସମ୍ଭବ ଶାରୀରିକ ଅଭ୍ୟାସ, ଯୋଗ ପ୍ରାଣାୟମ ସବୁଠାରୁ ଭଲ। ନିଜେ ଖୁସିରେ ରହିବା ସହିତ ଅନ୍ୟ ମାନଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟା କରନ୍ତୁ। କୌଣସି ଶାରୀରିକ ସମସ୍ୟା ଦେଖାଦେଲେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ ଓ କୌଣସି ପରିସ୍ଥିତିରେ ଦେଶୀ ଚିକିତ୍ସା, ଗୁଣି ଗାରେଡ଼ି ଏ ସବୁକୁ ଗ୍ରହଣ କରନ୍ତୁ ନାହିଁ। ବୟସ ବଢ଼ିଲେ ଆପଣ ଯଦି ସୁସ୍ଥ ଜୀବନ ଶୈଳୀ ନିର୍ବାହ କରୁଥାନ୍ତି ତେବେ ଆପଣଙ୍କ ପାଇଁ କୌଣସି ଶାରୀରିକ ସମସ୍ୟା ଯନ୍ତ୍ରଣାଦାୟକ ଆଦୌ ହେବନାହିଁ।

*ଡାକ୍ତର ଗୁରୁପଦ ମିଶ୍ର*
*ଭେଷଜ ବିଭାଗ*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ*
*କଟକ*

# ଆପାର୍ଟମେଣ୍ଟ ବିକିଲେ ମଲାଇକା

ବଲିଉଡ୍ ଡିଭା ମଲାଇକା ଆରୋରା । ସେ ତାଙ୍କ ଫିଟନେସ୍ ଏବଂ ନୃତ୍ୟ ପାଇଁ ଖୁବ୍ ଜଣାଶୁଣା। ୫୧ ବର୍ଷ ବୟସରେ ମଧ୍ୟ ମଲାଇକା ଏତେ ଫିଟ୍ ଯେ ସମସ୍ତେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ମଲାଇକା ତାଙ୍କ ଫିଟନେସର ବିଶେଷ ଯତ୍ନ ନିଅନ୍ତି। ସେ ବ୍ୟାୟାମ କରିବା ସହିତ ଡାଏଟ୍ ଫଲୋ କରନ୍ତି। ଯାହା ଯୋଗୁଁ ମଲାଇକା ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ମଲାଇକା ତାଙ୍କର ଆପାର୍ଟମେଣ୍ଟ ବିକ୍ରି କରିଛନ୍ତି। ଯାହା ଯୋଗୁଁ ତାଙ୍କୁ ବହୁତ ଲାଭ ମିଳିଛି। ରିପୋର୍ଟ ଅନୁଯାୟୀ, ମଲାଇକା ମୁମ୍ବାଇର ଅନ୍ଧେରୀ ୱେଷ୍ଟରେ ଥିବା ତାଙ୍କର ଆପାର୍ଟମେଣ୍ଟ ୫.୩ କୋଟି ଟଙ୍କାରେ ବିକ୍ରି କରିଛନ୍ତି। ମଲାଇକାଙ୍କ ଏହି ଆପାର୍ଟମେଣ୍ଟ ୧୩୬୯ ବର୍ଗଫୁଟରେ ନିର୍ମିତ। ଏଥରେ ପାର୍କିଂ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଡିଲ୍ ପାଇଁ, ମଲାଇକା ପ୍ରାୟ ୩୧.୦୮ ଲକ୍ଷ ଷ୍ଟାମ୍ପ ଡ୍ୟୁଟି ଏବଂ ୩୦୦୦୦ ପଞ୍ଜିକରଣ ଫି ଦେଇଛନ୍ତି। ମଲାଇକା ମାର୍ଚ୍ଚ ୨୦୧୮ରେ ଏହି ଆପାର୍ଟମେଣ୍ଟକୁ ୩.୨୬ କୋଟି ଟଙ୍କାରେ କିଣିଥିଲେ। ଏହାକୁ ୫.୩ କୋଟି ଟଙ୍କାରେ ବିକ୍ରି କରି, ୨.୦୪ କୋଟି ଟଙ୍କା ଲାଭ କରିଛନ୍ତି। ମଲାଇକା ୭ ବର୍ଷ ମଧ୍ୟରେ ଏହି ସମ୍ପତ୍ତିରୁ ୬୨ ପ୍ରତିଶତ ଲାଭ କରିଛନ୍ତି। କହିବାକୁ ଗଲେ ମଲାଇକା ମଡେଲିଂରେ ପ୍ରବେଶ କରିବା ପୂର୍ବରୁ ଏମ୍‌ଟିଭି ଇଣ୍ଡିଆରେ ଏକ ଭିଜେ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ସେ ଅନେକ ବିଜ୍ଞାପନ ଏବଂ ଲୋକପ୍ରିୟ ମ୍ୟୁଜିକ ଭିଡିଓରେ କାମ କରିଛନ୍ତି। ମଲାଇକା ମଣିରତ୍ନମଙ୍କ ୧୯୯୮ ମସିହାରେ ଆସିଥିବା ଫିଲ୍ମ ଦିଲ୍ ସେର ନୈୟା ଛୈୟା ଗୀତରୁ ଲୋକପ୍ରିୟତା ପାଇଥିଲେ। ଓ୍ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ, ମଲାଇକା ଏବେ ରିଆଲିଟି ଶୋ’ର ଜଜ୍ କରୁଥିବାର ଦେଖିବାକୁ ମିଳୁଛି।





# ବିନା ପରିଶ୍ରମରେ ଷ୍ଟାର କିଡ୍‌ଙ୍କୁ ମିଳୁଛି କାମ: ଜରୀନ୍

ଷ୍ଟାରକିଡ୍ ଇବ୍ରାହିମ୍ ଅଲ୍ଲୀ ଖାନ ତାଙ୍କର ପ୍ରଥମ ଚଳଚ୍ଚିତ୍ର ନାହାନିଆଁ ଚଳିତ ବର୍ଷ ଆରମ୍ଭରେ ମୁକ୍ତିଲାଭ କରିଥିଲା। କିନ୍ତୁ ଏହି ଚଳଚ୍ଚିତ୍ରକୁ ବହୁତ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲୋକମାନେ ବିଶେଷକରି ଇବ୍ରାହିମ୍ ଏବଂ ଖୁସି କପୁରଙ୍କ ଅଭିନୟ ଉପରେ ପ୍ରଶ୍ନ ଉଠାଇଥିଲେ। ଏବେ ଅଭିନେତ୍ରୀ ଜରୀନ ଖାନ ଚଳଚ୍ଚିତ୍ର ନିର୍ମାତା କରଣ ଜୋହର ଏବଂ ଅନ୍ୟ ପ୍ରଯୋଜକମାନଙ୍କୁ ପ୍ରଶ୍ନ କରିଛନ୍ତି । କହିଛନ୍ତି ଯେ ସେମାନେ କାହିଁକି ଏପରି ଷ୍ଟାର କିଡ୍‌ଙ୍କୁ ବାରମ୍ବାର ସୁଯୋଗ ଦେଉଛନ୍ତି । ଯେଉଁମାନେ ଏପର୍ଯ୍ୟନ୍ତ ନିଜକୁ ପ୍ରମାଣିତ କରିପାରି ନାହାଁନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ‘ଯଦି ମୁଁ ଇବ୍ରାହିମଙ୍କ ନାଦାନିଆଁ ବିଷୟରେ କହିବି, ତେବେ ମୋତେ ଫିଲ୍ମଟି ବହୁତ ଶସ୍ତା ଲାଗିଲା। ବିଶେଷ କରି ଇବ୍ରାହିମଙ୍କ ଅଭିନୟ। ଏହା ପରେ ତାଙ୍କର ଅନ୍ୟ ଏକ ଫିଲ୍ମ ସରଜମୀନ୍ ଆସିଥିଲା ଯାହାକୁ ମୁଁ ଦେଖୁନାହିଁ। କିନ୍ତୁ ଲୋକେ କହୁଛନ୍ତି ଏଥରେ ସେ ଟିକେ ଭଲ ଅଭିନୟ କରିଛନ୍ତି। ହୁଏତ ତାଙ୍କୁ ଜଣେ ଭଲ ନିର୍ଦ୍ଦେଶକଙ୍କ ଆବଶ୍ୟକତା ଅଛି ଯିଏ ତାଙ୍କୁ ସଠିକ୍ ମାର୍ଗଦର୍ଶନ କରିପାରିବେ । ଏହା ଅନେକ କଳାକାରଙ୍କ ସହିତ ଘଟେ। ଯେପରିକି ଦୀପିକା ପାଦୁକୋନ। ସେ ଇଣ୍ଡଷ୍ଟ୍ରିକୁ ଆସିବା ସମୟରେ ବହୁତ ଭଲ ଅଭିନୟ କରୁନଥିଲେ, କିନ୍ତୁ ସଞ୍ଜୟ ଲୀଲା ଭାଂସାଲୀଙ୍କ ପରି ନିର୍ଦ୍ଦେଶକ ତାଙ୍କୁ ଅଭିନୟ ଶିଖାଇଥିଲେ। ଷ୍ଟାରକିଡ୍ସଙ୍କୁ ବିନା ପରିଶ୍ରମରେ ଫିଲ୍ମ ମିଳିଯାଉଛି, ତେଣୁ ସେମାନେ କଠିନ ପରିଶ୍ରମ କରିବା ଏବଂ ନିଜକୁ ଉନ୍ନତ କରିବା ପାଇଁ ଚେଷ୍ଟା କରୁନାହାନ୍ତି। ସେ ଆହୁରି କହିଛନ୍ତି, ‘ମୁଁ ମଧ୍ୟ ସଲମାନ ଖାନଙ୍କ ପରି ଜଣେ ବଡ଼ ସୁପରଷ୍ଟାରଙ୍କ ସହ ଡେବ୍ୟୁ କରିଥିଲି। କିନ୍ତୁ ସେତେବେଳେ ମୋତେ ଯେଉଁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା, ତା’ପରେ ମୋ ପାଇଁ କାମ ପାଇବା ବହୁତ କଷ୍ଟକର ହୋଇପଡିଥିଲା। ମୋ ପଛରେ କରଣ ଜୋହର ନଥିଲେ ଯିଏ ଲୋକମାନେ ଯାହା ଭାବିଲେ ବି ମୋ ପାଇଁ ଫିଲ୍ମ ତିଆରି କରିଚାଲିବେ। ମୁଁ ଭାବୁଛି ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଯଦି ଆପଣ ଅଭିନୟରେ ଭଲ ନହୋଇ ମଧ୍ୟ ପ୍ରତ୍ୟେକ ଥର ଫିଲ୍ମ ପାଉଛନ୍ତି, ତେବେ କଠିନ ପରିଶ୍ରମ କାହିଁକି କରିବେ ଆରାମରେ କାମ କରିବେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଚିତ୍ରକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର କପାତୁଟି, ପେଟାଲ ପ୍ରାଥମିକ ଚିକିତ୍ସାଳୟ ପହଞ୍ଚି, ସେହି ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ଚିକିତ୍ସାଳୟର ଅବସ୍ଥା ଓ ଲୋକଙ୍କ ଦୈନିକ ଅସୁବିଧା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସହିତ ସାକ୍ଷାତ କରି, ସେମାନଙ୍କର ଅଭିମତ ଓ ଅଭିଯୋଗ ଗୁଡ଼ିକ ଶୁଣିଥିଲେ। ପରେ ସମସ୍ତ ଡାକ୍ତରୀ କର୍ମଚାରୀ, ଷ୍ଟାଫ୍ ଏବଂ ଅଧିକାରୀମାନଙ୍କ ସହିତ ଖୋଲାଖୋଲି ଚର୍ଚ୍ଚା କରିଥିଲେ। ଚିକିତ୍ସାଳୟରେ ଥିବା ସମସ୍ୟା ଗୁଡ଼ିକ ଯାହାକି ଔଷଧ ଅଭାବ, କର୍ମଚାରୀ ଅଭାବ, ପାନୀୟଜଳ, ସ୍ୱଚ୍ଛତା, ଯନ୍ତ୍ରପାତି ଇତ୍ୟାଦି ରହିଛି ସେଗୁଡ଼ିକର ଆଶୁ ସମାଧାନ କରାଯିବା ପାଇଁ ପଦକ୍ଷେପ ନେବା ପାଇଁ ଆଶ୍ୱାସନ ଦେଇଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି କିଭଳି ସୁଦୃଢ଼ କରିହେବ ସେଥିପାଇଁ ସର୍ବଦା ସଚେତନ ଓ ପ୍ରତିବଦ୍ଧ ଥିବା ବିଧାୟକ ମହୋଦୟ ସ୍ପଷ୍ଟ କରିଥିଲେ। ବିଧାୟକଙ୍କ ପାଖରେ ପାଇ ଲୋକେ ନିଜ ଅଭିଯୋଗ ଜଣାଇବା ସହିତ ସମାଧାନ ପାଇବା ନିମନ୍ତେ ଆସ୍ଥା ପ୍ରକାଶ କରିଛନ୍ତି।



## ଅବ୍ୟବସ୍ଥାରେ ଅଙ୍ଗନବାଡି କେନ୍ଦ୍ର

# କାଗଜ ପତ୍ରରେ ଗଢୁଛି ଶିଶୁଙ୍କ ନାଁ, କେନ୍ଦ୍ରରେ ଦେଖାନାହିଁ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରାକ ପ୍ରାଥମିକ ଶିକ୍ଷା ଦିଗହରା ହୋଇପଡ଼ିଛି। ନାମକୁ ମାତ୍ର ଚାଲିଛି ଅଙ୍ଗନବାଡି କେନ୍ଦ୍ର। କେନ୍ଦ୍ରରେ ଶିଶୁ ମାନଙ୍କ ଦେଖାଦର୍ଶନ ମିଳୁନି। କାଗଜ ପତ୍ରରେ କେବଳ ନାଁ ଗଢ଼ୁଛି, କିନ୍ତୁ ଶିକ୍ଷା ଗ୍ରହଣ କରିବାକୁ ଅଧିକାଂଶ ଶିଶୁ ଆସୁନଥିବା ଦେଖା ଯାଉଛି। ଯାହା ପଛରେ ଅନେକ କାରଣ ରହିଥିବା ଅଭିଭାବକ ମାନେ ଅଭିଯୋଗ କରୁଛନ୍ତି। ପିଲାଙ୍କୁ ଆକୃଷ୍ଟ କରିବା ଭଳି ଶିକ୍ଷାଦାନ କରାଯାଉନଥିବା ସହ ପୁଷ୍ଟିକର ଖାଦ୍ୟ ମଧ ସଠିକ ଭାବେ ଦିଆଯାଉନଥିବା ଅଭିଯୋଗ ରହିଛି। ସେହିପରି କିଶୋରୀ ଙ୍କୁ ଅଣ୍ଡା ଓ ଛତୁଆ ଆଦି ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନରେ କାଣ୍ଟଛାଣ୍ଟ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମୋଟ ୧୭୮ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସମ୍ବନ୍ୱିତ ଶିଶୁ ବିକାଶ ଦ୍ୱାରା ପରିଚାଳିତ ଉକ୍ତ କେନ୍ଦ୍ର ଗୁଡିକ ବ୍ୟାପକ ଅବ୍ୟବସ୍ଥା ଘେରରେ ଚାଲିଛି। ଅନେକ କେନ୍ଦ୍ରର ଅଦ୍ୟାବଧି ନିଜ୍ୱସ କୋଠା ନିର୍ମାଣ ହୋଇ ପାରିନି। କେଉଁଠି ସ୍କୁଲ ବାରଣ୍ଡାରେ ତ ଆଉ କେଉଁଠି କୋଠାଘରେ ଅଙ୍ଗନବାଡି କେନ୍ଦ୍ର ଚାଲିଛି। କେତେକ ସ୍ଥାନରେ ଅଙ୍ଗନବାଡି କର୍ମୀ ତାଙ୍କ ଘର ବାରଣ୍ଡାରେ କେନ୍ଦ୍ର ଚଳାଉଛନ୍ତି। ଅର୍ଦ୍ଧନିର୍ମିତ ବିପଦ ସଂକୁଳ କେନ୍ଦ୍ରରେ ମଧ କୋମଳମତି ଶିଶୁ ମାନେ ବସୁଥିବା ଦେଖାଯାଉଛି। ସେହିପରି ସମସ୍ତ କେନ୍ଦ୍ରକୁ ବିଦ୍ୟୁତ ଯୋଗାଣ ଓ ବିଶୁଦ୍ଧ ପାନୀୟ



ଜଳ ବ୍ୟବସ୍ଥା ହୋଇପାରିନି। ପାଣି ମୁନ୍ଦାଏ ପିଇବାକୁ ପିଲା ଘରୁ ବୋତଲ ଧରି ଆସିବାକୁ ପଡୁଛି। ମଧ୍ୟାହ୍ନ ଭୋଜନ ରୋଷେଇ କରିବାରେ ସହାୟିକା ଆଖପାଖରେ କୂଅ କିମ୍ବା ନଳକୂପ ଉପରେ ନିର୍ଭର କରୁଛନ୍ତି। ବିଜୁଳି ସଂଯୋଗ ନଥିବାରୁ ଗରମ ଗୁଳୁଗୁଳିରେ ଶିଶୁ ମାନେ ଅତିଷ୍ଠ ହୋଇପଡୁଛନ୍ତି। ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ବିଭିନ୍ନ ସେକ୍ଟର ରେ ବିଭକ୍ତ କରି ଅଣ୍ଡା, ଛତୁଆ ଆଦି ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି। ସେହିପରି କେନ୍ଦ୍ରରେ ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ମଧ ଅତି ନିମ୍ନ ମାନର ବୋଲି ସାଧାରଣ ରେ ଅଭିଯୋଗ ହେଉଛି। ଯାହା ପିଲାଙ୍କୁ ରୁଚିକର ହେଉନଥିବାରୁ ଅନେକ ପିଲା କେନ୍ଦ୍ରରେ ଖାଉ ନାହାନ୍ତି। ନାଚ, ଗୀତ, ଖେଳ ଓ ଅଭିନୟ ମାଧ୍ୟମରେ ପିଲାଙ୍କୁ ମୌଳିକ ସଂଖ୍ୟା ଜ୍ଞାନ, ଗଣନା, ଅକ୍ଷର ଲେଖା ଓ ପଢ଼ା ଆଦି ଶିକ୍ଷାଦାନ କରାଯିବା ନିୟମ ରହିଥିବା ବେଳେ ତାହା କରାଯାଉନଥିବା ଜଣାଯାଇଛି। ଯାହା ଫଳରେ ପିଲା ମାନେ କେନ୍ଦ୍ର ପ୍ରତି ଆକୃଷ୍ଟ ହେଉନାହାନ୍ତି। ଅନେକ କେନ୍ଦ୍ର ରେ ବାଧ୍ୟବାଧକତା ରେ ହାତ ଗଣତି ୪ରୁ ୬ଟି ପିଲାଙ୍କୁ କେନ୍ଦ୍ରରେ ଦେଖିବାକୁ ମିଳୁଛି। କିନ୍ତୁ କାଗଜ ପତ୍ରରେ କେନ୍ଦ୍ରରେ ୨୦ରୁ ଉର୍ଦ୍ଧ ପିଲା ସଂଖ୍ୟା ଦର୍ଶାଯାଇଛି। ସେମାନଙ୍କ ନାଁରେ ଆସୁଥିବା ଖାଦ୍ୟ ସାମଗ୍ରୀ ହଡପ ହେଉଛି। ସେହିପରି ୧୧ରୁ ୧୮ବର୍ଷ ପର୍ଯ୍ୟନ୍ତ କିଶୋରୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନରେ କାଣ୍ଟଛାଣ୍ଟ କରାଯାଉଥିବା ଅଭିଯୋଗ ହେଉଛି। କିଶୋରୀଙ୍କୁ ମାସିକ ୧୬ଟି ଅଣ୍ଡା ଓ ଛତୁଆ ଯୋଗାଇ ଦେବାକୁ ନିୟମ ରହିଥିବା ବେଳେ ୧୦ଟି ଅଣ୍ଡା ଦିଆଯାଇ ୬ଟି ହଡପ କରାଯାଉଛି। ଗର୍ଭବତୀ ଓ ପ୍ରସୂତିଙ୍କ କ୍ଷେତ୍ରରେ ମଧ ସମାନ ଚିତ୍ର ଦେଖିବାକୁ ମିଳୁଛି। ଅଭିଯୋଗ ସତ୍ୱେ ପ୍ରତ୍ୟେକ ଦିନ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଉପଯୁକ୍ତ ତଦନ୍ତ ହେଉ ନଥିବାରୁ ଦୁର୍ନୀତି ଖୋର ବରିଷ୍ଠ ଅଧିକାରିଣୀ ଘଣ୍ଟ ଘୋଡାଉ ଥିବା ଅଭିଭାବକ ମାନେ କହିଛନ୍ତି। ତଳୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ଏହି ଦୁର୍ନୀତି ରେ ଜଡିତ ରହିଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବରିଷ୍ଠ ଅଧିକାରୀଣି ମାନେ ମାସକୁ ଥରେ କେତେବେଳେ ପରିଦର୍ଶନ କରୁଥିବା ବେଳେ ଏହାର ପ୍ରତ୍ୟେକ ଦିନ ଉପଯୁକ୍ତ ତଦାରଖ କରିବା ଓ ଅଭିଭାବକଙ୍କ ସହ ଆଲୋଚନା କଲେ ଦୁର୍ନୀତିରେ ରୋକ ଲାଗିବା ସହ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ସମନ୍ୱିତ ଶିଶୁ ବିକାଶ ବିଭାଗରେ ବ୍ୟାପକ ଅନିୟମିତତାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ସିଡିପିଓ ସୁଲୋଚନା ସେଠୀ କହିଛନ୍ତି, ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି। ଖାଦ୍ୟ ବଣ୍ଟନରେ କାଣ୍ଟଛାଣ୍ଟ ଅଭିଯୋଗ ଆସିଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ସିଡିପିଓ କହିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ଗଞ୍ଜେଇ, ଚରସ, ମଦ ଜବତ ହେଉଥିବା ବେଳେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳ ସେଥିରୁ ବାଦ ପଡୁଥିଲା। ଜିଲ୍ଲା ପୁଲିସ ଅଧିକ୍ଷକ ମନୋଜ କୁମାର ରାଉତ ଏଥିନେଇ ଉଭୟ ପୁଲିସ ଓ ଅବକାରୀ ପୁଲିସକୁ କଡା ତାଗିଦ କରିବା ପରେ କିଛି ମାତ୍ରାରେ ତତ୍ପରତା ପ୍ରକାଶ ପାଇଛି। ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବଡବନସ୍ତା ଗ୍ରାମର କୁନି ସାହୁର ପନ୍ୀ ଭାରତୀଙ୍କ ଘରୁ ୨ କିଲୋ ୪ଶହ ୭୦ଗ୍ରାମ ବେଆଇନ ଗଞ୍ଜେଇ ମଙ୍ଗଳବାର ମଧ୍ୟାହ୍ନରେ ଫାଣ୍ଡି ପୁଲିସ ଜବତ କରିଥିବା ଜଣାଯାଇଛି। ଭାରତୀ ଜଣେ ପେଷାଦାର ଗଞ୍ଜେଇ ବିକ୍ରେତା ଭାବେ ଜଣାଶୁଣା। ଗତ ଜୁଲାଇ ୯ ତାରିଖରେ ଭାରତୀଙ୍କ ଘରୁ ୮କିଲୋ ଗଞ୍ଜେଇ ଜବତ କରାଯାଇ ମାମଲା ରୁଜୁ ହୋଇଥିଲା। ମାତ୍ର ଗଞ୍ଜେଇ ବିକ୍ରୟ ବନ୍ଦ ହୋଇନଥିଲା। ପୁନର୍ବାର ପାଇଁ ଘରେ ବେଆଇନ ଗଞ୍ଜେଇ ମହଜୁଦ କରି ରଖାଯାଇଥିବା ସୂଚନା ପାଇ ଥାନାଧିକାରୀ କମଳାକାନ୍ତ ଦାସ, ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି, ସବ୍ ଇନ୍ସପେକ୍ଟର ସ୍ନେହପ୍ରଭା ସାହୁଙ୍କ ନେତୃତ୍ୱରେ କନେଷ୍ଟବଳ ବିଚିତ୍ରାନନ୍ଦ ବେହେରା, ରଞ୍ଜୁ ମହାଳିକ ଚଢାଉ କରି ଗଞ୍ଜେଇ ଜବତ କରିଥିଲେ। ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କ ଉପସ୍ଥିତିରେ ପୁଲିସ ଜବତ ଗଞ୍ଜେଇ ଓଜନ କରି ଜଉମୁଦ ଦେବା ସହ ଭାରତୀକୁ ଗିରଫ କରିଥିଲା। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି।



# ୫ବର୍ଷ ପରେ ଦାଦନ ଶ୍ରମିକ ଉଦ୍ଧାର



ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ନିଖୋଜ ଦାଦନ ଶ୍ରମିକ ଉଦ୍ଧାର ହୋଇ ମେଡିକାଲରେ ଭର୍ତ୍ତି। ୫ବର୍ଷ ତଳେ ଯାଇଥିଲେ ଦାଦନ ଖଟିବାକୁ ଅନ୍ୟ କେରଳ ରାଜ୍ୟକୁ। ଗ୍ରାମର ସମସ୍ତେ ଆସିଲେ କିନ୍ତୁ ଯୁବକ ଜଣକ ହେଲେ ନନ୍ଦ ରାଉତ (୨୬) ନିଖୋଜ ହୋଇ ରହିଥିଲେ। ବର୍ତ୍ତମାନ ଉଦ୍ଧାର ହୋଇ ପାପଡାହାଣ୍ଡି ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ସୂଚନା ମୁତବିକ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ବାଲେଙ୍ଗା ପଞ୍ଚାୟତର ନନ୍ଦ ରାଉତ ୫ବର୍ଷ ତଳେ ସାଙ୍ଗ ମାନଙ୍କୁ ସହ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। କେଉଁ ଆଡେ ଚାଲିଯାଇଥିଲେ ତାଙ୍କର ଦେଖା ମିଳିନଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। କିନ୍ତୁ ଜିଲ୍ଲାର ମୈଦଲପୁର ଥାନା ଚରାମୂଳା ଗ୍ରାମର କିଛି ଯୁବକ ନନ୍ଦଙ୍କୁ ଉଦ୍ଧାର କରି ଖାଇବାକୁ ଦେଇଥିଲେ। ଭିଡିଓ କରି ହ୍ୱାଟସୋପ ଗ୍ରୁପରେ ନିଖୋଜ ଯୁବକର ଭିଡିଓକୁ ଛାଡିଥିଲେ। ପରେ ପୋଲିସ୍ ଅଧିକାରୀ ପରିବାର ଲୋକଙ୍କୁ ଫୋନରେ ଯଗାଯୋଗ କରି ଭିଡିଓ ପଠାଇଥିଲେ। ଏହା ପରେ ପରିବାର ଲୋକେ ଚିହ୍ନି ଚରାମୁଳା ଗ୍ରାମକୁ ପହଞ୍ଚି ଆମ୍ବୁଲାନ୍ସ ସାହାର୍ଯ୍ୟରେ ପାପଡାହାଣ୍ଡି ମେଡିକାଲକୁ ଆଣିଥିଲେ। କାରଣ ନିଖୋଜ ଯୁବକ ଉଦ୍ଧାର ସମୟରେ କଥା କହିପାରୁ ନ ଥିବାବେଳେ ଚାଲି ମଧ ପାରୁ ନଥିଲେ। ୫ବର୍ଷ ପରେ ପୁଅକୁ ପାଇ ପରିବାର ଲୋକ ଖୁସିଥିବା ବେଳେ ଉଦ୍ଧାର କରିଥିବା ଯୁବକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡାଲିଯାତୀୟ ଫସଲରେ କ୍ଷେତ୍ର ଦିବସରେ ଚାଷୀଙ୍କୁ ସଚେତନ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର କୃଷି ବିଭାଗ ପକ୍ଷରୁ ପତିତ ଜମିରେ ଡାଲି ଜାତୀୟ ଫସଲ ପ୍ରଦର୍ଶନର କ୍ଷେତ୍ର ଦିବସରେ ଚାଷୀଙ୍କୁ ଡାଲି ଜାତୀୟ ଫସଲ ଉପରେ ସଚେତନ କରାଯିବା ସହ କ୍ଷେତ୍ର ଦିବସ ପାଳିତ ହୋଇଥିଲା। ଚାଷୀ କିପରି ସରକାରଙ୍କ ଯୋଜନାରେ ସାମିଲ ହୋଇ ଡାଲି ଜାତୀୟ ଚାଷ କରି ଲାଭବାନ ହୋଇପାରିବେ ସେ ଦିଗରେ ପରାମର୍ଶ ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା କୃଷି ଅଧିକାରୀ ଦିଜ୍ୱର ସେଠୀ, ଦୋବଲ ସରପଂଚ ଅଶୋକ କୁମାର ପଣ୍ଡା, ପଞ୍ଚାୟତ



କୃଷି ଅଧିକାରୀ ଗୋଲଭି ମାରାଣ୍ଡି, ସିଆରପି ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଚାଷର ଲାଭବାନ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସୂଚନା ପ୍ରଦାନ କରିଥିଲେ। ବ୍ଲକସହକାରି କୃଷି ଅଧିକାରି ଦେବାଶିଷ ତ୍ରିପାଠୀ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜଳେଶ୍ୱର ଡେଭେଲପ୍‌ମେଣ୍ଟ କମିଟିର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗକୁ ଲାଗି ଓଡିଶାର ସୀମାନ୍ତ ବ୍ଲକଭାବେ ଜଳେଶ୍ୱରର ବିଭିନ୍ନ ସମସ୍ୟାକୁ ନେଇ ଆଜି ଜଳେଶ୍ୱର ଡେଭେଲପମେଣ୍ଟ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆନନ୍ଦପ୍ଲାଜା ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ଇଂ ରତ୍ନାକର ରାୟ ସଭାପତିତ୍ୱ କରି ଆନ୍ତରାଜ୍ୟ ସୀମା ସମସ୍ୟା, ବାଲି ଚୋରା ଚାଲାଣ, ସୀମାନ୍ତବର୍ତ୍ତି ଗାଁ ଗୁଡିକରେ ରାସ୍ତାଘାଟର ସୁବିଧା ନ ଥିବା, ବିଦ୍ୟାଳୟମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା, ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ ନ କରିବା, ନାଉଦହର ସଦ୍‌ବ୍ୟବହାର କରାଯିବା, କଂକ୍ରିଟ ନଦୀବନ୍ଧ ଓ ଅଧିକ ସ୍ଲୋର ନିର୍ମାଣ କରିବା, ଏମ୍‌ଏସ୍‌ଏମ୍‌ଇର ହାଟ ସୃଷ୍ଟି କରିବା, ସ୍ୱାସ୍ଥ୍ୟ ସେବାକୁ ଉନ୍ନତମାନର କରିବା,




ଜଳେଶ୍ୱରକୁ ସବ୍‌ଡିଭିଜନ୍ ଓ ରାଇବଣିଆକୁ ବ୍ଲକ ଘୋଷଣା କରିବା ସହିତ ଦମକଳକେନ୍ଦ୍ର ସ୍ଥାପନ କରିବାଲାଗି ଦାବି କରିଛନ୍ତି। ପଶ୍ଚିମବଂଗ ସରକାରଙ୍କ ଦ୍ୱାରା ଲୋଭନୀୟ ପ୍ରକଳ୍ପ ସୀମାନ୍ତବର୍ତ୍ତୀ ଗ୍ରାମମାନଙ୍କରେ ଘୋଷଣା କରାଯାଉଥିବାରୁ ଓଡିଶାର ଲୋକ ମାନେ ଢଳିଯିବାର ସମ୍ଭାବନାକୁ ଏଡାଇ ଯାଇପାରିବ ନାହିଁ ବୋଲି କହିଥିଲେ। ତେଣୁ ଅବହେଳିତ ସୀମାନ୍ତ ବ୍ଲକ ଜଳେଶ୍ୱର ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ବିପ୍ଳବ ପ୍ରଧାନ, ଉପସଭାପତି ତଥା ଗ୍ରାମ୍ୟ ମୁଖ୍ୟ ଜ୍ଞାନେନ୍ଦ୍ର ନାଥ ଜେନା, ଉପଦେଷ୍ଟା ଶଂକର ଲାଲ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଞ୍ଚଳରେ ଧଳା ଜହର ବିକ୍ରିବୃଦ୍ଧି। ଏହିନିଶା ପ୍ରତି ଅଧିକରୁ ଅଧିକ ଯୁବଗୋଷ୍ଠୀ ଆକୃଷ୍ଟ ହେଉଥିବା ନେଇ ଦେଖିବାକୁ ମିଳୁଛି। ଏ ନେଇ ବିଭିନ୍ନ ଗଣ ମାଧ୍ୟମ ରେ ଖବର ପ୍ରକାଶ ପରେ ୪୮ଘଣ୍ଟା ମଧ୍ୟରେ ଦୁଇ ଦୁଇଟି ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରାଗଲାଣି। ମଙ୍ଗଳବାର ଦିନ ଉକ୍ତ ଥାନା ଅଧିନସ୍ତ ଦେବୀ କଦଳ ଦୀପାଞ୍ଚଳ ପତ୍ରକଣା ଗ୍ରନର ଦେବେନ୍ଦ୍ର ସାହୁଙ୍କ ପୁଅ ସଞ୍ଜୀବ ସାହୁ(୨୭)ଙ୍କୁ ପୋଲିସ ଗିରଫ କରିଛି। ତା ନିକଟରୁ ବ୍ରାଉନ ସୁଗାର ଜବତ କରିବା ସହ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ବୁଢା ଗଣେଶଙ୍କ ତୈଳଚିତ୍ର ସ୍ଥାପନା

ଭଦ୍ରକ, (ଭାସ୍କର ନ୍ୟୁଜ୍): ବାବା ବୁଢା ଗଣେଷଙ୍କର ତୈଳ ଚିତ୍ର ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ସ୍ଥାପନା ଓ ଭଦ୍ରକ ପ୍ରସିଦ୍ଧ ଐତିହାସିକ ବାବା ବୁଢା ଗଣେଷଙ୍କର ଏକ ତୈଳଚିତ୍ର ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କର ଉପସ୍ଥିତିରେ ସ୍ଥାପନା କରାଯାଇଅଛି। ଉକ୍ତ ତୈଳଚିତ୍ରଟିକୁ ବାବା ବୁଢା ଗଣେଷ କମିଟି ତରଫରୁ ପ୍ରଦାନ କରାଯାଇଅଛି। ଭଦ୍ରକରେ ଭାଇଚାରା ପ୍ରତିଷ୍ଠା ଦିଗରେ ବାବା ବୁଢା ଗଣେଷ କମିଟି ଦୀର୍ଘ ଦିନ ଧରି ବନ୍ଧୁ ମିଳନ ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସିଛି। ଉକ୍ତ ତୈଳଚିତ୍ରଟିର ସ୍ଥାପନା ପରେ ବିଭିନ୍ନ ଆଡୁ ଆସୁଥିବା ଜନସାଧାରଣ ବାବାଙ୍କର ମହିମା ବିଷୟରେ ଅବଗତ ହେବେ। ଏହିପରି ପ୍ରୟାସକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା ଭାଜନ ହୋଇ ପାରିଛି। ସ୍ଥାପନା ସମୟରେ ଜିଲ୍ଲାପାଳଙ୍କ ସମେତ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ, ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ବାବା ବୁଢା ଗଣେଷ କମିଟିର ସଦସ୍ୟବୃନ୍ଦ ଓ ସାମ୍ବାଦିକ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ।

## ମିଳୁନି ବାଲି-ଗୋଡ଼ି, ଜିଲ୍ଲାପାଳଙ୍କୁ ଅଭିଯୋଗ

କାଳିମେଳା, (ଭାସ୍କର ନ୍ୟୁଜ): ଗ୍ରାମ ପଞ୍ଚାୟତ ସ୍ତରର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମିଳୁନି ବାଲି, ଗୋଡ଼ି। ଏହାର ସମାଧାନ ପାଇଁ କାଳିମେଳା ସମିତିର ଲୋକ ପ୍ରତିନିଧି ଏବଂ ଜନସାଧାରଣ ମିଳିତରେ ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହା ପୂର୍ବରୁ ରାଜସ୍ୱ ମନ୍ତ୍ରୀ ଏବଂ ପୂର୍ବ ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ କରାଯାଇଥିଲା। ଗ୍ରାମାଞ୍ଚଳର ବହୁମୁଖୀ ବିକାଶ ପାଇଁ ପଞ୍ଚାୟତ ସ୍ତରରେ ନିର୍ମାଣ ହେଉଥିବା ସରକାରୀ କିମ୍ବା ବେସରକାରୀ ଗୃହ, ପ୍ରଧାନମନ୍ତ୍ରୀ ଆବାସ ଗୃହ ଆଦି ପାଇଁ ବାଲି, ଗୋଡ଼ି ମିଳୁନାହିଁ। ବାଲି, ଗୋଡ଼ି ବୋଝେଇ ଗାଡ଼ିକୁ ଚୋରା ଚାଲାଣ ଅଭିଯୋଗରେ ତହସିଲ କିମ୍ବା ମାଇନିଙ୍ଗ ବିଭାଗ ପକ୍ଷରୁ ଜବତ କରି ଅକଥନୀୟ ଅର୍ଥ ଆଦାୟ ନଚେତ କୋର୍ଟ ଚାଲାଣ କରାଯାଉଛି। ନିକଟରେ ବାଲି ଘାଟରୁ ବାଲି ଏବଂ ଜଙ୍ଗଲରୁ ଗୋଡ଼ି ଆଣିବାର ବ୍ୟବସ୍ଥା ନାହିଁ। ତହସିଲ କିମ୍ବା ମାଇନିଙ୍ଗ ବିଭାଗ ପକ୍ଷରୁ ସଟ୍ ଟେଣ୍ଡର କଲେ କମ୍ ଦୂରତା ଏବଂ କମ୍ ଖର୍ଚ୍ଚରେରେ ବାଲି, ଗୋଡ଼ି ପାଇପାରନ୍ତେ। ନଚେତ ପୂର୍ବ ପରି ସ୍ଥିରୀକୃତ ସ୍ଥାନରୁ ବାଲି, ଗୋଡ଼ି ଆଣିବା ବାବଦରେ ରୟେଲଟି ଓ ପେନାଲଟି ନେଇ ସାମଗ୍ରୀ ଯୋଗାଇ ଦିଆଯାଉ ବୋଲି ଅଭିଯୋଗରେ ଜଣାଇଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ମିଳିଥିବା ଆବାସ ଯୋଜନା ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ଏବେ ବାଲି, ଗୋଡ଼ି ଚିନ୍ତା ଘାରିଛି। ନିଜେ ବଞ୍ଚିବା ଏବଂ ପରିବାରକୁ ବଞ୍ଚାଇବା ପାଇଁ ଗାଡ଼ି ଖଣ୍ଡେ ଆଣି ବାଲି, ଗୋଡ଼ି ବୋଝେଇ କଲେ ଗାଡ଼ି ମାଲିକଙ୍କ ଠାରୁ ବାରମ୍ବାର ଅର୍ଥ ଆଦାୟ କରାଯାଉଛି। ବାଲି, ଗୋଡ଼ି ପାଇଁ ସବୁ ବର୍ଗର ଲୋକେ ହନ୍ତସନ୍ତ ହେଉଥିଲେ ସୁଦ୍ଧା ଅନେକ ଦିନ ଧରି ଏହାର ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଯାହାଫଳରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଜନସାଧାରଣ ପୁଣି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବାଲି, ଗୋଡ଼ି ବୋଝେଇ କରି ରୋଜଗାର କରୁଥିବା ସ୍ଥାନୀୟ ସମସ୍ତ ଗାଡ଼ି ମାଲିକ ଏନେଇ ଅଭିଯୋଗ କରିବାକୁ ସଜବାଜ ହେଉଥିବା ଜଣାପଡିଛି।

# ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ



କନ୍ଧମାଳ, (ଭାସ୍କର ନ୍ୟୁଜ): ମହିଳାଙ୍କୁ ଆକ୍ରମଣ କରିବା ଏବେ ମାହାଙ୍ଗା ପଡିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଥାନା ଅଧିନସ୍ଥ ରେକଡୋଲ ଗ୍ରାମର ପ୍ରେମଶିଳା ବିଭାର ଓ ବେଣୁଧର କହଁର ଉଭୟ ପରିବାର ମଧ୍ୟରେ ଦୀର୍ଘଦିନରୁ ଜମିବାଡ଼ି ବିବାଦ ଲାଗିରହିଥିଲା। ଗତ ଅଗଷ୍ଟ ୨୩ ତାରିଖ ଦିନ ନିଜ ବିଲରେ ପ୍ରେମଶିଳା ଘାସ ଉପାଡୁଥିବା ସମୟରେ ଗ୍ରାମର ବେଣୁଧର କହଁର ପ୍ରେମଶିଳାକୁ ଦେଖି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଲୁହା ଫାଉଡ଼ାରେ ଆକ୍ରମଣ କରିଥିଲା। ଫଳରେ ପ୍ରେମଶିଳାକୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ। ଏନେଇ ପରିବାର ଲୋକେ ଘଣ୍ଟାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବେଣୁଧର କହଁରକୁ ଘଣ୍ଟାପଡ଼ା ପୋଲିସ ଗିରଫ କରିଥିବା ବେଳେ ମଙ୍ଗଳବାର ଦିନ କୋର୍ଟଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ରାମନାଗୁଡା ବନବିଭାଗ ତରଫରୁ ମାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରାମନାଗୁଡ଼ା, (ଭାସ୍କର ନ୍ୟୁଜ୍): ରାମନାଗୁଡା ବ୍ଲକର ବନବିଭାଗ ପକ୍ଷରୁ ଆଜି ରାମନାଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ରାମନାଗୁଡା ବ୍ଲକର ବନବିଭାଗର ଫାର୍ମ ହାଉସ ଠାରୁ ବାଜା ବଜାଇ ୨ଟି ଟ୍ରାକ୍ଟରରେ ୫୦୦ଲେଖାଏ ବୃକ୍ଷ ନେଇ ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର ଏବଂ ବନପାଳ ଅଧିକାରୀ ଜୟଦେବ ଶବର ବାହାରି ରାମନାଗୁଡା ବ୍ଲକ ଆଡ଼କୁ ଯାଇଥିଲେ। ସେଠାରେ ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ, ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ ଏବଂ ରାମନାଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ୫୦୦ ବୃକ୍ଷ ଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ। ତାପରେ ଆଉ ୫୦୦ ଶହ ବୃକ୍ଷ କୁଜିନ୍ଦ୍ରି ଗ୍ରାମ ପଞ୍ଚାୟତକୁ ପଠାଯାଇ ଥିଲା। ସେଠାରେ ସରପଞ୍ଚ ରମେଶ ଶବର ଏବଂ କୁଜିନ୍ଦ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ୫୦୦ବୃକ୍ଷ ଗ୍ରହଣ କରି ରୋପଣ କରିଥିଲେ। ଏଥିରେ



ବନରକ୍ଷୀ ରଞ୍ଜିତା ଗୌଡ ଓ କଳ୍ପନା ନାୟକ ଏବଂ ପାରା ଫରେଷ୍ଟ ଗାର୍ଡ ଲୋକନାଥ ଗୌଡ ସହଯୋଗ କରିଥିଲେ। ତେବେ ମାଁଙ୍କୁ ମନେ ରଖିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ୧୭/୦୯/୨୦୨୫ ତାରିଖ ସୁଦ୍ଧା ସମଗ୍ର ଭାରତରେ ୭୫ ଲକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ତେବେ ଗୁଣୁପୁର ବନାଞ୍ଚଳ, ରାୟଗଡା ବନଖଣ୍ଡ ତରଫରୁ ରାମନାଗୁଡା ବ୍ଲକର ୧୨ଗୋଟି ପଞ୍ଚାୟତ ରେ ୬୦୦୦ ହଜାର ବୃକ୍ଷ ରୋପଣ କରିବାର ସ୍ଥିର କରାଯାଇଛି ବୋଲି ବନପାଳ ଜୟଦେବ ଶବର କହିଛନ୍ତି। ମଙ୍ଗଳବାର ଶୁଭାରମ୍ଭ କାର୍ଯ୍ୟକ୍ରମଟିକୁ ରାମନାଗୁଡା ବ୍ଲକର ବନବିଭାଗର ବନପାଳ ଜୟଦେବ ଶବର ପରିଚାଳନା କରିଥିଲେ। କିନ୍ତୁ ସାମ୍ବାଦିକଙ୍କୁ ନ ଡାକି ଏତେ ବଡ ଆୟୋଜନ କରାଯିବା ସାମ୍ବାଦିକ ମହଲରେ ଅସନ୍ତୋଷ ବଢୁଛ। ଏହା ସହ ଏଭଳି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅଣଦେଖା କରିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢୁଛି।

# ସ୍ୱାମୀଙ୍କ ସୁସ୍ଥତା କାମନା ପାଇଁ ସ୍ତ୍ରୀ ମାଗୁଛନ୍ତି ଆର୍ଥିକ ସହାୟତା

କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଦହିଖିଆ ଗ୍ରାମରେ ବାସ କରନ୍ତି ରାଜୁ ବାଲମୁଛ ଓ ତାଙ୍କ ଧର୍ମପନ୍ୀ ସାଇ ବାଲମୁଛ। ପେଷାରେ ରାଜୁ ଜଣେ ଦିନ ମଜୁରିଆ ଯାହା କିଛି ରୋଜଗାର କରନ୍ତି ଘରେ ତିନି ପ୍ରାଣୀ କୁଟୁମ୍ବଙ୍କ ଭରଣ ପୋଷଣ କରନ୍ତି। ସେଥିରେ ପୂର୍ବରୁ ତାଙ୍କ ଝିଅର ମଧ ବାହାଘର କରିଛନ୍ତି, ରାଜୁଙ୍କର କୌଣସି ଜମିବାଡ଼ି ନାହିଁ। କେବଳ ଘରେ ଖଣ୍ଡେ। ୩ ମାସ ଆଗରୁ ରାଜୁ ଘରକୁ ଆସିଥିଲେ ହଟାତ ତାଙ୍କର ବ୍ରେନଷ୍ଟ୍ରୋକ ହୋଇଥିଲା। ତାଙ୍କ ପୁଅ ଓ ସ୍ତ୍ରୀ ପ୍ରଥମେ କାକଟପୁର, ପରେ ଚାରିଛକ ଓ ଶେଷରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ, କ୍ୟାପିଟାଲ ହସ୍ପିଟାଲରୁ ରିପୋର୍ଟ ଆସିଥିଲା ତାଙ୍କ ବ୍ରେନଷ୍ଟ୍ରୋକ ହୋଇ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଛି। ଶେଷରେ ସମ୍ ହସ୍ପିଟାଲ ନେଇ ସେଠି ଆୟୁଷ୍ମାନ କାର୍ଡରେ ସ୍ୱାମୀଙ୍କ ଚିକିତ୍ସା କରାଇବା ସହ ଅସ୍ତ୍ରୋପଚାର ମଧ କରିଥିଲେ। ମାତ୍ର ରାଜୁ ସୁସ୍ଥ ନହୋଇ




ପୁନଃବାର ଅସୁସ୍ଥ ହେଲେ। ମେଡିକାଲ ଟିମ୍ କହିଲା ଯେ ଆଉ ଏକ ଅସ୍ତ୍ରୋପଚାର କରାଯିବ ଯେଉଁଥିପାଇଁ ୫ରୁ ୧୦ଲକ୍ଷ ଭିତରେ ଖର୍ଚ୍ଚ ହେବ। ମାତ୍ର ପରିବାରର ଆର୍ଥିକ ସ୍ଥିତି ବର୍ତ୍ତମାନ ପୁରା ଦୁର୍ବଳ। ବେସାହାରା ହୋଇଯାଇଛନ୍ତି ତାଙ୍କ ଧର୍ମ ପନ୍ୀ ସାଇ। ଏବେ ଭାତ ଥିଲେ ଲୁଣ ବି ନାହିଁ ଓ ଅନେକ ଅର୍ଥ କରଜ କରିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାମୀଙ୍କର ଆରୋଗ୍ୟ ପାଇଁ ଯେଉଁଠି ଲକ୍ଷାଧିକ ଟଙ୍କାର ଆବଶ୍ୟକ ସେଠି ଚାଉଳ କେଜିଟିଏ କିଣିବାକୁ ପଇସା ନାହିଁ। ଏବେ ଦହିଖିଆ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ କାକଟପୁର ଅସ୍ତରଙ୍ଗ ରାସ୍ତାରେ ପଥଚାରିଙ୍କୁ ରାଜୁଙ୍କ ଆରୋଗ୍ୟ ପାଇଁ ସାହାଯ୍ୟ ମାଗୁଥିବା ବେଳେ ରାଜୁଙ୍କ ଧର୍ମପନ୍ୀ ସାଇ ଗ୍ରାମରେ ପ୍ରତ୍ୟେକଙ୍କ ଘରକୁ ଯାଇ ସାହାଯ୍ୟ ପାଇଁ ମିନତୀ କରୁଛନ୍ତି। ରାଜୁଙ୍କୁ ସରକାରୀ ସାହାଯ୍ୟ ଓ ସହାୟତା ଯୋଗେଇ ଦିଆଗଲେ ରାଜୁ ସୁସ୍ଥ ହୋଇପାରିବେ ବୋଲି ଗ୍ରାମବାସୀ ମାନେ ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବୈଠକ

ଶେରଗଡ଼, (ଭାସ୍କର ନ୍ୟୁଜ୍): ଶେରଗଡ଼ ଠାରେ ଗତ ସୋମବାର ଦିନ ଗଞ୍ଜାମ ଜିଲ୍ଲା ପାଳ ଓ ଆରକ୍ଷୀ ଅଧିକାରୀ ମଧ୍ୟରେ ଯୁଗ୍ମ ବୈଠକ ଓ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୭୭ଟି ଅଭିଯୋଗ ଆସିଥିବା ବେଳେ ରେଡକର୍ସ ପାଣ୍ଠିରୁ ୫ଜନଙ୍କୁ ୪୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାଶ, ଭଞ୍ଜନଗରର ଉପ ଜିଲ୍ଲା ପାଳ ଉମା ଶଙ୍କର ବେହେରା, ଅତିରିକ୍ତ ଜିଲ୍ଲା ପାଳ ଦୀପକ ଜେନା, ତହସିଲ ଅଫିସର ତ୍ରିଦେବ ରଥ, ଓବିଡିଓ ତୃପ୍ତିମୟୀ ଜେନା ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ,ଥାନା ଅଧିକାରୀ ବରେନ୍ଦ୍ର କୁମାର ଶିଆଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରାଜ କୁମାର ସୁବୁଦ୍ଧି, ସିଡିପିଓ ମାମତାଞ୍ଜଳି ପଣ୍ଡା, ପୂର୍ତ୍ତ ବିଭାଗ ସହକାରୀ ଜନ୍ତ୍ରୀ ବନୋଜ ସେଠୀ ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଜନ୍ତ୍ରୀ ଗିରିଶ ଶଙ୍କର ନାୟକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଜନ୍ତ୍ରୀ ମଳୟ ନାୟକଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# ୮୦ ଲିଟର ଦେଶୀ ମଦ ଜବତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରୟ ଉପରେ ମଙ୍ଗଳବାର ଭଣ୍ଡାରିପୋଖରୀ ଥାନା ପୁଲିସ ଓ ଅବକାରୀ ପୁଲିସ ମିଳିତ ଭାବେ ଚଡାଉ କରି ୮୦ ଲିଟର ଦେଶୀ ମଦ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି। ଜୋରାଗଡିଆ ଗ୍ରାମର ବେଆଇନ ମଦ ବିକ୍ରେତା ଗୁଣ୍ଡିଆ ଜେନା ଓ ଗୌରାଙ୍ଗ ଜେନା, ରଣଜିତ ଗ୍ରାମର ବେଆଇନ ମଦ ବିକ୍ରେତା ଦେବେନ୍ଦ୍ର ନାୟକ ଓ ଆକୁଳିକଣା ଗ୍ରାମର ବେଆଇନ ମଦ ବିକ୍ରେତା ରବିନ୍ଦ୍ର ସେଠୀଙ୍କୁ ଗିରଫ କରାଯାଇଛି। ଅବକାରୀ ପୁଲିସ ପକ୍ଷରୁ ୧୧୮,୧୧୯,୧୨୦ ଓ ୧୨୧/୨୦୨୫-୨୬ନଂ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମହିଳା ସରପଞ୍ଚଙ୍କୁ ମାଡ଼ ଘଟଣାରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅଧିନସ୍ଥ ରାଜପୁର ପଞ୍ଚାୟତ ର ମହିଳା ସରପଞ୍ଚ ରାଣୀ ମଞ୍ଜରୀ ସେଠୀଙ୍କୁ ୫ ଦିନ ପୂର୍ବରୁ ହଠାତ୍ ଘରେ ଥିବା ବେଳେ କିଛି ଦୁର୍ବୃତ୍ତ ଆସି ଆକ୍ରମଣ ସହିତ ଟଣା ଘୋଷରା କରିଥିଲେ। ମହିଳା ସରପଞ୍ଚ ସେହିଦିନ ଥାନାରେ ଲିଖିତ ଏତଲା ଦେଇଥିବା ବେଳେ ୪ଦିନ ପର୍ଯ୍ୟନ୍ତ ରାଜନଗର ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଦାବି ଜଣାଇବାକୁ ଯାଇଥିବା ବେଳେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସରପଞ୍ଚ ମାନଙ୍କୁ ଦୁର୍ବ୍ୟବହାର କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ମହିଳା ସରପଞ୍ଚଙ୍କୁ ମାଡ଼ ମାରିଥିବା ଦୁର୍ବୃତ୍ତଙ୍କ ସମେତ ଦୁର୍ବ୍ୟବହାର କରିଥିବା ପୋଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିବା କହିଛନ୍ତି ମହିଳା ସରପଞ୍ଚ ଚାମେଲି ଓଝା।



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ବିଡ଼ିଓ ଅଧକ୍ଷତା କରିଥିବା ବେଳେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭା କାର୍ଯ୍ୟକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ ପରିଚାଳନା କରିଥିଲେ। ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ଲକର ୧୩ ଟି ପଞ୍ଚାୟତର ଗ୍ରାମ ଗୁଡିକରୁ ଭିନ୍ନକ୍ଷମ ମାନେ ବହୁ ସଂଖ୍ୟାରେ ଆସିଥିବା ବେଳେ ୨୮୫ଜଣଙ୍କୁ ପଞ୍ଜିକରଣ କରାଯାଇଅଛି। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରୁ ୯୩ ଜଣ, ଶ୍ରବଣ ବିଭାଗରୁ ୮୯ ଜଣ, ଚକ୍ଷୁ ବିଭାଗ ରୁ ୩୫ ଜଣ, ମାନସିକ ଅନଗ୍ରସର ବିଭାଗରୁ ୨୯ ଜଣ ଓ ସିକିଲ ସେଲ ବିଭାଗ ପକ୍ଷରୁ ୩୯ ଜଣ ଉପସ୍ଥିତ ରହି ଡାକ୍ତରଙ୍କ ଠାରୁ ଚିକିତ୍ସିତ ହୋଇଥିଲେ। ଏଥିପାଇଁ ଜିଲ୍ଲା ସ୍ତରରୁ ଡ଼ା ଦେବାଶିଷ ମହାପାତ୍ର, ଡ଼ା ସୁଜିତ କୁମାର ସାହୁ, ଡ଼ା କିଶାନ ସାହୁ, ଡ଼ା ଲଲାଟେନ୍ଦୁ ମିଶ୍ର, ଓ ଡ଼ା ସନ୍ତୋଷ କୁମାର ଜେନା ସମେତ ବ୍ଲକରୁ ସମସ୍ତ ସରକାରୀ କର୍ମଚାରୀ, ଶିକ୍ଷକ, ଅଙ୍ଗନୱାଡ଼ି ଓ ଆଶା ଦିଦି ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ଥାନୀୟ ପୋଲିସ ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗର ତଦନ୍ତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଦିନ କିଛି ନା କିଛି ପ୍ରାୟୋଜିତ ଅଘଟଣ ବା ତଦନ୍ତର ଖବରକୁ ନେଇ ଚର୍ଚ୍ଚାରେ ରହିଛି। ୧୩ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.କମଳାକାନ୍ତ ସ୍ୱାଇଁ ଏଠାରୁ ବଦଳି ନହେବାକୁ ଚଳାଇଥିବା ପ୍ରାଣମୂର୍ଚ୍ଛା ଉଦ୍ୟମ ସବୁ ଘଟଣା ଓ ଅଘଟଣର ମୂଳ କାରଣ ବୋଲି ଚର୍ଚ୍ଚା ହେଉଛି। ଏହି କ୍ରମରେ ଗତ ଅଗଷ୍ଟ ୧୩ ତାରିଖ ସନ୍ଧ୍ୟାରେ ରୋଗୀ ବିନୋଦିନୀ ରାଉତଙ୍କ ମୃତ୍ୟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଜନିତ ହୋଇଥିବା ଅଭିଯୋଗର ତଦନ୍ତ ମଙ୍ଗଳବାର ହୋଇଥିଲା। ମୃତକଙ୍କ ସ୍ୱାମୀ ଅଶୋକ କୁମାର ରାଉତ ଗତ ୨୦ ତାରିଖରେ ଏ ସମ୍ପର୍କରେ ଡାକ୍ତର ସୁଧାଂଶୁ ବେହେରା ଓ ନର୍ସ ନିରୂପମା ମଲ୍ଲିକଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ଆଜି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା.ମିନତୀଲତା ଦାସଙ୍କ ନେତୃତ୍ୱରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ମୀନକେତନ ମହାନ୍ତି, ହସ୍ପିଟାଲ ପରିଚାଳକ ଡା. ସମୀର ମହାପାତ୍ର ଓ ବରିଷ୍ଠ ଫାର୍ମାସିଷ୍ଟ ରଜତ ସାହୁ ରୁଦ୍ଧଦ୍ୱାର ତଦନ୍ତ କରିଥିଲେ। ଅଭିଯୋଗକାରୀ ଓ ପରିବାର ସମେତ ଅବସରପ୍ରାପ୍ତ ଶିକ୍ଷକ ମୁକ୍ତିକାନ୍ତ ମହାନ୍ତି, ଚିକିତ୍ସା କରିଥିବା ଡାକ୍ତର ବେହେରା, ନର୍ସଙ୍କୁ ପଚରାଉଚରା କରିଥିଲେ। ତଦନ୍ତକାରୀ ଦଳ ତଦନ୍ତ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ଶହୀଦ ବାଜିରାଉତଙ୍କ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଶହୀଦ ବାଜିରାଉତଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଶହୀଦ ବାଜି ରାଉତଙ୍କ ଢେଙ୍କାନାଳ ମାଟି ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ଓ କିଭଳି ତାଙ୍କର ଜନ୍ମ ଜୟନ୍ତୀକୁ ମହା ଆଡମ୍ବର ସହ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏହି ଶତବାର୍ଷିକୀ ଜନ୍ମ ଜୟନ୍ତୀ ଅକ୍ଟୋବର ୫, ୨୦୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୫, ୨୦୨୬ ପର୍ଯ୍ୟନ୍ତ ଚାଲିବ। ତେବେ ଏହି ବର୍ଷ ତମାମ ଜୟନ୍ତୀ ସମାରୋହର ରୂପରେଖ କଣ ରହିବ, ତାହାର ଏକ ବିସ୍ତୃତ ବିବରଣୀ ଦେବା ପାଇଁ ସେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସେ ଶହୀଦ ବାଜି ରାଉତଙ୍କ ନାମରେ ପାର୍କ, ସଂଗ୍ରାହଳୟ, ମାର୍ଗ ଇତ୍ୟାଦି କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ। ଏଥି ସହିତ ସେ କହିଥିଲେ ଶହୀଦ ବାଜି ରାଉତଙ୍କ ବଳିଦାନ ସମ୍ପର୍କରେ ପରପିଢ଼ିଙ୍କୁ ଜଣାଇବା ଆମର କର୍ତ୍ତବ୍ୟ, ତେଣୁ ଆମେ ଏ ଦିଗରେ ଦାୟିତ୍ୱବାନ ହେବା ଆବଶ୍ୟକ। ବୈଠକରେ ମାନ୍ୟବର ବିଧାୟକ ପରଜଙ୍ଗ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ କହିଥିଲେ ଯେ, ଏହି ଜନ୍ମ ଜୟନ୍ତୀ ସମାରୋହ ତୃଣମୂଳ ସ୍ତରରୁ ହେବା ଆବଶ୍ୟକ। ଯାହା ଦ୍ୱାରା ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକ ଜଡିତ ହେଇପାରିବେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ରାଜ୍ୟ ସ୍ତରୀୟ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ଅଧକ୍ଷ କୃଷ୍ଣ ଚନ୍ଦ୍ର ଆଇଚ ଓ ଜିଲ୍ଲା ସ୍ତରରେ ଥିବା ବାଜି ରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ। ଏହି ଶତ ବାର୍ଷିକୀ ଜନ୍ମ ଜୟନ୍ତୀ ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଯୋଗ ଦେଇଥିଲେ।

## ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଗତ ସୋମବାର ଅପରାହ୍ନ ୫ଟାରେ ନାମ୍ପୋ ପଂଚାୟତର ବିଜେପି ସଦସ୍ୟମାନଙ୍କର ଏକ ସାଂଗଠନୀକ ବୈଠକ ସଭାପତି ଜଗଦୀଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ୧୦ନଂ ଜୋନ୍ ସଭାପତି ବିଜୟ କୁମାର ସାସମଲଙ୍କ ତତ୍ତ୍ୱାବଧାନରେ ପ୍ରଧାନଙ୍କୁ ପୁନର୍ବାର ସଭାପତିଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ସଂଜୀବ କୁମାର ପ୍ରଧାନ ମନୋନୀତ ହୋଇଥିବା ବେଳେ ବିଜେପି ନେତା ଗୋପାଳ ଚନ୍ଦ୍ର ଦ, ସୁମତୀ ଦେ, ସୁକୁମାର ରଣା, ଆରତୀ ଦାସ, ଜ୍ୟୋତିବ୍ରହ୍ମ ଦେ, ଉପେନ୍ଦ୍ରନାଥ ପରିଡା, କେଦୋର ନାଥ ପରିଡା, ଜନ୍ମେଜୟ ଦେ, ରମେଶ ଜେନା, ତପନ କୁମାର ଧଳ, ବିନୋଦ କୁମାର ଭୂୟାଁ ପ୍ରମୁଖ ବହୁ ସଦସ୍ୟ ଓ କର୍ମୀ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ପୋଲିସର ଚଢ଼ାଉ

# ୨୭୦୦ ଟଙ୍କା ସହ ଖେଳ ସାମଗ୍ରୀ ଜବତ, ୪ ଗିରଫ

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗର ଗାଁ'ଶେଷ ଭାଗରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ଜୁଆ ଆଡ୍ଡାରେ ଗତକାଲି ବିଳମ୍ବିତ ରାତିରେ ଗୋଳନ୍ଥରା ପୋଲିସ ଚଢ଼ାଉ କରି ଚାରି ଜଣ ଜୁଆଡ଼ିଙ୍କୁ ଧରି ସେମାନଙ୍କ ଠାରୁ ୨୭୦୦ଟଙ୍କା, ୨ ଟି ତାସ କାଟା, ୩ ଟି ମୋଟର ସାଇକେଲ, ୪ ଟି ମୋବାଇଲ ଜବତ କରିଥିବା ଜଣାପଡିଛି। ସୂଚନା ଅନୁଯାଇ ଗତକାଲି ରାତି ପ୍ରାୟ ୨ଟା ବେଳେ ଗୋବିନ୍ଦନଗର ଗାଁ ଶେଷ ଭାଗରେ ଏକ ଜୁଆ ଖେଳ ଚାଲିଥିବା ନେଇ ଥାନା ଅଧିକାରୀ ତଥା ଡ଼ିଏସପି ବିବେକାନନ୍ଦ ସ୍ୱାଇଁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିବା ବେଳେ ଚାରି ଜୁଆଡ଼ିଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜୁଆଡ଼ିମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଖସି ପଳେଇବାରେ ସଫଳ ହୋଇଥିଲେ। ଆଗାମୀ ଦିନରେ ଜୁଆ ଖେଳ ଉପରେ ବ୍ୟାପକ ଚଢ଼ାଉ କରାଯିବ ବୋଲି ଥାନା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ୩୪୦ କେଜି ଗଞ୍ଜେଇ ଜବତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବ୍ୟାପୀ ମାଦକ ଦ୍ରବ୍ୟ ବିରୁଦ୍ଧରେ ଦୀର୍ଘ ଏକ ମାସ ଧରି ଚାଲୁଥିବା ସ୍ପେସିଆଲ ଡ୍ରାଇଭ କାଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଅବକାରୀ ବିଭାଗ ତରଫରୁ ପେପରମେଟଲା ଥାନା ଅନ୍ତର୍ଗତ ସାରକୁବନ୍ଧା ଗ୍ରାମ ନିକଟରେ ଥିବା ଘଞ୍ଚ ଜଙ୍ଗଲରୁ ୩୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଚଉତିରିଶ ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ ଉକ୍ତ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଜଙ୍ଗଲ ଭିତରେ ଲୁଚାଯାଇଥିଲା। ଏ ସଂକ୍ରାନ୍ତରେ ବାଲିମେଳା ଅବକାରୀ ଥାନାରେ ଏକ ଦାବିହୀନ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ପାଇଁ ବାଲିମେଳା ଓଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢ଼ାଉ ସମୟରେ ସନ୍ତୋଷ କୁମାର ବଳ, ଅବକାରୀ ନିରୀକ୍ଷକ, ଅବକାରୀ ଉପ ନିରୀକ୍ଷକ, ରମେଶ ଚନ୍ଦ୍ର ସାହୁକାର, ଦୀପକ କୁମାର ସାମଲ,ବ୍ରଜ ବିହାରୀ ନାୟକ, ଏଏସ୍‌ଆଇ ରାମଚନ୍ଦ୍ର ହନ୍ତାଲ, ପ୍ରଦୀପ କୁମାର ନାୟକ, କନେଷ୍ଟବଳ ବିପୁଳ ଶେଖର ଯୋଦ୍ଧର, ପବିତ୍ର ଭତ୍ରା, ଗୋବିନ୍ଦ ବେଞ୍ଚମୀ, ଜ୍ଞାନ ରଞ୍ଜନ ସାହୁ, ଚନ୍ଦ୍ର କାନ୍ତ ନାୟକ, ନାଗେଶ ପଣ୍ଡା, ପ୍ରବୀଣ କୁମାର ସାହୁ, ସରିତା ନାୟକ, ଜୁଲି ସା, ସୁଜାତା ହିଆଲ ପ୍ରଭୃତି ଉପସ୍ଥିତ ଥିଲେ।

# ଅଯୋଧ୍ୟା-ବାରଣାସୀ ତୀର୍ଥଯାତ୍ରାରେ ୧୦୮ ବରିଷ୍ଠ ନାଗରିକ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଜି ପ୍ରଥମ ପର୍ଯ୍ୟାୟରେ ଅଯୋଧ୍ୟା -ବାରଣାସୀ ଅଭିମୁଖେ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୧୦୮ ଜଣ ବରିଷ୍ଠ ନାଗରିକ ସମେତ ୪ ଜଣ ଏସକୋର୍ଟ ଅଫିସର ତୀର୍ଥଯାତ୍ରାରେ ବାହାରିଛନ୍ତି। ଆଳି ବ୍ଲକରୁ ଜଣେ, ଗରଦପୁର ଏବଂ ପଟ୍ଟାମୁଣ୍ଡାଇ ବ୍ଲକରୁ ୩ ଜଣ ଲେଖାଏ,ରାଜନଗରରୁ ୪ ଜଣ, ରାଜକନିକାରୁ ୫ ଜଣ, ଡେରାବିଶରୁ ୧୭ଜଣ, ମାର୍ଶାଘାଇରୁ ୧୮ଜଣ, ମହାକାଳପଡ଼ାରୁ ୨୦ ଜଣ ଏବଂ କେନ୍ଦ୍ରାପଡ଼ାରୁ ୩୭ ଜଣ ଯାତ୍ରା କରିଛନ୍ତି। ସେଥିମଧ୍ୟରୁ ୬୬ ଜଣ ପୁରୁଷ ଏବଂ ୪୨ ଜଣ ମହିଳା ଅଛନ୍ତି। ସମସ୍ତ ବରିଷ୍ଠ ନାଗରିକଙ୍କ ଆଜି ସକାଳେ ପଞ୍ଜିକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଅପରାହ୍ନରେ ତିନୋଟି ସ୍ୱତନ୍ତ୍ର ବସ ଯୋଗେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଛନ୍ତି। ଜିଲ୍ଲାପାଳ ରଘୁରାମ ଆର ଆୟାର ପତାକା ଦେଖାଇ ଯାତ୍ରର ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ତଥା ପର୍ଯ୍ୟଟନ ଅଧିକାରୀ ତ୍ରିଭୁନ ଜୟସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମାନେ ଆଜି ଭୁବନେଶ୍ୱରରେ ରହଣି କରିବେ ଏବଂ ଆସନ୍ତା କାଲି ୧୧ଘଟିକାରେ ସ୍ୱତନ୍ତ୍ର ଟ୍ରେନଯୋଗ ଭୁବନେଶ୍ୱର ରେଳ ଷ୍ଟେସନରୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଏହି ଯୋଜନାର ଶୁଭାରମ୍ଭ କରିବେ। ସୂଚନା ଯେ, କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ଢେଙ୍କାନାଳ ଜିଲ୍ଲାର ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଏବଂ ୨୫ଜଣ ଏସ୍କୋର୍ଟ ଅଫିସର ଯାତ୍ରା କରିବେ। ଆସନ୍ତା କାଲି ଅର୍ଥାତ ୧୦ ତାରିଖଠାରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ତୀର୍ଥଯାତ୍ରା ପରିଭ୍ରମଣ କରିବେ।

## ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲାର ଅନ୍ୟତମ ପୁରତନ ଦୀନକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଓ ପୂର୍ବତନ ପ୍ରାଧ୍ୟାପକ ଅଜୟ କୁମାର ମହାପାତ୍ର ସୋମବାର ଅପରାହ୍ନ ୪.୪୦ମି. ସମୟରେ ତାଙ୍କ ବାସଭବନରେ ୬୨ବର୍ଷ ବୟସରେ ଇହଲିଳା ସମ୍ବରଣ କରିଛନ୍ତି। ଗତ କିଛିଦିନ ଧରି ସେ ବିଭିନ୍ନ ରୋଗରେ ପିଡିତ ଥିଲେ। ସେ ରସାଳପୁରର



ଜେଏନ୍ କଲେଜ, ଭୋଗରାଇର ଆରଆଇଏଚ୍‌ଏସ୍ କଲେଜ ଓ ୨୦୧୧ରୁ ୨୦୨୪ ଯାଏ ଦୀନକୃଷ୍ଣ ମହାବିଦ୍ୟାଳୟର ଅର୍ଥନିତୀ ବିଭାଗର ମୁଖ୍ୟ, ପ୍ରଶାସନିକ ଅଧିକାରୀ ଓ ପରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ମିଷ୍ଟଭାଷୀ, କର୍ମତତ୍ପର, ଛାତ୍ରବତ୍ସଳ, ସୁସଂଗଠକ ତାଙ୍କର ସୁଖ୍ୟାତି ରହିଥିଲା। ସେ ନିଜର କାର୍ଯ୍ୟକୁ ରାଜକାର୍ଯ୍ୟମନେ କରି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ମୃତ୍ୟୁଶର୍ଯ୍ୟ ନିକଟରେ ପରିବାରବର୍ଗ ଉପସ୍ଥିତ ଥିବା ବେଳେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଦୀନକୃଷ୍ଣ ମହା ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ ଦାସଙ୍କ ସଭାପତିତ୍ୱରେ ଆଜି କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପ୍ରାଧାପକ ସନ୍ୟାସୀ ଚରଣ ପାତ୍ର, ପୁଷ୍ପା□ଳି ପାଇକରାୟ, ଡ. ଚିତ୍ତରଂଜନ ଭଂଜ, ଅମୀର ଦେ, ରତନ କୁମାର କର ପ୍ରମୁଖ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# କିଏ ଧରିବ ଜିଲ୍ଲା କଂଗ୍ରେସର ମଙ୍ଗୁଆଳ !




ଭଦ୍ରକ, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଠାରୁ ଆରମ୍ଭ କାରୀ ତୃଣମୂଳ ସ୍ତରରେ ଥିବା ପଦ ପଦବୀ ନିମନ୍ତେ ନିଜର ଦକ୍ଷ ସଂଗଠକ ମାନଙ୍କୁ ନିଯୁକ୍ତ କରିବାର ପ୍ରକ୍ରିୟା ହାତକୁ ନେଇଛି। ଜାତୀୟ ସ୍ତରରେ କଂଗ୍ରସର ସ୍ଥିତି ଏବେ ବିରୋଧୀ ଭାବେ ଜନମତ ପାଇ ଗୃହରେ କାର୍ଯ୍ୟ କରୁଥିବା ବେଳେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି କଂଗ୍ରେସ। ତେବେ ପାର୍ଟିର ତୃଟି ସୁଧାରିବା ସହ ପାର୍ଟିକୁ ରାଜ୍ୟରେ ମଜବୁତ କରିବାର ଜୋରଦାର ପ୍ରୟାସ ଜାରି ରଖିଛି କଂଗ୍ରେସ। ୨୦୨୯ ପୂର୍ବରୁ ରାଜ୍ୟର ପ୍ରତ୍ୟକ ଜିଲ୍ଲାରେ ଦକ୍ଷ ସଭାପତି ଚୟନ କରି କଂଗ୍ରେସ ସପକ୍ଷରେ ଜନମତ ସୃଷ୍ଟି କରିବା କାର୍ଯ୍ୟକ୍ରମ ହାତକୁ ନେଇଛି କଂଗ୍ରେସ। ପୂର୍ବରୁ ଭଦ୍ରକ ଜିଲ୍ଲାରେ କଂଗ୍ରେସର ଯାହା ପ୍ରଦର୍ଶନ ରହିଛି ଗତ ୨୦୧୯ ନିର୍ବାଚନ ସୁଦ୍ଧା ଜିଲ୍ଲାର ପଞ୍ଚଗୋଟି ବିଧାନସଭା ଆସନରୁ ଗୋଟିଏ ହେଲେ ଆସନ ଅକ୍ତିଆର କରିବାରେ ଅସମର୍ଥ ହୋଇଥିଲା କଂଗ୍ରେସ। ୨୦୨୪ ନିର୍ବାଚନରେ ଜିଲ୍ଲାର ପାଞ୍ଚୋଟି ବିଧାନସଭା ଆସନରୁ ମାତ୍ର ଗୋଟିଏ ବାସୁଦେବପୁର ଆସନକୁ ହାତେଇବାରେ ସମର୍ଥ ହୋଇଥିଲା କଂଗ୍ରେସ। ତେବେ ଜିଲ୍ଲାର ସାଙ୍ଗଠନିକ ନେତୃତ୍ୱ ଦୁର୍ବଳ କାରଣରୁ ଭଦ୍ରକରେ ପାର୍ଟିର ପ୍ରଦର୍ଶନରେ ଏପରି ବ୍ୟତିକ୍ରମ ବୋଲି କୁହାଯାଇ ପାରେ ଓ ଅନ୍ୟପଟେ ନିର୍ବାଚନ ସମୟରେ ଦଳ ବଦଳ ନେତା ତଥା ଅସନ୍ତୁଷ୍ଟଙ୍କୁ ପାର୍ଟି ପକ୍ଷରୁ ହାତେଇ ନିର୍ବାଚନ ଲଢ଼ିବାରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ମାନଙ୍କରେ କଂଗ୍ରେସର ଭୋଟ ବଢିବା ଏକ ପ୍ରକାର ଧିରେ ଧିରେ ପାର୍ଟିର ଲୋକପ୍ରିୟତା ବଢିବା କଥା ଆମେ କହିପାରିବା। ସାଙ୍ଗଠନିକ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଇତି ମଧ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟର ବେଲାରୀ ସାଂସଦ ଏରାଗେର ଟୁକାରାମ ମଧ ଭଦ୍ରକ ଗସ୍ତ ଏବଂ ପରିଦର୍ଶନ କରି ହାଇ କମାଣ୍ଡଙ୍କୁ ଜିଲ୍ଲାର ସଙ୍ଗଠନକୁ ନେଇ ସମସ୍ତ ତଥ୍ୟ ଉପସ୍ଥାପନ କରିବାର ସୂଚନା ରହିଛି। ହେଲେ ଏହା ପୂର୍ବରୁ କିଏ ହେବ ଜିଲ୍ଲା ସଭାପତି, କିଏ ଧରିବ ଭଦ୍ରକ ଡଙ୍ଗାର ମଙ୍ଗ ତାକୁନେଇ ସାଧାରଣରେ ଜୋରଦାର ଚର୍ଚ୍ଚା ଚାଲିଛି। ଦେଖିବାକୁ ଗଲେ ପୂର୍ବରୁ ଜିଲ୍ଲା କଂଗ୍ରେସ ସଭାପତି ଭାବେ ପାର୍ଟିର ଅନ୍ୟତମ ନେତା ନଳିନୀକାନ୍ତ ମହାନ୍ତି ସଭାପତି ଭାବେ ଜିଲ୍ଲା ଦାୟିତ୍ୱରେ ଥିବା ସମୟରେ ଜିଲ୍ଲାର କଂଗ୍ରେସର ପ୍ରଦର୍ଶନ ଯାହାଥିଲା ୨୦୨୪ ନିର୍ବାଚନରେ ଭୋଟ ହାର ଯଥେଷ୍ଟ ବଢିଥିବାର ଦେଖାଯାଇଥିଲା। ପାର୍ଟିର ଯୁବନେତା ଦେବରୂପ ମହାନ୍ତିଙ୍କୁ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆ ଯାଇଥିଲା ସତ ହେଲେ ତାଙ୍କ ସମୟରେ ପାର୍ଟିର ସେମିତି କୌଣସି ସଙ୍ଗଠନ ଆଗକୁ ବଢିବାର ଦେଖା ଯାଇ ନଥିଲା। କଂଗ୍ରେସ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ଯେତିକି ଲୋକପ୍ରିୟତା ହାସଲ କରିଥିଲା ୨୦୨୪ ରେ କୁହା ଯାଉଥିବା ଭଦ୍ରକର ବିଶ୍ୱକର୍ମା ଯୁଗଳ କିଶୋର ପଟ୍ଟନାୟକଙ୍କ ସୁପୁତ୍ର ଅସିତ ପଟ୍ଟନାୟକ ପାର୍ଥୀ ହେବାପରେ ଭୋଟ ଦ୍ୱିଗୁଣିତ ହୋଇଥିଲା। ଜିଲ୍ଲାର ଅନ୍ୟାନ୍ୟ ଆସନରେ ଯଥା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବରିଷ୍ଠ ନେତା ଅଳ୍ପ ବ୍ୟବଧାନରେ ବିଜୁ ଜନତା ଦଳର ପ୍ରାଥୀ ସଞ୍ଜୀବ ମଲ୍ଲିକଙ୍କ ପାଖରୁ ପାଖାପାଖି ୧୫୫୩ ଖଣ୍ଡ ଭୋଟରେ ପରାଜୟ ବରଣ କରିଥିଲେ। ସେହିପରି ଧାମନଗର ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ପାର୍ଟିର ପ୍ରଦର୍ଶନ ନୈରାଶ୍ୟ ଜନକ ହୋଇଥିଲା। ତେବେ ଜିଲ୍ଲାର ମଙ୍ଗୁଆଳ ଜିଲ୍ଲାରେ ପାର୍ଟିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ କିଏ ହେବ ଜିଲ୍ଲାର ସଭାପତି ସେନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପୂର୍ବପରି ପାର୍ଟିରେ ଅନ୍ତର୍ଦ୍ୱନ୍ଦ୍ୱ ବା ପ୍ରତିଦ୍ୱନ୍ଦ୍ୱୀତା ଏହି ପରିପ୍ରେକ୍ଷୀରେ ପାର୍ଟିକୁ ନକାରାତ୍ମକ ଫଳାଫଳ ଆଣିପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ସାଙ୍ଗଠନିକ କ୍ଷେତ୍ରରେ ଯିଏ ପ୍ରକୃତରେ ସାଧାରଣରେ ଗ୍ରହଣୀୟ ତାକୁ ଦାୟିତ୍ୱ ଦେଲେ ଆଗକୁ କଂଗ୍ରେସ ମଜବୁତ ହେବ ବୋଲି ଆଲୋଚନା ହେଉଛି।

# ମିଶନଶକ୍ତି ଗୃହ ଓ ପଞ୍ଚାୟତର ନୂତନ ଗେଟ୍ ଉଦ୍‌ଘାଟିତ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମିଶନଶକ୍ତି ଗୃହ ଓ ପଞ୍ଚାୟତର ନୂତନ ଗେଟ୍ ଉଦଘାଟନ ଉତ୍ସବ ମଙ୍ଗଳ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଚୁକୁଳି ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପୂଜାର୍ଚ୍ଚନା ପରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ଜାତୀୟ ରାଜପଥ ୫୭ଉପରେ ଏକ ବିରାଟ ରାଲିରେ ବଜାରର ପରିକ୍ରମା କରାଯାଇ ନୂତନ ମିଶନଶକ୍ତି ଗୃହ ଓ ପଞ୍ଚାୟତର ନୂତନ ଗେଟ ଠାରେ ଭବ୍ୟ ସ୍ୱାଗତ କରଯାଇଥିଲା। ଅନ୍ୟତମ ଅତିଥି ଭାବରେ ବୋଲଗଡ ବିଡିଓ ସୁମନ ସୁଧା କୁଣ୍ଡୁ,ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ବିଜେଡ଼ି ଜିଲ୍ଲା ସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ବିପିସି ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ଓ ପଞ୍ଚାୟତ ବିଜେଡ଼ି



ସଭାପତି ପବିତ୍ର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୨ମହଲା ବିଶିଷ୍ଟ ଗୃହଟି ପଞ୍ଚାୟତ ମହିଳାଙ୍କ ବୈଠକ ସହ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ଭାବେ ଉପଯୋଗ କରିବା ଆଶା କରି ନିର୍ବାହିଅଧିକାରୀ ଯୋଗେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାଉନସୁଗର ସହ କାର ଓ ଟଙ୍କା ଜବତ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ପୋଲିସକୁ ଅନ୍ୟ ଏକ ବଡ଼ ସଫଳତା ମିଳିଛି। ପୂର୍ବ ସୂଚନା ପାଇ ଏସଡିପିଓ ସୁବ୍ରତ ବେହେରାଙ୍କ ନିର୍ଦ୍ଦଶରେ ଓ ଆଇଆଇସି ଜୟନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ପୋଲିସ ଚାଲନ୍ତି ଉଡନ୍ତା ରେଲପୋଲ ନିକଟରେ ଛକି ବସିଥିଲା। ବାଲେଶ୍ୱର ରୁ ଜଳେଶ୍ୱର ଆଡକୁ ଆସୁଥିବା ଏକ କାରକୁ ତଲାସି କଲାପରେ ସେଥିରୁ ୨୬୮ଗ୍ରାମ ବ୍ରାଉନସୁଗର, ୪ଟି ମୋବାଇଲ, ନଗଦ ୨ ହଜାର ଟଙ୍କା ଜବତ କରା ଯାଇଥିବା ଆଇଆଇସି କହିଛନ୍ତି। କାର ମଧ୍ୟରେ ଥିବା ପଞ୍ଚୁଘଣ୍ଟାର ଉତ୍ତମ ମହାନ୍ତି, ପଥରପୁରା ଗ୍ରାମର ସେଖ ସୁଭାନୁଦ୍ଦିନ ଓ ସେଖବାଡଗ୍ରାମର ଅନିତା ବାରିକକୁ ଅଟକ ରଖାଯାଇଛି। ଏ ସମ୍ପର୍କରେ ଅଧିକ ତଥ୍ୟ ଲାଗି ପୋଲିସର ତଦନ୍ତ ଜାରି ରହିଥିବା ଜଣାଯାଇଛି।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ପ୍ରାପ୍ତି ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଜିଲ୍ଲାର ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଆରମ୍ଭ ହୋଇଛି। ଏଥି ନିମନ୍ତେ ଆୟୋଜିତ ୨ ଗୋଟି ବସ୍‌କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୌର ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ସୂଚ୍ନା ଯୋଗ୍ୟ ଯେ, ୨୨ ଜଣ ବରିଷ୍ଠ ନାଗରିକ ଦମ୍ପତି ସହ ସମୁଦାୟ ୮୯ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଏହି ୨ଟି ବସ ଭୁବନେଶ୍ୱରରେ ପହଞ୍ଚିବ। ଆସନ୍ତାକାଲି ୧୦ ତାରିଖରେ ସମସ୍ତ ତୀର୍ଥଯାତ୍ରୀ ଭୁବନେଶ୍ୱରରୁ ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ, ତୀର୍ଥକ୍ଷେତ୍ର ପରିଭ୍ରମଣ ଶେଷ କରି ଆସନ୍ତା ୧୫ ତାରିଖରେ ପହଞ୍ଚିବେ।

## ଡମ ସମାଜ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ପକ୍ଷରୁ ବନ୍ଧୁଗାଁ ଥାନାରେ ରାଜ୍ୟ ମୁଖ୍ୟ ପୋଲିସ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକଙ୍କୁ ଦିନକୁ ଦିନ ବିଭିନ୍ନ ପ୍ରକାରେ ଜାତିଭେଦ ଭାବ ବୃଦ୍ଧି ପାଉଥିବା ବେଳେ ଅତ୍ୟାଚାରିତା ହେଉଛନ୍ତି। ଏହାକୁ ନେଇ ଏସି/ଏସଟି ଆଟ୍ରୋସିଟି ଘୋଟଣା ରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ଠାରୁ ପ୍ରାପ୍ତ ଲିଖିତ ଆବେଦନ ପତ୍ରକୁ ବନ୍ଧୁଗାଁ ବ୍ଲକର ଡମ ସମାଜର ଯୋଗେଶ ମହାନନ୍ଦିଆ, ଶଙ୍କର ଦେବରପଲ୍ଲୀ, କାର୍ତ୍ତିକ ଖୋସଲା, ସହଦେବ କଣ୍ଡାଗରି, ସୁବାଷ କଣ୍ଡାଗରି,ଉତ୍ତମ ନାୟକ ସମେତ ଅନ୍ୟ ମାନେ ବନ୍ଧୁଗାଁ ଥାନା ଆଇ ଆଇ ସି ପ୍ରସନ୍ନ କୁମାର ମିଶ୍ରଙ୍କୁ ପ୍ରଦାନ କରିଥିଲେ।

## ଦେଶୀ ମଦ ଜବତ, ମହିଳାଙ୍କ ସହ ଦୁଇ କୋର୍ଟ ଚାଲାଣ

ବୋଲଗଡ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ଓଆଇସି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବୋଲଗଡ ଓ ବେଗୁନିଆ ଥାନା ଅଞ୍ଚଳରେ ଚଢାଉ ହୋଇଛି। ଏଥିରୁ ମୋଟ ୧୩୬ ଲିଟର ହାତ ରନ୍ଧା ଦେଶୀ ମଦ ଜବତ ସହ ଜଣେ ମହିଳା ଓ ଦୁଇ ଜଣ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢାଉଟି ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଠାରୁ ୨୭ ଲିଟର, ବୋଲଗଡ ବ୍ଲକ ଅନ୍ତର୍ଗତ ଗେଡିଆପଲି ଗ୍ରାମର ସୁର ନାହାକ ଠାରୁ ୩୦ ଲିଟର,ତଣ୍ଡାଳ ଗ୍ରାମର କଳ୍ପନା ନାୟକ ଠାରୁ ୯ ଲିଟର ଓ ବେଗୁନିଆ ଥାନା ଅନ୍ତର୍ଗତ ନରସିଂହ ପୁର କାଜୁ ଜଙ୍ଗଲରୁ ୬୦ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ବେଗୁନିଆ ଅବକାରୀ ବିଭାଗର ସିପାହୀ ପୁରୁଷୋତ୍ତମ ପାଇକରାୟ ଓ ବିଦ୍ୟୁତପ୍ରଭା ସାହୁ ସାମିଲ ହୋଇଥିଲେ।





ନିଆଳି, (ଭାସ୍କର ନ୍ୟୁଜ୍) ରାଜ୍ୟରେ ନୂତନ ସରକାର ଆସି୍ବା ୧୪ ମାସ ବିତିଗଲାଣି। ନିଆଳୀରେ ବିଜୁ ଜନତା ଦଳର ବିଧାୟକ ଙ୍କୁ ହରାଇ ନୂତନ ଭାବେ ବିଜପିର ଛବି ମଲିକ ନିର୍ବାଚିତ ହୋଇଛନ୍ତି। ଦୀର୍ଘ ଦିନର ବ୍ୟବଧାନ ପରେ ନିଆଳି କୃଷି ବିଭାଗ ର ଆତ୍ମା ଅଧ୍ୟକ୍ଷ ପଦ ପାଇ ଗତ ୧ ତାରିଖ ଦିନ ଚୟନ କରାଯାଇଥିଲା। ଗଣେଶ୍ବର ନିର୍ବାଚିତ ହେବା ୯ ଦିନ ବିତି ଗଲାଣି। ତେବେ ଏହି ପଦବୀରେ ପଶୁ ପଶୁ କହିଥିଲେ ମତେ ୭ ଦିନ ସମୟ ଦିଅ ମୁ ଏ ବିଭାଗ ରେ ହୋଇଥିବା ଦୁର୍ନୀତି ଓ ଅନ୍ୟାନ୍ୟ କାର୍ଯ୍ୟ କିଭଳି ଭାବରେ ସଠିକ ପରିଚାଳନା କରାଉଛି ତାହା ଆପଣ ମାନେ ଦେଖୀବେ। ଗଣେଶ୍ବର ଆତ୍ମା ଅଧ୍ୟକ୍ଷ ହେବା ପଛରେ ମାଷ୍ଟର ମାଇଣ୍ଡ ଓ ପ୍ରଛଦ ପଟର ନାୟକ ତଥା ପୂର୍ବତନ ଆତ୍ମା ଅଧ୍ୟକ୍ଷ ବିଜୁ ଜନତା ଦଳ ରୁ ଆସି ବିଜେପି ମିଶିଥିବା ଆଦିତ୍ୟ ପାଣି ଆତ୍ମା ଅଧ୍ୟକ୍ଷ ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ବିଜେପି ନେତା ଅଭିଯୋଗ ଆଣିଛନ୍ତି।ନିଜ ଦଳର କର୍ମ କର୍ତ୍ତା ଙ୍କ ବୟାନ ବାଜି ଆତ୍ମା ଅଧ୍ୟକ୍ଷ ନିଯୁକ୍ତି କୁ ଆଙ୍ଗୁଠି ଉଠାଇଛି। ଅଧ୍ୟକ୍ଷ ଚୟନ ୭ ଦିନ ରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ ଦୁର୍ନୀତି ଖୁଲାସା କରିବା ତ ଦୂରର କଥା କୃଷି କାର୍ଯ୍ୟାଳୟ କୁ ଆସିଥିବା ଚାଷୀ ଙ୍କୁ ଚିହ୍ନିଁ ନ ପାରି ଆତ୍ମା ଅଧ୍ୟକ୍ଷ କୃଷି ବିଭାଗର ସରକାରୀ କର୍ମଚାରି ଭାବି ରାଗିକି ଗାଳି ଦେବାକୁ ପଛାଇ ନଥିଲେ। ଏହି ଘଟଣା ସାରା ନିଆଳୀରେ ଚର୍ଚାର ବିଷୟ ପାଲଟିଛି। ନିଆଳି ଆତ୍ମା କୁ ଏବେ ଆଦି ନା ଗଣେଶ୍ବର ଚଳାଉଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ନିଆଳି ଆତ୍ମାରେ ଦୁର୍ନୀତି ପର୍ଦାଫାଶ ହେବ ନା ପୁନର୍ବାର ଦୁର୍ନୀତି କରିବା ପାଇଁ ଆତ୍ମା ର ପୁରୁଣା ନେତା ଙ୍କୁ ସଭ୍ୟ ରଖାଯାଇ ସ୍ବୂର୍ବ ଭଳି କାର୍ଯ୍ୟ କରାଯିବ, ଏହାକୁ ନେଇ ନିଆଳୀରେ ଚର୍ଚ୍ଚା ପାଲଟିଛି।



## ଅନ୍ତର୍ଜାତୀୟ ସାକ୍ଷରତା ଦିବସ




ରାୟଗଡାଜିଲ୍ଲା, (ଓଡ଼ିଶା ଭାସ୍କର): ରମାନାଗୁଡ଼ା ବ୍ଲକ୍ ପେଣକାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠି ସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ସର୍ବମୋଟ ୧୧୦ ଶିକ୍ଷକ, ଶିକ୍ଷୟିତ୍ରୀ ସ୍ୱେଚ୍ଛାସେବୀ ଭାବେ ଉପସ୍ଥିତ ଥିଲେ, ଏମାନେ ଗତ ଶିକ୍ଷାବର୍ଷରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକରି ଅଧାରୁ ପାଠ ଛାଡିଥିବା ପିଲା ଓ ବୟସ୍କ ନିରକ୍ଷରମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଶିକ୍ଷା ଦେଇ ସାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଏକ ସାକ୍ଷରତା ସଚେତନ ରାଲି କରାଯାଇଥିଲା, ବିଭିନ୍ନ ପ୍ରକାର ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ତତ୍ପରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଗୋଷ୍ଠି ଶିକ୍ଷାଧିକାରୀ ସୁଜନ ମଲ୍ଲିକ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଦାମୋଦର ହିମିରିକା ଓ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ନୋଡାଲ ଅଫିସର ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ବ୍ଲକ ସମ୍ବଳ ବ୍ୟକ୍ତି ରମେଶ ମିଶ୍ର ଓ ଅଶ୍ୱିନୀ ତ୍ରିପାଠୀ ମଞ୍ଚାସୀନ ଥିଲେ।ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରିବାପରେ ସାକ୍ଷରତା ଦିବସ କଣ,କାହାକୁ ସାକ୍ଷର କୁହାଯିବଏବଂ ଆଗାମୀ ସମୟରେ ଏହି କାର୍ଯ୍ୟକ୍ରମର ପରିଚାଳନା କିପରି କରାଯିବ ଏ ସମ୍ପର୍କରେ ବିଇଓ ସୁଜନ ମଲ୍ଲିକ ସମସ୍ତ ଶିକ୍ଷକମାନଙ୍କୁ ବୁଝାଇଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ଦାମୋଦର ହିମିରିକା ସାକ୍ଷର ଭାରତ ଗଠନରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବ୍ଲକ ସମ୍ବଳ ବ୍ୟକ୍ତି ତଥା ବରିଷ୍ଠ ଶିକ୍ଷକ ରମେଶ ମିଶ୍ର ସାକ୍ଷରତା କାହାକୁ କୁହାଯିବ ଏବଂ ନିପୁଣ ଭାରତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣସହ ସଭାପତି ସଭାସାଙ୍ଗ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସାମିଲ୍ ହେଲେ ଲାବଣ୍ୟ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଝୋଲ ଭଳି ଏକ ଉପାନ୍ତ ଗ୍ରାମର ଅଢେଇ ବର୍ଷର ଝିଅ ଲାବଣ୍ୟ ପଣ୍ଡା ଇଣ୍ଡିଆ ବୁକ ଅଫ ରେକର୍ଡରେ ସାମିଲ୍ ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ସୂଚନା ଅନୁସାରେ, ଡ଼ଙ୍ଗାଝୋଲ ଗ୍ରାମର ପ୍ରେମାଂଶୁ ପଣ୍ଡା ଓ ମାଆ ଝରଣା ପଣ୍ଡାଙ୍କ ଝିଅ ଲାବଣ୍ୟ ୨୪ ଗୋଟି ଫଳର ନାମ, ୨୫ ପନିପରିବା, ୧୨ ଗୋଟି ବୃତ୍ତି, ୧୫ ଫୁଲ, ୧୨ ଗୋଟି ଗୃହପାଳିତ ପଶୁ, ୨୫ ଜାତୀୟ ନେତା, ଇଂରାଜୀର ୨୬ ଅକ୍ଷର କ୍ରମାନ୍ୱୟରେ, ଦେଶର ୨୮ ଗୋଟି ରାଜ୍ୟର ରାଜଧାନୀ, ଓଡ଼ିଶାର ୩୦ ଜିଲ୍ଲା, ୧୮ ଜାତୀୟ ଚିହ୍ନ, ୮ ଗୋଟି ମନ୍ତ୍ର, ଇଂରାଜୀ ନର୍ସରୀ ରାଇମ୍ସ, ୩୪ ସାଧାରଣ ଜ୍ଞାନର ଉତ୍ତର, ୨ ଏବଂ ୩ର ଗୁଣନ ସାରଣୀ ଆଦି ନିର୍ଭୁଲ ଭାବରେ କହି ଏହି ପ୍ରତିଭାର ଅଧିକାରିଣୀ ହୋଇ ପାରିଛନ୍ତି । ଏ ନେଇ ଗତ ସେପ୍ଟେମ୍ବର ୫ ତାରିଖରେ ମନୋନୀତ ହୋଇଥିବା ତାଙ୍କୁ ସୂଚନା ଦିଆଯାଇଛି। କନ୍ଧମାଳ ବ୍ଲକ ଭଳି ଏକ ଉପାନ୍ତ ଅନୁନ୍ନତ ଅଞ୍ଚଳର ଏକ ଗ୍ରାମାଞ୍ଚଳର ଏକ କୁନିଝିଅ ଏଭଳି ଜାତୀୟ ସ୍ତରର ରେକର୍ଡ ହାସଲ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଲାବଣ୍ୟଙ୍କ ବାପା, ମାଆ, ପରିବାର ସହ ଗ୍ରାମବାସୀ ଖୁସି ଥିବାବେଳେ ଅଞ୍ଚଳ ସହ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

## ଉଦ୍ୟମତା ପ୍ରୋତ୍ସାହନ ସମ୍ମିଳନୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସ୍ୱାବଲମ୍ବୀ ଭାରତ ଅଭିଯାନ ପୁରୀ ଜିଲ୍ଲା ଆନୁକୂଲ୍ୟରେ ଉଦ୍ୟମତା ପ୍ରୋତ୍ସାହନ ସମ୍ମିଳନୀ ସ୍ଥାନୀୟ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ୟମୀ ଭାରତ ନିର୍ମାଣ ଦିଗରେ ଯୁବ ସମାଜ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଭାରତ ପ୍ରଗତି ପଥରେ ଆଗେଇ ଚାଲିଛି। ଦେଶ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବାବେଳେ ଭାରତର ବିକାଶର ଧାରା ବଜାଏ ରହିଛି। ୨୦୪୭ସୁଦ୍ଧା ବିକଶିତ ଭାରତ ନିର୍ମାଣ ପାଇଁ ଅଧିକରୁ ଅଧିକ ଉଦ୍ୟମ ପ୍ରସ୍ତୁତହେବା ଜରୁରୀ। ସଶକ୍ତ, ସମୃଦ୍ଧ ଭାରତ ଗଠନ ପାଇଁ ଯୁବପୀଢ଼ି ଏକ ପ୍ରମୁଖ ଭୂମିକା ରହିଛି। ମୁଖ୍ୟ ବକ୍ତା ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧକ୍ଷା କୁନିଲତା ରାଉତ କହିଥିଲେ ଭାରତକୁ ଆର୍ଥିକ ରୂପରେ ସୁରକ୍ଷିତ, ସ୍ୱାବଲମ୍ବନ କରିବାକୁ ହେଲେ ଆମକୁ ସ୍ୱଦେଶୀକୁ ପ୍ରାଥମିକତା ଦେବାକୁ ପଡିବ। ତୁର୍କୀ, ଆମେରିକା, ଚାଇନା ଭଳି ବିଦେଶୀ ରାଷ୍ଟ୍ରୀୟ କମ୍ପାନୀର ସାମଗ୍ରୀ କ୍ରୟକରିବା ପରିବର୍ତ୍ତେ ଭାରତୀୟ ଜ୍ଞାନକୌଶଳରେ ପ୍ରସ୍ତୁତ ବସ୍ତ୍ର, ସାମଗ୍ରୀ ଆପଣାଇବାକୁ ହେବ। ପର୍ବପର୍ବାଣି, ଉତ୍ସବରେ ଭାରତୀୟ ବେଶଭୁଷା ପ୍ରତି ଆଗ୍ରହ ରଖନ୍ତୁ। ଅନ୍ୟତମ ଅତିଥି ସମାଜସେବୀ ପ୍ରଦେଶ ବରାଳ କହିଥିଲେ ପ୍ରତ୍ୟେକ ବ୍ୟକ୍ତିର ପ୍ରାଥମିକତା ହେଉଛି ତାହାର ଆର୍ଥିକ ଆବଶ୍ୟକତା। ଏଣୁ ମନୁଷ୍ୟ ଖାଦ୍ୟ, ବସ୍ତ୍ର, ବାସସ୍ଥାନ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟତୀତ ସେ ବୈଭବ ସମ୍ପର୍ଣ୍ଣ ଜୀବନ ଯାପନ ତାହାର ଆକାଂକ୍ଷା ରହିଥାଏ। ଏଣୁ ସ୍ୱାବଲମ୍ବି ଭାରତ ପାଇଁ ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ କ୍ଷେତ୍ରରେ ରୋଜଗାରକ୍ଷମ ହେଲେ ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ପୂରଣ ହେବ। ମହାବିଦ୍ୟାଳୟର ଶତାଧିକ ଛାତ୍ର, ଛାତ୍ରୀ, ଅଧାପକ, ଅଧାପିକା ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମ ରାଜ୍ୟ ପୋଲିସ ହ୍ୟାଣ୍ଡବଲ, ୭୮ତମ କବାଡି ପ୍ରତିଯୋଗିତାର ତୃତୀୟ ଦିନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ମଙ୍ଗଳବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଫ୍ଲଡ଼ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଟରେ ଲିଗ୍ କମ୍ ନକଆଉଟ୍ ପଦ୍ଧତିରେ ଅନୁଷ୍ଠିତ। ଆଜିର ପ୍ରଥମ କବାଡି ଖେଳରେ ଗ୍ରୁପ ଏରେ ଗତବର୍ଷର ଚମ୍ପିୟାନ ଓଏସଏପି ଷଷ୍ଠ ବାଟାଲିୟନ କଟକ ୪୦ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ମାତ୍ର ୪ ପଏଣ୍ଟ ହାସଲ କରିଛି। ଏବଂ ଓଏସଏପି ଷଷ୍ଠ ବାଟାଲିୟନ କଟକ ୩୬ ପଏଣ୍ଟରେ ଏକ ବିପୁଳ ବିଜୟ ଲାଭ କରିବା ସହ ପୁରା ପଏଣ୍ଟ ହାସଲ କରିଛ। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ବିରେ ଆଇଆରବିଏନକେ ନଗର ୩୬ ପଏଣ୍ଟ ହାସଲ କରିଥିବା ବେଳେ ଗଜପତି ଜିଲ୍ଲା ୩୪ ପଏଣ୍ଟ ହାସଲ କରିଛି ଏବଂ ଆଇଆରବିଏନକେ ନଗର ମାତ୍ର ୨ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ତୃତୀୟ ମ୍ୟାଚରେ ଗ୍ରୁପ ସିରେ ପୁରୀ ଜିଲ୍ଲା ୨୭ ପଏଣ୍ଟ ହାସଲ କରିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ୫୦ ପଏଣ୍ଟ ହାସଲ କରିଛି ଏବଂ ସୁନ୍ଦରଗଡ଼ ଜିଲ୍ଲା ୨୩ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛ। ସେହିପରି ଚତୁର୍ଥ ମ୍ୟାଚରେ ଗ୍ରୁପ ଡିରେ ମୟୁରଭଞ୍ଜ ୭ ପଏଣ୍ଟ ହାସଲ କରିଥିବା ବେଳେ ରାଉରକେଲା ୩୦ ପଏଣ୍ଟ ହାସଲ କରିଛି ଏବଂ ରାଉରକେଲା ୨୩ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି । ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଲିଗ କମ୍ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ଗ୍ରୁପ ବିର ଏକ ମ୍ୟାଚରେ ରାଉରକେଲା ଶ୍ରୀମନ୍ଦିର ସୁରକ୍ଷା ବଳ, ପୁରୀ ବିପକ୍ଷରେ ୨୬-୧୭ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛ।ସେହିପରି ଗ୍ରୁପ ବିର ଅନ୍ୟ ଏକ ଖେଳରେ ଓଏସଏପି ଷଷ୍ଠ ବାଟାଲିୟନ କଟକ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବିପକ୍ଷରେ ୧୪-୫ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ସେହିପରି ଗ୍ରୁପ୍ ଏ-ର ଅନ୍ତିମ ଖେଳରେ ଘରୋଇ କେନ୍ଦୁଝର ଭଦ୍ରକ ବିପକ୍ଷରେ ୩୫-୧୧ ଗୋଲରେ ବିଜୟୀହୋଇ ପୁରାପଏଣ୍ଟ ହାସଲ କରିଛି। ଆଜିର ଏହି ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଉଭୟ କବାଡି ଏବଂ ହ୍ୟାଣ୍ଡବଲ ଦଳର ଖେଳାଳିମାନଙ୍କ ସହ ଆଜିର ଅତିଥି ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ଡେପୁଟି କାମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ତଥା ରାଜ୍ୟର ବରିଷ୍ଠ କ୍ରିକେଟ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ, କେନ୍ଦୁଝର ଆରଆଇ ଦେବାଶିଷ ସ୍ୱାଇଁ ଏବଂ କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ସମ୍ପାଦକ ରିତ୍ୱିକ ଅଧିକାରୀଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ଆଜିର ଏହି ଚମ୍ପିୟାନସିପ୍‌ରେ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

## ଦୁଇ ଅପହୃତ ନାବାଳିକା ଉଦ୍ଧାର



କଣାସ, (ଭାସ୍କର ନ୍ୟୁଜ୍): କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ ନାୟକ କଣାସ ଥାନାରେ ନୂତନ ଭାବେ ଯୋଗଦେବାପରେ ଦୁଇଜଣ ଅପହରଣ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟଚଲାଣ କରିଛି । ପୋଲିସ୍ ସୂତ୍ରରୁ ପ୍ରକାଶ ୨୦୧୯ ମସିହାରେ କଣାସ ଅଞ୍ଚଳରୁ ଜେଣ ନାବାଳିକା ଅପହରଣ ହୋଇଥିବା କଣାସ ଥାନାରେ ଅଭିଯୋଗ ହେବାପେର କଣାସ ଥାନା କେସ୍ ନଂ-୯୦/୨୦୧୯ର ମକଦମା କରାଯାଇ କେସ୍ ପଡିରହିଥିଲା। ଶ୍ରୀନାୟକ କାର୍ଯ୍ୟରେ ଯୋଗଦେବାପରେ ଘନଘନ ତଦନ୍ତକରି ଗତକାଲି ଅପହରଣ ହୋଇଥିବା ନାବାଳିକାକୁ ଜଟଣିରୁ ଉଦ୍ଧାର କରି ଅଭିଯୁକ୍ତ ଜଟଣି ଗୁପବନ୍ଧୁନଗରର ସଂଜୟ ନାୟକଙ୍କୁ ଗିରଫ କରି କୋର୍ଟଚଲାଣ କରିଛନ୍ତି । ସେହିପରି କଣାସ ଅଞ୍ଚଳରୁ ୨୦୨୫ ମସିହାରେ ଅପହରଣ ହୋଇଥିବା ଏକ ନାବାଳିକା ପରିବାରଲୋକ କଣାସ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ଶ୍ରୀନାୟକ ତଦନ୍ତକରି ନାବାଳିକାକୁ ଭୁବେନଶ୍ୱରରୁ ଉଦ୍ଧାର କରିବାପେର ତାଙ୍କର ଅଭିଭାବକଙ୍କୁ ନାବାଳିକାକୁ ହସ୍ତାନ୍ତର କରିଥିବାବେଳ ଅପହରଣକାରୀ ଧରାପଡିନାହିଁ ।

## ୯ ବର୍ଷ ପରେ ପ୍ରକାଶ ପାଇଲା ହତ୍ୟାକାଣ୍ଡର ରାୟ

କନ୍ଧମାଳ,(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ଅନ୍ତର୍ଗତ ବରଗାଁ ଗ୍ରାମରେ ହୋଇଥିବା ହତ୍ୟାକାଣ୍ଡର ରାୟ ଦୀର୍ଘ ୯ ବର୍ଷପରେ ଆଜି ପ୍ରକାଶ ପାଇଛି । ହତ୍ୟା କାଣ୍ଡ ଘଟଣାରେ ସମ୍ପୃକ୍ତ ଦୁଇଭାଇଙ୍କୁ ଆଜୀବନ କାରାଦଣ୍ଡ ସହ ୩୦ ହଜାର ଲେଖାଏଁ ଜରିମାନା ଦେବାକୁ ମାନ୍ୟବର କୋର୍ଟ ନିଜ ରାୟରେ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ୨୦୧୬ ମସିହାରେ କନ୍ଧମାଳ ଥାନା ବରଗାଁ ଗ୍ରାମର ବିରଞ୍ଚି ରଣା ଓ ତାଙ୍କ ପତ୍ନୀ ସଖି ରଣାଙ୍କୁ ହତ୍ୟା କରାଯାଇଥିବା ବେଳେ ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ୯୬/୧୬ରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା । ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ୯ ବର୍ଷ ପରେ ରାୟ ପ୍ରକାଶ ପାଇଛି। ଦୁଇ ଅଭିଯୁକ୍ତ ଭାଇ ଶଶିଭୂଷଣ ରଣା ଓ ସୂର୍ଯ୍ୟ ରଞ୍ଜନ ରଣାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡ ସହ ୩୦ ହଜାର ଲେଖାଏଁ ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ଦୂତିଆ ଚରଣ ସାହୁ ମାମଲାର ପରିଚାଳନା କରିଥିଲେ।

## ରାଧାକୃଷ୍ଣ ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ ମହୋତ୍ସବ



ଜଳେଶ୍ୱର, ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ଚକଅର୍ଜୁନି ଗ୍ରାମରେ ୧୯୭୨ ମସିହାରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠିତ ହୋଇ ସାରା ବର୍ଷ ବିଭିନ୍ନ ପର୍ବ ପର୍ବାଣୀ ଓ ଉତ୍ସବରେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ପରିପାଳିତ ହୋଇଥାଏ। ଗତ ୭ ତାରିଖ ରବିବାର ଦିନ ଶ୍ରୀମଦ ଭାଗବତ ମହାପୁରାଣ ଜନ୍ମ ଜୟନ୍ତୀ ଗ୍ରାମବାସୀଙ୍କର ଆକୁଣ୍ଠ ଶ୍ରଦ୍ଧା ଓ ସମର୍ଥନରେ ପାଳିତ ହୋଇଛି। ଟୁଙ୍ଗିର ସଂଚାଳକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ଦେ ପ୍ରାରମ୍ଭିକ ଅଭିଭାଷଣ ଓ ଶ୍ରୀଯୁକ୍ତ ଜଗନ୍ନାଥ ପାତ୍ର, ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଅନୁସୂୟା ପ୍ରଧାନ ପରିଚାଳନା କମିଟିର ସମ୍ପାଦକ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ଦାସ, ବିଶିଷ୍ଟ ଶିକ୍ଷାବିତ ଶ୍ରୀଯୁକ୍ତ ଲେଲିନ କୁମାର ପ୍ରଧାନ, ନାଟ୍ୟକାର ଡାକ୍ତର ପଦ୍ମନାଭ ପ୍ରଧାନ, ପ୍ରମୁଖ ଅତିଥି ମାନେ ଉକ୍ତ ସଭାରେ ଯୋଗଦେଇ ଅଧୁନା ସମାଜରେ ଭାଗବତ ବାଣୀର ଉପାଦେୟତା ସମ୍ପର୍କରେ ସ୍ୱକୀୟ ଅଭିମତ ଉପସ୍ଥାପିତ କରିଥିଲେ। ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ପ୍ରାଚୀନ ଟୁଙ୍ଗି ନିମନ୍ତେ ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ସରକାରୀ ସହାୟତା ଅତ୍ୟନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଭକ୍ତମାନେ ମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ଼ ସଭ୍ୟ ଶ୍ରୀଯୁକ୍ତ ମଧୁସୂଦନ ପ୍ରଧାନ, ନିଖିଲ କୁମାର ପ୍ରଧାନ, ପଣ୍ଡିତ ପଙ୍କଜ ମହାପାତ୍ର, ପ୍ରଦୀପ ଭଞ୍ଜ, କବିତା ଦାସ, ସୁମତୀ ପ୍ରଧାନ, ସାଧନା ପ୍ରଧାନ, ଅନୀତା ପାତ୍ର, ଝରଣା ପାତ୍ର, ସାବିତ୍ରୀ ଭଞ୍ଜ ଓ କନକଲତା ପ୍ରଧାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ଡମ ସମାଜ ବିକାଶ ପରିଷଦ ପକ୍ଷରୁ ଥାନାରେ ଦାବିପତ୍ର ପ୍ରଦାନ



ବନ୍ଧୁଗାଁ ତା ୯/୯/୨୫ ଆଜି କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ପକ୍ଷରୁ ବନ୍ଧୁଗାଁ ଥାନାରେ ରାଜ୍ଯ ମୁଖ୍ୟ ପୋଲିସ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକଙ୍କୁ ଦିନକୁ ଦିନ ବିଭିନ୍ନ ପ୍ରକାରେ ଜାତିଭେଦ ଭାବ ବୃଦ୍ଧି ପାଉଥିବା ବେଳେ ଅତ୍ୟାଚାରିତା ହେଉଛନ୍ତି। ଏହାକୁ ନେଇ ଏସି/ଏସଟି ଆଟ୍ରୋସିଟି ଘୋଟଣା ରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଆଜି କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ଠାରୁ ପ୍ରାପ୍ତ ଲିଖିତ ଆବେଦନ ପତ୍ର କୁ ବନ୍ଧୁଗାଁ ବ୍ଲକର ଡମ ସମାଜର ଯୋଗେଶ ମହାନନ୍ଦିଆ, ଶଙ୍କର ଦେବରପଲ୍ଲୀ, କାର୍ତ୍ତିକ ଖୋସଲା, ସହଦେବ କଣ୍ଡାଗରି, ସୁବାଷ କଣ୍ଡାଗରି,ଉତ୍ତମ ନାୟକ ସମେତ ଅନ୍ୟ ମାନେ ବନ୍ଧୁଗାଁ ଥାନା ଆଇ ଆଇ ସି ପ୍ରସନ୍ନ କୁମାର ମିଶ୍ର ଙ୍କୁ ପ୍ରଦାନ କରିଥିଲେ।

## ନିଖିଳ ଓଡିଶା ବଦ୍ୟୁତ ମଜଦୂର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ବିଦ୍ୟୁତ ମଜଦୁର ମହାସଂଘ ପୂର୍ବରୁ ନିଜର ଚାକିରୀରେ ଠିକା ସଂସ୍ଥାମାନେ ଅନ୍ୟାୟ ଅତ୍ୟାଚାର କରିବା ସହିତ କର୍ମଚାରୀଙ୍କ ପ୍ରତି ଶୋଷଣ ନୀତି ଆପଣାଇଥିବାରୁ ସଂଘ ପକ୍ଷରୁ ବହିବାର ଆନ୍ଦୋଳ କରାଜିଥିଲା । ଏବଂ ସେପ୍ଟେମ୍ବର ୯ ତାରିଖରେ ଏହି ଆନ୍ଦୋଳନକୁ ସର୍ବଭାରତୀୟ ସ୍ତରରେ କରିବା ପାଇଁ ଧମକ ମଧ ପ୍ରଦାନ କରିଥିଲେ । ତେବେ ନିଖିଳ ଓଡିଶା ବିଦ୍ୟୁତ ମହାସଂଘର କୌଣସି ଦାବି ଉପରେ ସରକାର କର୍ଣ୍ଣପାତ ନକରିଥିବା ହେତୁ ବାଧ ହୋଇ ମଙ୍ଗଳବାର ଦିନ ସଂଘ ପକ୍ଷରୁ ଏକ ରାଲି ବାହାରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଶାନ୍ତିପୂର୍ଣ ଭାବରେ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା । ଏବଂ ପୂର୍ବ ନିଷ୍ପତିକ୍ରମେ ସର୍ବଭାରତୀୟ ସ୍ତରରେ ଏକ ୬ ଦଫା ଏବଂ ଓଡିଶା ରାଜ୍ୟ ସ୍ତରୀୟ ୪ଦଫା ଦାବୀକୁ ସମ୍ମିଳିତ ସ୍ମାରକ ପତ୍ର କେନ୍ଦ୍ରୀୟ ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରବା ଉଧେଶ୍ୟରେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କୁ ମଧ ୪ଦଫା ଦାବୀ ସମ୍ମିଳିତ ଏକ ସ୍ମାରକପତ୍ର ଓଡ଼ିଶାର ସମସ୍ତ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ପଠାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ ପ୍ରଦାନ କରିଛନ୍ତି । ସତ୍ୟବ୍ରତ ପରିଡା, ସମ୍ପାଦକ, ଭାରତୀୟ ମଜଦୁର ସଙ୍ଘ ତଥା ସାଧାରଣ ସମ୍ପାଦକ, ନିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘଙ୍କ ପୌରହିତ୍ୱରେ ପ୍ରଦାନ କରାଯାଇଛି । ଶାନ୍ତିପୂର୍ଣ ବିକ୍ଷୋଭ କାର୍ଯ୍ୟକ୍ରମ ପଦର୍ଶନ କରିଥିବା ବେଳେ ନିଜର ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବୀ ପତ୍ରରେ ଏନପିଏସ, ୟୁପିଏସ ବଦଳରେ ପୁରୁଣା ପେନସନ ପୁନଃ ଲାଗୁ କରିବା,ଏକ ଦେଶ,ଏକ ଗ୍ରୀଡ଼, ଏକକ ଚାକିରୀ ସର୍ତ୍ତାବଳୀ ଲାଗୁକରିବା,ତ୍ରୟୀ-ପାକ୍ଷିକ ଶିକ୍ଷ ସମିତି ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ କ୍ଷେତ୍ରରେ ସୃଷ୍ଟି କରିବା ଏବଂ ଯେଉଁ ରାଜ୍ୟ ମାନଙ୍କରେ ଅଛି ତାହାକୁ କାର୍ଯ୍ୟକ୍ଷମ କରିବା,ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣକୁ ପୁନଃ ସମୀକ୍ଷା କରି ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ସହିତ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଲାଗୁକରିବା, ବିଦ୍ୟୁତ ନିୟମ ୨୦୦୩ ଓ ବିଦ୍ୟୁତ ବିଲ ୨୦୨୩ କୁ ସମୀକ୍ଷା କରି ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ ସଂସ୍ଥା ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା,ଓଡିଶାରେ କେନ୍ଦ୍ରୀୟ ଦରମା ସଂହିତା -୨୦୧୯ ଲାଗୁକରିବା, ହରିଆଣା ରାଜ୍ୟରେ ପ୍ରଚଳିତ ଠିକା ନିଯୁକ୍ତି ନୀତି ପରି ସମାନ ନୀତି ଓଡିଶାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କ୍ଷେତ୍ରରେ ପ୍ରଣୟନ କରିବା ପାଇଁ ବ୍ୟବସ୍ଥା ସରକାର କରନ୍ତୁ ବୋଲି ଦାବି ଜଣାଇଛନ୍ତି । ବିଦ୍ୟୁତ କ୍ଷେତ୍ରରେ ଅନ୍ତଃ - ବଳୟ ବଦଳି ନୀତି ପ୍ରଣୟନ କରି କର୍ମଚାରୀଙ୍କୁ ନିଜ ଘର ପାଖାପାଖ ସ୍ଥାନକୁ ବଦଳି କରିବା, ସେସୁ ସମୟରେ ଚାକିରିରେ ଯୋଗଦାନ କରିଥିବା କର୍ମଚାରୀଙ୍କ ପାଇଁ ଇପିଏଫ ବଦଳରେ ଏନପିଏସ / ୟୁପିଏସ ବ୍ୟବସ୍ଥା ପ୍ରଚଳନ କରିବା ଦାବିରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମାଧ୍ୟମରେ ଆଜି ୧୦ ଦଫା ଦାବିପତ୍ର କେନ୍ଦ୍ରୀୟ ଶକ୍ତିମନ୍ତ୍ରୀ ଓ ୪ ଦଫା ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦେଖିବାକୁ ମିଳିଛି ।

## ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଗୋପ, (ଓଡ଼ିଶା ଭାସ୍କର): ଭାରତର ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ଜନ୍ମଦିନ ଅବସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଗୋପ ରେଞ୍ଜ ଅଧିନରେ ଥିବା ୩୯ ଗୋଟି ପଂଚାୟକୁ ଗୋପ ବନ ବିଭାଗ ପକ୍ଷରୁ ୧୯ ହଜାର ୮ ଶହ ଆକାଶୀ, ଝାଉଁ, କରଞ୍ଜ ଆଦି ବିଭିନ୍ନ ଚାରା ବଣ୍ଟନ କରାଯାଇଛି। ଏହି ଅବସରରେ ଗୋପ ବନବିଭାଗ କାର୍ଯ୍ୟାଳୟ ପରିସରରେ ଗୋପ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ ବନପାଳ ବିଜୟଲକ୍ଷ୍ମୀ ବଳ, ବନରକ୍ଷୀ ପୁଷ୍ପାଞ୍ଜଳି ଦାଶ, ସୁବାସ ଚନ୍ଦ୍ର ଗଡ଼ନାୟକଙ୍କ ସମେତ ଗୋପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଚାରା ବିତରଣ କାର୍ଯ୍ୟକ୍ରମରେ ଗୋପ ବନବିଭାଗ ପକ୍ଷରୁ ଉତ୍ସର୍ଗ ପରିବାରର ସଂପାଦକ ଯୁବ ପ୍ରକୃତି ବନ୍ଧୁ ବିଷ୍ଣୁ ମୋହନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବିଷ୍ଣୁ ମୋହନ ଫିତାକାଟି ଉଦଘାଟନ କରିଥିଲେ। ପ୍ରତି ରେଭିନ୍ୟୁ ଭିଲେଜ୍‌କୁ ୧୪ ଶହ ଚାରା ହିସାବରେ ପ୍ରତି ପଞ୍ଚାୟତକୁ ବନ ବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯାଇଥିଲା। ଏହା ଦ୍ୱାରା ପ୍ରତି ପଞ୍ଚାୟତରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ହୋଇପାରିବ ବୋଲି ରେଞ୍ଜର ଶ୍ରୀ ଦେହୁରୀ କହିଥିଲେ।

## କଣାସ ଅଞ୍ଚଳରେ ପାନୀୟଜଳ ମୁଖ୍ୟ ସମସ୍ୟା



କଣାସ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ରାସ୍ତା ନିର୍ମାଣ, ପ୍ରତ୍ୟେକ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଣ, ପାଇପ୍ ଜଳ ଯୋଗାଣ, ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗିରହୁଛି । ପାନୀୟଜଳ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ୯ଶହରୁ ଉର୍ଦ୍ଧ୍ୱ ନଳକୂପ, ୬୦ରୁ ଉର୍ଦ୍ଧ୍ୱ ଗଭୀରକୂପ ଖନନ କରାଯାଇଥିଲା। ସେଥି ମଧ୍ୟରୁ ୫ଶହରୁ ଉର୍ଦ୍ଧ୍ୱ ନଳକୂପରେ ଲୁଣିଜଳ ବାହାରିବାରୁ ଲୋକମାନେ ସେଗୁଡିକୁ ବ୍ୟବହାର କରୁନଥିବାରୁ ସେଗୁଡିକ ଧିରେଧିରେ ଅଚଳ ହୋଇପଡିଥିଲା । ଖୋଳାଯାଇଥିବା ୬ରୁ ଉର୍ଦ୍ଧ୍ୱ ଗଭୀରକୂପ ରୌଦ୍ରତାପ ସମୟରେ ଶୁଖିଯାଉଥିବାରୁ ରୌଦ୍ରତାପ ସମୟରେ କଣାସ ଅଞ୍ଚଳର ଲୋକମାନଙ୍କ ପାନୀୟଜଳ ସମସ୍ୟା କହିଲେ ନସରେ। ଜନସାଧାରଣ ପାନୀୟଜଳ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବି ଆନ୍ଦୋଳନ ପନ୍ଥା ଗ୍ରହଣ କରିବାରୁ ଦୟା, ରାଜୁଆ, ମଲାଗୁଣି, ମକରା, ଲୁଣା ନଦୀରେ କେତୋଟି ହାତଗଣତି ପାଇପ୍ ଜଳ ପ୍ରକଳ୍ପ ବସାଯାଇ କେତେଖଣ୍ଡ ଗ୍ରାମକୁ ପାନୀୟଜଳ ଯୋଗାଣ ଚାଲିଛି । ଦୟାନଦୀର ଜଳ ବିଷାକ୍ତ ହୋଇଥିବାରୁ ସେହିଜଳକୁ ଜନସାଧାରଣ ବ୍ୟବହାର କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଅନକ ସମୟ ବିଦ୍ୟୁତ୍ କାଟ ହେଉଥିବାରୁ ପାଇପ୍‌ଜଳ ଯୋଗାଇ ଦିଆଯାଉଥିବା ଗ୍ରାମବାସୀ ଜଳ ପାଇଁ ଗ୍ରାମଦାଣ୍ଡରେ ଧରି ଅପେକ୍ଷା କରି ବସୁଛନ୍ତି । ଏହାର ସ୍ଥାୟୀ ସମାଧାନ ପାଇଁ କଣାସ ବ୍ଲକ ଚୁପୁରିଙ୍ଗି ନିକଟରେ ପାନୀୟଜଳ ଯୋଗାଇବା ପାଇଁ ଏକ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେଲ ମଧ ତାହା ୨୦୨୪ମସିହାରେ ଶେଷ ହେବାକଥା ଆଜି ପର୍ଯ୍ୟନ୍ତ ସରିନାହିଁ। ସେହି ମେଗା ପ୍ରକଳ୍ପରୁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତ ଓ ସତ୍ୟବାଦୀ ବ୍ଲକର ୪ଟି ଗ୍ରାମପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକର ୪ ଗ୍ରାମପଞ୍ଚାୟତକୁ ମେଗାପ୍ରକଳ୍ପରୁ ପାନୀୟଜଳ ଯୋଗାଇବା ପାଇଁ ବ୍ୟବସ୍ଥା ରହିଛି । ତହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ । ଅେନକ ଗ୍ରାମରେ ପାଇପ୍ ପକାଇବା ପାଇଁ ବିରୋଧ କରୁଥିବାରୁ କାମ ଡେରିହେଉଛି।

## ଖୋର୍ଦ୍ଧା ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ନେଇ ଛାତ୍ର କଂଗ୍ରେସର ପ୍ରତିବାଦ



ଖୋର୍ଦ୍ଧା (ଭାସ୍କର ନ୍ୟୁଜ) : ଆଗକୁ ପାର୍ବଣ ଋତୁ। ଏହି ସମୟରେ ଖୋର୍ଦ୍ଧା ସହର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ପଲ୍ଲା ଛକ ମରଣାଜନ୍ତା ପାଲଟିଥିବା ବେଳେ ନୂଆ ବସଷ୍ଟାଣ୍ଡ, ଟିଏଲସି ରୋଡ, ଚଣ୍ଡିଚୁଆ ଛକ, ମେଡିକାଲ ରୋଡ, ପୁରୁଣା ବସଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି ବୋଲି ଅଭିଯୋଗ କରିଛି ଛାତ୍ର କଂଗ୍ରେସ। ଦୁର୍ଗାପୂଜା ପୂର୍ବରୁ ସହର ରାସ୍ତାଘାଟ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ(ସିଭିଲ) ଶିବଲାଲ ସାହୁ ଙ୍କୁ ଦାବିପତ୍ର ଦେଇଛନ୍ତି। ସପ୍ତାହ ମଧ୍ୟରେ କରାନଗଲେ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାସ୍ତାରୋକ ଭଳି ଚରମ ପଦକ୍ଷପ ନେବ ବୋଲି ଛାତ୍ର କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି। ଲଘୁଚାପ ଜନିତ ବର୍ଷା ଯୋଗୁ ରାସ୍ତା ମରାମତିରେ ଅସୁବିଧା ହେଉଛି। ଏହାକୁ ତୁରନ୍ତ ମରାମତି କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ପିସିସି ମୁଖପାତ୍ର ଅମିତ ମହାନ୍ତିଙ୍କ ଉପସ୍ଥିତି ଓ ଛାତ୍ର ନେତା ମନୱର ହୁସେନ ଖାନଙ୍କ ନେତୃତ୍ୱରେ ନସିର ସୁଲତାନ, ଦେବୀ ପ୍ରସାଦ ଦାସ , ସମର୍ପିତ ସିଂହ, ରାଜେଶ ରୋଶନ ପରିଡା, ମହମ୍ମଦ ଗୁଫ୍ରାନ, ସହିଦ ଖାନ ଙ୍କ ସମେତ ଅନେକ ଛାତ୍ର କଙ୍ଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ସହର ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିସିସି ମୁଖପାତ୍ର ମହାନ୍ତି କୁହନ୍ତି ପିଲ୍ଲା ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ରାସ୍ତା ଅତି ଦୟନୀୟ ହୋଇଛି । ଦିନେ କି ଦୁଇ ଦିନ ନୁହ ବର୍ଷସାରା ଏଭଳି ସମସ୍ୟା ଲାଗି ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନି। ସହର ଚାରିଆଡେ ଗାତ ସୃଷ୍ଟି ହୋଇଛି। ଏହାର ପ୍ରତିବାଦ ରେ ଆଜି ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ସପ୍ତାହ ସମୟ ଦିଆଯାଇଛି। ତୁରନ୍ତ ମରାମତି କରାନଗଲେ ତା’ ପର ଦିନ କାର୍ଯ୍ୟାଳୟ ଘେରାଉ କରାଯିବ।



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ଠାରେ ଯୁଗ୍ମ ଅଭିଯୋଗ ଓ ସମାଧାନ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଜନଶୁଣାଣିରେ ବ୍ଲକର ବିଭିନ୍ନ ପଂଚାୟତର ୧୦୯ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୦୨ଗୋଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଆସିଥିଲା । ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ପିଡ଼ି ପ୍ରଭାସଚନ୍ଦ୍ର ଦଣ୍ଡସେନା, ହରଭଙ୍ଗା ବିଡ଼ିଓ ବିଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ତହସିଲଦାର ବଳଦେବ ବେହେରା ଉପସ୍ଥିତ ରହି ବିଭିନ୍ନ ଅଭିଯୋଗକୁ ସମାଧାନ ପାଇଁ ବ୍ଲକ ଓ ଜିଲ୍ଲାସ୍ତରୀୟ ଲାଇନ ଅଧିକାରୀଙ୍କୁ ନିର୍ଦ୍ଦେଶ ସହିତ ଅଭିଯୋଗକୁ ସମାଧାନ କରିଥିଲେ । ସଂଗେ ସଂଗେ ୧୦୯ଅଭିଯୋଗରୁ ୪୭ଟି ଅଭିଯୋଗ ସମାଧାନ ହୋଇଥିବାବେଳେ ରେଡକ୍ରସ ପାଣ୍ଠିରୁ ୩ଜଣଙ୍କୁ ୨୦ହଜାର ଟଙ୍କା ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେପଟେ ଅଭିଯୋଗ ଶୁଣାଣିରେ ବୃଦ୍ଧ, ବୃଦ୍ଧା ଓ ବିଭିନ୍ନ ରୋଗ ପରୀକ୍ଷା, ନିରାକରଣ ପାଇଁ ଔଷଧ ବଣ୍ଟନ କରାଯାଇଥିବାବେଳେ ଏହି ଶିବିରରେ ବ୍ଲକ ଓ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।



# ବିନା ବିଡ଼ିଓରେ ଚାଲିଛି ଖଡ଼ିଆଲ ବ୍ଲକ

ଖଡ଼ିଆଲ (ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡିଶାର ନୂଆପଡା ଜିଲ୍ଲାର ପଛୁଆ ବ୍ଲକ ହେଉଛି ଖଡ଼ିଆଲ ବ୍ଲକ। ଏହି ବ୍ଲକଟି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଓବିସି ବହୁଳ ବ୍ଲକ ଅଟେ। ଖଡ଼ିଆଲ ବ୍ଲକରେ ବିଶେଷ କରି ଖଟିଖିଆ ମଜୁରିଆ, ଗରିବ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଉପରେ ବହୁ ବାଧା ବିଘ୍ନ ଆସିଥିବାରୁ ଲୋକେ ବାଧ ହେଇ ବାହାର ରାଜ୍ୟକୁ ଦାଦନ ଶ୍ରମିକ ହୋଇ ଜୀବନ ଜୀବିକା ପାଇଁ କାମ କରିବାକୁ ଯାଇଥାନ୍ତି। ବ୍ଲକ କାର୍ଯ୍ୟାଳୟକୁ ନିରୀହ ଲୋକେ ବିଭିନ୍ନ ସମସ୍ୟା ନେଇ ଆସନ୍ତି। ବିଡ଼ିଓ ନଥିବାରୁ ଲୋକେ

## ସାଧାରଣ ଜନତା ହନ୍ତସନ୍ତ

ଦୁଃଖରେ ଫେରି ଯାଆନ୍ତି। ୧୯୯୩ ମସିହା ଅପ୍ରେଲ ୩ ତାରିଖରେ ନୂଆପଡା ଜିଲ୍ଲା ଗଠନ ହେଲା। ସେବେ ଠାରୁ ଖଡ଼ିଆଲ ବ୍ଲକରେ କେବେ ବି ଏମିତି ବିଡ଼ିଓ ପଦବୀ ବର୍ଷ ବର୍ଷ ଧରି ଖାଲି ନଥିଲା। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ଖଡ଼ିଆଲ ଅଞ୍ଚଳର ଲୋକେ ନାପସନ୍ଦ କରୁଛନ୍ତି। ବିଧାନସଭାରେ ଖଡ଼ିଆଲ ବିଧାୟକ ଖଡ଼ିଆଲ ବିଡ଼ିଓ ପଦବୀ ପୂରଣ ପାଇଁ ଗର୍ଜିଥିଲେ। ହେଲେ ଫଳ ଶୂନ। ଅର୍ଥାତ ଖଡ଼ିଆଲ ନିର୍ବାଚନ ମଣ୍ଡଳୀର ଜନ ସାଧରଣ ପ୍ରତି ଅଣଦେଖା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଠିକାଦାରଙ୍କ ଠିକା କାମରେ ବିଲ୍ ହେବାରେ ଅସୁବିଧା ନାହିଁ। କାରଣ ବ୍ଲକରେ ତଳୁ ଉପର ପର୍ଯ୍ୟନ୍ତ ପାଖାପାଖି ୧୫ ପରସେଣ୍ଟରୁ ଅଧିକ ପିସି ହେଉଥିବାରୁ ବିଲ୍ କାମ, କିମ୍ବା ନେତା, ରାଜନେତାଙ୍କ କାମ ଅଟକୁ ନାହିଁ। ସାଧାରଣ ଜନତାଙ୍କ କାମ ଅଟକି ରହୁଛି। ଯାହାକୁ ନେଇ ରାଜ୍ୟ ସରକାରକୁ ସାଧାରଣରେ ନିନ୍ଦା କରାଯାଉଛି। ଖଡ଼ିଆଳର ବିଧାୟକ ବିଜେଡି ହୋଇଥିବାରୁ ବ୍ଲକକୁ ବିଡ଼ିଓ ଦିଆଯାଉ ନଥିବା ସାଧାରଣରେ ଚର୍ଚ୍ଚା ହେବା ସହ ଅଭିଯୋଗ ମଧ୍ୟ କରାଯାଉଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ ବିଡ଼ିଓ ଦିଆଯିବାକୁ ସମସ୍ତ ମହଲରେ ଦାବିହେଉଛି।

# ଜିଲ୍ଲା କଂଗ୍ରେସ ସଭାପତି ଦୌଡ଼ରେ ୬ ଆଶାୟୀ

ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲା କଂଗ୍ରେସ ସଭାପତି ପଦ ପାଇଁ ୬ ଜଣ ଆଶାୟୀ ଅଛନ୍ତି। ଏହାକୁ ନେଇ କେନ୍ଦ୍ରୀୟ ଓ ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ଚିନ୍ତା ବଢ଼ିଯାଇଛି । ସେମାନେ ୬ ଟି ବ୍ଲକ ପରିଦର୍ଶନ କରି କର୍ମୀଙ୍କ ମତାମତ ସଂଗ୍ରହ କରିଛନ୍ତି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ଏଆଇସିସି ସଦସ୍ୟ ରାୟପୁର ବିଧାୟକ ରାଘବେନ୍ଦ୍ର ସିଂ, ପିସିସି ପର୍ଯ୍ୟବେକ୍ଷକ ଦାଶରଥୀ ଗମାଙ୍ଗ, ପାଣ୍ଡବ କରଣ, ଲିପିକା ମାଝୀ ପ୍ରମୁଖ କାଲିମେଳା, ପଡିଆ, କୋରୁକୁଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ, ମାଥିଲି ଆଦି ୬ଟି ବ୍ଲକ ଗସ୍ତ କରିଥିଲେ । ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ଭେଟି ମତାମତ ସଂଗ୍ରହ କରି ଫେରିଛନ୍ତି । ଆସନ୍ତା ୧୩ ତାରିଖରେ ପୁଣିଥରେ ଏହି ଟିମ୍ ଜିଲ୍ଲା ଗସ୍ତରେ ଆସିବେ। ସେମାନେ ମାଲକାନଗିରି ବ୍ଲକ ଓ ପୌରପରିଷଦ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ମତାମତ ସଂଗ୍ରହ କରିବେ ବୋଲି ସୂଚନା ଦିଆଯାଇଛି । ସେହିଦିନ ସଭାପତି ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯିବ। ସୂଚନାଥାଉକି, ଜିଲ୍ଲାରେ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ଚିତ୍ରକୋଣ୍ଡା ଓ ମାଲକାନଗିରି । ଏହି ୨ଟି ମଧ୍ୟରୁ ଚିତ୍ରକୋଣ୍ଡାରେ କଂଗ୍ରେସ ଦଳ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ମାଲକାନଗିରିରେ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ପଦ ଦୌଡ଼ରେ ୬ ଜଣ ଆଶାୟୀ ଅଛନ୍ତି । ସେମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର, ଜିଲ୍ଲା ସଂଯୋଜକ ଜି. ଶ୍ରୀନିବାସ ରାଓ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲା ମାଳି, ସ୍ମୃତିରଞ୍ଜନ, ଭୀମା ବାର୍ଷେ ପ୍ରମୁଖ ଏହି ପଦ ପାଇଁ ଆଶାୟୀ ରହିଛନ୍ତି । ଏଥି ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତିଦ୍ୱନ୍ଦୀଙ୍କ ଠାରୁ ନାମାଙ୍କନପତ୍ର ସଂଗ୍ରହ ଆରମ୍ଭ ହୋଇଛି । ତେବେ କିଏ ସଭାପତି ହେବ ଆଗକୁ ଜଣାପଡ଼ିବ।

# ଗୌତମପାଲିରେ ଆୟୁଷ୍ମାନ ଆରୋଗ୍ୟ ଶିବିର



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନପଙ୍କ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତରଫରୁ ଗୌତମପାଲି ଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଶିବିରରେ ବିଭିନ୍ନ ଅଣ ସଂକ୍ରାମକ ରୋଗ ଯେପରି ଉଚ୍ଚ ରକ୍ତଚାପ, ଡାଇବେଟିସ, କ୍ୟାନ୍ସର ରୋଗର ସ୍କ୍ରିନିଂ,ସଂକ୍ରାମକ ରୋଗ ଯେପରି ଟିବି, ଲେପ୍ରସି ରୋଗର ସ୍କ୍ରିନିଂ ସହ ସିକିଲସେଲ , ହେମୋଗ୍ଲିବିନ୍, ମ୍ୟାଲେରିଆ ଆଦି ପରୀକ୍ଷା କରାଯାଇ ଚିକିତ୍ସା କରାଯାଇଥିଲା । ନିୟମିତ ଯୋଗ କରିବା, ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା, ମାନସିକ ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଆଲୋଚନା କରାଯାଇଥିଲା। ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶୁଭସ୍ମିତା ପାଣିଗ୍ରାହୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ରଶ୍ମିରେଖା ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।୫୨ ଜଣ ମହିଳା ଓ ପୁରୁଷ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଶାକର୍ମୀ ସୁଷମା ବେହେରା ଓ ଜାହ୍ନବୀ ପ୍ରଧାନ ସହଯୋଗ କରିଥିଲେ।

# ଜବରଦଖଲରେ ଗ୍ରାମ୍ୟ ଜଙ୍ଗଲ, ପ୍ରଶାସନ ନିରବ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ଓ୍ୱାର୍ଡ ନମ୍ବର ୧୮ ଅନ୍ତର୍ଗତରେ ଏକର ଏକର ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ହୋଇଛି। ବଡହଳ ମୌଜାର ଖାତା ନମ୍ବର ୧୨୩ ପ୍ଲଟ ନମ୍ବର ୧୯୬ରେ ରହିଥିବା ମୂଲ୍ୟବାନ ଜମି ଜବରଦଖଲ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉନାହିଁ। କେତେକ ଲୋକ ଗ୍ରାମ୍ୟ ଜଙ୍ଗଲ ଜମିକୁ ବାଡ ଦେଇ ଘେରିଥିବାବେଳେ ଆଉ କେତେକ ଲୋକ ଘର, କଲ୍ୟାଣମଣ୍ଡପ କରିଛନ୍ତି। ଏହି ମୂଲ୍ୟବାନ ଜମିକୁ ଜବରଦଖଲକାରୀମାନେ ମୌଖିକ ଭାବେ ବିକ୍ରୀ ମଧ୍ୟ କରୁଛନ୍ତି । ଖୋଦ ଜିଲ୍ଲା ମୁଖ୍ୟାଳୟ ଠାରୁ ମାତ୍ର ୨କିଲୋମିଟର ଦୂରରେ ସରକାରଙ୍କ ଏକର ଏକର ଜମି ଜବରଦଖଲ ହୋଇଥିଲେ ହେଁ ଉଚ୍ଛେଦ ହେଉନଥିବାରୁ ଜବରଦଖଲକାରୀଙ୍କୁ ସୁହାଉଛି । ବଡହଳ ମୌଜାର ଖାତା ନମ୍ବର ୧୨୩ ପ୍ଲଟ ନମ୍ବର ୧୯୯ ଏବଂ ୨୦୦ ଏବଂ ୨୦୨ରେ ଥିବା ଗ୍ରାମ୍ୟ ଜଙ୍ଗଲ ଜବରଦଖଲ ହୋଇଛି । ଜବରଦଖଲକାରୀମାନେ ଉକ୍ତ ସରକାରୀ ଜମିରେ ବିନା ଅନୁମତିରେ ବେଆଇନ ଭାବେ ଘର ନିର୍ମାଣ କରିଥିବାରୁ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ପତ୍ରସଂଖ୍ୟା ୨୨୭୪ ତା ୨୯/୦୩/୨୦୨୫ରେ ନୋଟିସ କରିଥିଲେ । ନୋଟିସରେ ୭ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ଦେଲେ ଜବରଦଖଲ ମୁକ୍ତ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ତେବେ ଇତିମଧ୍ୟରେ ନୋଟିସ ଦିଆଯିବାର ୬ ମାସ ପରେ ମଧ୍ୟ ଉକ୍ତ ଜମିରୁ ଜବରଦଖଲ ମୁକ୍ତ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । କେନ୍ଦୁଝର ସଦର ତହସିଲ ଏବଂ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ଉକ୍ତ ମୌଜାରେ ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯାଉନଥିବାରୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବଜାକୁ ପଳାଉଛି । କେବଳ ଏହି ଗୋଟିଏ ସ୍ଥାନ ନୁହେଁ କେନ୍ଦୁଝର ସହରର ଅନେକ ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇ ବଡ ବଡ ଅଟ୍ଟାଳିକା ଏବଂ ଦୋକାନ ଘର ନିର୍ମାଣ ହୋଇଥିଲେ ହେଁ ବଡବଡିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କେନ୍ଦୁଝରଗଡ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ କେବଳ ନୋଟିସ ହେଉଛି କିନ୍ତୁ ଉଚ୍ଛେଦ ହେଉନାହିଁ ବୋଲି କହିଛନ୍ତି ଆଇନଜୀବୀ ଅଶୋକ କୁମାର ଦାସ ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଭାଗ୍ୟବନ୍ତୀଙ୍କୁ ସମ୍ବର୍ଦ୍ଧନା




ବରଗଡ(ଭାସ୍କର ନ୍ୟୁଜ୍): ଓଡ଼ିଆ ବାଳକ କ୍ଲଷ୍ଟର ଅଧୀନରେ ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାଗ୍ୟବନ୍ତୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ତାଙ୍କୁ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଠ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ,ଅବସର ପ୍ରାପ୍ତ ଶିକ୍ଷକ କପିଳ ବାଗ , ଡ. ଡୋଳାମଣି ଶତପଥି, ମୀନା ପଣ୍ଡା,ଶିକ୍ଷକ ଦୁଃଖୀ ସେବକ ସାହୁ ଶିକ୍ଷକ ଅଭିଭାବକ ସଂଘ ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ,ଆଲୋକ ରଂଜନ ଦାଶ, ବାଙ୍କବିହାରି ସାହୁ,ସନ୍ତୋଷ ପଣ୍ଡା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଜାତୀୟ ପୁରସ୍କାର ପାଇ ବରଗଡ଼ କୁ ଗୌରବାନ୍ୱିତ କରିବା ପାଇଁ ଆଶା ପୋଷଣ କରିଥିଲେ । ତେବେ ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀମତୀ ବିଶ୍ୱାଳ ପୁରସ୍କାର ପଛରେ ନ ଗୋଡ଼ାଇ ନିଜ କର୍ତ୍ତବ୍ୟ କୁ ଠିକ୍ ଭାବେ ସମ୍ପାଦନ କଲେ ସ୍ୱୀକୃତି ନିଶ୍ଚୟ ମିଳିବ ବୋଲି ଅଭିହିତ କରିଥିଲେ ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଣା ପ୍ରତାପ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

# ଅସ୍ତରଙ୍ଗରେ ଲୋପ ପାଇଲାଣି ଔଷଧୀୟ ବୃକ୍ଷ

## ■ ବନବିଭାଗ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ଦାବି




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ୧୫ ଗୋଟି ପଂଚାୟତକୁ ନେଇ ଗଠିତ। ପ୍ରାକୃତିକ ମନୋରମ ନୈସର୍ଗିକ ପରିବେଶ ମଧ୍ୟରେ ରହିଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରାଚୀନ କାଳରେ ଗାଁ ର ବୈଦ୍ୟମାନେ ଗଛର ଚେର, ମୂଳ, ଛେଲି ଓ ପତ୍ର ସଂଗ୍ରହ କରି ବିଭିନ୍ନ ଦୂରାରୋଗ୍ୟରେ ଆକ୍ରାନ୍ତ ଥିବା ରୋଗୀଙ୍କୁ ଚିକିତ୍ସା କରି ରୋଗ ମୁକ୍ତ କରି ପାରୁଥିଲେ ।ଆଧୁନିକ ପ୍ରଣାଳୀର ଏଲୋପାଥିକ ଚିକିତ୍ସା ଭାରତକୁ ବ୍ରିଟିଶ ସାମ୍ରାଜ୍ୟର ଅଧିକାରୀ ମାନେ ଆସିବା ପରେ ଏହାର ପ୍ରଚାର ପ୍ରସାର କରିଥିଲେ। ଧୀରେ ଧୀରେ ଏହି ଗାଁ ବୈଦ୍ୟମାନେ ଆଉ ସେହି ବ୍ୟବସାୟ କରିବାର ଦେଖିବାକୁ ମିଳୁନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ଗାଁରେ ବୈଦ୍ୟମାନେ ଅସ୍ଥିଶଲ୍ୟ ଚିକିତ୍ସା କରି ବିଭିନ୍ନ ପ୍ରକାର ସେକ ମାଧ୍ୟମରେ ରୋଗୀମାନଙ୍କୁ ଉପଯୁକ୍ତ ଭାବରେ ରୋଗ ମୁକ୍ତ କରି ପାରୁଛନ୍ତି। ଏବେ ବି ଆୟୁର୍ବେଦିକ ପ୍ରଣାଳୀରେ ଚିକିତ୍ସା ପଦ୍ଧତି ଚାଲୁ ରହିଛି। ସାଧାରଣ ଲୋକେ ସକାଳୁ ବେଲ ପତ୍ର, ତୁଳସୀ ପତ୍ର, ସଜନା ପତ୍ର, ମେରଶୁଙ୍ଗା ପତ୍ର, ଜାମୁ ପତ୍ର ଆଦି ବିଭିନ୍ନ ପତ୍ର ସେବନ କରିବା ଦ୍ୱାରା ପେଟ ରୋଗରୁ ମୁକ୍ତ ହୋଇ ପାରୁଛନ୍ତି। ସଜନା ପତ୍ର ଦ୍ୱାରା ଉଚ୍ଚ ରକ୍ତଚାପଜନୀତ ରୋଗରୁ ରୋଗୀ ମାନେ ଉପକୃତ ହୋଇପାରୁଛନ୍ତି। ପ୍ରତିଦିନ ଜଙ୍ଗଲ ହେଉ ଅବା ବିଭିନ୍ନ ଗାଁ ଅଂଚଳରୁ ଶହ ଶହ ସଂଖ୍ୟାରେ ଔଷଧୀୟ ବୃକ୍ଷ ଛେଦନ କରାଯାଉ ଥିବାରୁ ଧୀରେ ଧୀରେ ବିଭିନ୍ନ ଗାଁରେ ବୃକ୍ଷଶୂନ୍ୟ ହେବାକୁ ବସିଲାଣି। ଜଙ୍ଗଲ ବିଭାଗ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୃକ୍ଷ ନ କାଟିବା ପାଇଁ ସଚେତନ କରୁଥିଲେ ହେଁ କାଠ ମାଫିଆ ଏଥିପ୍ରତି ଦୃଷ୍ଟି ନ ଦେଇ ବୃକ୍ଷ ଛେଦନ କରିଚାଲିଛନ୍ତି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ପୁରାତନ ଯୁଗର ଲୋକ ମାନେ ବିଭିନ୍ନ ଅଂଚଳରେ ଚାରାରୋପଣ କରିବା ଉପରେ ଗୁରୁତ୍ୱ ଦେଇ ଜଙ୍ଗଲ ସୃଷ୍ଟି କରୁଥିଲେ। ବର୍ତ୍ତମାନ ଆଧୁନିକ ଯୁଗରେ ବିକାଶ ନାମରେ ପୁରାତନ ବୃକ୍ଷ ଛେଦନ କରାଯାଇ ପରିବେଶକୁ ପ୍ରଦୂଷଣ କରାଯାଉଛି। ଫଳରେ ବୃଷ୍ଟିପାତ କମି ଯିବାରୁ ବିଚରା ଚାଷୀ ଚିରାଚରିତ ପ୍ରଥାରେ ଚାଷ କରିବାରେ ଅସମର୍ଥ ହୋଇପଡୁଛି। ଧାରା ଶ୍ରାବଣରେ ମଧ୍ୟ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବୃଷ୍ଟିପାତ ଆବଶ୍ୟକ ପରିମାଣରେ ବୃଷ୍ଟି ହୋଇନାହିଁ। ଧୀରେ ଧୀରେ ଜଙ୍ଗଲରୁ ଗାଁ ମାନଙ୍କରେ ଔଷଧୀୟ ବୃକ୍ଷ ଲୋପ ପାଇଯାଉଥିବାରୁ ଗାଁ ବୈଦ୍ୟମାନେ ସେମାନଙ୍କର ବୈଦ୍ୟବୃତ୍ତି ଛାଡି ସାରିଲେଣି। ବିଭିନ୍ନ ଗାଁ ରେ ଔଷଧୀୟ ଗଛ ଅନେକାଂଶ ଦେଖିବାକୁ ମିଳୁନି। ପରିବେଶ ଅବକ୍ଷୟ ହେଉଥିବାରୁ ଏହାର ବ୍ୟାପକ ରକ୍ଷଣାବେକ୍ଷଣ ପ୍ରତି ବେଳହୁଁ ଧ୍ୟାନ ନ ଦେଲେ ଆଗାମୀ ପିଢ଼ି ବହୁ ଅସୁବିଧାର ସମ୍ମୁଖୀନ ହେବେ। ପରିବେଶବିତି ବ୍ୟାପକ ଚାରାରୋପଣ ଉପରେ ଗୁରୁତ୍ୱ ଦେଇ ଚାଲିଥିଲେ ହେଁ ଏଥିପ୍ରତି କୌଣସି ସ୍ତରରେ ଧ୍ୟାନ ଦିଆଯାଉନାହିଁ। ଅପରପକ୍ଷରେ ବାରମ୍ବାର ବିଭିନ୍ନ ସଚେତନ ଅନୁଷ୍ଠାନ ଓ ଗଣମାଧ୍ୟମରେ ଚାରା ରୋପଣ କରିବା ପାଇଁ ପ୍ରକାଶ ପାଉଥିଲେ ହେଁ ଏହାକୁ ଉପେକ୍ଷା କରାଯାଉଛି। ନିଜ ଘରବାଡ଼ି, ପଡିଆ, ଜମି ଓ ବିଭିନ୍ନ ଖାଲି ସ୍ଥାନରେ ବ୍ୟାପକ ଚାରା ରୋପଣ ଶହ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ଜନ ସଚେତନତା ସୃଷ୍ଟି କରାଯିବା ଅପରିହାର୍ଯ୍ୟ ହୋଇପଡିଛି। ପୁରୀ ଜିଲ୍ଲା ବନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମର ଔଷଧୀୟ ବୃକ୍ଷ ସୃଷ୍ଟି କରିବା ନିହାତି ଆବଶ୍ୟକ ହୋଇପଡିଛି ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# ହତ୍ୟାକାରୀ ସୁରେଶଙ୍କ ବେଆଇନ ଆଡ୍ଡା ଉପରେ ଚାଲିଲା ବୁଲଡୋଜର୍



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ସାମ୍ବାଦିକ ମୁକେଶ ଚନ୍ଦ୍ରକର ହତ୍ୟା ମାମଲାରେ ଜିଲ୍ଲା ପ୍ରଶାସନ ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହତ୍ୟାକାରୀ ଅଭିଯୁକ୍ତ ସୁରେଶ ଚନ୍ଦ୍ରକରଙ୍କ ବେଆଇନ ଆଡ୍ଡା ଉପରେ ପ୍ରଶାସନର ବୁଲଡୋଜର ଚାଲିଛି। ଏହା ସେହି ସ୍ଥାନ ଯେଉଁଠାରେ ସାମ୍ବାଦିକ ମୁକେଶ ଚନ୍ଦ୍ରକରଙ୍କୁ ହତ୍ୟା କରାଯାଇ ତାଙ୍କ ମୃତଦେହକୁ ସେପ୍ଟିକ୍ ଟ୍ୟାଙ୍କରେ ଫିଙ୍ଗି ଦିଆଯାଇଥିଲା। ହତ୍ୟାର ୮ ମାସ ପରେ, ପ୍ରଶାସନ ଅଭିଯୁକ୍ତ ସୁରେଶ ଚନ୍ଦ୍ରକରଙ୍କ ଏହି ଫାର୍ମ ଉପରେ ବୁଲଡୋଜର ଚଳାଇଛି । ଆଜି ଅପରାହ୍ନରେ, ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକାର ଦଳ ଚଟାଣ ପାରା ସ୍ଥିତ ସୁରେଶ ଚନ୍ଦ୍ରକରଙ୍କ ଫାର୍ମ ହାଉସରେ ପହଞ୍ଚି ଭଙ୍ଗା ପ୍ରକ୍ରିୟା ଆରମ୍ଭ କରିଛି ।ସୂଚନାଯୋଗ୍ୟ ଯେ ସାମ୍ବାଦିକମାନେ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ସୁରେଶ ଚନ୍ଦ୍ରକରଙ୍କ ଏହି ବେଆଇନ ଆଡ୍ଡାକୁ ହଟାଇବାକୁ ଦାବି କରିଥିଲେ। ତେବେ ମୁକେଶଙ୍କ ହତ୍ୟାର ଆଜି ୮ମାସ ପରେ, ବର୍ତ୍ତମାନ ମୁକେଶଙ୍କୁ ହତ୍ୟା କରାଯାଇଥିବା ସ୍ଥାନରେ ଏକ ବୁଲଡୋଜର ଚାଲିଛି। ରାଜସ୍ୱ ଜମି ଜବରଦଖଲ ମାମଲାରେ ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକା ଦଳ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଅଭିଯୁକ୍ତ ସୁରେଶ ଚନ୍ଦ୍ରକରଙ୍କ ବିରୁଦ୍ଧରେ ଅନେକ ପ୍ରକାରର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁଥିରେ ତାଙ୍କର ଅନେକ କାମର ଟେଣ୍ଡର ବାତିଲ କରାଯାଇଛି ଏବଂ ଅନ୍ୟାନ୍ୟ ମାମଲାରେ ମଧ୍ୟ ତଦନ୍ତ ଚାଲିଛି।

# ଗୋଲରାହାଟ ଖୁଦୁରୁକୁଣୀ ମେଲଣ ଶେଷ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ଠାରେ ଆଜି ଖୁଦୁରୁକୁଣୀ ମେଲଣ ଶେଷ ହୋଇଛି । ଏହି ଉପଲକ୍ଷେ ପ୍ରଥମେ ଥାନପତି ମେଢ଼ ମେଲଣ ପଡ଼ିଆରେ ଉପବେଶନ କରିବା ପରେ ଗୋଲରାହାଟ, ବାଲିଆ, କାଉପଡ଼ା ଓ ଚାଟରାଚକଡ଼ା ପଂଚାୟତରୁ ମୋଟ ୧୮ଟି ମେଢ଼ ଏହି ମେଲଣ ପଡ଼ିଆକୁ ପାରମ୍ପରିକ ବାଜା ଓ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ । ସମସ୍ତ ମେଢ଼ ପଡ଼ିଆ ମଧ୍ୟରେ ଉପବେଶନ କରିବା ପରେ ରତ୍ନାକର ଲେଙ୍କାଙ୍କ ତରଫରୁ ମେଢ଼ ଗୁଡ଼ିକ ସମ୍ମୁଖରେ ଭୋଗଲାଗି କରାଯାଇଥିଲା ଓ ଆସନ୍ତା ବର୍ଷ ମେଲଣକୁ ଆସିବା ପାଇଁ ଫୁଲପାନ ଦିଆଯାଇ ବରଣି କରାଯାଇଥିଲା। ଏହି ମେଲଣଟି ଆଜି ପୂର୍ବାହ୍ନରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା।

# ଶୁଣିଲାନି ପ୍ରଶାସନ
# ନିଜେ ଅର୍ଥ ଆଦାୟ କରି ଜଳ ନିଷ୍କାସନ ପଥ ତିଆରି କଲେ ଗ୍ରାମବାସୀ



ଧାମନଗର (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଅଧୀନ ସୋଧ ସାହୁ ସାହି ୬ ନଂ ଓ୍ୱାର୍ଡରେ ବର୍ଷା ଜଳ ନିଷ୍କାସନ ହୋଇ ନପାରିବାରୁ ଗ୍ରାମବାସୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଆସୁଥିଲେ। ଗ୍ରାମ ର କିଛି ଲୋକ ସରକାରୀ ରାସ୍ତାକୁ ଉଚ୍ଚା କରି ଘର ପାଖକୁ ତିଆରି କରିନେଇଥିବାରୁ ଏହି ସମସ୍ୟା ଉପୁଜିଛି। ପ୍ରକାଶ ଥାଉ କି ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଏକ ହ୍ୟୁମ୍ ପାଇପ ବସିଥିଲା ।ଗ୍ରାମ ରାସ୍ତା ପାର୍ଶ୍ୱରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ହ୍ୟୁମ ପାଇପ ଉପରେ ମାଟି ପକାଇ ବନ୍ଦ କରିଦିଆ ଯାଇଥିବାରୁ ଗ୍ରାମର ବର୍ଷା ପାଣି ନିଷ୍କାସନ ହୋଇନପାରି ଏଭଳି ସମସ୍ୟା ଉପୁଜିଛି। ଏମିତିକି ବର୍ଷା ଜଳ ନିଷ୍କାସନ ହୋଇନପାରି ପୋଖରୀର ଭ୍ରମ ସୃଷ୍ଟି କରିଛି ।ଏହି ପାଣିରେ ପଶି ଅଙ୍ଗନବାଡ଼ି କର୍ମୀ , ସ୍କୁଲ ପିଲା , କଲେଜ, ଗ୍ରାମବାସୀ, ବିଶେଷ କରି ଗ୍ରାମର ମହିଳାମାନେ ଗ୍ରାମ ଦେବତୀ ମା' ସୁବର୍ଣ୍ଣମୁଖୀଙ୍କ ପୀଠକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସୋଧ ଗ୍ରାମ ବିଶେଷ କରି ଡେଙ୍ଗୁ ପ୍ରବଣ ଅଞ୍ଚଳ ଭାବେ ପରିଚିତ।୨୦୧୪ ମସିହାରେ ସୋଧ ଗ୍ରାମରେ ଡେଙ୍ଗୁ ବ୍ୟାପି ୬ ଜଣଙ୍କ ଜୀବନ ଯାଇଥିଲା। ତେବେ ଗ୍ରାମର ଏଭଳି ସମସ୍ୟା ଦେଖି ଗ୍ରାମବାସୀ ଡେଙ୍ଗୁ, ମେଲେରିଆ, ଡାଇରିଆ ଭଳି ରୋଗ ବ୍ୟାପିବା ପୂର୍ବରୁ ଧାମନଗର ବିଡ଼ିଓ ବନବିହାରୀ ଦିଣ୍ଡାଙ୍କୁ ୪ ତାରିଖ ଲିଖିତ ଅଭିଯୋଗ ପତ୍ର ଦେଇ ଜଳ ନିଷ୍କାସନର ସୁବନ୍ଦୋବସ୍ତ ପାଇଁ ଦାବି କରିଥିଲେ। ବିଡ଼ିଓ ଅଭିଯୋଗ ପାଇ ଗ୍ରାମକୁ ଯାଇ ଦେଖିବେ ବୋଲି କହି ସୋମବାର ପର୍ଯ୍ୟନ୍ତ ଆସିଲେ ନାହିଁ। ଗ୍ରାମବାସୀ ଶରତ ସାହୁ , ରାଜକିଶୋର ସାହୁ ,ଭୋଳାନାଥ ସାହୁ ,କୃଷ୍ଣଚନ୍ଦ୍ର ପତି,ପ୍ରଶାନ୍ତ ସାହୁ , ରତ୍ନାକର ସାହୁ , ଜୟଦେବ ରଥ, ଶ୍ରୀକାନ୍ତ ନାୟକ , ପ୍ରତାପ ସାହୁ ,ଅଜୟ ସାହୁ , ରମାକାନ୍ତ ସାହୁ ,ଭାଗିରଥି ସାହୁ, ବାଇଧର ସାହୁ, ହିମାଂଶୁ ମହାପାତ୍ର ପ୍ରମୁଖ ଗ୍ରାମରେ ଚାନ୍ଦା ଆଦାୟ କରି ନିଜସ୍ୱ ଶ୍ରମଦେଇ ନାଳ ଖୋଳି ଦୁଇଟି ହ୍ୟୁମ ପାଇପ ପକାଇବାର ବ୍ୟବସ୍ଥା ସୋମବାର କରିଛନ୍ତି। ଏ ସଂପର୍କ ରେ ବିଡ଼ିଓ ବନ ବିହାରୀ ଦିଣ୍ଡା କୁହନ୍ତି ସଂପୃକ୍ତ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ କହିଛି ସେ ଘଟଣା ସ୍ଥଳ ପରିଦର୍ଶନ କରି କଣ ବ୍ୟବସ୍ଥା ହୋଇପାରିବ କରିବେ। କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର କୁମାର ସ କୁହନ୍ତି ଗ୍ରାମର ସମସ୍ୟା ସମାଧାନ କରିବାକୁ ହେଲେ ଡ୍ରେନେଜର ଆବଶ୍ୟକ ରହିଛି। ବର୍ତ୍ତମାନ ତାର ସମାଧାନ କିଛି ହୋଇ ପାରିବ ନାହିଁ ବୋଲି ସଫେଇ ଦେଇଥିଲେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଂଚାୟତ ଅନ୍ତର୍ଗତ ଅନୁଆପଡ଼ା ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ମୁରଲିଧର ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ସରସ୍ୱତୀ ଆଚାର୍ଯ୍ୟ (୯୬)ଙ୍କ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମୁରଲିଧର ଆଚାର୍ଯ୍ୟ ତାଙ୍କ ଶିକ୍ଷକତା ଜୀବନକାଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୋହଳି ମଡ଼େଲ ହାଇସ୍କୁଲ, ଯାଜପୁର ଜିଲ୍ଲାର ନନ୍ଦକିଶୋର ବିଦ୍ୟାମନ୍ଦିର, କଟକ ଜିଲ୍ଲାର ଅସୁରେଶ୍ୱର ହାଇସ୍କୁଲ ପରେ ଇନ୍ଦୁପୁର ହାଇସ୍କୁଲ, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କୋରୁଅ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିବାବେଳେ ତାଙ୍କ ସହ ସ୍ୱର୍ଗତା ଆଚାର୍ଯ୍ୟା ରହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମା' ଭଳି ସ୍ନେହ ଓ ଆଦର କରୁଥିଲେ । ଗତ ଦୁଇଦିନ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନପୁଅ ରମାକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କର ତିନିପୁଅ ଅଭିନ୍ନ, ପ୍ରେମାନନ୍ଦ ଓ ରମାକାନ୍ତ ସମସ୍ତେ ଶିକ୍ଷକତା କରି ଅବସର ନେଇଛନ୍ତି ।

# ଅଭିଯୁକ୍ତଙ୍କୁ ଦଣ୍ଡ ବଦଳରେ ମିଳିଲା ପଦୋନ୍ନତି !

## ତଦନ୍ତ ରିପୋର୍ଟ ଗଲା କୁଆଡ଼େ ?

କୋରେଇ(ଭାସ୍କର ନ୍ୟୁଜ୍): ଦୀର୍ଘ ୯ ବର୍ଷ ତଳେ କୋରେଇ କାହ୍ନୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ଚରଣ ମହାନ୍ତି ମାଧ୍ୟମିକ ବିଦ୍ୟାଳୟର ଜୈନିକା ଅଧ୍ୟାପିକାଙ୍କୁ ଅସଦାଚରଣ କରିବା ନେଇ ଅଧ୍ୟାପିକା କୋରେଇ ଥାନା ସମେତ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ। ଏମିତିକି ସେତେବେଳେ ପୀଡିତା ଅଧ୍ୟାପିକା ଜଣକ ନ୍ୟାୟ ପାଇଁ ଅଧ୍ୟାପିକା ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ଯାଜପୁର ଜିଲ୍ଲାପାଳ, ଏସ୍‌ପି ଏବଂ କୋରେଇ ଥାନାରେ ଅଭିଯୋଗ କରିଥିଲେ। ପରେ କୋରେଇ ଥାନା କେସ ନଂ ୨୦/୧୬ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଘଟଣାରେ ସମ୍ପୃକ୍ତ ଅଧ୍ୟାପିକାଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ସୁଦୂର ବାଲେଶ୍ୱର ଜିଲ୍ଲାକୁ ବଦଳି କରାଯାଇଥିଲା କିନ୍ତୁ ସେ କାର୍ଯ୍ୟରେ ଯୋଗ ନଦେଇ ଏକାଧିକ ବର୍ଷ ଛୁଟିରେ ରହିଥିଲେ।ପରବର୍ତ୍ତୀ ସମୟରେ ସୁଜନପୁର ମହାବିଦ୍ୟାଳୟ ପରେ ବ୍ୟାସନଗର ମହା ବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଏବେ ତାଙ୍କୁ ବୈତରଣୀରୋଡ୍ କଲେଜର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ମୃତ୍ୟୁ ଘଟଣା ପରେ ଉଚ୍ଚ ଶିକ୍ଷା ବିଭାଗ ଏହି ଘଟଣାର ତଦନ୍ତ ପାଇଁ ଏକ ଚାରିଜଣିଆ ଦଳ କୋରେଇ କଲେଜକୁ ଆସିଥିଲେ। ପୀଡିତା ଅଧ୍ୟାପିକା ଓ ଅନ୍ୟ କର୍ମଚାରଙ୍କ ଠାରୁ ବୟାନ ଲିଖିତ ଭାବେ ନେଇଥିଲେ। ଏହାର ରିପୋର୍ଟ ୧୦ ଦିନ ଭିତରେ ସାର୍ବଜନିନ କରାଯିବା ନେଇ ବିବୃତି ଦେଇଥିଲେ। କିନ୍ତୁ ଦୁଃଖର କଥା ଆଜକୁ ୨ ମାସ ବିତି ଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ବେଳେ ପୀଡିତା ନାୟ ନପାଇ ଡରି ଡରି ମହା ବିଦ୍ୟାଳୟ କୁ ଆସୁଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେଉଁ ବ୍ୟକ୍ତିଙ୍କ ନାମରେ ଯୌନ ଶୋଷଣ ଭଳି ସଂଗୀନ ଅଭିଯୋଗ ହୋଇଛି, ତାହା ପୁଣି ନ୍ୟାୟାଳୟରେ ବିଚାରଧୀନ ଅଛି। ସେହିଭଳି ଲୋକକୁ କାହା ସୁପାରିଶରେ ଶିକ୍ଷା ବିଭାଗ ତାଙ୍କୁ ପଦୋନ୍ନତି ସ୍ୱରୂପ ଏହି ବ୍ଲକର ପ୍ରାଣକୃଷ୍ଣ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ ଦିଆଗଲା।ଫଳରେ ପୀଡିତା ବର୍ତ୍ତମାନ ଭୟଭୀତ ସ୍ଥିତିରେ ଥିବା ବେଳେ ନ୍ୟାୟ ପାଇବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ସାରା ଓଡ଼ିଶାର ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ସାମ୍ପ୍ରତିକ ସ୍ଥିତି ପରିସ୍ଥିତି ସମୟରେ ମୋହନ ସରକାର ନାରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ତରଫରୁ ହୋଇଥିବା ତଦନ୍ତ ବାଟବଣା ହୋଇଯାଇଥିବା ସାଧାରଣ ରେ ଅଭିଯୋଗ ହେଉଛି। ଅନ୍ୟ ପଟେ ପୀଡିତା ଅଧ୍ୟାପିକା ନ୍ୟାୟ ପାଇବା ନେଇ ମନରେ ଆଶା ବାନ୍ଧି ବସିଥିବାବେଳେ ଏଭଳି ଜଣେ ବ୍ୟକ୍ତିଙ୍କୁ ଗ୍ରାମାଞ୍ଚଳରେ ଥିବା ଏକ ଅନୁଷ୍ଠାନର ଦାୟିତ୍ୱ ମିଳିଥିବାରୁ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ ନେଇ ଆଶା ଆଶଙ୍କାରେ ଥିବା ଜଣାପଡିଛି। ତୁରନ୍ତ ଏହି ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରୁ ଅପସାରଣ କରି ଅନ୍ୟତ୍ର ବଦଳି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## କର୍ମଯୋଗୀ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଏସ୍‌କେ ହିଲ୍ ଭିୟୁ ଠାରେ ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଏବଂ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ୍‌ସ୍ ଓ ଗାଇଡସ୍ ମିଳିତ ଆନୁକୂଲ୍ୟରେ ସ୍କାଉଟ୍ ଓ ଗାଇଡସ୍ ଅଧକ୍ଷ ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ବସନ୍ତ ବିଶ୍ୱାଳ ସ୍ମୃତି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ହେମସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ପ୍ରାକ୍ତନ ସଭାପତି ପ୍ରାପ୍ତ ଜୟନ୍ତ କୁମାର ବେହେରା, ଅବସରପ୍ରାପ୍ତ ଟ୍ରେଜେରି ଅଫିସର ମହମଦ ବୁରହାନ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ସତ୍ୟନାରାୟଣ ସିଂ, ଜିଲ୍ଲା କମିସନର ସ୍କାଉଟ୍ ମହେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା କମିଶନର ଗାଇଡ୍ ବିଷ୍ଣୁପ୍ରିୟା ନାଏକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଗାଇଡ ସଂପାଦକ ରୂପସିଂ ରାଉତ ଯୋଗଦେଇ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଜୀବନୀ ଓ ତାଙ୍କର ଓଡିଶା ରାଜ୍ୟ ପାଇଁ ଅବଦାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବେଷ୍ଟ ସ୍କାଉଟ୍ ମାଷ୍ଟର ଭାବରେ ଭବାନୀ ଲହଜଲ, ବାଲଗୋପାଳ ସେବା ନିକେତନ, ବେଷ୍ଟ ଗାଇଡ ଭାବରେ ଚିନ୍ମୟୀ ସା, ବାପୁଜୀ ଉଚ୍ଚ ବିଦ୍ୟାଳୟ କିକିଆ ଓ ବେଷ୍ଟ ସ୍କାଉଟ୍ ଭାବରେ ଅତୁଲ ମହାରଣା, ମୁନ୍‌ସିପାଲ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସରକାରୀ ଚାକିରୀରୁ ଅବସର ନେଇଥିବା ସ୍କାଉଟ୍ ମାଷ୍ଟର ତଥା ଲିଡର ଟ୍ରେନର ଧୀରେନ୍ଦ୍ର କୁମାର ପଣ୍ଡା ଓ ପବିତ୍ର ମୋହନ ପାଣାଙ୍କୁ ମଧ ଏହି ଅବସରରେ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇ ଥିଲା। ଏହି ଅବସରରେ ରିଷିଗାଁ ଡଙ୍ଗରିପଡା ଠାରେ ଗ୍ରାମ ସଫେଇ ଓ ପରିବେଶ ସୁରକ୍ଷା ନିମନ୍ତେ ସଚେତନ କରାଯାଇ ବୃକ୍ଷରୋପଣ କରାଯାଇଥିଲା। ଉପସ୍ଥିତ ଥିବା ଅତିଥି ସ୍କାଉଟ୍, ଗାଇଡ୍, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ମୃତି କମିଟି ପକ୍ଷରୁ ସ୍କାଉଟ୍ ମାଷ୍ଟର ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ସ୍କାଉଟ୍ ଶିକ୍ଷକ ତଥା ଯୁଗ୍ମ ସଂପାଦକ ସନାତନ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସରିଲା ଷଷ୍ଠ ଭବାନୀପାଟଣା ଟାଉନ୍ ଫୁଟ୍‌ବଲ ଲିଗ ଟୁର୍ଣ୍ଣାମେଣ୍ଟ

## ମାରାଡୋନା ଫୁଟ୍‌ବଲ ଦଳ ଚାମ୍ପିଅନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସହରରେ ଥିବା ବିଭିନ୍ନ ଫୁଟବଲ ଦଳର ଯୁବ ଫୁଟ୍‌ବଲ ଖେଳାଳିମାନଙ୍କୁ ଅଧିକରୁ ଅଧିକ ଉତ୍ସାହିତ କରିବା ପାଇଁ କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଗତ ଅଗଷ୍ଟ ୨୧ ତାରିଖରୁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଷଷ୍ଠ ଭବାନୀପାଟଣା ଟାଉନ ଫୁଟ୍‌ବଲ ଲିଗ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ମାରାଡୋନା ଫୁଟ୍‌ବଲ ଦଳ ଗୁଡ ମର୍ଣ୍ଣିଂ ଫୁଟ୍‌ବଲ ଦଳକୁ ୪/୧ ଗୋଲରେ ପରାଜିତ କରି ଚମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୁଡ ମର୍ଣ୍ଣିଂ ଫୁଟ୍‌ବଲ ଦଳ ଚମତ୍କାର କ୍ରୀଡା ପ୍ରଦର୍ଶନ କରି ମଧ ସେମାନଙ୍କୁ ରନର୍ସଅପ୍ ଦଳରେ ସନ୍ତୁଷ୍ଟ ହେବାକୁ ପଡିଛି। ହୋଇଥିଲେ। ୦୮ ତାରିଖ ସୋମବାର ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବରେ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଜୁନାଗଡ ତଥା ପୂର୍ବତନ ମନ୍ତ୍ରୀ ଯୋଗଦାନ କରି ଉଭୟ ଚମ୍ପିୟନ ଓ ରନର୍ସଅପ୍ ଦଳ ଓ ଶ୍ରେଷ୍ଠ ଖେଳାଳି ଭବାନୀ ଶଙ୍କର ବେମାଲଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସଂପ୍ରତି ଜିଲ୍ଲା କ୍ରୀଡାସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଓଡିଶା ତୀରନ୍ଦାଜୀ ଏସୋସିଏସନର ଉପ ସଭାପତି ଭାବରେ ନିର୍ବାଚିତ ହୋଇଥିବା ଯୋଗୁଁ ମୁଖ୍ୟଅତିଥି ଶ୍ରୀ ମିଶ୍ର ମଧ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସଂପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲ୍ଲା ତଥା ଓଡିଶାର ସୁନାମଧନ୍ୟ ଫୁଟ୍‌ବଲ ରେଫରି ନବିନ କୁମାର ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଟ୍ରାକସୁଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ଫୁଟ୍‌ବଲ ସଂପାଦକ ମହମ୍ମଦ ଅବ୍ଦୁଲ କାଦରଙ୍କ ନେତୃତ୍ୱରେ ଫାଇନାଲ ଖେଳକୁ ନବିନ କୁମାର ନାଏକ, ଛବିଲାଲ ନାଏକ, ପୁରନ୍ଦର ମାଝୀ ଓ ଉଦ୍ଧବ ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ସଂସ୍ଥାର ଉପ- ସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସଂପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାର୍ ସନ୍ତ ସିଂ, କୋଷାଧ୍ୟକ୍ଷ ସରଦାର ନିର୍ମଳ ସିଂ, ଅନ୍ୟାନ୍ୟ ଖେଳ ସଂପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରି ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ ପ୍ରମୁଖ ଉପସ୍ଥିତ ଥିଲାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ବାଳଗୋପାଳ ସଂସ୍ଥାର ଘୁମୁରାଦଳର କଳାକାରମାନେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ବହୁ ଖେଳପ୍ରେମୀ ପଡିଆରେ ଉପସ୍ଥିତ ରହି ଉଭୟ ଦଳର ଏହି ପ୍ରତିଦ୍ୱନ୍ଦିତାମୂଳକ ଫାଇନାଲ ଖେଳକୁ ଉପଭୋଗ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଦାଣ୍ଡିଭାଜା ଅଙ୍ଗନୱାଡି କେନ୍ଦ୍ର ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ସୂଚନା ମତେ, ପ୍ରବଳ ବର୍ଷା ଯୋଗୁ ଜଳ ନିଷ୍କାସନ ହୋଇ ନ ପାରି କେନ୍ଦ୍ର ସମ୍ମୁଖରେ ଦୁଇ ଫୁଟ ପାଣି ରହିଛି। ଫଳରେ ଛୋଟ ଛୋଟ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଏହି କେନ୍ଦ୍ରକୁ ଆସିବାକୁ ଭୟଭୀତ ହେଉଥିବା ଜଣା ପଡ଼ିଛି। ଏନେଇ କେନ୍ଦ୍ରର ଅଙ୍ଗନୱାଡିକର୍ମୀ ଖିତିସୁତା ସାହୁଙ୍କୁ ପଚାରିବାରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ବର୍ଷା ସମୟରେ ଏଭଳି ସମସ୍ୟା ସୃଷ୍ଟି ହେଉଛି ଓ ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ପୂର୍ବରୁ ଜଣେଇଛୁ ବୋଲି କହିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଯଥାଶୀଘ୍ର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଣୁ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି।

## ସେବା ପକ୍ଷ ପାଳନ ପାଇଁ କର୍ମଶାଳା



ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ଅଧକ୍ଷତାରେ ଜୁନାଗଡ ଟାଉନ୍ ହଲ୍ ଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଜିଲ୍ଲା ପ୍ରଭାରୀ ତଥା ସେବା ପକ୍ଷର ରାଜ୍ୟ ସଂଯୋଜକ ରମେଶ ସାହୁ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଥିଲେ। ଚଳିତ ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶ ବ୍ୟାପି ସେବା ପକ୍ଷ ପାଳନ କରାଯିବ, ଏହି ସେବା ପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଦଳ ସ୍ଥିର କରିଛି ଯଥା ଚାରାରୋପଣ, ରକ୍ତ ଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ମୋଦୀ ବିକାଶ ମାରାଥନ, ଲୋକାଲ ଫର ଭୋକାଲ, ପଣ୍ଡିତ ଦିନଦୟାଲ ଜୟନ୍ତୀ, ଗାନ୍ଧୀ ଜୟନ୍ତୀ, ସାଂସଦ କ୍ରୀଡା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମକୁ ନେଇ ସେବା ପକ୍ଷ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଳାହାଣ୍ଡି ସାଂଗଠାନିକ ଜିଲ୍ଲାର ୪୧ ଗୋଟି ମଣ୍ଡଳର କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇ ଅଛି। ଜିଲ୍ଲାସ୍ତରୀୟ କର୍ମଶାଳାରେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭାରତ ଦେଓ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମୋନୋଜ ମେହେର, ରମେଶ ମାଝୀ, ଜିଲ୍ଲା ସେବା ପକ୍ଷ ସଂଯୋଜକ ସତ୍ୟ ବେହେରା, ହିମାଂଶୁ ପଣ୍ଡା, ଘନ ଗହିର, ସୋଭାଗିନି ପାତ୍ର, ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ଉପ ସଭାପତି ମୁକେଶ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ଲକ୍ଷ୍ମୀକାନ୍ତ ବାଗ, ଦିବ୍ୟ ଜ୍ୟୋତି ମୁଣ୍ଡ, କାଞ୍ଚନ ବାଗ, ଶର୍ମିଷ୍ଠା ମେହେର, ସନ୍ତୋଷିନି ଦାସ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା କର୍ମଶାଳାରେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ସ୍ଥାନୀୟ ଗୋଷ୍ଠୀ ସାଧନ କେନ୍ଦ୍ର ଧର୍ମଗଡ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କକ୍ଷଶିବକ୍ଷହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଏକ ବିଶାଳ ରାଲି କରାଯାଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ତଥା ଆନ୍ତର୍ଜାତୀୟ ସାକ୍ଷରତା ଦିବସର ଉପାଦେୟତା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ପଞ୍ଚାୟତ ସମିତି ଅଧକ୍ଷା ବବିତା ପଟ୍ଟଯୋଶୀ ଓ ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ମନିଷା ମିଶ୍ର, ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ଓ ନୋଡାଲ ସିଆର୍‌ସିସି ସୁଧକ୍ଷନ୍ୟ ମେହେର ମଞ୍ଚାସିନ ଥିଲେ। ସଭା କାର୍ଯ୍ୟକୁ କାଶିବାହାଲ ସିଆର୍‌ସିସି ରାଜେନ୍ଦ୍ର ଦୂରିଆ ପରିଚାଳନା କରିଥିବାବେଳେ ଖନାତରା ସିଆର୍‌ସିସି ଚିତ୍ତ ରଞ୍ଜନ କୁମାର ଧନ୍ୟବାଦ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି ଉପସ୍ଥିତ ରହି ସହଯୋଗ କରିଥିଲେ।

## ସେବା ପକ୍ଷ ପାଳନ ପାଇଁ ମଣ୍ଡଳସ୍ତରୀୟ କର୍ମଶାଳା ଓ ମିଶ୍ରଣ ପର୍ବ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଉପକଣ୍ଠ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆଜି ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀଙ୍କ ସଭାପତିତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଇଁ ଗୋଲାମୁଣ୍ଡା ମଣ୍ଡଳ ସ୍ତରୀୟ ସେବା ପକ୍ଷ ଉପଲକ୍ଷେ ଗୋଲାମୁଣ୍ଡା ମଣ୍ଡଳସ୍ତରୀୟ କର୍ମଶାଳା ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ମଣ୍ଡଳ ପର୍ଯ୍ୟବେକ୍ଷକ ଭାଗ୍ୟବାନ ବାଗ, ମଣ୍ଡଳ ପ୍ରଭାରି ପ୍ରଦିପ କୁମାର ପଣ୍ଡା, ଗୋଲାମୁଣ୍ଡା ମଣ୍ଡଳ ଉପ ସଭାପତି ଗଙ୍ଗା ବିଷ୍ଣୁ ମୁଣ୍ଡ, ଶ୍ୟାମସୁନ୍ଦର ଅଗ୍ରୱାଲ, ଉଦେଶ୍ରୀଙ୍ଗ ସରପଞ୍ଚ ନାରାୟଣ ଅଗ୍ରିଆ ପ୍ରମୁଖ ମଞ୍ଚାସିନ ହୋଇ ସେବା ପକ୍ଷ ପାଇଁ ଯୋଜନା କରିଥିଲେ। ସେବା ପକ୍ଷରେ ଯେପରି ରକ୍ତ ଦାନ ଶିବିର, ବୃକ୍ଷ ରୋପଣ, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଶିବିର ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଗୋଲାମୁଣ୍ଡା ବ୍ଲକ ଯେପରି ଉଦାହରଣ ସୃଷ୍ଟି କରିବ ସେଉପରେ ଯୋଜନା କରିଥିଲେ। ପରେ ଭାରତୀୟ ଜନତା ପାର୍ଟିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଗୋଲାମୁଣ୍ଡା ବିଜେଡି ଯୁବ ସଂପାଦକ ପ୍ରଶାନ୍ତ ସାହୁ, ବିଜେଡି ଯୁବ ଉପ ସଭାପତି ମହାଦେବ କାଣ୍ଡ, ମାନଝରୀ ଗ୍ରାମପଞ୍ଚାୟତ ବିଜେଡି ଉପ ସଭାପତି ଲୋଚନ କଟା, ବିଜେଡି କର୍ମୀ ଶଶିଧର ମାଝୀ ଚାରି ଜଣ ଭାଜପାର ଅନୁଶାସନରେ ଅନୁପ୍ରାଣିତ ହୋଇ ବିଜେଡି ଦଳ ଛାଡ଼ି ବିଜେପିରେ ଯୋଗଦାନ କଲେ।

## ଜଗନ୍ନାଥ ସେବା ସମିତି ପକ୍ଷରୁ ନିଃଶୁଳ୍କ ଆକ୍ୟୁ ପ୍ରେସର୍ ଥେରାପି ଚିକିତ୍ସା ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ଜଗନ୍ନାଥ ସେବା ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଶ୍ରୀକୃଷ୍ଣ ଭବନ ଠାରେ ନିଃଶୁଳ୍କ ଆକ୍ୟୁ ପ୍ରେସର୍ ଥେରାପି ଚିକିତ୍ସା ଶିବିରର ଶୁଭାରମ୍ଭ ହୋଇଛି। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରର ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଡିଏସପି ତୋଳାମଣି ଭୋଇ, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ସମାଜସେବୀ କିଶୋର ଅଗ୍ରୱାଲ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ରାଜସ୍ଥାନ ଯୋଧପୁରରୁ ଆସିଥିବା ଆକ୍ୟୁ ପ୍ରେସର୍ ଥେରାପି ଡାକ୍ତର କୌଶଳ ସିଂ ରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀଙ୍କ ଦ୍ୱାରା ସାତ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ବିଭିନ୍ନ ରୋଗର ଉପଚାର ବିନା ଔଷଧରେ ଆକ୍ୟୁ ପ୍ରେସର୍ ଥେରାପି ଦ୍ୱାରା ମାଗଣାରେ କରାଯିବ ଓ ଏହି ଚିକିତ୍ସାର ସୁଯୋଗ ନେବା ପାଇଁ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଥିଲେ।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

କଳମପୁର, (ଭାସ୍କର ନ୍ୟୁଜ୍) : ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶ କ୍ରମେ ସାରା ଓଡ଼ିଶାରେ ଦଳକୁ ମଜବୁତ କରିବା ପାଇଁ କଂଗ୍ରେସ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପରିପ୍ରେକ୍ଷିରେ ଆଜି କଳାହାଣ୍ଡି ଜିଲ୍ଲା କଳମପୁର କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମ କଳମପୁର ବ୍ଲକ କଂଗ୍ରେସ କମିଟି ସଭାପତି ବିପିନ ପ୍ରଧାନୀଙ୍କ ମାଧ୍ୟମରେ ଆୟୋଜିତ ହୋଇଥିଲା। ଏଥିରେ ତୃଣମୂଳ ସ୍ତରର କର୍ମକର୍ତ୍ତା ମାନେ ଜିଲ୍ଲା ସଭାପତି ବାଛିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରାଚୁର୍ଯ୍ୟ ଭରା ଓଡିଶାରେ ଖଣି ଖାଦାନ ଭରପୁର ରହିଛି ତେବେ ଏହି ରାଜ୍ୟର ଲୋକେ ବିଭିନ୍ନ ରାଜ୍ୟକୁ ଦାଦନ ଯାଉଛନ୍ତି କାହିଁକି ? ଏଥିପାଇଁ ଆମକୁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏଆଇସିସି ସଦସ୍ୟ ସେକ ମୁସ୍ତାଫା ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଏଥିରେ ସାଂସଦ ପ୍ରାର୍ଥନୀ ଦ୍ରୌପଦୀ ମାଝି, ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ଜିଲ୍ଲା ଯୁବ ସଭାପତି ମହମ୍ମଦ ସାହେବ, ସଦର ସଭାପତି ସୁବାସ ପ୍ରଧାନ, ଯୁବ ସଂପାଦକ ପ୍ରିତମ ବେହେରା,ଛାତ୍ର ସଭାପତି ସୁଭନା ବାରିକ, କୋକସରା ବ୍ଲକ ସଭାପତି ଲିଙ୍ଗରାଜ ବେହେରା, କଳମପୁର ଯୋନ-୧ ସଭାପତି ଗଣେଷ ନାଗ, ଯୋନ-୨ ତରଣୀ ପଟେଲ, ପବିତ୍ର ବାଗ, ଜଗନ୍ନାଥ ନାଏକ, ଶ୍ୟାମସୁନ୍ଦର ନାଗ, ଦଧି ବାହାନ ପ୍ରଧାନୀ,ପିତାମ୍ବର ସାହୁ, ଅହମ୍ମଦ ମହମ୍ମଦ, ପ୍ରଦୀପ ଭୋଇ, ପଦ୍ମ କିଶୋର ନାଏକ, ନରେନ୍ଦ୍ର ବାଗ, ଗଣେଷ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କଲେ ନର୍ଲା ବିଇଓ



ନର୍ଲା, (ଭାସ୍କର ନ୍ୟୁଜ୍): ନର୍ଲା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ତପିମଣି ଜାନୀ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରି କଳାହାଣ୍ଡି ମାଟିକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ସହ ଶିକ୍ଷାର ବିକାଶ ନିମିତ୍ତ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସେ ଗତ ୨୦୨୩-୨୪ ବର୍ଷରେ ରାଜ୍ୟର ଶ୍ରେଷ୍ଠ ୧୦ ଜଣ ବିଇଓଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ମଧ ଉକ୍ତ ସ୍ଥାନ ବଜାୟ ରଖିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁ ଦିବସ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀ ଜାନୀ ପୁରସ୍କୃତ ହୋଇଛନ୍ତି। ଏଥିରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାରର ଶ୍ରେୟ ସମସ୍ତ ସହକର୍ମୀ ତଥା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେବାସହ ଏହି ସ୍ୱୀକୃତିକୁ ଶିକ୍ଷା କ୍ଷେତ୍ରରେ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଓ ଦାୟିତ୍ୱ ଭାବେ ଗ୍ରହଣ କରୁଛି ବୋଲି ଶ୍ରୀ ଜାନୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କୁ ବ୍ଲକ୍ ଓ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର

## ୧୪୭ ଅଭିଯୋଗରୁ ୨୭ ତୁରନ୍ତ ସମାଧାନ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ବୃନ୍ଦାବାହାଲ ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪୭ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୨୭ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ପ୍ରତି ଗାଁ ଗାଁ ବସ୍ତି ପଡାରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଜିଲ୍ଲା ପରିଷଦ ହେମାଙ୍ଗିନି ରାଉତ, ସରପଞ୍ଚ ଦିନେଶ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଂଜନ ଜେନା, କନିଷ୍ଠ ଯନ୍ତ୍ରୀ ମହେଶ ନାଏକ, ସାମାଜିକ ସୁରକ୍ଷା ବିଭାଗର ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗରୁ ଦିବ୍ୟରାଜ ଭୋଇ, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟ ଜଳ ବିଭାଗରୁ ରିତାରାଣୀ କିଶାନ, ଶିକ୍ଷା ବିଭାଗରୁ ସିଆରସିସି ଖିରାଢି ତନୟ ମଶ୍ରା, କୃଷି ବିଭାଗରୁ ସରସ୍ୱତୀ ମେହେର, ଏଏଫ୍‌ଓ ବନ୍ଦନା ରାଣୀ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗରୁ ହୃଷିକେଶ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ନାଏକ, ପିଇଓ ପୁରୁଷୋତ୍ତମ ନାଏକଙ୍କ ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ବୃନ୍ଦାବାହାଲ ଗ୍ରାମପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ଅବସରରେ ବୃନ୍ଦାବାହାଲ ଗ୍ରାମର କ୍ଷେତ୍ର ହଂସ ଓ ଖଲିଆପାଲି ଗ୍ରାମର ମେଘ ଚଲାନଙ୍କୁ ବ୍ଲକ ଅଧକ୍ଷ ନିଜସ୍ୱ କର୍ପସ ଫଣ୍ଡରୁ ୧୦ ହଜାର ଟଙ୍କା ଲେଖାଏଁ ଓ ବୃନ୍ଦାବାହାଲ ଗ୍ରାମର ନିରାଶ ରାଉତଙ୍କୁ ୫ ହାଜର ଟଙ୍କା ପ୍ରଦାନ କରିଥିଲେ। କ୍ଷେତ୍ର ହଂସ ଓ ନିରାଶ ରାଉତ ଏକ ଗରିବ ପରିବାର ହୋଇଥିବା ବେଳେ ସେମାନେ ରୋଗା ଗ୍ରସ୍ଥ ହୋଇ ଥିବାରୁ ତାଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ଏହି ଟଙ୍କା ପ୍ରଦାନ କରାଯାଇଥିଲା। ଖଲିଆପାଲି ଗ୍ରାମର ମେଘ ଚଲାନ ବାପା ମା'ଙ୍କୁ ହରାଇ ନିଜ ଜେଜେମା ପାଖରେ ରହୁଛନ୍ତି ଆଜି ତାଙ୍କ ଜେଜେମା ଜନ ଶୁଣାଣି ଶିବିରକୁ ଆସି ଏହି ବାପା ମା' ଛେଉଣ୍ଡ ପିଲାକୁ କିଛି ସରକାରୀ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ଗୋଲାମୁଣ୍ଡା ବ୍ଲକର ଗରିବ ନିରୀହ ଲୋକଙ୍କୁ ସାହାଯ୍ୟ ଯୋଗାଇ ଦେବା ପାଇଁ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ନିଜସ୍ୱ ଏକ କର୍ପସ ପାଣ୍ଠି ଖୋଲିଛନ୍ତି ଓ ଲୋକଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଭୁୟଶୀ ପ୍ରଶସାଂ କରିଛନ୍ତି ।

## ରାଶିଫଳ

ବୁଧବାର, ୧୦ ସେପ୍ଟେମ୍ବର ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ। ଆପଣ ସଚେତ ରୁହନ୍ତୁ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ଧନ ଖର୍ଚ୍ଚ ହେବ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯